


ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-192 ◆BHUBANESWAR ◆SATURDAY ◆6 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୨ ◆ଭୁବନେଶ୍ୱର ◆ଶନିବାର ◆୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


# ଧର୍ମ ଓ ସେବାର ସମନ୍ୱୟ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ବଡ଼ ମେଡିକାଲ ରୂପାନ୍ତରଣ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ: ପାଣ୍ଡିଆନ

■ **ଭୁବନେଶ୍ୱର, ୫।୧ (ସମିସ):** ପୁରୀ ଶ୍ରୀ ମନ୍ଦିର ପ୍ରକଳ୍ପ ଓ ଏସ୍‌ସିବି ମେଡିକାଲ କଲେଜର ରୂପାନ୍ତରଣ ହେଉଛି ଧର୍ମ ଏବଂ ସେବାର ଅପୂର୍ବ ସମନ୍ୱୟ। ଆମ ଆରାଧ୍ୟ ଦେବତା ଶ୍ରୀ ଜୀଉଙ୍କ ସେବା ଆମ ଧର୍ମର ପ୍ରତୀକ। ଠିକ୍ ସେହିପରି ଓଡ଼ିଶାବାସୀଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା କୌଣସି ଧର୍ମ କାର୍ଯ୍ୟ ଠାରୁ କିଛି କମ୍ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଥିଲା ଆମ ଓଡ଼ିଶାର ଲୋକେ ଚିକିତ୍ସା ପାଇଁ ଆଉ ଅନ୍ୟ ରାଜ୍ୟକୁ ଯିବେ ନାହିଁ, ଏହିଠାରେ ହିଁ ସେମାନଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ମିଳୁ। ସେଥିପାଇଁ ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ୍‌ରେ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ଆଉ ଏବେ ଏସ୍‌ସିବି ମେଡିକାଲ କଲେଜ ଦେଶର ୫ମ ବୃହତ ହସ୍ପିଟାଲରେ ପରିଣତ ହୋଇଛି। ବଡ଼ ଠାକୁରଙ୍କ ପରିକ୍ରମା ପ୍ରକଳ୍ପ ଆଉ ବଡ ମେଡିକାଲ ରୂପାନ୍ତରଣ କାମ ମୁଖ୍ୟମନ୍ତ୍ରୀଙ୍କର ବଡ଼ ସ୍ୱପ୍ନ ଥିଲା। ଆସନ୍ତା ଶହେ ବର୍ଷକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପରି ରୂପାନ୍ତରଣ କରିଛନ୍ତି ବୋଲି ଆଜି କଟକ ବାଲିଯାତ୍ରା ପଡିଆ ଠାରେ ଆୟୋଜିତ ଜନସଭାରେ ଏହା କହିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

- ମୁଖ୍ୟମନ୍ତ୍ରୀଙ୍କର ନିଜ ଜନ୍ମମାଟି ପ୍ରତି ରହିଛି ପ୍ରବଳ ଦୁର୍ବଳତା
- ପ୍ୟାରିସ, ଭେନିସ ଭଳି ଏବେ ଝଲସୁଛି ତାଳଦଣ୍ଡା କେନାଲ
- ସମଗ୍ର ରାଜ୍ୟରେ କଟକ ଜିଲ୍ଲା ଦେଖିଛି ସର୍ବାଧିକ ରୂପାନ୍ତରଣ
- ଦେଶର ୫ମ ବୃହତ ମେଡିକାଲ କଲେଜ ହୋଇଛି ଏସ୍‌ସିବି
- ଫେବୃଆରୀ ସୁଦ୍ଧା 'ଲକ୍ଷ୍ମୀ' ବସ୍, ସବୁ ପଞ୍ଚାୟତରେ ବ୍ୟାଙ୍କ ସେବା
- ରେକର୍ଡ ବ୍ୟବଧାନ ବିଜୟୀଙ୍କୁ ସମ୍ମାନିତ କରିବେ ମୁଖ୍ୟମନ୍ତ୍ରୀ



'୫-ଟି' ଅଧ୍ୟକ୍ଷ କହିଛନ୍ତି ଯେ କଟକ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ମାଟି। କଟକ ପ୍ରତି ତାଙ୍କର ପ୍ରଚଣ୍ଡ ଭଲ ପାଇବା ରହିଛି। କଟକ ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀ ବେଶ୍ ସମ୍ବେଦନଶୀଳ। ଏହି ଭଲ ପାଇବା ଓ ସମ୍ବେଦନଶୀଳତା ହିଁ କଟକ ଜିଲ୍ଲାକୁ ବିକାଶ ସ୍ରୋତରେ ଆଗେଇ ନେଉଛି। କଟକର ମେରୁଦଣ୍ଡ ବୋଲାଉଥିବା ତାଳଦଣ୍ଡା କେନାଲକୁ ନୂଆ ରୂପ ଦିଆଯିବା ପଛର କାହାଣୀ ଅବତାରଣା କରି ଶ୍ରୀ ପାଣ୍ଡିଆନ୍ କହିଥିଲେ, ଥରେ କେନ୍ଦ୍ରାପଡ଼ାରୁ ହେଲିକପ୍ଟରରେ ଆସିବା ସମୟରେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ କଥା କହିଥିଲେ। ତାଳଦଣ୍ଡା କେନାଲର ଐତିହ୍ୟ ଓ କେମିତି ବ୍ରିଟିଶ ଅମଳରେ ଜାହାଜ ଚଳପ୍ରଚଳ କରୁଥିଲା ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ତାଳଦଣ୍ଡା କେନାଲ ସଂକୁଚିତ ଓ ଦୂଷିତ ହୋଇ ରହିଥିବା ଯୋଗୁଁ ତାଙ୍କ ମନ ଭିତରେ ଦୁଃଖ ଓ ଚିନ୍ତା ସ୍ପଷ୍ଟ ବାରି ହୋଇପଡୁଥିଲା। ତାଳଦଣ୍ଡା କେନାଲର ପାଣି ସଫା ହୋଇପାରିଲେ ସେ ବହୁତ ଖୁସି ହେବେ ବୋଲି କହିଥିଲେ। ଏଥିରୁ ଜନ୍ମମାଟି ପ୍ରତି ଥିବା ମୁଖ୍ୟମନ୍ତ୍ରୀଙ୍କ ଭଲପାଇବା ଜଳଜଳ ଦେଖାଯାଉଥିଲା। ପହଞ୍ଚିବା ପରେ ତାଳଦଣ୍ଡା କେନାଲ ସଫା କରିବାକୁ ସ୍ଥାନୀୟ ନେତୃବୃନ୍ଦ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ମାତ୍ର ଗୋଟିଏ ବର୍ଷ ଭିତରେ ତାଳଦଣ୍ଡା କେନାଲ ଏବେ ପ୍ୟାରିସ, ଭେନିସ୍ ଭଳି ଲାଗୁଛି। ସେଠାରେ ରାତିରେ ବୋଟିଂ ଚାଲିଛି । ମୁଖ୍ୟମନ୍ତ୍ରୀଙ୍କ ୫ମ ପାଳିରେ କଟକ ଜିଲ୍ଲା ସର୍ବାଧିକ ବିକାଶ ପ୍ରକଳ୍ପ ପାଇଛି। ସାରା ରାଜ୍ୟରେ କଟକରେ ହିଁ ସବୁଠୁ ବେଶୀ ରୂପାନ୍ତରଣ କରାଯାଇଛି। ବାଦାମବାଡି ବସ୍‌ଷ୍ଟାଣ୍ଡକୁ ନେତାଜୀ ବସ୍ ଟର୍ମିନାଲ କରାଯାଇଛି। କଟକ ଚଣ୍ଡୀମନ୍ଦିରର ରୂପାନ୍ତରଣ ଚାଲିଛି। ଖୁବ୍ ଶୀଘ୍ର ପ୍ରତି ପଞ୍ଚାୟତକୁ ▶ପୃଷ୍ଠା-୭

### ସ୍ୱାସ୍ଥ୍ୟ ସେବାରେ ନୂତନ ଅଧ୍ୟାୟ

# ଆଜିଠାରୁ ବିଏସ୍‌କେୱାଇ 'ନବୀନ' କାର୍ଡ ଆବେଦନ

■ **କଟକ/ଭୁବନେଶ୍ୱର, ୫।୧ (ସମିସ):** 'ପ୍ରତ୍ୟେକ ଜୀବନ ମୂଲ୍ୟବାନ', 'ସମସ୍ତଙ୍କ ପାଇଁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା' ମନ୍ତ୍ର ନେଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କୁ ଚିକିତ୍ସା ବୋଝରୁ ଉଦ୍ଧାର କରିବା ପାଇଁ ବଦ୍ଧ ପରିକର। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ର ସମ୍ପ୍ରସାରଣ କରିଛନ୍ତି। ବିଏସ୍‌କେୱାଇ ନବୀନ କାର୍ଡ଼ ନିମନ୍ତେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଆବେଦନ ଓ ପଞ୍ଜୀକରଣ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ଚାଲିବ ଏବଂ ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ବାସିନ୍ଦା ଓ ସରକାରୀ କର୍ମଚାରୀଙ୍କୁ ସାମିଲ କରାଯିବ। କଟକରେ ଆୟୋଜିତ ଏକ ସମାବେଶରେ ଯୋଗଦେଇ ଏହି ଘୋଷଣା କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ।




- ଜାନୁଆରୀ ୧୬ ଯାଏଁ ଚାଲିବ ପଞ୍ଜୀକରଣ
- ପର୍ଯ୍ୟାୟକ୍ରମେ ସାମିଲ ହେବେ ସହରାଞ୍ଚଳ ବାସିନ୍ଦା ଓ ସରକାରୀ କର୍ମଚାରୀ: ପାଣ୍ଡିଆନ

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏବେ ଗ୍ରାମାଞ୍ଚଳର ସବୁ ଲୋକଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତାକାଲିଠାରୁ ଏଥିପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ଆରମ୍ଭ ହେବ। ଏହି ପଞ୍ଜୀକରଣ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ପ୍ରତି ପଞ୍ଚାୟତରେ ବିଏସ୍‌କେୱାଇରୁ ବାଦ୍ ପଡିଥିବା ଲୋକଙ୍କୁ ନବୀନ କାର୍ଡରେ ସାମିଲ କରିବାରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଏସ୍‌କେୱାଇରେ କେବଳ ରାସନ କାର୍ଡ ଧାରୀଙ୍କୁ ସାମିଲ କରାଯାଇ ଥିବା ବେଳେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବହୁ ଲୋକ ଏଥିରୁ ବାଦ୍ ପଡିଥିଲେ। ବିଏସ୍‌କେୱାଇର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ (ସରକାରୀ କର୍ମଚାରୀ, ପେନସନ୍‌ଭୋଗୀ ଓ ଆୟକର ଦାତାଙ୍କୁ ବାଦ୍ ଦେଇ) ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ନବୀନ କାର୍ଡଧାରୀଙ୍କୁ ଚଳିତ ବର୍ଷ ମେ' ୧ ତାରିଖରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ମିଳିବ।

ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଡବ୍ଲୁଡବ୍ଲୁଡବ୍ଲୁ (ଡଟ୍) ବିଏସ୍‌କେୱାଇନବୀନ (ଡଟ୍) ଓଡ଼ିଶା (ଡଟ୍) ଇନ୍ ▶ପୃଷ୍ଠା-୭

### ଥମୁନି କରୋନା ସଂକ୍ରମଣ; ବଢୁଛି ମୃତ୍ୟୁସଂଖ୍ୟା

# ଦିନକରେ ୭୬୧ ସଂକ୍ରମିତ; ୧୨ ମୃତ

■ **ନୂଆଦିଲ୍ଲୀ, ୫।୧ (ଏଜେନ୍ସି):** କରୋନା ମହାମାରୀ ପୁଣି ଭୟ ସୃଷ୍ଟି କଲାଣି। ଦେଶରେ ସଂକ୍ରମଣ ସାଙ୍ଗକୁ ମୃତ୍ୟୁସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଲାଣି। କେବଳ ଗତ ୨୪ ଘଣ୍ଟାରେ ୭୬୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ସହିତ ଚିକିତ୍ସାଧୀନଙ୍କ ସଂଖ୍ୟା ୪,୪୨୩କୁ ବୃଦ୍ଧି ପାଇଛି। ଏବେ କେରଳରେ ସର୍ବାଧିକ ୧,୨୪୯ ଜଣ, କର୍ଣ୍ଣାଟକରେ ୧,୨୪୦ ଜଣ, ମହାରାଷ୍ଟ୍ରରେ ୯୧୪ ଜଣ, ତାମିଲନାଡୁରେ ୧୯୦, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ୧୨୮ ରୋଗୀ ଚିକିତ୍ସିତ ହେଉଛନ୍ତି। ସେହିପରି ଦିନକରେ ୧୨ ଜଣ କରୋନା ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ଏହା ମଧ୍ୟରେ କେରଳର ୫ ଜଣ, କର୍ଣ୍ଣାଟକର ୪ ଜଣ, ମହାରାଷ୍ଟ୍ରର ୨ ଜଣ ଏବଂ ଉତ୍ତର ପ୍ରଦେଶର ଜଣେ ସାମିଲ ଅଛନ୍ତି। ଅନ୍ୟପକ୍ଷରେ କରୋନାର ନୂଆ ଉପ-ପ୍ରଜାତି ଜେଏନ୍.୧ ରୋଗୀସଂଖ୍ୟା ୬୧୯ରେ ପହଞ୍ଚି ଗଲାଣି। ଏ ପର୍ଯ୍ୟନ୍ତ କର୍ଣ୍ଣାଟକରୁ ସର୍ବାଧିକ ୧୯୯ ଜଣ, କେରଳରୁ ୧୪୮, ମହାରାଷ୍ଟ୍ରରୁ ୧୧୦, ଗୋଆରୁ ୪୭, ଗୁଜରାଟରୁ ୩୬, ଆନ୍ଧ୍ରପ୍ରଦେଶରୁ ୩୦, ତାମିଲନାଡୁରୁ ୨୬, ଦିଲ୍ଲୀରୁ ୧୫ ରୋଗୀ ଚିହ୍ନଟ ହେଲାଣି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।



ଜେଏନ୍.୧ ରୋଗୀସଂଖ୍ୟା ୬୧୯କୁ ବୃଦ୍ଧି

## ଲୋକକଥା




'ଇଣ୍ଡିଆ' ମେଣ୍ଟରେ ବିବାଦ ବଢୁଚି
ମନ ଫାଟିଫାଟି ଯାଉଚି,
ଭାଗିଦାରୀଆଙ୍କ ମୁହାଁମୁହିଁ ହେବା
ସ୍ଥିତିକୁ ବିଗାଡ଼ି ଦଉଚି !
ଲୋକଙ୍କ ଭରସା ତୁଟୁଚି,
ପରିସ୍ଥିତି ଯାହା ହେଲାଣି ବାବୁରେ
ନ ପଶୁଣୁ ଚାଳ ବାଜୁଛି !!

### ହରିୟାଣା ବିଧାୟକ ଓ ସହଯୋଗୀଙ୍କ ଘରେ ଇଡି ଚଢ଼ଉ

# ୫କୋଟି ଟଙ୍କା; ୩୦୦ ଗୁଳି ଜବତ

■ **ଚଣ୍ଡିଗଡ଼, ୫।୧ (ଏଜେନ୍ସି):** ବେଆଇନ ଖଣି ଖନନ ମାମଲାରେ ଇଡି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କଂଗ୍ରେସ ବିଧାୟକ ସୁରେନ୍ଦ୍ର ପନୱର, ଇଣ୍ଡିଆନ ନ୍ୟାସନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି) ର ପୂର୍ବତନ ବିଧାୟକ ଦିଲ୍‌ବାଗ ସିଂହ ଏବଂ ଉଭୟଙ୍କ ସହଯୋଗୀଙ୍କ ଘରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ମିଳିଥିବା ସାମଗ୍ରୀ ଦେଖି ଇଡି ଅଧିକାରୀ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଉଭୟ ନେତାଙ୍କ ଠିକଣାରୁ ୫କୋଟି ଟଙ୍କା, ୪ରୁ ୫ କେଜି ଓଜନର ତିନୋଟି ସୁନା ବିସ୍କୁଟ, ବିଦେଶରେ ଥିବା ସମ୍ପତ୍ତିର କାଗଜପତ୍ର, ଶହେ ବୋତଲ ମଦ, ବେଆଇନ ଭାବେ ରଖାଯାଇଥିବା ବିଦେଶୀ ରାଇଫଲ ଏବଂ ୩୦୦ ଗୁଳି ଜବତ କରାଯାଇଛି। ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଖଣି ବ୍ୟବସାୟୀ ତଥା କଂଗ୍ରେସ ବିଧାୟକ ପନୱର ଏବଂ ତାଙ୍କ ସହଯୋଗୀଙ୍କ ଠିକଣାରେ ଗୁରୁବାର ଚଢ଼ଉ କରାଯାଇଥିଲା। ୬ଟି ଗାଡ଼ିରେ ୧୫ରୁ ୨୦ ଅଧିକାରୀ ପହଞ୍ଚି ବିଧାୟକଙ୍କ ଘର, କାର୍ଯ୍ୟାଳୟ ଏବଂ ଅନ୍ୟ ଠିକଣାର ତଲାସୀ ନେଇଥିଲେ। ଏହି ସମୟରେ ପରିବାର ସଦସ୍ୟ ଏବଂ ଘରର କର୍ମଚାରୀଙ୍କ ମୋବାଇଲ ଜବତ ▶ପୃଷ୍ଠା-୭



### ପ୍ରତି ପରିବାରରୁ ସଂଗ୍ରହ ହେବ ଗୁଆ-ଅକ୍ଷତ

# ଆଜିଠୁ ବୁଲିବ ଶ୍ରୀଜଗନ୍ନାଥ ରଥ

■ **ଭୁବନେଶ୍ୱର, ୫।୧ (ସମିସ):** ଆସନ୍ତା ୧୭ ତାରିଖରେ ବହୁପ୍ରତୀକ୍ଷିତ ଶ୍ରୀ ମନ୍ଦିର ପରିକ୍ରମା ପକଳ୍ପର ଶୁଭ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ସମଗ୍ର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ। ଏହି ଐତିହାସିକ କାର୍ଯ୍ୟକ୍ରମରେ ସାରା ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଅଂଶୀଦାର ରହିବେ। ଏଥିପାଇଁ ଆସନ୍ତାକାଲିଠାରୁ ଗାଁରୁ ସହର ଯାଏ ବୁଲିବ ଶ୍ରୀଜଗନ୍ନାଥ ରଥ। ମହାପ୍ରଭୁଙ୍କ ମହିମା ଗାନ କରି ସଂକୀର୍ତ୍ତନ ମଣ୍ଡଳୀ ଗାଁଗାଁ ବୁଲି ପ୍ରତ୍ୟେକ ଘରୁ ଗୁଆ ଓ ଅକ୍ଷତ ସଂଗ୍ରହ କରିବେ। ଶନିବାର ଅର୍ଥାତ୍ ଚଳିତ ମାସ ୬ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଉଳ ଓ ଗୁଆ ସଂଗ୍ରହ ସହିତ ରଥ ପରିକ୍ରମା ଜାରି ରହିବ।

- ମହାପ୍ରଭୁଙ୍କ ମହିମା ଗାନ କରିବେ ସଂକୀର୍ତ୍ତନ ମଣ୍ଡଳୀ
- ପର୍ଯ୍ୟାୟକ୍ରମେ ଗାଁ ଓ ସହରରୁ ଶ୍ରୀକ୍ଷେତ୍ର ଆସିବେ ଜନତା
- ସବୁଠି ହେବ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ କାର୍ଯ୍ୟକ୍ରମ



ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ରାଜ୍ୟବାସୀଙ୍କୁ ନିମନ୍ତ୍ରଣ କରାଯାଇଛି। ଅନୁରୂପ ଭାବରେ ସରକାର ମଧ୍ୟ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରିଛନ୍ତି । ସୂଚନା ଅନୁସାରେ ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ଏହି ଐତିହାସିକ କାର୍ଯ୍ୟକ୍ରମକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ସ୍ମରଣୀୟ କରାଯିବ। ଲୋକାର୍ପଣ ଉତ୍ସବ ପୂର୍ବରୁ ଏବଂ ଲୋକାର୍ପଣ ଦିବସ ପର୍ଯ୍ୟନ୍ତ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗ୍ରାମାଞ୍ଚଳର ଲୋକଙ୍କ ଅଂଶଗ୍ରହଣ ସୁନିଶ୍ଚିତ ▶ପୃଷ୍ଠା-୭





ହ୍ରିତିକ୍‌ଙ୍କ 'ଫାଇଟର୍'
ପାଉଣା ୫୦ କୋଟି
▶ପୃଷ୍ଠା ୮ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-192 ♦BHUBANESWAR ♦SATURDAY ♦6 JANUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୯୨ ♦ଭୁବନେଶ୍ୱର ♦ଶନିବାର ♦୬ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦

# ଲୋକକଳା ଗୋଟିଏ ଜାତିର ଅସ୍ମିତା: କାର୍ତ୍ତିକ ପାଣ୍ଡିଆନ

## ଲୋକକଳା ମାଧ୍ୟମରେ ଗଞ୍ଜାମରେ ଏଡ୍‌ସ ବିରୋଧୀ ଲଢ଼େଇର ଅନୁଭୂତି ବଖାଣିଲେ



■ ଭୁବନେଶ୍ୱର, ୫।୧ (ସମିସ): ପାରମ୍ପରିକ ଲୋକକଳା ଓ ସଂସ୍କୃତି ହେଉଛି ଏକ ଜାତିର ଜୀବନ ଓ ଭବିଷ୍ୟତ। ସଚେତନତା ସୃଷ୍ଟି କରିବାରେ ଲୋକକଳା ଭଳି ପ୍ରଭାବୀ ମାଧ୍ୟମ ଅନ୍ୟ କୌଣସି ମାଧ୍ୟମରେ ନାହିଁ ବୋଲି କହିଛନ୍ତି '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର୍‌ରେ ଆୟୋଜିତ ବ୍ଲକ୍ ଓ ଜିଲ୍ଲା ଲୋକକଳା ସଂସ୍କୃତି ସଂଘ ପ୍ରତିନିଧିମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ସଂସ୍କୃତିକୁ ଗତିଶୀଳ କରିବା ନିମନ୍ତେ ଲୋକକଳା ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବାକୁ ପଡ଼ିବ। ଲୋକକଳାକୁ ବଞ୍ଚାଇବାକୁ ହେଲେ କଳାକାରମାନଙ୍କ ଉନ୍ନତି ହେବା ଉଚିତ। ଏଥିନିମନ୍ତେ ସରକାର ଆସନ୍ତା ୩ରୁ ୪ମାସ ମଧ୍ୟରେ କଳାକାରମାନଙ୍କୁ ଖୁସି ଖବର ଦେବେ ବୋଲି ସେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ କଳାପ୍ରେମୀ ହୋଇଥିବାରୁ କଳାକାରମାନଙ୍କ ଉନ୍ନତି ନିମନ୍ତେ ସେ ସର୍ବଦା ଗୁରୁତ୍ୱାରୋପ କରିଥାନ୍ତି। ମିଶନ ଶକ୍ତି ଯେପରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି, ଅନୁରୂପ ଢାଞ୍ଚାରେ କଳାକାର ସଂଘକୁ ସଶକ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ସମସ୍ତ ସଂଘକୁ '୫-ଟି' ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ସହ ବ୍ଲକ୍ ଏବଂ ଜିଲ୍ଲାସ୍ତରୀୟ ସଂଘ କାର୍ଯ୍ୟାଳୟ ଖୋଲାଯିବ ଓ ଓଡ଼ିଶାକୁ ଆଗେଇ ନେବା ସହ ସଶକ୍ତ ରାଜ୍ୟରେ ପରିଣତ କରିବା ନିମନ୍ତେ ଶ୍ରୀ ପାଣ୍ଡିଆନ୍ ଆହ୍ୱାନ ଦେଇଛନ୍ତି। ନବୀନ ଓଡ଼ିଶା ଗଠନ ନିମନ୍ତେ କଳାକାରମାନଙ୍କ ଗୁରୁ ଭୂମିକା ରହିଛି।

ଗଞ୍ଜାମରେ ଜିଲ୍ଲାପାଳ ଥିବା ବେଳର ଏକ ଅଭିଜ୍ଞତାକୁ ଭିତ୍ତି କରି ଶ୍ରୀ ପାଣ୍ଡିଆନ୍ କହିଲେ ଯେ ୧୫ବର୍ଷ ତଳେ ଗଞ୍ଜାମ ଜିଲ୍ଲାରେ ଏଡସ୍ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିଲା। ଏଥି ନିମନ୍ତେ ଲୋକକଳାର ଭୂମିକା ପ୍ରଶଂସନୀୟ ଥିଲା ଓ ଦୁଇବର୍ଷ ମଧ୍ୟରେ ଏହାର ସୁଫଳ ମିଳିଥିଲା ବୋଲି ସେ କହିଥିଲେ। ଲୋକକଳାର ପ୍ରଭାବୀ ସଚେତନତା ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖକୁ ତୃଣମୂଳ ସ୍ତରରେ ପହଞ୍ଚାଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ।

ଏହି ସମ୍ମିଳନୀରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଲୋକକଳା ମାଧ୍ୟମରେ ସଚେତନତା ସୃଷ୍ଟି ନିମନ୍ତେ କଳାକାରମାନଙ୍କୁ ପରାମର୍ଶ ଦିଆଯିବା ସହ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ମିଶନ ଶକ୍ତି ଯୁଗ୍ମ ଶାସନ ସଚିବ ବିନୋଦ ଜେନା, ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଅତସୀ ଦାସ, ସୁବୋଧ ଆଚାର୍ଯ୍ୟ, ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ପରାମର୍ଶଦାତା କୃଷ୍ଣଚନ୍ଦ୍ର ନିଶାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

### ହାଇଟେକ୍ ମେଡିକାଲ୍‌ରେ ମୃତଦେହ ଚିହ୍ନଟରେ ଦ୍ୱନ୍ଦ୍ୱ; ଚିକିତ୍ସାଧୀନ ଯୁବକ ମୃତ ଘୋଷିତ

# ଟିକିଏ ଭୁଲ୍ ଉଜାଡ଼ିଦେଲା ସଂସାର

■ ଜଟଣୀ/ହଂସପାଳ ୫।୧ (ସମିସ): ହାଇଟେକ୍ ମେଡ଼ିକାଲ ବିସ୍ଫୋରଣ ଘଟଣା ଏବେ ନୂଆ ମୋଡ଼ ନେଇଛି। ସାମାନ୍ୟ ତ୍ରୁଟି ପାଇଁ ଏକ ନବବିବାହିତ ଦମ୍ପତିଙ୍କ ସଂସାର ଛାର୍‌ଖାର୍ ହୋଇଯାଇଛି। ବିସ୍ଫୋରଣରେ ଆହତ ହୋଇ ଚିକିତ୍ସାଧୀନଥିବା ଦିଲୀପ ସାମନ୍ତରାୟଙ୍କ ମୃତ୍ୟୁ ନେଇ ହାଇଟେକ୍ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇବା ପରେ ତାଙ୍କ ପତ୍ନୀ ସୌମ୍ୟାଶ୍ରୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ବେଳେ ଏବେ ଦିଲୀପ ଜୀବିତ ଥିବା ଜଣାପଡ଼ିଛି। ଭୁଲ୍‌ବଶତଃ ଜ୍ୟୋତିରଞ୍ଜନଙ୍କ ମରଶରୀରକୁ ଦିଲିପ ଦର୍ଶାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ହସ୍‌ପିଟାଲ କର୍ତ୍ତୃପକ୍ଷ ଏବେ ଅଡୁଆରେ ପଡ଼ିଛନ୍ତି। ଯେଉଁ ମୃତଦେହକୁ ଦିଲୀପଙ୍କର ମନେ କରି ତାଙ୍କ ପରିବାର ଅନ୍ତିମ ସଂସ୍କାର କରିଛନ୍ତି, ତାହା ପ୍ରକୃତରେ ଜ୍ୟୋତିରଞ୍ଜନଙ୍କ ବୋଲି ଜଣାପଡ଼ିବା ପରେ ପରିସ୍ଥିତି ଗମ୍ଭୀର ରୂପ ନେଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୯ତାରିଖ ହାଇଟେକ୍ ମେଡ଼ିକାଲରେ ଏସି କମ୍ପ୍ରେସରରେ ଗ୍ୟାସ ଭର୍ତ୍ତି ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ଦିଲିପ ସାମନ୍ତରାୟ, ଶ୍ରୀତମ ସାହୁ, ଜ୍ୟୋତି ରଞ୍ଜନ ମଲ୍ଲିକ ଓ ସୀମାଞ୍ଚଳ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସେଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଟଣୀ ଅଞ୍ଚଳର ଦିଲୀପଙ୍କ ମୃତ୍ୟୁ ହୋଇଥିବା ମେଡ଼ିକାଲ ପକ୍ଷରୁ ଘୋଷଣା କରାଯାଇ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଗଲା। ଦିଲିପଙ୍କ ମୃତ୍ୟୁ ଖବର ଜାଣିବା ପରେ ମ୍ରିୟମାଣ ଗର୍ଭବତୀ ପତ୍ନୀ ଆତ୍ମହତ୍ୟା କରିଦେଲେ। ମାତ୍ର ଏବେ ଯାହାଙ୍କୁ ଜ୍ୟୋତିରଞ୍ଜନ ନାମରେ ଚିକିତ୍ସା କରାଯାଉଥିଲା ତାଙ୍କ ଚେତା ଫେରିବା ପରେ ସେ ନିଜକୁ ଦିଲିପ ବୋଲି ପରିଚୟ ଦେବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

**ପ୍ରଥମ ଦିନରୁ ହୋଇଥିବା ଘଟଣା ଅନୁସାରେ ତଦନ୍ତ : ପୁଲିସ**

ମେଡିକାଲର ସିଇଓ ଡ. ସ୍ମିତା ପାଢ଼ୀ ଓ ମାନସିକ ବିଶେଷଜ୍ଞ ଡ. ଅମ୍ରିତ ପାଟଯୋଶୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଚିକିତ୍ସାଧୀନ ରୋଗୀଙ୍କ ବୟାନ ସେ ଦିଲୀପ ସାମନ୍ତରାୟ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ତାଙ୍କ ବୟାନକୁ ମେଡ଼ିକାଲ ୯୦ଭାଗରୁ ଅଧିକ ବିଶ୍ୱାସ କରୁଛି। ବର୍ତ୍ତମାନ ଦିଲୀପ ଜୀବିତ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ମୃତ୍ୟୁ ହୋଇଥିବା ଯୁବକ ଜ୍ୟୋତି ରଞ୍ଜନ ମଲ୍ଲିକ ବୋଲି ଜଣାପଡ଼ିବା ସମସ୍ତଙ୍କୁ ଚକିତ କରିଛି। ଡାକ୍ତରଙ୍କ କାର୍ଯ୍ୟ ରୋଗୀଙ୍କ ସେବା କରିବା। ଏଭଳି ପରିସ୍ଥିତିରେ କାହାର ପରିଚୟ ବୁଝିବା ସମ୍ଭବ ନଥିଲା। ମୃତକଙ୍କ ପରିବାର କିମ୍ବା ଠିକାସଂସ୍ଥା ମୃତକଙ୍କୁ ଚିହ୍ନଟ କରିବା ଆବଶ୍ୟକ ରହିଥିଲା ବୋଲି ସେ କହିଛନ୍ତି। ଏହି ଘଟଣାରେ ହାଇଟେକ ମେଡ଼ିକାଲକୁ ଜ୍ୟୋତି ରଞ୍ଜନ ମଲ୍ଲିକଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ଜ୍ୟୋତିଙ୍କ ପରିବାର ଲୋକଙ୍କ କହିବା ଅନୁସାରେ, ବିସ୍ଫୋରଣ ଦିନ ଠାରୁ ଆହତ ପୁଅକୁ ଦେଖା କରିବାକୁ ଆସିଥିଲେବି ଡାକ୍ତରଖାନା କର୍ତ୍ତୃପକ୍ଷ ଦେଖା କରାଇବାର ସୁଯୋଗ ଦେଇ ନଥିଲେ।

ଏନେଇ ଡିସିପି ପ୍ରତୀକ ସିଂ କହିଛନ୍ତି ଯେ, ପୂରା ଘଟଣାକୁ ନେଇ କରାଯିବ ତଦନ୍ତ। ଭୁଲ କାହାର, ତ୍ରୁଟି କେଉଁଠି ରହିଲା ଜାଣିବା ପାଇଁ ସ୍ୱତନ୍ତ୍ର ଦଳ ଗଠନ ହୋଇଛି ବୋଲି ଡିସିପି କହିଛନ୍ତି। ଚିକିତ୍ସା ହେଉଥିବା ଯୁବକ ଗତ ଗୁରୁବାର ନିଜକୁ ଦିଲୀପ ବୋଲି କହିଥିଲେ। ଘଟଣା ଜାଣିବା ପରେ ପୁଲିସ ସେଠାରେ ପହଞ୍ଚି ଥିଲା। ଆହତମାନେ ଏକ ସଂସ୍ଥା ଜରିଆରେ ମେଡ଼ିକାଲରେ କାମ କରୁଥିଲେ। ଯେଉଁ ବ୍ୟକ୍ତି ମେଡ଼ିକାଲରେ ଏମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲେ, ଘଟଣା ସମ୍ପର୍କରେ ସେ ସମସ୍ତଙ୍କୁ ଖବର ଦେଇଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି, ପରିବାର ଲୋକ ମୃତଦେହକୁ ଗ୍ରହଣ କରି ସତ୍କାର କରିଛନ୍ତି। ଯେଉଁ ବ୍ୟକ୍ତି ଏମାନଙ୍କ ପରିଚୟ ଦେଇଥିଲେ, ତାଙ୍କୁ ପଚରାଉଚରା କରାଯିବ ବୋଲି ଡିସିପି କହିଛନ୍ତି। ଏହି ଘଟଣାରେ ଡାକ୍ତରଖାନା କର୍ତ୍ତୃପକ୍ଷ ଦାୟୀ ବୋଲି ଏସି ଟେକ୍ନିସିଆନ ସଂଘ ସଭାପତି ଅମିୟ ଧଳ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏସି କମ୍ପ୍ରେସରରେ ନାଇଟ୍ରୋଜେନ ଯୋଗାଇ ଦିଆଯିବାକୁ ଡାକ୍ତରଖାନାକୁ ଜଣାଇ ଦିଆଯାଇଥିଲା। ସେମାନେ ନାଇଟ୍ରୋଜେନ ନ ଦେଇ ଅକ୍ସିଜେନ ଦେଇଥିଲେ। ଏଥିପାଇଁ ଏଭଳି ବିସ୍ଫୋରଣ ଘଟିଲା ବୋଲି କହିଛନ୍ତି।






ଜୁନ୍ ୯ରୁ ଟି-୨୦ ବିଶ୍ୱକପ୍

▶କ୍ରୀଡ଼ା ପୃଷ୍ଠାରେ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-192 ◆BHUBANESWAR ◆SATURDAY ◆6 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୨ ◆ଭୁବନେଶ୍ୱର ◆ଶନିବାର ◆୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦



DSPL-514

ODISHA INDIA'S BEST KEPT SECRET.

ଆମ ଓଡ଼ିଶା ନବୀନ ଓଡ଼ିଶା

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ବୁର୍ଲା ଇନଡୋର୍ ଷ୍ଟାଡିୟମର
ଶୁଭ ଉଦ୍‌ଘାଟନ
ଏବଂ ସମ୍ବଲପୁର ଠାରେ
ଫୁଟବଲ ତାଲିମ କେନ୍ଦ୍ର ଓ
ୟୁନିଭରସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସର
ଶିଳାନ୍ୟାସ

୬ ଜାନୁୟାରୀ ୨୦୨୪



" କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି "



ବୁର୍ଲା ଇନଡୋର୍ ଷ୍ଟାଡିୟମ



ସ୍ପୋର୍ଟ୍ସ କମ୍ପ୍ଲେକ୍ସ
ସମ୍ବଲପୁର ୟୁନିଭରସିଟି



ଫୁଟବଲ ତାଲିମ କେନ୍ଦ୍ର
ସମ୍ବଲପୁର

"କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"

OIPR-29001/13/0151/2324



ଆଜି ଏଲ୍-୧ ପଏଣ୍ଟ ଛୁଇଁବ ଆଦିତ୍ୟ

▶ଭିତର ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-192 ◆BHUBANESWAR ◆SATURDAY ◆6 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୨ ◆ଭୁବନେଶ୍ୱର ◆ଶନିବାର ◆୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


### ଆଇଟି ରୂପାନ୍ତରଣରେ ନୂଆ ଅଧ୍ୟାୟ ଲେଖିବ ଓଡ଼ିଶା

## ପଞ୍ଚାୟତକୁ ସଚିବାଳୟ ସହିତ ଯୋଡ଼ିବ 'ଓଡ଼ିଶାନେଟ୍'

■ **ଭୁବନେଶ୍ୱର, ୫ା୧ (ସମିସ):** ଆଇଟି ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ଆଉ ଏକ ରୂପାନ୍ତରଣ ଦେଖିବାକୁ ଯାଉଛି। ଖୁବ୍‌ଶୀଘ୍ର ରାଜ୍ୟ ସଚିବାଳୟ ସହ ଜିଲ୍ଲା ମୁଖ୍ୟାଳୟଠାରୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସଂଯୋଗ ହେବ। ଏହି ଯୋଗାଯୋଗ ରୂପାନ୍ତରଣର ମୂଳ ଆଧାର ହେବ ଓଡ଼ିଶା ନେଟ୍ ଇଣ୍ଟରନେଟ୍ ସେବା। ଓଡ଼ିଶା ନେଟ୍ ହେଉଛି ରାଜ୍ୟ ସରକାରଙ୍କର ନିଜସ୍ୱ ଇଣ୍ଟରନେଟ୍ ସେବା। ପ୍ରଥମେ ଲୋକସେବା ଭବନ ସହ ଜିଲ୍ଲା ମୁଖ୍ୟାଳୟକୁ ଓଡ଼ିଶା ନେଟ୍ ଜରିଆରେ ସଂଯୋଗ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନାକୁ ଏହି ଅପଟିକ୍-ଫାଇବର୍ ଆଧାରିତ ଇଣ୍ଟରନେଟ୍ ବ୍ୟବସ୍ଥା ଜରିଆରେ ସେବା ଦିଆଯିବ। ଅନ୍ୟ ଇଣ୍ଟରନେଟ୍ ସେବାଠାରୁ ଓଡ଼ିଶାନେଟ୍ ଅଧିକ ଦକ୍ଷ ସେବା ଯୋଗାଇବା ପାଇଁ ସକ୍ଷମ ହେବ ବୋଲି କୁହାଯାଇଛି।

ସମ୍ପ୍ରତି ସରକାରୀ ଅବା ବେସରକାରୀ, ସବୁ କ୍ଷେତ୍ରରେ ଇଣ୍ଟରନେଟ୍ ଏକ ଜରୁରୀ ସେବା ହୋଇଛି। ବିଶେଷକରି ହାଇସ୍ପିଡ୍ ଇଣ୍ଟରନେଟ୍ ବିନା ସରକାରୀ କାର୍ଯ୍ୟ ସମ୍ପାଦନ ଏକପ୍ରକାର ଅସମ୍ଭବ ବ୍ୟାପାର। ସରକାରୀ କାର୍ଯ୍ୟ ପାଇଁ ଇଣ୍ଟରନେଟ୍ ଦେୟ ବହୁଗୁଣା ବଢ଼ି ଯାଇଥିବା ବେଳେ ସେଥିରେ ବିଶ୍ୱନୀୟତାକୁ ନେଇ ପ୍ରଶ୍ନବାଚୀ ରହିଛି। ଇଣ୍ଟରନେଟ୍ ଜରିଆରେ ତଥ୍ୟ ଚୋରି, ବିଭ୍ରାନ୍ତିକର ସୂଚନା ପ୍ରଦାନ ଭଳି ଗୁରୁତର ଅଭିଯୋଗ ସମଗ୍ର ବିଶ୍ୱରୁ ଆସୁଛି। ଏପରିସ୍ଥଳେ ରାଜ୍ୟ ସରକାର ନିଜସ୍ୱ ଇଣ୍ଟରନେଟ୍ ସେବା ଓଡ଼ିଶାନେଟ୍ ପାଇଁ ଗତ ବର୍ଷରୁ ପ୍ରୟାସ ଆରମ୍ଭ କରିଥିଲେ। ଏଥିପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ୍)ର ଅପଟିକାଲ ଗ୍ରାଉଣ୍ଡ ୱେୟାର୍ ଜରିଆରେ ଓଡ଼ିଶାନେଟ୍ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି। ଜି-ଟୁ-ଜି ସେବା ଜରିଆରେ ରାଜ୍ୟ ମୁଖ୍ୟାଳୟକୁ ଜିଲ୍ଲା ଏବଂ ପଞ୍ଚାୟତକୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରହିଛି। ଓପିଟିସିଏଲ୍‌ର ଅପଟିକ୍ ଫାଇଭର୍ କମ୍ୟୁନିକେସନ୍ ଜରିଆରେ ବିଭିନ୍ନ ସରକାରୀ ଓ ଘରୋଇ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଟରନେଟ୍ ଯୋଗାଇ ଦେଉଛନ୍ତି। ଭୂତଳ କେବୁଲ ଜରିଆରେ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ପରେ ଅନ୍ୟ କାର୍ଯ୍ୟାଳୟ ଓ ସରକାରୀ ଅନୁଷ୍ଠାନକୁ ସାମିଲ କରାଯିବ।

ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ରାଜ୍ୟ ଲୋକସେବା ଭବନ ସହ ଯୋଡ଼ିବା ପାଇଁ ରାଜ୍ୟ ଆଇଟି ବିଭାଗ ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରସ୍ତୁତ କରିଛି। ପଞ୍ଚାୟତ କାର୍ଯ୍ୟାଳୟରେ ବସିଥିବା ଜନପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ସାଧାରଣ ଜନତା ସିଧାସଳଖ ଲୋକସେବା ଭବନରେ ବସିଥିବା ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିପାରିବେ।

## ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

■ **ପାଟଣା/ତୁରୁମୁଙ୍ଗା/ଛେନାପଦି, ୫ା୧ (ସମିସ):** କେନ୍ଦୁଝର ପାଟଣା ଥାନା ଟାଙ୍ଗରପଡ଼ା ହୁଡ଼ି ସାହିରେ ଜଣେ ଗହଣା ବ୍ୟବସାୟୀଙ୍କ ଘରେ ରାତିରେ ବନ୍ଧୁକରେ ଫାଙ୍କା ଗୁଳି ଚାଳନା କରି ଲକ୍ଷ୍ୟାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଲୁଟ ହୋଇଛି। ଟାଙ୍ଗରପଡ଼ା ବଜାର ଉପରେ ବବଲୁ ରଣାଙ୍କ ଏକ ଅଳଙ୍କାର ମରାମତି ଦୋକାନ ରହିଛି। ବବଲୁଙ୍କ ପୁଅ ଅଭିଜିତ ଦୋକାନ ବନ୍ଦ କରି ସୁନା ଓ ରୂପା ଏକ ବ୍ୟାଗରେ ନେଇ ଘରକୁ ଯାଇଥିଲେ। ତେବେ ଘର ଗେଟ୍ ସମ୍ମୁଖରେ ତାଙ୍କ ମା'ଙ୍କୁ ବ୍ୟାଗ୍ ଦେବା ବେଳେ ୪ ଦୁର୍ବୃତ୍ତ ବାଇକ୍‌ରେ ଆସି ଅତର୍କିତ ଭାବେ ଫାଙ୍କା ଗୁଳି ଚାଳନା କରି ବ୍ୟାଗ୍ ଝାମ୍ପି ନେଇ ପାର ହୋଇଯାଇଥିଲେ। ସେହିପରି ହାଟଡ଼ିହି ବ୍ଲକ୍ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଦ୍ୟାଧର ବେହେରା ଶିକ୍ଷୟିତ୍ରୀ ସତ୍ୟଭାମା ନାୟକଙ୍କୁ ନିଜ ବାଇକରେ ବସାଇ ସ୍କୁଲ ସାରି ଅପରାହ୍ନରେ ଫେରୁଥିବା ବେଳେ ପଦାଡୋ ଜିରୋ ନିକଟରେ ଏକ କଳା ପଲସର ବାଇକରେ ୩ଜଣ ଲୁଟେରା ଆସି ଶିକ୍ଷୟିତ୍ରୀ ସତ୍ୟଭାମାଙ୍କ ବେକରୁ ସୁନଚେନ୍ ଛିଣ୍ଡାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତଦନ୍ତ କରୁଛି।

# ୧୪ରୁ ପୁଲିସ ନିୟନ୍ତ୍ରଣରେ ରହିବ 'ପରିକ୍ରମା' କ୍ଷେତ୍ର

■ **ପୁରୀ, ୫ା୧ (ସମିସ):** ଶେଷ ପର୍ଯ୍ୟାୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ଏହି ପ୍ରକଳ୍ପ ଆସନ୍ତା ୧୭ତାରିଖରେ ଲୋକାର୍ପିତ ହେବ। ଏହି ଲୋକାର୍ପଣ ଉତ୍ସବ ପାଇଁ ଚାଲିଛି ଭବ୍ୟ ଆୟୋଜନ। ଦେଶର ପ୍ରମୁଖ ମନ୍ଦିରର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବେ। ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସମେତ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ପୁରୀ ଗସ୍ତରେ ଆସି ପ୍ରଶାସନିକ

### ୧୧ରେ ପ୍ରକଳ୍ପ କାମ ସରିବ

### ପରିକ୍ରମା ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ପ୍ରସ୍ତୁତି ଏବଂ ପରିକ୍ରମା ପ୍ରକଳ୍ପ କାମର ସମୀକ୍ଷା କରିଛନ୍ତି। ଏଥିସହ ନିର୍ମାଣାଧୀନ ସମଙ୍ଗ ପାର୍କ, ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି) ଓ ଶ୍ରୀମାର୍ଗ ମଧ୍ୟ ବୁଲି ଦେଖିଛନ୍ତି।

ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପ୍ରଥମେ ସମଙ୍ଗ ପାର୍କରେ ପହଞ୍ଚିଥିଲେ। ପ୍ରାୟ ୪୨ ଏକର ଜମିରେ ତିଆରି ହେଉଥିବା ଏହି ପାର୍କ କାମ କେଉଁଭଳି ସ୍ଥିତିରେ ଅଛି, ତାହା ଦେଖିଥିଲେ। ବିଭିନ୍ନ ପଞ୍ଚାୟତରୁ ପରିକ୍ରମା ପ୍ରକଳ୍ପ ଦେଖିବାକୁ ଆସୁଥିବା ଲୋକେ ପ୍ରଥମେ ଏହିଠାରେ ହିଁ ଓହ୍ଲାଇବେ। ଏଠାରୁ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର (ଜେବିପିସି)ରେ ପହଞ୍ଚିବେ। ତେଣୁ ଏଠାରେ ସେମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଲାଗି ଗୁରୁତ୍ୱାରୋପ କରିଥିଲେ ମୁଖ୍ୟ ଶାସନ ସଚିବ। ଏହି ପାର୍କରୁ ଶ୍ରୀସେତୁକୁ ଯିବା ପାଇଁ ନିର୍ମାଣାଧୀନ ବ୍ରିଜ୍ ଏବଂ ଗୋଟିଏ ପାଦଚଲା ରାସ୍ତା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅଧିକାରୀମାନେ ଶ୍ରୀସେତୁ ଦେଇ ଜେବିପିସିରେ ପହଞ୍ଚିଥିଲେ। ସେଠାରେ ନିର୍ମାଣାଧୀନ ୫ ମହଲା ବିଶିଷ୍ଟ ବହୁତଳ ପାର୍କିଂ ଏବଂ ଧ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଯେହେତୁ ସମଙ୍ଗ ପାର୍କରୁ ଲୋକମାନେ ଜେବିପିସିରେ ପହଞ୍ଚିବେ, ସେଥିଲାଗି ସେଠାରେ ଚାଲିଥିବା ପ୍ରସ୍ତୁତି ବିଷୟରେ ବୁଝିଥିଲେ। ପରେ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ଅଧିକାରୀମାନେ ଜେବିପିସିରୁ ଦୋଳବେଦୀକୁ ସଂଯୋଗ ପାଇଁ ତିଆରି ଚାଲିଥିବା ନୂଆ ରାସ୍ତା 'ଶ୍ରୀମାର୍ଗ' କାମ କେଉଁ ସ୍ଥିତିରେ ଅଛି, ତାହା ନିଜେ ଅନୁଧ୍ୟାନ କରିଥିଲେ। ଜେବିପିସିରୁ ଦୋଳବେଦୀକୁ ଶ୍ରୀମାର୍ଗ ଦେଇ ଚାଲି ଚାଲି ଆସିଥିଲେ। ଯେହେତୁ ଗୋଟିଏ ସଂସ୍ଥାକୁ ରାସ୍ତା ଏବଂ ଏହାର ଉଭୟ ପାର୍ଶ୍ୱ କାମ ଦିଆଯାଇଛି, ତେଣୁ ଏହା ବିଳମ୍ବ ହେଉଛି। ତେଣୁ ରାସ୍ତା ଜଣେ ଏବଂ ଏହାର ଉଭୟ ପାର୍ଶ୍ୱ କାମ ଅନ୍ୟ ଏକ ସଂସ୍ଥାକୁ ଦେବା ଲାଗି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ଶାସନ ସଚିବ। ଏହାଦ୍ୱାରା ଆସନ୍ତା ୧୭ ତାରିଖ ପୂର୍ବରୁ ଏହି ରାସ୍ତା ସମ୍ପୂର୍ଣ୍ଣ ହୋଇଯିବ ବୋଲି କହିଥିଲେ।

ପରେ ମୁଖ୍ୟ ଶାସନ ସଚିବ ଏବଂ ଅଧିକାରୀମାନେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ପରିକ୍ରମା ପ୍ରକଳ୍ପ କାମ ଦେଖିଥିଲେ। ଆସନ୍ତା ୧୧ ତାରିଖ ସୁଦ୍ଧା କାମ ସମ୍ପୂର୍ଣ୍ଣ କରିବା ଲାଗି ନିର୍ମାଣକାରୀ ସଂସ୍ଥାକୁ ପରାମର୍ଶ ଦିଆଯାଇଛି। ୧୨ ତାରିଖରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ କରାଯିବ। ଲୋକାର୍ପଣ ଉତ୍ସବରେ ଦେଶର ପ୍ରମୁଖ ଦେବପୀଠର କର୍ମକର୍ତ୍ତା, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଯୋଗଦେବାର ଥିବାରୁ ସୁରକ୍ଷା ପାଇଁ ୧୪ ତାରିଖରୁ ପୁଲିସ ନିଜ ନିୟନ୍ତ୍ରଣକୁ ନେବ ବୋଲି ନିଷ୍ପତ୍ତି ହୋଇଛି।

ଏହି ଗସ୍ତରେ ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ସୁଜାତା କାର୍ତ୍ତିକେୟନ, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର ଉପସ୍ଥିତ ଥିଲେ। ପରେ ସର୍କିଟ ହାଉସରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ପରିମଳ, ଯାନବାହନ ଚଳାଚଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ, କାର୍ଯ୍ୟକ୍ରମର ବ୍ୟାପକ ପ୍ରସାରଣ, ଭକ୍ତ ଏବଂ ସେବାୟତମାନଙ୍କ ସୁବିଧା ନିମନ୍ତେ ଆଲୋଚନା କରିଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କୁ ପ୍ରକଳ୍ପ ସଂକ୍ରାନ୍ତରେ ଅବଗତ କରାଇଥିଲେ।



**ସମଙ୍ଗ ପାର୍କ, ଜେବିପିସି ଓ ଶ୍ରୀମାର୍ଗ ବୁଲି ଦେଖିଲେ**


DSPL-514

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରଦାନ ନିମନ୍ତେ
ଅଗ୍ରଣୀ ବ୍ୟାଙ୍କମାନଙ୍କୁ

**ମୁଖ୍ୟମନ୍ତ୍ରୀ ପୁରସ୍କାର**

ପୁରସ୍କାର ପ୍ରଦାନ କ୍ଷେତ୍ର

- କୃଷକମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ
- କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଅଗ୍ରଣୀ ବ୍ୟାଙ୍କ











ପ୍ରତ୍ୟେକ କ୍ଷେତ୍ର ପାଇଁ ପୁରସ୍କାର ରାଶି

ପ୍ରଥମ ପୁରସ୍କାର ₹୫ ଲକ୍ଷ

ଦ୍ୱିତୀୟ ପୁରସ୍କାର ₹୩ ଲକ୍ଷ

ତୃତୀୟ ପୁରସ୍କାର ₹୨ ଲକ୍ଷ

ଅର୍ଥ ବିଭାଗ

ମୁଖ୍ୟ ଅତିଥି

**ଶ୍ରୀ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସ୍ଥାନ: କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

୬ ଜାନୁଆରୀ ୨୦୨୪, ସନ୍ଧ୍ୟା ୫.୦୦

OIPR-05001/13/0020/2324

# ବିଶ୍ୱ ଦେଖିବ ଲୋୟର ସୁକତେଲ ପ୍ରକଳ୍ପ କାହାଣୀ

**‘ନ୍ୟାସନାଲ ଜିଓଗ୍ରାଫିକ୍’ ଚ୍ୟାନେଲରେ ଆଜି ସନ୍ଧ୍ୟା ୭ଟାରେ ପ୍ରସାରଣ**

**ଭୁବନେଶ୍ୱର, ୫ ।୧ (ସମିସ):** ବହୁ ପ୍ରତୀକ୍ଷିତ ଲୋୟର୍ ସୁକତେଲ ଜଳସେଚନ ପ୍ରକଳ୍ପକୁ ଲୋକାର୍ପିତ କରି ଜଳସେଚନ କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଗତ ୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଏହାକୁ ଲୋକାର୍ପଣ କରିଛନ୍ତି । ଏବେ ରାଜ୍ୟର ଏହି ନବମ ସର୍ବବୃହତ୍ ବନ୍ଧକୁ ସମଗ୍ର ବିଶ୍ୱ ଦେଖିବ। ଏହାର କାର୍ଯ୍ୟକାରିତା ଓ ରୂପାନ୍ତରଣର କାହାଣୀ ଜାଣିବ। ନ୍ୟାସନାଲ୍ ଜିଓଗ୍ରାଫିକ୍ ଚ୍ୟାନେଲରେ ଆସନ୍ତାକାଲି (ଶନିବାର) ସନ୍ଧ୍ୟା ୭ଟାରେ ଏହାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରିବ । ସଂପୂର୍ଣ୍ଣ କାହାଣୀ ଏହାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ସୁପରଷ୍ଟ୍ରକ୍ଚର’ରେ ପ୍ରଦର୍ଶିତ ହେବ। ବଲାଙ୍ଗିର ଜିଲ୍ଲାରେ ଜଳସେଚନ ଓ ପାନୀୟ ଜଳଯୋଗାଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ରୂପାନ୍ତରଣ ଆଣିଥିବା ଏହି ପ୍ରକଳ୍ପର ନିର୍ମାଣ ସମେତ ଅନ୍ୟ ସମସ୍ତ ଦିଗକୁ ଉଜାଗର କରିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ୍ ମିଡିଆ ‘ଏକ୍ସ’ରେ ପୋଷ୍ଟ କରି ସୂଚନା ଦିଆଯାଇଛି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-192 ◆BHUBANESWAR ◆SATURDAY ◆6 JANUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୨ ◆ଭୁବନେଶ୍ୱର ◆ଶନିବାର ◆୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


## ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶାର ବଳିଷ୍ଠ ପଦକ୍ଷେପ

# ଲୋକାର୍ପିତ ହେଲା ଜିଲ୍ଲା ଏସ୍‌ଡିଜି ସୂଚକାଙ୍କ ଏସ୍‌ଡିଜି ଓଡ଼ିଶା ୱେବ୍‌ସାଇଟ୍

**ଭୁବନେଶ୍ୱର, ୫ ।୧(ସମିସ):** ରାଜ୍ୟର ବିଭିନ୍ନ ପ୍ରକଳ୍ପରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)କୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ୨୦୩୦ ସୁଦ୍ଧା ସମସ୍ତଙ୍କ ସମ୍ପୃକ୍ତିରେ ରାଜ୍ୟ ଯେପରି ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଆଗରେ ରହିବ ସେଥିପାଇଁ ରାଜ୍ୟ ସରକାର କାମ କରୁଛନ୍ତି । କାର୍ଯ୍ୟ କରୁଛି। ଏଥିରେ ‘କେହି ପଛରେ ରହିଯିବେନି’ ବୋଲି ପ୍ରତିଶ୍ରୁତି ରହିଛି। ଏହି କ୍ରମରେ ଏସ୍‌ଡିଜି ସୂଚକାଙ୍କରରେ ମଧ୍ୟ ବିଭିନ୍ନ ବିଭାଗ ଗୁରୁତ୍ୱ ଦେବେ ଓ ରାଜ୍ୟରେ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପରେ ଏହା ପ୍ରତିଫଳିତ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସବ୍ୟକ୍ତ କରିଛନ୍ତି।

**ବିକାଶ ସବୁ ନାଗରିକଙ୍କ ଜୀବନରେ ପ୍ରତିଫଳିତ ହେବା ଆବଶ୍ୟକ: ମୁଖ୍ୟମନ୍ତ୍ରୀ**

**ସମସ୍ତଙ୍କୁ ଏକ ସୁନ୍ଦର ଭବିଷ୍ୟତ ଦେବା ଲକ୍ଷ୍ୟରେ ଆମେ କାମ କରୁଛୁ**

**୫-ଟି ଉପକ୍ରମର ଲକ୍ଷ୍ୟ, ରାଜ୍ୟର କେହି ପଛରେ ରହିବେ ନାହିଁ**



ଏହି କ୍ରମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାସ୍ତରରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ୱେବ୍‌ସାଇଟ୍‌ର ଉନ୍ମୋଚନ କରିଛନ୍ତି। ଏହାଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣ କରାଯିବା ସହିତ ତଳସ୍ତରରେ ଏସ୍‌ଡିଜି ଲକ୍ଷ୍ୟ ହାସଲ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏସ୍‌ଡିଜି ଲକ୍ଷ୍ୟ ହାସଲ ପାଇଁ ସଚିବାଳୟ ସହିତ ପଞ୍ଚାୟତସ୍ତରରେ ମଧ୍ୟ ଏହାର ତଦାରଖ କରାଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଏହାର ନିରନ୍ତର ନୀରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ୫-ଟି ନୀତି ଆଧାରରେ ସରକାରୀ ବିଧି ବ୍ୟବସ୍ଥା

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ‘ଏକାଠି ଆମେ କରିପାରିବା, ଏକତ୍ର ଆମେ କରିବୁ’। ଏସ୍‌ଡିଜିରେ ୧୭ ଟି ଲକ୍ଷ୍ୟ ଏବଂ ୧୬୯ ଟି ଟାର୍ଗେଟ୍ ରହିଛି। ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟପୂରଣ ପାଇଁ ଧାର୍ଯ୍ୟ କରାଯାଇଛି। ଜିଲ୍ଲାସ୍ତରୀୟ ଖସଡ଼ାରେ ଧାର୍ଯ୍ୟ ସୂଚକାଙ୍କକୁ ଅନୁଧ୍ୟାନ କରାଯିବ। ଯାହାକି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବ। ସୂଚକାଙ୍କ ତଥ୍ୟକୁ ନିରନ୍ତର ନୀରିକ୍ଷଣ କରାଯିବ ଓ ଏହା ନିର୍ଦ୍ଦିଷ୍ଟ ବିଭାଗଗୁଡ଼ିକ ଏହି ସମସ୍ତ ପ୍ରକ୍ରିୟାରେ ସାମିଲ୍ ରହିବେ। ଏହି ସମସ୍ତ କାର୍ଯ୍ୟ ସମ୍ପୃକ୍ତ ବିଭାଗଗୁଡ଼ିକ ଏକତ୍ର ସମ୍ପାଦନ କରିବେ। ଏହା ଏକ ଦ୍ରୁତ, ସମନ୍ୱିତ ଏବଂ ସ୍ଥାୟୀ ଏସ୍‌ଡିଜି ଲକ୍ଷ୍ୟ ହାସଲ କରିବାକୁ ସାହାଯ୍ୟ କରିବ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜାରି ରହିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, କାଳିଆ, ଓଡ଼ିଶା ମିଲେଟ୍ ମିଶନ, ଲକ୍ଷ୍ମୀ, କିନ୍ନରମାନଙ୍କ ପାଇଁ ହେଉଥିବା ସଶକ୍ତିକରଣ ଓ ଜୀବନଜୀବିକା କାର୍ଯ୍ୟକ୍ରମ, ବସୁଧା ସହିତ ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ୫-ଟି କାର୍ଯ୍ୟକ୍ରମର ନୀତି "କାହାକୁ ପଛରେ ଛାଡନ୍ତୁ ନାହିଁ ପ୍ରତି ଆମର ପ୍ରତିବଦ୍ଧତାକୁ ଦୃଢ଼ କରିଛି। ଏହି ସମସ୍ତ ନୂତନ ପ୍ରୟାସ ଆମର ଅଗ୍ରଗତିକୁ ସଠିକ୍ ଉପାୟରେ ତଦାରଖ କରିବାରେ ସାହାଯ୍ୟ କରିବ।

ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସମୁଦାୟମାନେ ଏକ ବିଶ୍ୱସ୍ତରୀୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ କାର୍ଯ୍ୟ କରିବ। ଏହା ପ୍ରଗତିକୁ ସନ୍ତୁଳିତ କରିବାରେ ମଧ୍ୟ ସାହାଯ୍ୟ କରିବ। ସେହିପରି ଏହି ୱେବସାଇଟ୍ ଉନ୍ମୋଚନ ଦ୍ୱାରା ସମସ୍ତଙ୍କ ମିଳିତ ପ୍ରୟାସ ପାଇଁ ରାସ୍ତା ପ୍ରସ୍ତୁତ କରିବ। ଯାହା ରାଜ୍ୟ ପାଇଁ ଉଜ୍ଜ୍ୱଳ ଏବଂ ସ୍ଥାୟୀ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବ। ଏହି ପ୍ରୟାସ ରାଜ୍ୟରେ ସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକାରୀ କରିବାରେ ସବୁ ବର୍ଗଙ୍କ ପାଇଁ ସହାୟକ ହେବ। ଏହି ପଦକ୍ଷେପ ପାଇଁ ସେ ଯୋଜନା ଏବଂ ସଂଯୋଜନ ବିଭାଗ, ଜାତିସଂଘ ଏଜେନ୍‌ସି ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ରହିଥିବା ବେଳେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାକ୍ଟର ଡାଲାରେ ପିଟି ହେଲା ବାଇକ୍; ୨ ମୃତ

**ନନ୍ଦପୁର, ୫ ।୧ (ସମିସ):** ଟ୍ରାକ୍ଟର୍ ଡାଲାରେ ଏକ ବାଇକ୍ ପିଟି ହୋଇଯିବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ହାଟଗୁଡ଼ାର ସୁଶାନ୍ତ ଗାଲି ଓ ପ୍ରସାଦ ଖୁଡ଼ା। ଶୁକ୍ରବାର ବିଳମ୍ବିତ ରାତିରେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ ପାନ୍ଥଲୁଙ୍ଗ ପଞ୍ଚାୟତର ହାଟଗୁଡ଼ାଠାରେ ଏହି ଅଘଟଣ ଘଟିଛି। ଗୁରୁତର ରାଜେଶ ତାଇସାବଙ୍କୁ ସ୍ଥାନୀୟ ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତାହତମାନଙ୍କ ଘର ହାଟଗୁଡ଼ାରେ। ଘରଠାରୁ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ହାଟଗୁଡ଼ାର ତିନିଜଣ ଯୁବକ ପ୍ରସାଦ ଖୁଡ଼ା, ରାଜେଶ ତାଇସାବ ଓ ସୁଶାନ୍ତ ଗାଲି କୌଣସି ଏକ କାମରେ ପାଡୁଆ ଗ୍ରାମକୁ ଯାଇ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ଚାଳକ ଭାରସାମ୍ୟ ହରାଇ ବାଇକ୍‌ଟି ହାଟଗୁଡ଼ା ହାଇସ୍କୁଲକୁ ଯାଉଥିବା କାଠ ବୋଝେଇ ଟ୍ରାକ୍ଟର୍ ଡାଲାରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରସାଦ ଓ



ରାଜେଶଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରସାଦଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଯାଞ୍ଚ କରିଥିବା ଜଣାପଡ଼ିଛି।

■ **ଦଳ ବିରୋଧୀ କାର୍ଯ୍ୟ**

# ବିଜେଡିରୁ ପ୍ରମୋଦ ରଥ ବହିଷ୍କୃତ

**ଭୁବନେଶ୍ୱର, ୫ ।୧(ସମିସ):** ସମ୍ବଲପୁର ଜିଲ୍ଲା କମିଟି ଉପଦେଷ୍ଟା ପ୍ରମୋଦ ରଥଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବିଦା କରିଛନ୍ତି। ଏହି ବହିଷ୍କାର ଆଦେଶ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜୁ ଜନତା ଦଳ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।




ମୋଦୀ ସରକାରଙ୍କ ଠାରୁ
ଜୁଟ୍ ସଂଗଠନ, ଜୁଟ୍ କାରିଗର
ଓ କୃଷକମାନଙ୍କ ପାଇଁ ବଡ ଉପହାର

**ପଟସନ ଭବନ**

ଉଦ୍‌ଘାଟନ କରିବେ

**ଶ୍ରୀ ପୀୟୁଷ ଗୋୟଲ**

ମାନନୀୟ କେନ୍ଦ୍ରୀୟ ବାଣିଜ୍ୟ ଏବଂ ଉଦ୍ୟୋଗ, ଉପଭୋକ୍ତା ମାମଲା, ଖାଦ୍ୟ ଏବଂ ସାର୍ବଜନୀକ ବିତରଣ ଏବଂ ବସ୍ତ୍ର ମନ୍ତ୍ରୀ, ଭାରତ ସରକାର

ଗରିମାମୟ ଉପସ୍ଥିତି

**ଶ୍ରୀମତୀ ଦର୍ଶନା ବିକ୍ରମ ଜାରଦୋଶ**

ମାନନୀୟ କେନ୍ଦ୍ରୀୟ ରେଳ ଏବଂ ବସ୍ତ୍ର ରାଜ୍ୟ ମନ୍ତ୍ରୀ, ଭାରତ ସରକାର

Bharat tex 2024 Global Textile Expo New Delhi | Feb 26-29 | TEXTILES FASHION SUSTAINABILITY

JUTE MARK INDIA

ସ୍ଥାନ:
ସିଏଫ୍ ବ୍ଲକ୍, ଏକ୍ସନ ଏରିଆ-୧,
ନ୍ୟୁ ଟାଉନ୍, କୋଲକାତା-୭୦୦୧୫୬
ତାରିଖ: ୬ ଜାନୁୟାରୀ, ୨୦୨୪, ସକାଳ ୧୦:୩୦





cbc 41117/15/0001/2324

**ପଟସନ ଭବନର ବିଶେଷତା**

■ ଅତ୍ୟାଧୁନିକ ଇମାରତ ■ ଜୁଟ୍ ଆୟୁକ୍ତ, ରାଷ୍ଟ୍ରୀୟ ପଟସନ ବୋର୍ଡ ଏବଂ ଭାରତୀୟ ପଟସନ ନିଗମ ଲିମିଟେଡ କାର୍ଯ୍ୟାଳୟର ମୂଖ୍ୟାଳୟ ■ ଜୁଟ୍ ଉଦ୍ୟୋଗର ନିର୍ବାଧ ସେବା ଦ୍ୱାରା ୪୦ ଲକ୍ଷ ଜୁଟ୍ କୃଷି, ୪ ଲକ୍ଷ ଶ୍ରମିକ ଏବଂ ଅନ୍ୟ ହିତାଧିକାରୀଙ୍କୁ ଗୋଟିଏ ସ୍ଥାନରୁ ହିଁ ଲାଭ ମିଳିବ ■ ଉନ୍ନତ ସମନ୍ୱୟ ସହିତ ଜୁଟ୍ ମିଲ୍ ଶ୍ରମିକ, ସେମାନଙ୍କ ଝିଅମାନଙ୍କ ପାଇଁ କଲ୍ୟାଣକାରୀ ଉପାୟ ■ ଜୁଟ୍ କାରିଗର, ନିର୍ଯାତକ ଏବଂ ଉଦ୍ୟମୀମାନଙ୍କ ପାଇଁ ଆଧୁନିକ ଏବଂ ବଜାରଯୋଗ୍ୟ ଡିଜାଇନ୍ ପ୍ରଦାନ କରିବା ପାଇଁ ଇନ୍-ହାଉସ୍ ଜୁଟ୍ ଡିଜାଇନ୍ ଏବଂ ସଂଶାଧନ କେନ୍ଦ୍ର।

**ଜୁଟ୍ କ୍ଷେତ୍ରର ଉପଲବ୍ଧି**

■ କେନ୍ଦ୍ର ସରକାର ଏବେ ପ୍ରତି ବର୍ଷ ଟ.୧୨୦୦୦ କୋଟି ରୁ ଅଧିକ ମୂଲ୍ୟର ଜୁଟ୍ ବ୍ୟାଗ କିଣୁଛନ୍ତି ■ ୨୦୨୩-୨୪ ମଧ୍ୟରେ କଞ୍ଚା ଜୁଟ୍‌ର ଏବେ ପର୍ଯ୍ୟନ୍ତ ଉଚ୍ଚତମ ଏମ୍‌ଏସ୍‌ପି ■ I-CARE ର ଅନ୍ତର୍ଗତ ୪ ଲକ୍ଷରୁ ଅଧିକ କୃଷକଙ୍କୁ ସହାୟତା ପ୍ରଦାନ କରାଯାଇଛି ■ ୮୦୦ ରୁ ଅଧିକ ଜୁଟ୍ କାରିଗର / ଡବ୍ଲୁଏସ୍‌ଏଚ୍‌ଜି ମାନେ ଜୁଟ୍ ବିବିଧିକରଣ ର ପ୍ରଶିକ୍ଷଣ ଦେଇଛନ୍ତି ■ ଜୁଟ୍ ଜିନିଷର ଉତ୍ପାଦନ, ୧୨ ଲକ୍ଷ ମେଟ୍ରିକ୍ ଟନ ରୁ ଅଧିକ ■ ଟ.୩୫୦୦ କୋଟି ରୁ ଅଧିକ ଜୁଟ୍ ଜିନିଷର ନିର୍ଯାତ ■ ଟ.୧୫୦୦ କୋଟିରୁ ଅଧିକ ଅଟେ ଜୁଟ୍ ବିବିଧ ଉତ୍ପାଦର ନିର୍ଯାତ ।

# ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ସମେତ ୩ ଅଟକ

ବିଷମକଟକ,୫ା୧(ସମିସ)

ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଡୁକୁମ୍ ପଞ୍ଚାୟତର ଘୋଡ଼ବାଙ୍ଗିରି ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଘୋଡ଼ାବାଙ୍ଗିରି ଗ୍ରାମର ଲକ୍ଷଣ ମାଣ୍ଡିକାଙ୍କ ପତ୍ନୀ ରିତା କୁଲସିକା। ହେଲେ ତାଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ମୃତ କୁଲସିକା ଦୁଇ ବର୍ଷ ତଳେ ବିବାହ କରିଥିବାବେଳେ ସେ ବର୍ତ୍ତମାନ ୮ ମାସର ଗର୍ଭବତୀ ଥିଲେ। ଗୁରୁବାର ରାତିରେ ସେ ଅସୁସ୍ଥ ଥିବା ନେଇ ଆମ୍ବୁଲାନ୍ସ ଯୋଗେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶାଶୂଘର ଲୋକେ ଆଣିଥିଲେ। ମେଡିକାଲରେ ପହଞ୍ଚିବା ବେଳକୁ ରିତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ କେଉଁ କାରଣରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ହେଲା ତାକୁ ନେଇ ଡାକ୍ତର ଅନୁଧ୍ୟାନ କରିଥିବାବେଳେ ବେକରେ ଆଘାର ହୋଇଥିବା ଦେଖି ମେଡିକାଲ ପକ୍ଷରୁ ବିଷମ କଟକ ଥାନାକୁ ଖବର ଦିଆଯାଇଥିଲା। ଖବର ପାଇ ବିଷମକଟକ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରିଥିଲା। ରିତାକୁ ତାଙ୍କ ଶାଶୁଘର ଲୋକ ହତ୍ୟା କରିଥିବା ନେଇ ବିଷମକଟକ ଥାନାରେ ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି। ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ରିତାର ବାପଘର ଲୋକଙ୍କ ଅଭିଯୋଗ ଆଧରରେ ପୁଲିସ ମୃତକଙ୍କ ସ୍ୱାମୀ ଲକ୍ଷ୍ମଣ ସମେତ ଦିଅର ଏବଂ ଶଶୂରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ବିଷମକଟକ ଥାନା ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ମିଳିତ ଭାବେ ଘୋଡ଼ବାଙ୍ଗିରି ଗ୍ରାମକୁ ଯାଇ ଲକ୍ଷ୍ମଣଙ୍କ ଘରକୁ ଯାଇ ତଦନ୍ତ କରିଛି। ଏହା ସହ ରାୟଗଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷମ କଟକରେ ପହଞ୍ଚି ମୃତ ରିତାଙ୍କ ସ୍ୱାମୀକୁ ପଚରାଉଚରା କରିଛନ୍ତି।

# କୁମୁଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ପଡ଼ିବାକୁ ନେଇ ଉଦ୍‌ବେଗ

ବୋରିଗୁମ୍ମା,୫ା୧(ସମିସ)






ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କୁମୁଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଅସୁସ୍ଥ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ଅପରାହ୍ଣ ୩ଟା ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରକାଶ ଥାଉକି, କୁମୁଳି ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର ୧ କିମି ଦୂରରେ ଅବସ୍ଥିତ ଥିବା କିଶୋର ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ତୃତୀୟ ସେମିଷ୍ଟର ପରୀକ୍ଷା ଚାଲିଥିବା ସମୟରେ ହଠାତ୍ ଗାୟତ୍ରୀ ତନ୍ତି ନାମକ ଜଣେ ଛାତ୍ରୀ ପରୀକ୍ଷା ଦେଉଥିବା ସମୟରେ ଅଚେତ ହୋଇ ପଡ଼ିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଉକ୍ତ ସମୟରେ କୁମୁଳି ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା କେନ୍ଦ୍ରରୁ ସୂଚନା ମିଳିବା ପରେ ଏକ ଘରୋଇ କାର୍ ଯୋଗେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ମହାପାତ୍ର ଦୁଇଜଣ ଅଧ୍ୟାପିକାଙ୍କୁ ଧରି କୁମୁଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଦୁଇଟି ଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ଅପରାହ୍ଣ ୩ଟା ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ପଡ଼ିବାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାପରେ ଛାତ୍ରୀ ଜଣଙ୍କୁ ସ୍ଥାନୀୟ ଔଷଧ ଦୋକାନରେ ଆଶୁ ଚିକିତ୍ସା କରାଇଥିବା ଜଣାପଡ଼ିଛି। ଅନ୍ୟପଟରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିରଞ୍ଚିନାରାୟଣ ପୃଷ୍ଟିଙ୍କୁ ପଚାରିବାରେ ସେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବା ସହ କୁମୁଳି ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ମଧ୍ୟ ରହିଥିବା କହିବା ସହ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଏବଂ ପୁଣି ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହୁଛି। ତେବେ ଶୁକ୍ରବାର ୨ଟା ୨୦ ପର୍ଯ୍ୟନ୍ତ ଜଣେ ରୋଗୀଙ୍କ ଚିକିତ୍ସା ପାଇଁ ରହିଥିଲେ ବୋଲି କହିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବାରେ କୌଣସି ଅବହେଳା କେବେ ହୋଇନାହିଁ ବୋଲି କହିଛନ୍ତି।

# ଗୁଡ଼ାରୀ ସାମ୍ବାଦିକ ସଂଘର ବନ୍ଧୁମିଳନ



ଗୁଡାରୀ,୫ା୧(ସମିସ)

ଶୁକ୍ରବାର ଗୁଡାରୀ ସାମ୍ବାଦିକ ସଂଘର ନୂତନ ବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ ସହ ବଣଭୋଜିର ଅୟୋଜନ ହୋଇଥିଲା। ଏଥିରେ ସମସ୍ତ ସାମ୍ବାଦିକ ଭାଇ ଏବଂ ସଭାପତି ପ୍ରମୋଦ ପତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଭାଇମାନଙ୍କ ମଧ୍ୟରେ ପ୍ରତ୍ୟେକ ବିଷୟକୁ ନେଇ ସଭାପତିଙ୍କ ସମ୍ମୁଖରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଆଗାମୀ ଦିନର ରଣନୀତି ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଶ୍ରୀ ଦେଓ ଏବଂ ଲୋକନାଥ ପୂର୍ଣ୍ଣ ସହଯୋଗରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କେନ୍ଦୁଗୁଡ଼ା ଡ୍ୟାମ ଗୁଣୁପୁର ସବଡିଭିଜନର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହି ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ଅଭାବ ଦେଖିବାକୁ ମିଳିଛି। ସ୍ୱଚ୍ଛ ପାଣି ବ୍ୟବସ୍ଥା ନାହିଁ କି ପରିବେଶ ମଧ୍ୟ ସଫା ନ ଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେଠାକୁ ଆସିଥିବା ପର୍ଯ୍ୟଟକମାନେ କହିଥିବାର ଜଣାପଡ଼ିଛି।

# ଗାଁକୁ ରାଜସ୍ୱ ଗ୍ରାମରେ ପରିଣତ ନିମନ୍ତେ ଗ୍ରାମସଭା

**ପଟ୍ଟାଙ୍ଗି,୫ା୧(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତର ସିମାଗେଡ଼ା ଗ୍ରାମଠାରେ ଗାଁକୁ ଏକ ରାଜସ୍ୱ ଗ୍ରାମରେ ପରିଣତ କରିବା ନିମନ୍ତେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଥିଲା। ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କ ଅଧ୍ୟକ୍ଷତାରେ ସିମାଗେଡ଼ା ଗ୍ରାମଠାରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ବନ ଅଧିକାର ଅଧିନିୟମ ୨୦୦୬ର ଧାରା ୩ (୧)(ଏଚ୍) ଅନୁଯାୟୀ, ଗାଁକୁ ଏକ ରାଜସ୍ୱ ଗ୍ରାମରେ ପରିଣତ କରିବା ଉପରେ ଆଲୋଚନା କରାଯାଇଥିବା ନେଇ ଜଣାପଡ଼ିଛି। ଉକ୍ତ ବୈଠକରେ ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ଫରେଷ୍ଟର ଗାର୍ଡ ବିଶୋଇ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ସମର୍ଥନ ଜଣାଇଥିବା ନେଇ ଜଣାପଡ଼ିଛି।

## ଓଡ଼ିଶା ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ପ୍ରଭାବିତ ହେଉଛି ପରିବହନ ସେବା



**ରାୟଗଡ଼ା,୫ା୧(ସମିସ):** ଓଡ଼ିଶା ରାଜ୍ୟ ଡ୍ରାଇଭର ମହାସଂଘର ଡକରା କ୍ରମେ ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଓଡ଼ିଶା ଡ୍ରାଇଭର ସଂଘ ଶାଖା ପକ୍ଷରୁ ଶୁକ୍ରବାରଠାରୁ ଷ୍ଟିୟରିଂ ଛାଡ଼ ତଥା ଗାଡ଼ି ନ ଚଳାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବାହ୍ଣରେ ରାୟଗଡ଼ା ଜିଲ୍ଲା ଡ୍ରାଇଭର ମହାସଂଘ ସଭାପତି ଜିତେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସଦର ବ୍ଲକ୍ ଶାଖା ସଂଘ ସଭାପତି ବିରେନ୍ଦ୍ର ପ୍ରସାଦ ତୁରୁକ ଓ ସମ୍ପାଦକ ନବୀନ ହିଆଲଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ଜିଲ୍ଲାରେ ପନିପରିବା, କ୍ଷୀର, ମାଛ ସହ ଅନ୍ୟାନ୍ୟ ସାମଗ୍ରୀ ପରିବହନ ବ୍ୟବସ୍ଥା ବହୁଳ ଭାବରେ ପ୍ରଭାବିତ ହୋଇଛି। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତ ସରକାରଙ୍କ ବିଏନଏସରେ ରଖାଯାଇଥିବା ନୂଆ ବର୍ଦ୍ଧିତ ଦଣ୍ଡ ବ୍ୟବସ୍ଥାରେ ଡ୍ରାଇଭର ଗିରଫ ହେଲେ ତାକୁ ୭ଲକ୍ଷ ଟଙ୍କା ଜରିମାନା ସହ ୧୦ ବର୍ଷ ଜେଲ୍ ଦଣ୍ଡ ରହିଛି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ସଡ଼କ ଦୁର୍ଘଟଣା ଓ ହିଟ୍ ଆଣ୍ଡ ରନ୍ ମାମଲାରେ ମୃତ୍ୟୁ ସଂଖ୍ୟା ଅଧିକ ରହୁଛି। ତେବେ ଏହି ନୂଆ ଆଇନକୁ ବିରୋଧ କରି ଦେଶର ୨୭ଟି ରାଜ୍ୟର ଡ୍ରାଇଭର ସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି।

## କାଶୀପୁରକୁ ସରକାରୀ ଡିଗ୍ରୀ କଲେଜ ଭେଟିଦେଲେ ମୁଖ୍ୟମନ୍ତ୍ରୀ

# କୃତଜ୍ଞତା ଜଣାଇଲେ ବିଧାୟକ ମକରନ୍ଦ

ରାୟଗଡ଼ା,୫ା୧(ସମିସ): ଚଳିତ ନୂଆ ବର୍ଷରେ କାଶିପୁର ବ୍ଲକବାସୀଙ୍କୁ ସରକାରୀ ଡିଗ୍ରୀ କଲେଜ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ସ୍ଥାନୀୟ ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟମନ୍ତ୍ରୀଙ୍କ ସମେତ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଭାଗୀୟ ଶାସନ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷାରେ ସମାନତା ଓ ଉତ୍କର୍ଷ ଆଣିବା ସହ ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କଲେଜ ନ ଥିବା ରାଜ୍ୟର ୧୮ଟି ବ୍ଲକରେ କଳା ବିଭାଗର ସ୍ନାତକସ୍ତରୀୟ (ଯୁକ୍ତ-୩) କଲେଜ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୨୪-୨୫ ଶିକ୍ଷା ବର୍ଷରୁ ଏହି କଲେଜଗୁଡ଼ିକରେ ଶିକ୍ଷାଦାନ ଆରମ୍ଭ କରାଯିବ। ରାୟଗଡ଼ା ଜିଲ୍ଲାର ରାୟଗଡ଼ା ନିର୍ବାଚନମଣ୍ଡଳୀର କାଶୀପୁର, ଗୁଣୁପୁର ନିର୍ବାଚନମଣ୍ଡଳୀର ରାମନାଗୁଡ଼ା ଓ ଚନ୍ଦ୍ରପୁର ବ୍ଲକରେ ସରକାରୀ ସ୍ନାତକ କଲେଜ ଖୋଲାଯିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କଲେଜଗୁଡ଼ିକ ନିମନ୍ତେ ବ୍ଲକ୍ ହେଡ୍ କ୍ୱାର୍ଟରଠାରୁ ୫କିମି ପରିସୀମା ଭିତରେ ୧୦ ଏକର ଜମି ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ କଲେଜଗୁଡ଼ିକର ନିଜସ୍ୱ ଭିତ୍ତିଭୂମି ବିକାଶ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଗୃହରେ ଶିକ୍ଷାଦାନ କରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ସାମୂହିକ କ୍ରୀଡ଼ା କ୍ଷେତ୍ରରେ ଗାନ୍ଧୀ ପବ୍ଲିକ ସ୍କୁଲର ଉଲ୍ଲେଖନୀୟ ସଫଳତା



ଗୁଣୁପୁର,୫ା୧(ସମିସ)

ସ୍ଥାନୀୟ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। କ୍ରିକେଟରେ ପାଞ୍ଚଟି ଦଳ ସହିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ବାଳକ ବର୍ଗ ରନର୍ସ ଅପ୍ ଟ୍ରଫି ସହିତ ୧୫ହଜାର ଅର୍ଥ ରାଶି ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେହିପରି ବ୍ଲକସ୍ତରୀୟ ଫୁଟବଲ୍, ଖୋଖୋ ଓ କବାଡି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ରାୟଗଡ଼ାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଖେଳରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏହିସମସ୍ତ ଖେଳରେ ବିଦ୍ୟାଳୟରୁ ୫୫ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଗୁଣପୁର ମିନିଷ୍ଟାଡିୟମରେ ଜାନୁୟାରୀ ୩ ଓ ୪ ତାରିଖ ଦୁଇଦିନ ଏହି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବା ବିଦ୍ୟାଳୟ ପାଇଁ ଏକ ଗର୍ବର କଥା ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସଫଳତାରେ ଖୁସି ବ୍ୟକ୍ତ କରି କହିଛନ୍ତି। ଅକ୍ଳାନ୍ତ ପରିଶ୍ରମ ଓ ସାମୂହିକ ଉଦ୍ୟମ କେବେ ବ୍ୟର୍ଥ ଯାଏନାହିଁ ବୋଲି ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି କହିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ ବେହେରା, ଦେବେନ୍ଦ୍ରନାଥ ନାୟକ ଓ ଅନନ୍ତ ରଥଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ସମସ୍ତ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

# ଜିଲ୍ଲାରେ ମହିଳା ଭୋଟର ସଂଖ୍ୟା ଅଧିକ

କୋରାପୁଟ,୫ା୧(ସମିସ):

ଶୁକ୍ରବାର କୋରାପୁଟ ଜିଲ୍ଲାର ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ମୋଟ ୯ଲକ୍ଷ ୬୯ ହଜାର ୯୧ ଜଣ ଭୋଟର ଥିବାବେଳେ ମହିଳା ମତଦାତା ପୁରୁଷ ମତଦାତାଙ୍କଠାରୁ ଅଧିକ ରହିଥିବା ଜଣାପଡ଼ିଛି। ମୋଟ ଭୋଟରଙ୍କ ମଧ୍ୟରୁ ୪ ଲକ୍ଷ ୬୮ହଜାର ୬୦୪ ଜଣ ପୁରୁଷ ମତଦାତା ଥିବାବେଳେ ମହିଳା ଭୋଟର ସଂଖ୍ୟା ୫ ଲକ୍ଷ ୪୦୫ ରହିଛି। କୋରାପୁଟ ଉପଖଣ୍ଡରେ କୋରାପୁଟ, ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗି ବିଧାନସଭା କ୍ଷେତ୍ର ପାଇଁ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ନିଜ କାର୍ଯ୍ୟାଳୟରେ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଥିଲେ।

ଏହି ତିନିଟି ବିଧାନସଭା କ୍ଷେତ୍ରରେ ୨୦୨୪ ଅନୁଯାୟୀ, ଭୋଟର ସଂଖ୍ୟା ୫ ଲକ୍ଷ ୪୮ହଜାର ୯୦୦ ରହିଥିବା ଉପଜିଲ୍ଲାପାଳ ଶ୍ରୀ ଶବର କହିଛନ୍ତି। କୋରାପୁଟ(୧୪୪) ବିଧାନସଭା କ୍ଷେତ୍ରରେ ୧୯୦୩୪୧ ଜଣ ଭୋଟର ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୯୨୯୨୧, ମହିଳା ଭୋଟରଙ୍କ ସଂଖ୍ୟା ୯୭୪୦୮ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୧୨ ରହିଥିବା ଜଣାପଡ଼ିଛି। ଲକ୍ଷ୍ମୀପୁର(୧୪୧) ବିଧାନସଭା କ୍ଷେତ୍ରରେ ଭୋଟର ସଂଖ୍ୟା ୧ ଲକ୍ଷ ୭୨ ହଜାର ୪୮୩ ରହିଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୮୧୭୩୨ ଓ ମହିଳା ଭୋଟରଙ୍କ ସଂଖ୍ୟା ୯୦୭୩୨ ତଥା ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୧୯ ରହିଥିବା ଜଣାପଡ଼ିଛି। ସେହିପରି ପଟ୍ଟାଙ୍ଗି(୧୪୫) ବିଧାନସଭା କ୍ଷେତ୍ରରେ ଭୋଟର ସଂଖ୍ୟା ୧ ଲକ୍ଷ ୮୬ ହଜାର ୭୦ ରହିଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୯୦୧୦୦, ମହିଳା ଭୋଟରଙ୍କ ସଂଖ୍ୟା ୯୫୯୭୦ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୬ ରହିଥିବା ଜଣାପଡ଼ିଛି। ଏହି ତିନିଟି ବିଧାନସଭା କ୍ଷେତ୍ରରେ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୮୫୮୦ ରହିଥିବାବେଳେ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୩୭ ରହିଛି। ଗତ ବର୍ଷକ ମଧ୍ୟରେ ୨୦୫୬୩ ଭୋଟର ବୃଦ୍ଧି ପାଇଥିବା କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର କହିଛନ୍ତି। ଆସନ୍ତା ୯ ତାରିଖରୁ ସାଧାରଣ ନିର୍ବାଚନର ନାମାଙ୍କନ ପତ୍ର ଦାଖଲ ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ଭୋଟରମାନେ ସେମାନଙ୍କର ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ ବୋଲି ସେ କହିଛନ୍ତି। କଂଗ୍ରେସ ଦଳରୁ ନିମାଇଁ ସରକାର ଓ ରମେଶ ଖରା, ଜିଲ୍ଲା ବିଜେପି ସଭାପତି ସୁମନ୍ତ କୁମାର ପ୍ରଧାନ, ଦେବେନ୍ଦ୍ର ମହାନ୍ତି ଓ ତ୍ରିନାଥ ପଣ୍ଡା, ଆପ୍ ନେତା ପ୍ରଫୁଲ୍ଲ ଖୋସଲା ପ୍ରମୁଖଙ୍କୁ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର ତିନିଟି ବିଧାନସଭା କ୍ଷେତ୍ରର ଚୂଡ଼ାନ୍ତ ଭୋଟର ତାଲିକା ପ୍ରଦାନ କରିଥିଲେ।

**ବୋରିଗୁମ୍ମା:** ଶୁକ୍ରବାର ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ୨୦୨୪ ମସିହାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଯାଇଛି। ତତ୍ ସହିତ ବ୍ଲକର ୧୩୮ଟି ପୁଲିଂ ବୁଥରେ ମଧ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ବୋରିଗୁମ୍ମା ବ୍ଲକ୍ ଅଧୀନରେ ରହିଥିବା କୋଟପାଡ଼ ନିର୍ବାଚନମଣ୍ଡଳୀର ୫୭ଟି ପୁଲିଂ ବୁଥରେ ମୋଟ ଭୋଟର ସଂଖ୍ୟା ୪୪୩୮୦ ରହିଛି। ମହିଳା ଭୋଟର ୨୨୬୨୭ ରହିଥିବାବେଳେ ପୁରୁଷ ଭୋଟର ୨୧୭୫୧ ଜଣ ଓ ଅନ୍ୟାନ୍ୟ ୨ ଜଣ ରହିଛନ୍ତି। ସେହିପରି ବୋରିଗୁମ୍ମା ବ୍ଲକ୍ ଅଧୀନରେ ଜୟପୁର ନିର୍ବାଚନମଣ୍ଡଳୀର ୮୧ ପୁଲିଂ ବୁଥରେ ମୋଟ ଭୋଟର ସଂଖ୍ୟା ୬୧୭୪୩ ଜଣ ରହିଥିବାବେଳେ ମହିଳା ଭୋଟର ୩୧୮୨୩ ଓ ପୁରୁଷ ଭୋଟର ୨୯୯୧୯ ଜଣ ଏବଂ ଅନ୍ୟାନ୍ୟ ଜଣେ ରହିଛନ୍ତି। ଉକ୍ତ ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା, ଏବିଡିଓ ମାଧୁରୀ ଆଚାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡ଼ିକା, ଗଣେଶ ପ୍ରସାଦ ବେହେରାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଗୁଣୁପୁର:** ଗୁଣୁପୁର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଲଳିତ କୁମାର କହଁରଙ୍କ ଦ୍ୱାରା ୧୩୮ ଗୁଣୁପୁର ଓ ୧୩୯ ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଯାଇଛି। ନଭେମ୍ବର ୨୦୨୩ ତାରିଖଠାରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୧୫ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଚାଲିଥିଲା। ଆଜିର ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅଭିଷେକ ସ୍ୱାଇଁ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ସତ୍ୟଜିତ ନାୟକ ଓ ସେକ୍ସନ ଅଫିସର ମନୋରଞ୍ଜନୀ କାର୍ଜି ପ୍ରମୁଖ ଉପସ୍ଥିତ ଥିଲେ।

# ସୁକନ୍ୟା ସମୃଦ୍ଧି ଯୋଜନା କର୍ମଶାଳା

ସେମିଳିଗୁଡ଼ା,୫ା୧(ସମିସ)

ଭୁବନେଶ୍ୱରର ଖ୍ୟାତିସମ୍ପନ୍ନ କିଟ୍ ବିଶ୍ୱବିଦ୍ୟାଳୟ ତରଫରୁ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ପୌର ପରିଷଦର ମଲ୍ଟି ଫଙ୍କସନ୍ ହଲରେ ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ଏକ ଗୁଣାତ୍ମକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳା କିଟ୍ ବିଶ୍ୱବିଦ୍ୟାଳୟର ଆଇସିଏମ୍ଆର୍ ପ୍ରକଳ୍ପ ତରଫରୁ ହୋଇଥିଲା। ଏହି ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଓ ପ୍ରକଳ୍ପ ନିର୍ଦ୍ଦେଶିକା ଡ. ଜୟଲକ୍ଷ୍ମୀ ସାମଲଙ୍କ ନେତୃତ୍ୱରେ ପ୍ରମିତ, ଫଇଜାନ, ଝିନା, ବିଷ୍ଣୁପ୍ରିୟା ଏହି କର୍ମଶାଳା ପରିଚାଳନା କରିଥିଲେ। ସୁକନ୍ୟା ସମୃଦ୍ଧି ଯୋଜନା ମାଧ୍ୟମରେ କନ୍ୟା ସନ୍ତାନମାନେ କିପରି ଉପକୃତ ହେବେ ଓ ଏହି ଯୋଜନାର ସମ୍ପୂର୍ଣ୍ଣ ରୂପରେଖ ବିଷୟରେ ଜୟଲକ୍ଷ୍ମୀ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଲିଭ୍ ଫର୍ ଅଦର୍ସ ସାମାଜିକ ଅନୁଷ୍ଠାନର ଅଧ୍ୟକ୍ଷା ସ୍ନିଗ୍ଧାରାଣୀ ମିଶ୍ର ଏହି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀ, ଉପଭୋକ୍ତା, ବୁଦ୍ଧିଜୀବୀ ଓ ମହିଳାମାନେ ଯୋଗଦେଇଥିଲେ।

# ୬୦ ମଣ୍ଡିରେ ପଡ଼ିରହିଛି ୧୦ ହଜାର ପ୍ୟାକେଟ୍ ଧାନ

**ନବରଙ୍ଗପୁର,୫ା୧(ସମିସ):** ମଣ୍ଡିକୁ ଧାନ ଆଣି ଏବେ ଚାଷୀକୁଳ ହତାଶ। ଜିଲ୍ଲାରେ ୬୦ଟି ମଣ୍ଡିରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଧାନ ପ୍ୟାକେଟ ପଡ଼ିରହିଛି। ଧାନର ରଙ୍ଗ ବଦଳିବା ଓ ଏଫଏକ୍ୟୁ ଧାନ ମଣ୍ଡିକୁ ଆସୁନଥିବା କହି ଧାନ ଉଠା ଯାଉନାହିଁ। ଏନେଇ ଚାଷୀନେତା ବୃନ୍ଦାବନ ତ୍ରିପାଠୀ ଓ ହରିଷ ବିଶୋଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଓଏସସିଏସ୍‌ସିର ଏମ୍‌ଡି ଶୁଭମ ସକ୍ସେନାଙ୍କୁ ସାକ୍ଷାତ କରି ଚାଷୀଙ୍କ ସମସ୍ୟା ଓ ମଣ୍ଡି ସମସ୍ୟା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଧାନର ମାନ ଯାଞ୍ଚ ନ କରାଯାଇ ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀମାନେ ବୋଲି ସେ ଅଭିଯୋଗ କରିଛନ୍ତି। କ୍ୱିଣ୍ଟାଲ ପିଛା ୫ କିଲୋ ଧାନ କାଟି ଅନ୍ୟ ଦୁଇଟି ଲେଖାଏଁ ମଣ୍ଡିରୁ ଧାନ ଉଠାଇଥିବା ଚାଷୀମାନେ ଅଭିଯୋଗ ଆଣୁଛନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀନେତା ବୃନ୍ଦାବନ ଓ ହରିଷ ଦାବି କରିଛନ୍ତି। ଏମ୍‌ଡି ସକ୍ସେନା ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ମଣ୍ଡିରୁ ଧାନ ନ ଉଠିଲେ ରାସ୍ତାରୋକ ଆନ୍ଦୋଳନ କରାଯିବ ଏବଂ କୌଣସି ଅପ୍ରୀତିକର ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀ ନେତା ତ୍ରିପାଠୀ ଚେତାବନୀ ଶୁଣାଇଛନ୍ତି।

# ଧାନ ନ ଉଠିଲେ ଆତ୍ମହତ୍ୟା କରିବାକୁ ଚାଷୀଙ୍କ ଚେତାବନୀ

**ନନ୍ଦାହାଣ୍ଡି,୫ା୧(ସମିସ):** ନବରଙ୍ଗପୁର ଜିଲ୍ଲା ପ୍ରଶାସନର ଅବହେଳା, ମିଲର୍ସଙ୍କ ମନମାନି ଯୋଗୁଁ ଚାଷୀଙ୍କ ଧାନ ମଣ୍ଡିରୁ ଉଠିପାରୁ ନାହିଁ। ଦୀର୍ଘ ଦିନ ହେବ ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ମଣ୍ଡିରେ ଧାନ ପଡ଼ିରହିଛି। ଧାନ ନ ଉଠିଲେ ଚାଷୀମାନେ ଆତ୍ମହତ୍ୟା କରିବାକୁ ଏବେ ଚେତାବନୀ ଦେଇଛନ୍ତି।

ସୂଚନାପ୍ରକାରେ, ନନ୍ଦାହାଣ୍ଡି ବ୍ଲକର ସରୁଗୁଡ଼ା ମଣ୍ଡିରେ ୧୦ ହଜାର ପ୍ୟାକେଟ୍, ଜଗନ୍ନାଥପୁର ମଣ୍ଡିରେ ୫ ହଜାର ପ୍ୟାକେଟ୍ ଓ ଧଣ୍ଡରା ମଣ୍ଡିରେ ୪ ହଜାର ପ୍ୟାକେଟ୍ ଧାନ ପଡ଼ି ରହିଛି। ଶୀତ କାକରରେ ଗତ ମାସ ୨୭ ତାରିଖଠାରୁ ଆଜି ଯାଏଁ ଧାନ ମଣ୍ଡିରେ ପଡ଼ିରହିଥିବା ବେଳେ ଚାଷୀମାନେ ନାନା ହଇରାଣ ହେଉଛନ୍ତି। ଚଳିତବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ଉଭୟ ଲ୍ୟାମ୍ପ ଓ ଏସ୍‌ଏଚ୍ଜି ଗ୍ରୁପ୍କୁ ଦାୟିତ୍ୱ ଦିଆଯାଇଛି। ନନ୍ଦାହାଣ୍ଡି ବ୍ଲକର ଚାଷୀଙ୍କୁ ମିଲର୍ସମାନେ ଜାଣିଶୁଣି ହଇରାଣ କରୁଥିବା ଅଭିଯୋଗ କରିଛନ୍ତି ଚାଷୀ। କିଛି ଚାଷୀଙ୍କ ସହିତ ମିଲର୍ସଙ୍କ ମଧ୍ୟରେ ସଲାସୁତରା ଥିବାରୁ ଘରୁ ଉଠି ଯାଉଛି ଧାନ। ହେଲେ ସରକାରଙ୍କ ମଣ୍ଡି ବ୍ୟବସ୍ଥାରେ ଚାଷୀ ହରଡ଼ଘଣାରେ ପେଶି ହେଉଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ, ମଣ୍ଡିଗୁଡ଼ିକରେ କଟନୀଛଟନୀ କିମ୍ବା ଧାନ କିଣାରେ କୌଣସି ଭୂମିକା ନାହିଁ। ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଧାନର ମାନ ଦେଖି ମିଲର୍ସଙ୍କୁ ଧାନ ଦେବା କଥା କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମିଲର୍ସ ଯୋଗାଣ ବିଭାଗ, ଆର୍‌ଏମ୍ସି, ଲ୍ୟାମ୍ପ ଏବଂ ଏସ୍‌ଏଚ୍ଜିକୁ ନିଜ ଅଧୀନରେ ରଖି ଚାଷୀଙ୍କଠାରୁ ନିଜେ କଟନୀଛଟନୀ କରି ଧାନ ଉଠାଯାଉଛି। ଯେମିତିକି କୁଇଣ୍ଟାଲ ପିଛା ୬ରୁ ୮ କେଜି କାଟି ଧାନ ଦେବାକୁ ବାଧ୍ୟ କରାଯାଉଛି। ଫଳରେ ଚାଷୀଙ୍କ ଧାନ ବସ୍ତା ଟଙ୍କା, ଧାନ ଉଠାଣ ପାଇଁ ଲେବର ଟଙ୍କା ଓ ରାତି ରାତି ଯାଏଁ ରହି ନିଜ ଅମଳ ଧାନକୁ ଜଗିବା ଆଦି ନିଜେ ଚାଷୀ ବହନ କରୁଛନ୍ତି। ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ମଣ୍ଡିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ଏ ବାବଦରେ ଯୋଗାଯୋଗ କରିବାରୁ ମିଲର୍ସମାନେ ଡିସ୍ କଲର ଧାନ କିଣିବା ପାଇଁ ଅରାଜି ହେତୁ ଧାନ କିଣାରେ ବିଳମ୍ବ ଘଟିଥିବା କହିଛନ୍ତି। ମିଲର୍ସ ଆସୋସିଏସନ ସଭାପତି ପ୍ରଦିପ ସାହୁ ଓ ଉପଜିଲ୍ଲାପାଳଙ୍କ ସହିତ କଥା ହେବା ପରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଯଦି ଦିନେ ଦୁଇଦିନ ମଧ୍ୟରେ ଧାନ ନ ଉଠେ, ତେବେ ଆତ୍ମହତ୍ୟା ପାଇଁ ଚାଷୀ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କ ପ୍ରତି ଏକତରଫା ଅନ୍ୟାୟ ହେଉଥିବା ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି। ସମାଧାନ ପ୍ରତି ତୁରନ୍ତ ଜିଲ୍ଲା ପ୍ରଶାସନ ଆଗେଇ ଆସିବା ଜରୁରୀ ବୋଲି ମଧ୍ୟ ମତ ପ୍ରକାଶ ପାଇଛି।



# ଶିକ୍ଷାନୁଷ୍ଠାନ ବଦଳାଇ ପାରିବେ +୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୫ା୧(ସମିସ):** କଲେଜ ବଦଳାଇ ପାରିବେ +୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀ। ପ୍ରଥମ ବର୍ଷ ପଢୁଥିବା କଲେଜକୁ ଦ୍ୱିତୀୟ ବର୍ଷରେ ବଦଳାଇପାରିବେ। ଏଥିପାଇଁ ଶୁକ୍ରବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ କାରଣ ଦର୍ଶାଇବାକୁ ପଡ଼ିବ। ପିତାମାତାଙ୍କ ବଦଳି, ଅବସର ଗ୍ରହଣ କିମ୍ବା ମୃତ୍ୟୁ ଘଟିଥିଲେ ପ୍ରମାଣ ଦାଖଲ କରି ଆବେଦନ କରିହେବ। ସେହିପରି ଛାତ୍ରୀଙ୍କ ବାହାଘର କ୍ଷେତ୍ରରେ ଓ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଏନେଇ ଆବେଦନ କରିପାରିବେ। ଆଗ୍ରହୀ ଛାତ୍ରଛାତ୍ରୀମାନେ ସାମସ୍ ୱେବସାଇଟ୍ www.samsodisha.gov.inରେ ଏ ସଂକ୍ରାନ୍ତରେ ଆବେଦନ କରିପାରିବେ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସରକାରୀ ଏବଂ ବେସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ଗାଇଡ୍‌ଲାଇନ୍ ଅନୁଯାୟୀ, ଛାତ୍ରଛାତ୍ରୀମାନେ ଯେଉଁ କଲେଜକୁ ବଦଳି କରିବାକୁ ଚାହୁଁଥିବେ, ସେଠାରେ ସିଟ୍ ଖାଲି ଥିବା ଆବଶ୍ୟକ। ଆବେଦନ ପ୍ରକ୍ରିୟା ୧୨ତାରିଖ ଯାଏଁ ଚାଲିବ। ୧୩ ତାରିଖ ସୁଦ୍ଧା ଯେଉଁ କଲେଜ ଛାଡ଼ିବେ, ସେଠାରେ ଯାଞ୍ଚ ହେବ। ୧୭ତାରିଖ ଯାଏଁ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ୧୬ରୁ ୨୨ତାରିଖ ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସମୀକ୍ଷା କରି ଅନୁମୋଦନ କରାଯିବ। ଯେଉଁ ଛାତ୍ରୀଛାତ୍ରଙ୍କ ଆବେଦନକୁ ଅନୁମତି ମିଳିବ, ସେମାନେ ଜାନୁଆରୀ ୧୭ରୁ ୨୭ ମଧ୍ୟରେ ନାମ ଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରକାଶ କରିଛି।

# ଏସ୍‌ସିବିରେ ପଦ୍ମଶ୍ରୀ କମଳା ପୂଜାରୀ

**କଟକ, ୫ା୧ (ସମିସ):** ହଠାତ ଅସୁସ୍ଥ ହୋଇ ପଡ଼ିଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶୁକ୍ରବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଭେଷଜ ବିଭାଗ ଆଇସିୟୁରେ ତାଙ୍କର ଚିକିତ୍ସା

**ଏସ୍‌ସିବି ପକ୍ଷରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠିତ**

**ଭେଷଜ ବିଭାଗ ଆଇସିୟୁରେ ଚିକିତ୍ସା ଆରମ୍ଭ**



ଆରମ୍ଭ ହୋଇଛି। ଏନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରିଛନ୍ତି ବଡ଼ ମେଡିକାଲ କର୍ତ୍ତୃପକ୍ଷ। ଭେଷଜ ବିଭାଗର ବରିଷ୍ଠ ପ୍ରଫେସର୍ ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠନ ହୋଇଥିବା ଏହି ଦଳରେ ନେଫ୍ରୋଲୋଜି, ୟୁରୋଲୋଜି ଏବଂ ରେସପିରେଟୋରୀ ମେଡିସିନ୍ ବିଭାଗର ଡାକ୍ତର ରହିଛନ୍ତି। ପ୍ରଫେସର୍ ଡାକ୍ତର ପଣ୍ଡା କହିଛନ୍ତି ଯେ ପଦ୍ମଶ୍ରୀ ପୂଜାରୀ ପୂର୍ବରୁ କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ଇତିମଧ୍ୟରେ ତାଙ୍କର ଏହି ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇଛି। ଏହାଛଡ଼ା ଛାତିରେ ସଂକ୍ରମଣ ଯୋଗୁଁ ସେ ନିମୋନିଆରେ ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ଉଚ୍ଚ ରକ୍ତଚାପ ଏବଂ ରକ୍ତହୀନତା ମଧ୍ୟ ପରିଲକ୍ଷିତ ହୋଇଛି। ତାଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି ବୋଲି ପ୍ରଫେସର୍ ଡାକ୍ତର ପଣ୍ଡା ଜଣାଇଛନ୍ତି। କଟକ ମହାନଗର ନିଗମ ମେୟର୍ ସୁବାସ ସିଂହ ଶୁକ୍ରବାର କମଳାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ପ୍ରକାଶ ଥାଉକି, ଜ୍ୱରରେ ଆକ୍ରାନ୍ତ ହୋଇଥିବା କମଳାଙ୍କୁ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। କୋରାପୁଟରେ ଜନ୍ମିତ ଜନଜାତି ମହିଳା କମଳା ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହି ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି।

# ଭାରତୀଙ୍କ ବିପଦର ସାଥୀ ହେଲା ବିଏସ୍‌କେୱାଇ

**ଭୁବନେଶ୍ୱର, ୫ା୧(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ଗରିବର ସାଥୀ ଓ ସାହାରା ସାଜିଛି। ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ବ୍ଲକ୍ ଅନନ୍ତପୁର ଗ୍ରାମର ମହିଳା ଭାରତୀ ଜେନା ଗୁରୁତର ରୋଗରେ ପୀଡ଼ିତ ହୋଇଥିବା ଗଣମାଧ୍ୟମରୁ ଜାଣିବା ମାତ୍ରେ ରାଜ୍ୟ ବିଏସ୍‌କେୱାଇ ଟିମ୍ ତରଫରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ସ୍ଥିତି ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ୩୧ବର୍ଷୀୟା ଭାରତୀ କ୍ୟାନସର୍‌ରେ ଆକ୍ରାନ୍ତ। ଭାରତୀଙ୍କୁ ୦୨୧୨୦୧୧୩୫୩ ନମ୍ବର କାର୍ଡରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସାମିଲ କରାଯାଇଛି। ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ଏହି କାର୍ଡ ମାଧ୍ୟମରେ ଭରଣା କରୁଛନ୍ତି। ବର୍ତ୍ତମାନ ଭାରତୀ କଟକ ଜିଲ୍ଲା ତେଲେଙ୍ଗାପେଣ୍ଠସ୍ଥିତ କ୍ୟୁରି କ୍ୟାନସର ହସ୍ପିଟାଲରେ କେମୋଥେରାପି ଏବଂ ଅନ୍ୟାନ୍ୟ ଆବଶ୍ୟକ ଚିକିତ୍ସା ହେଉଛନ୍ତି। ସେ ଏହି ଦୁରାରୋଗରୁ ଆରୋଗ୍ୟ ଲାଭ କରିବେ ବୋଲି ତାଙ୍କର ପରିବାର ଓ ଆତ୍ମୀୟସ୍ୱଜନମାନେ ଆଶାବ୍ୟକ୍ତ କରିଛନ୍ତି। ଏହାସହ ବିପଦ ସମୟରେ ବିଏସ୍‌କେୱାଇ ସାହାଯ୍ୟ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।


**OFFICE OF THE DISTRICT MAGISTRATE BHADRAK**
CAD-3581
TENDER NOTICE
Letter No. 49 Date 02.01.2024
Selection of agency for providing facility management services (FMS) at Ama Bus Stand Basudevpur and Dhamara,Bhadrak,Odisha
Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at Ama Bus StandOdisha on outsourcing basis for Basudevpur and Dhamara,Bhadrak. Details regarding the eligibility criteria, terms &conditions, and formats of submission of tender may be downloaded from the website https://bhadrak.nic.in/ and the tender should reach the office of the undersigned by 15/01/2024(5:00 PM). The undersigned reserves the right to reject any or all the tenders without assigning any reason thereof.
Collector-Cum-Chairman, District Level ABS Committee, Bhadrak
OIPR-38040/11/0001/2324


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଧର୍ମ ଓ ସେବାର...

ଲକ୍ଷ୍ମୀ ବସ୍ ଯୋଜନାରେ ସରକାରୀ ବସ୍ ଗଡ଼ିବ। ୬ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଚାଲିଥିବା ବେଳେ ଫେବୃଆରୀ ମାସ ଶେଷ ସୁଦ୍ଧା କଟକରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ। ମହିଳା ଓ ଛାତ୍ରଛାତ୍ରୀମାନେ ୫ ଟଙ୍କାରେ ଲକ୍ଷ୍ମୀ ବସ୍‌ରେ ଯାତ୍ରା କରିପାରିବେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରିବା ଲାଗି କାର୍ତ୍ତିକ ପାଣ୍ଡିଆନ୍ ବିଜେଡିର ଛାତ୍ର ଓ ଯୁବ ସଂଗଠନକୁ ଆହ୍ୱାନ ଜଣାଇଛନ୍ତି।। ଆମ ବ୍ୟାଙ୍କ ଯୋଜନାରେ କଟକ ଜିଲ୍ଲାର ସବୁ ପଞ୍ଚାୟତରେ ବ୍ୟାଙ୍କ ସେବା ଆରମ୍ଭ କରାଯିବ। ରାଜ୍ୟର ୮୦% ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟ ଉପରେ ନିର୍ଭର କରନ୍ତି। ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ସଶକ୍ତ କରାଯାଉଛି। ସରକାରୀ ବିଦ୍ୟାଳୟରେ ଅତ୍ୟାଧୁନିକ ସୁବିଧା ସୁଯୋଗ ସୁନିଶ୍ଚିତ କରାଯାଇଛି ବୋଲି ସେ କହିଛନ୍ତି।

ଶ୍ରୀ ପାଣ୍ଡିଆନ ପୁଣି କହିଛନ୍ତି ଯେ କଟକ ଜିଲ୍ଲାରେ ବିଜେଡିର ସ୍ଥିତି ଅତ୍ୟନ୍ତ ସୁଦୃଢ଼ ଅଛି। ଜିଲ୍ଲାର ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବିଜୟଲାଭ କରିବା ସୁନିଶ୍ଚିତ। ୨୦୧୪ ଓ ୨୦୧୯ ନିର୍ବାଚନରେ କେଉଁ ନିର୍ବାଚନମଣ୍ଡଳୀରେ କେତେ ଭୋଟ ବ୍ୟବଧାନରେ ଆମ ପ୍ରାର୍ଥୀ ବିଜୟ ଲାଭ କରିଥିଲେ ତାହା ଜଣାଅଛି। ଏବେ ୨୦୨୪ରେ ରେକର୍ଡ ମାର୍ଜିନ୍‌ରେ ଜିତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ୫-ଟି ଅଧ୍ୟକ୍ଷ ଦଳୀୟ ନେତୃବୃନ୍ଦ ତଥା କର୍ମୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଯେଉଁ ବୁଥ୍‌ରେ ପୂର୍ବ ମାର୍ଜିନ୍‌ରୁ ଅଧିକ ଭୋଟ ଅର୍ଥାତ୍ ୫୦%ରୁ ଅଧିକ ଭୋଟ ପାଇବେ, ସେମାନଙ୍କୁ ନବୀନ ନିବାସ ଡକାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯିବ। ସେମାନଙ୍କ କାମ ମଧ୍ୟ ଜୋରଦାର ହେବ । ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ତୀବ୍ର ଗତିରେ ଚାଲିଛି। ଆନ୍ତରିକତାର ସହ ସେ ସବୁର ସଠିକ ତଦାରଖ କଲେ ୧୦ ବର୍ଷ ଭିତରେ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ବାଲିଯାତ୍ରା ତଳ ପଡିଆରେ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ୫-ଟି ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇ କହିଛନ୍ତି ଯେ ଛାତ୍ରଛାତ୍ରୀମାନଙ୍କର ପ୍ରତିଭା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛନ୍ତି। ସଫଳତା ପାଇବାକୁ ହେଲେ ଭଲ ପାଠ ପଢ଼ିବା ଜରୁରୀ। କେବଳ ପାଠ ପଢ଼ିଲେ ହେବ ନାହିଁ, ନିଜ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିବା ସହ ସମସ୍ତ କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ହେବ। ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଉଜାଗର କରିବାକୁ ପଡିବ। ସେଥିପାଇଁ ଏହି 'ନୂଆ-ଓ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସେ ଆହୁରି କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ବିଜୟ ହେଲେ ଖୁସି ଲାଗିବ। ସେଥିପାଇଁ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଆପଣମାନେ ଅଂଶଗ୍ରହଣ କରନ୍ତୁ। ସବୁଥିରେ ଭାଗ ନେଲେ ବହୁତ ଜିନିଷ ଶିଖି ପାରିବେ ଆଉ ଏହି ଅଭିଜ୍ଞତା ଜୀବନରେ ଅନେକ କାର୍ଯ୍ୟରେ ଆସିବ।ପ୍ରତିଯୋଗିତାକୁ ସାମ୍ନା କରିବାକୁ ହେଲେ ଆତ୍ମବିଶ୍ୱାସ ଜରୁରୀ। ଛାତ୍ରଛାତ୍ରୀମାନେ ପ୍ରତି ଦିନ ଅନ୍ତତଃ ୩୦ ମିନିଟ୍ ନିଜ ଶରୀର ପାଇଁ ଧ୍ୟାନ ଦିଅନ୍ତୁ। ମାନସିକ ସ୍ୱାସ୍ଥ୍ୟ ପାଇଁ ୧୫ ମିନିଟ୍ ଧ୍ୟାନ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇଁ କଠିନ ପରିଶ୍ରମ ଜରୁରୀ। ଦିନରାତି ଯିଏ ଏକ କରି ଖଟିବ ସିଏ ଉନ୍ନତି କରିବ। ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିବ। କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। ସଚିନ୍ ତେନ୍ଦୁଲକର ଓ ଶାହରୁଖ ଖାନ୍‌ଙ୍କ ଭଳି ସଫଳ ବ୍ୟକ୍ତିମାନେ ମଧ୍ୟ କଠିନ ପରିଶ୍ରମ ପରେ ସଫଳତା ପାଇଛନ୍ତି। ୫ ବର୍ଷ ପରିଶ୍ରମ କଲେ ୫୦ ବର୍ଷ ଖୁସିରେ ରହିବେ। ଆପଣମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଲେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ ୧୪୦ଟି କଲେଜରୁ ୧୮ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ଆଜିଠାରୁ ବିଏସ୍‌କେୱାଇ...

ଜରିଆରେ ଅନ୍‌ଲାଇନରେ ଆବେଦନ କରାଯିବ। ହିତାଧିକାରୀ ନିଜେ ଅବା ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ନବୀନ କାର୍ଡ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ନବୀନ କାର୍ଡ ହିତାଧିକାରୀମାନେ ଓଡ଼ିଶାରେ ଏବଂ ରାଜ୍ୟ ବାହାରେ ଥିବା ଘରୋଇ ସୁପରସ୍ପେଶାଲିଟି ଡାକ୍ତରଖାନାରେ ଦେୟମୁକ୍ତ ଚିକିତ୍ସା ପାଇବେ। ଏଥିରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବ୍ୟବସ୍ଥା ରହିଛି। ଯେଉଁମାନେ ବିଏସ୍‌କେୱାଇ କାର୍ଡ ପାଇଛନ୍ତି ସେମାନଙ୍କର ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରିବାର ଆବଶ୍ୟକତା ରହିବ ନାହିଁ। ସେମାନେ ପାଉଥିବା ଚିକିତ୍ସା ସୁବିଧାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଜାତୀୟ ଖାଦ୍ୟ ନିରାପତ୍ତା ଅବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ କରି ସାମିଲ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବିଏସ୍‌କେୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ। ତେବେ ବିଏସ୍‌କେୱାଇ ନବୀନ କାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ଡାକ୍ତରଖାନାରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡିକର ଦେୟମୁକ୍ତ ଚିକିତ୍ସା ପାଇବେ। ହୃଦରୋଗୀ, କିଡ୍‌ନୀ ରୋଗୀ, ଲିଭର୍ ରୋଗୀ, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ ମାଂଶପେଶୀ ଏବଂ କର୍କଟ ରୋଗୀଙ୍କୁ ବିଏସ୍‌କେୱାଇ ନବୀନ କାର୍ଡରେ ଚିକିତ୍ସା ମିଳିବ।

ବିଏସ୍‌କେୱାଇ ନବୀନ କାର୍ଡ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନ୍‌ରେ କିପରି ପଞ୍ଜୀକରଣ କରାଯିବ ସେ ସଂକ୍ରାନ୍ତ ସୂଚନା ପତ୍ରକୁ ଜିଲ୍ଲା ପ୍ରଶାସନ ନିଜ ୱେବ୍‌ସାଇଟ୍ ଓ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିବେ। ସେହିପରି ମିଶନ୍ ଶକ୍ତି, ପଞ୍ଚାୟତିରାଜ, ମହିଳା ଓ ଶିଶୁ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ର ସ୍ତରୀୟ ଅଧିକାରୀମାନେ ନବୀନ କାର୍ଡ ସମ୍ପର୍କରେ ପ୍ରଚାର ପ୍ରସାର କରିବେ। ପ୍ରଚାର କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନକୁ ୧ ଲକ୍ଷ ଟଙ୍କା ମିଳିବ। ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ ଅଧିକ ଅର୍ଥ ଖର୍ଚ୍ଚ କରିପାରିବେ ଏବଂ ପରେ ଏହା ଷ୍ଟେଟ୍ ହେଲଥ୍ ଆସ୍ୟୁରାନ୍ସ ସୋସାଇଟି ପକ୍ଷରୁ ଭରଣା କରାଯିବ।

ବିଏସ୍‌କେୱାଇ ନବୀନ କାର୍ଡରେ ପଞ୍ଜୀକରଣ ନିମନ୍ତେ ଗ୍ରାମାଞ୍ଚଳରେ ବସବାସ କରିବା ଜରୁରୀ। ପରିବାରର କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦେଇ ନ ଥିବେ। କୌଣସି ସଦସ୍ୟ ନିୟମିତ ସରକାରୀ କର୍ମଚାରୀ କିମ୍ବା ଅବସରପ୍ରାପ୍ତ ପେନସନ୍‌ଭୋଗୀ ହୋଇ ନ ଥିବା ଜରୁରୀ। ନବୀନ କାର୍ଡ ପରିବାରର ମୁଖ୍ୟଙ୍କ ନାମରେ ପଞ୍ଜୀକରଣ ହେବ। ଗୋଟିଏ ପରିବାରର ୧୮ ବର୍ଷରୁ ଉଦ୍ଧ୍ୱର୍ ବ୍ୟକ୍ତି ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଆବେଦନ କରିପାରିବେ। ଦରଖାସ୍ତକାରୀଙ୍କ ଆଧାର ଭିତ୍ତିକ ଇ-କେୱାଇସି ବାଧ୍ୟତାମୂଳକ ହେବ। ସମସ୍ତ ସଦସ୍ୟଙ୍କ ଭୋଟ ପରିଚୟପତ୍ର ଥିବା ଜରୁରୀ। ୫ ବର୍ଷରୁ କମ୍ ପିଲାଙ୍କ ଆଧାର କାର୍ଡ ଥିବା ଜରୁରୀ। ଯଦି ଏହା ନଥାଏ ତା ହେଲେ ୩୦/୬/୨୦୨୪ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର କାର୍ଡ ଦାଖଲ କରିବା ପାଇଁ ଆବେଦନକାରୀ ପ୍ରତିଜ୍ଞା ପତ୍ର (ଅଣ୍ଡରଟେକିଂ) ଦେବେ।

### ୫ କୋଟି ଟଙ୍କା...

କରାଯାଇଥିଲା। ଦିଲ୍‌ବାଗଙ୍କ ସମ୍ପର୍କୀୟଙ୍କ ଯମୁନାନଗର, ସୋନିପତ, ମୋହାଲୀ, ଫରିଦାବାଦ, ଚଣ୍ଡିଗଡ଼ ଏବଂ କର୍ଣ୍ଣାଲରେ ଥିବା ପ୍ରାୟ ୨୦ ଠିକଣାରେ ଚଢ଼ଉ ଚାଲିଛି। ୨୦୧୩ରେ ଏହି ମାମଲା ରୁଜୁ ହୋଇଥିଲା। ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ଙ୍କ କଟକଣା ପରେ ବି ଏମାନେ ଯମୁନାନଗର ଏବଂ ଏହାର ଆଖପାଖରେ ଖଣି ଖନନ କରି କୋଟି କୋଟି ଟଙ୍କା ହଡ଼ପ କରି ନେଇଥିଲେ। ବିଧାୟକ ଠକେଇ ପାଇଁ 'ଇ-ରାବଣା' ପୋର୍ଟାଲ ମଧ୍ୟ ଚଳାଇ ଥିଲେ। ଏହା ମାଧ୍ୟମରେ ଜାଲ୍ ବିଲ୍ ବାହାର କରୁଥିଲେ।

ଅନ୍ୟପକ୍ଷରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଦିଲବାଗ ସିଂହଙ୍କ ବିରୋଧରେ ଯମୁନାନଗରର ଖିଜରାବାଦ ଥାନାରେ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଇଡି ଟିମ୍ ବ୍ୟାଗ୍ ଭର୍ତ୍ତିକରି ନିଜ ସାଙ୍ଗରେ ନେଇଯାଇଛି। ଦିଲବାଗ ସିଂହ ହରିୟାଣାର ଆଞ୍ଚଳିକ ଦଳ ଆଇଏନ୍‌ଏଲ୍‌ଡି ନେତା ଅଭୟ ଚୌତାଲାଙ୍କ ସମୁଦି। ପ୍ରାୟ ୪ ବର୍ଷ ତଳେ ଦିଲବାଗଙ୍କ ଝିଅକୁ ଅଭୟଙ୍କ ପୁଅ ଅର୍ଜୁନ ବିବାହ କରିଥିଲେ। ଦିଲବାଗ ୨ ଥର ଆଇଏନଏଲ୍‌ଡିରୁ ବିଧାୟକ ହୋଇଥିଲେ।

### ଆଜିଠୁ ବୁଲିବ...

କରାଯିବ। ଶ୍ରୀ ଜଗନ୍ନାଥ ସଂସ୍କୃତି ଆମ ଜାତିର ଅବିଚ୍ଛେଦ୍ୟ ଅଙ୍ଗ ଭାବନାକୁ ଏ ସବୁ କାର୍ଯ୍ୟକ୍ରମ ଜରିଆରେ ରୁଦ୍ଧିମନ୍ତ କରାଯିବ। ସଂଗୃହୀତ ଗୁଆ ଓ ଚାଉଳକୁ ଗ୍ରାମରେ ଥିବା ଏକ ମନ୍ଦିରରେ ରଖାଯିବା ଓ ପରବର୍ତ୍ତୀ ସମୟରେ ତାହାକୁ ପୁରୀ ଅଣାଯିବ। ସେହିପରି ୧୭ ତାରିଖ ଦିନ ଲୋକାର୍ପଣ ଉତ୍ସବକୁ ଗ୍ରାମବାସୀ ଯେପରି ଦେଖିପାରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବଡ଼ ଏଲ୍‌ଇଡି ସ୍କ୍ରିନ୍ ଜରିଆରେ ସିଧା ପ୍ରସାରଣ ବ୍ୟବସ୍ଥା ହେବ। ପର୍ଯ୍ୟାୟକ୍ରମେ ଲୋକଙ୍କୁ ବ୍ଲକ୍‌ରୁ ପୁରୀ ଅଣାଯିବ। ଏସବୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ସେହିପରି ବ୍ଲକ୍‌ରୁ ଲୋକଙ୍କୁ ପୁରୀ ନେବା ଆଣିବା ପାଇଁ ୩୦ ଜିଲ୍ଲାକୁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ୩୧୪ ବ୍ଲକ୍‌ରେ ୬୭୯୪ ପଞ୍ଚାୟତ ପାଇଁ ଏହି ପାଣ୍ଠି ମଞ୍ଜୁର କରାଯାଇଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ପାଣ୍ଠିରୁ ଅର୍ଥ ବିନିଯୋଗ କରାଯିବ। ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପଞ୍ଚାୟତ ସହିତ ସହରାଞ୍ଚଳରେ ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ପାରମ୍ପାରିକ କାର୍ଯ୍ୟକ୍ରମ ୱାର୍ଡ ସ୍ତରରେ ଆୟୋଜନ କରାଯିବ। ଗ୍ରାମାଞ୍ଚଳ ପରି ସହରାଞ୍ଚଳର ସବୁ ୱାର୍ଡରେ ପ୍ରତି ପରିବାର ଠାରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବ (ଜାନୁଆରୀ ୬-୧୫)। ଏଠାରେ ମଧ୍ୟ ସ୍ଥାନୀୟ ମନ୍ଦିରରେ ସଂଗୃହୀତ ଚାଉଳ ଓ ଗୁଆ ରଖାଯିବ ଓ ପରେ ପୁରୀ ଅଭିମୁଖେ ପ୍ରେରଣ କରାଯିବ। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରଥ ପ୍ରତି ଏନ୍‌ଏସି, ମ୍ୟୁନିସିପାଲିଟି, ମହାନଗର ନିଗମ ଅଞ୍ଚଳରେ ବୁଲିବ। କାର୍ଯ୍ୟକ୍ରମ ଆୟୋଜନ ବାବଦରେ ଏନ୍‌ଏସିର ପ୍ରତି ୱାର୍ଡକୁ ୧ ଲକ୍ଷ, ମ୍ୟୁନିସିପାଲିଟିରେ ଥିବା ପ୍ରତି ୱାର୍ଡ ପାଇଁ ୨ ଲକ୍ଷ ଏବଂ ମହାନଗର ନିଗମ ଅଞ୍ଚଳରେ ପ୍ରତି ୱାର୍ଡ ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏପରି ଭାବେ ସମୁଦାୟ ୪୦ କୋଟି ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର ସଂସ୍ଥା ମାନଙ୍କ ଜରିଆରେ ୱାର୍ଡ ଏବଂ ପୌରାଞ୍ଚଳରେ ଲୋକାର୍ପଣ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବା ଲାଗି ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ କମିଶନର ଏବଂ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ପୂରା ପ୍ରକ୍ରିୟା ପରିଚାଳିତ ହେବ।


**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

**AFFIDAVIT**
By virtue of an affidavit before the Notary Public, Sukinda, Jajpur, Odisha, I Basant Patra S/o-Late Sudarshan Patra , R/o-At-Jodabar, PO-F.C. Project, PS-Jajpur Road, Dist-Jajpur, Odisha. Declare by this affidavit No.68AA 849261 dated - 04/01/2024 that now onwards I shall be known as BASANT KUMAR PATRA for all future purposes.

**AFFIDAVIT**
By virtue of an affidavit before the Executive Magistrate, Bargarh, Odisha, I Prasanta Kumar Atibudhi S/o-Padmanava Mohanty, R/o-Matiapada, PO-Maniabandha, PS/Tahsil-Baramba, Dist-Cuttack, Odisha. Declare by this affidavit No.33AA 200196 dated - 21/03/2016 that now onwards I shall be known as PRASHANT MOHANTY for all future purposes.

**AFFIDAVIT**
By virtue of an affidavit before the Notary Public, Bhubaneswar, Odisha, I Sabita Pradhan W/o-Ashok Kumar Pradhan , R/o-HIG-11, Sailashree vihar, PO-Sailashree vihar, PS-Chandrasekharpur,Bhubaneswar, Dist-Khurda, Odisha-751021. Declare by this affidavit No.13AA 969445 dated - 29/07/2011 that now onwards I shall be known as SABITA PATNAIK for all future purposes.

**AFFIDAVIT**
I, Monisha Nanda, W/o-Shatrujit Nanda, resident of AT-N-1/114, IRC Village, Nayapalli, Bhubaneswar, PS-Nayapalli, Dist-Khordha Pini-751015, Odisha declare by this affidavit No.19, dtd-04/01/2024, that now onwards I shall be known as MONISHA SAHU for all future purposes.

CAD-3575
**DISTRICT URBAN DEVELOPMENT AGENCY, PURI**
**H&UD Department, Govt. of Odisha**
Sealed quotations in Plain Paper (Official Letter Pad) are invited from authorized dealers/suppliers for supply of different items to be used in the Aahaar Outlets of Puri District.
The last date of submission of quotation is dt.11.01.2024, Time- 3:00 PM through Speed Post/ Registered Post/Courier only.
The details can be viewed in the District website www.puri.nic.in from 04.01.2024 onwards.
Sd/- Project Director, DUDA, Puri
OIPR-13190/11/0002/2324

**OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL**
At/PO/Dist - Balangir, PIN - 767001 (Odisha)
E-mail: gmchospitalbalangir1@gmail.com
Letter No.121/Estt (BBMC&H)24 / Balangir Date: 05.01.2024
Corrigendum Notice
E-708: With reference to tender advertisement No.9503/Estt. (BBMC&H)/23 dtd. 14.12.2023 issued by this office on dt.14.12.2023, all bidders are hereby informed that below mentioned some changes have been made in the terms & conditions in the tender document for the Tender for "Supply of Reagents and Chemicals for Sickle Cell Thalassemia & Haemoglobinopathy" to BBMC&H, Balangir as follows:-
1. The last date of tender submission has been extended for another 7 days. The revised last date for the submission of tenders is 11.01.2024, and the opening of technical and financial bids will be done on 12.01.2024.
Superintendent, Bhima Bhoi Medical College & Hospital, Balangir
OIPR-10141/11/0025/2324

O-2120
**OFFICE OF THE EXECUTIVE ENGINEER RURAL WORKS DIVISION, MOHANA**
No. 47 OFFICE ORDER Dt. 02.01.2024
The tender for the work Construction of Day care sub-centre cum HWC Sub-centre at Liligada for the year 2023-24, invited vide this office Online Tender Bid Identification No. 11/MOHANA/2023-24 is hereby cancelled, as out of 2 nos bidder, 1 no bidder did not furnish the scan copy of an agreement (Notarised) executed between the registered Electrical Contractor which was bound to produce during tendering & the tender became first time single tender.
Sd/- Executive Engineer, RW Division, Mohana
OIPR-25148/11/0025/2324

**OFFICE OF THE NIMAPARA NOTIFIED AREA COUNCIL**
At/Po/Ps.: Nimapara, Dist.- Puri, Odisha, Pin-752106
Email: nimapadanac@gmail.com, web: www.nimaparanac.in, Ph./Fax: 06758-250229
Notice No. 24 Dt. 03.01.2024
C-2268
ସର୍ବସାଧାରଣ ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଇଲାକାର ବୁକ୍ ଛକ, ୱାର୍ଡ ନଂ.-୦୪ ଓ ଡେଲ୍ଟା ଛକ, ୱାର୍ଡ-୧୧ର ଯଥାକ୍ରମେ, ୧୮(ଅଠର) ଓ ୦୯ (ନଅ) ଗୋଟି ନୂତନ ଭେଣ୍ଡିଙ୍ଗ ଗୃହ ଆବଣ୍ଟନ ପରିଷଦଙ୍କ ନିର୍ଦ୍ଧାରିତ ମାର୍ଗଦର୍ଶକ ମୁତାବକ କରାଯିବ। ଆବେଦନକାରୀ ପରିଷଦ କାର୍ଯ୍ୟାଳୟେ ଟ.୫୦/- ଙ୍କା ଦାଖଲ କରି ନିର୍ଦ୍ଧାରିତ ଫର୍ମରେ ତା.୦୪.୦୧.୨୦୨୪ରିଖ ରୁ ୧୮.୦୧.୨୦୨୪ରିଖ ମଧ୍ୟରେ (ସରକାରୀ କାର୍ଯ୍ୟ ଦିବସ ମଧ୍ୟରେ) ସର୍ତ୍ତାବଳୀ ଓ ଯୋଗ୍ୟତା ମୁତାବକ ଆବଶ୍ୟକୀୟ କାଗଜାତ ସଂଲଗ୍ନ କରି ଆବେଦନ କରିପାରିବେ। ଧାର୍ଯ୍ୟ ମିଆଦ ପୂର୍ବରୁ ଅଥବା ଧାର୍ଯ୍ୟ ମିଆଦ ପରେ ହସ୍ତଗତ ହୋଇଥିବା କୌଣସି ଦରଖାସ୍ତ ବିଚାରକୁ ନିଆଯିବନାହିଁ।
କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡା
OIPR-13112/11/0008/2324

**OFFICE OF THE MUNICIPAL COUNCIL, MALKANGIRI**
Odisha,Pin-764045, Ph.: 06861-230244, email: eomalkangiri@gmail.com
Lt. No. 21/Dev/2024 e-NOTICE Dated 02.01.2024
BID IDENTIFICATION No. EOMKG/08/2023-24
The Executive Officer, Malkangiri Municipality, Malkangiri on behalf of Governor of Odisha invites for bidders of eligible class registered with any State Govt. and bidders of equivalent grade/ class registered with central Govt./ PSU / MES / Railways according to norm of e-procurement system in online mode for the work as per DTCN.
1. Name of the Work :- As per DTCN
2. Number of Work :- 13 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10 hours of Dt. 04/01/2024 to 17 hours of Dt. 11/01/2024
6. Last date and time for receipt of Bid in the Portal :- 17 hours of Dt. 11/01/2024
7. The bid received online shall be opened on 11 hours of dtd. 12/01/2024
8. Name and Address of the Officer inviting Bid: Executive Officer, Malkangiri Municipality.
Further details can be seen from the Procurement Portal: www.tendersodisha.gov.in
Executive Officer, Malkangiri Municipality
OIPR-13125/11/0024/2324 C-2270

CAD-3579 Email ID : secretarysdasbp@gmail.com
GOVERNMENT OF ODISHA
SAMBALPUR DEVELOPMENT AUTHORITY, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SDASBP- 07 /2023-24 Dt. 04.01.2024
01. Name of the Work : 1 No. Work
02. Type of Bid : Single Bid System
03. Estimated Cost : Rs. 22.78 lakhs
04. Period of Completion : 4 (Four Months)
05 Class of Contractor : 'C' Class or equivalent
06. Date & Time of availability of bid document in the portal : From 11.00 AM of dt.10.01.2024 to 5.00 PM of 22.01.2024
07. Last date / time of receipt of bids in the portal : 5.00 PM of 22.01.2024
08. Date & Time of opening of Bids : At 11.00 AM of 24.01.2024
09 Name and Address of the Officer Inviting Bid : Engineer Member, Sambalpur Development Authority, SMC & SDA Office building, Durgapali, Dist- Sambalpur-768 006.
Further details can be seen from the web site www.tendersodisha.gov.in
Engineer Member, SDA, Sambalpur
OIPR-13240/11/0012/2324

**OFFICE OF THE DEPUTY DIRECTOR OF TEXTILES, CUTTACK**
PP-76
At- Jagatpur (Near Sub-Registrar Office) PO- Jagatpur, Dist.Cuttack, PIN-754021
Tele / Fax – (0671) 2919133 Email – ddtex-cuttack@gov.in
Tender Call Notice
Bid Reference No. 5195 /DDTEX,CTC, Dated, 30.12.2023 /
Bids in sealed cover are invited under two-bid system from reputed and experienced manpower service provider for providing services of the Technical &Administrative personnel for office of the Deputy Director of Textiles, Cuttack for a period of one year. The details of the bidding process are as follows :

| Sl.No. | Bidding Schedule | Deadline |
|---|---|---|
| 1 | Date of Issue | 30.12.2023 |
| 2 | Bid Due Date and Time | 22.01.2024 by 5.30 PM |
| 3 | Opening of Technical Bid | 24.01.2024 at 11.30 AM |
| 4 | Opening of Financial Bid | 25.01.2024 at 11.30 AM |

Bidders are required to submit the Technical and Financial bids separately. The bids in sealed Cover-I containing "Technical Bid" and sealed cover-II containing "Financial Bid" should be placed in a third sealed cover super scribed " Bid for Outsourcing of manpower services" must reach the undersigned on or before 22.01.2024 by Speed Post/Registered Post/Courier only.
The bid documents containing eligibility criteria, scope of the work, terms & conditions of the tender and draft agreement can be downloaded from the website "cuttack.nic.in"
Complete Address for submission of Bid
The Deputy Director of Textiles, At -Jagatpur (Near Sub-Registrar Office)
PO- Jagatpur, Dist- Cuttack- 754021
S/d- Deputy Director of Textiles, Cuttack
OIPR-31035/11/0002/2324

O-2100 ☎ 06670-235504
E_Mail: serwbpt@yahoo.com
GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS, CIRCLE, BHAWANIPATNA
*********
Bid identification No.- BPT/Online-44/2023-24 Date-03.01.2024
NOTICE INVITING TENDERS FOR BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement
1. Name of the Work : Construction of Bridge Works in the District of Kalahandi.
2. No of Works : 01 No.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 08.01.2024 11.00 A.M. | 24.01.2024 5.00 P.M. | 22.01.2024 | 25.01.2024 at 11.00 A.M. |

Further details can be seen from the web site "www.tendersorissa.gov.in."
Chief Construction Engineer, Rural Works Circle, Bhawanipatna
OIPR-25102/11/0060/2324

‘ଅ’ ଠାରୁ ‘କ୍ଷ’ ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ



ସକାଳ
THE SAKALA

## ଭାରତର ବିକାଶକୁ ଚୀନ ଗଣମାଧ୍ୟମର ପ୍ରଶଂସା

# ଲଙ୍କାରେ ହରିଶବ୍ଦ!

ଚୀନ୍ ସରକାରଙ୍କ ମୁଖପତ୍ର ‘ଗ୍ଲୋବାଲ ଟାଇମ୍ସ’ରେ ପ୍ରଥମଥର ଭାରତ ସମ୍ପର୍କରେ ଏକ ଅତିପ୍ରଶଂସାମୂଳକ ଲେଖା ପ୍ରକାଶ ପାଇଛି। ‘ପିପୁଲ୍ସ ଡେଲି’ ପରେ ଏହା ସେ ଦେଶର ଦ୍ୱିତୀୟ ପ୍ରଭାବଶାଳୀ ଓ ଲୋକପ୍ରିୟ ସରକାରୀ ଖବରକାଗଜ। ଏମିତି ଦେଖିଲେ ତ କମ୍ୟୁନିଷ୍ଟ ଚୀନ୍‌ରେ ଗଣମାଧ୍ୟମର ସ୍ୱାଧୀନତା ଓ ଲୋକଙ୍କର ମୁକ୍ତ ମତ ପ୍ରକାଶର ଅଧିକାର ନାହିଁ। ତେଣୁ ସବୁ ଗଣମାଧ୍ୟମ ସରକାରୀ ନିର୍ଦ୍ଦେଶ ଓ ନୀତିରେ ପରିଚାଳିତ। ତଥାପି ତା’ ଭିତରେ କେତେକ ପ୍ରମୁଖ ଖବରକାଗଜ ସରକାରଙ୍କ ମୁଖପତ୍ର ଭାବେ କାମ କରନ୍ତି। ଏଭଳି ସ୍ଥିତିରେ ଭାରତର ଜଣାଶୁଣା ବିରୋଧୀ ଓ ଅନ୍ୟତମ ଶତ୍ରୁ ରାଷ୍ଟ୍ର ଭାବେ ବିବେଚିତ ଚୀନ୍‌ର ଏହି ସରକାରୀ କାଗଜରେ ଭାରତର ପ୍ରଶଂସା ପଛର କାରଣ କ’ଣ ହୋଇପାରେ, ତାହା ନିର୍ଣ୍ଣୟ କରିବା ସହଜ ନୁହେଁ।

ଗ୍ଲୋବାଲ୍ ଟାଇମ୍ସର ସମ୍ପାଦକୀୟ ପୃଷ୍ଠାର ବିପରୀତ ପୃଷ୍ଠାରେ ଝାଙ୍ଗ୍ ଜିଆଡଙ୍ଗ ନାମକ ଜଣେ ବ୍ୟକ୍ତି ଏହି ଲେଖାଟି ଲେଖିଛନ୍ତି। ଏ ମହାଶୟ ସାଧାରଣ ମଣିଷ କିମ୍ବା ଜଣେ ସାମ୍ବାଦିକ ନୁହନ୍ତି। ସେ ଚୀନ୍‌ର ଫୁଡାନ ବିଶ୍ୱବିଦ୍ୟାଳୟର ଦକ୍ଷିଣ-ଏସିଆ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ। ସେ ତାଙ୍କ ଲେଖାରେ ଭାରତର ଉଲ୍ଲେଖନୀୟ ଅର୍ଥନୈତିକ ବିକାଶ, ସାମାଜିକ ଶାସନ ଓ ବୈଦେଶିକ ନୀତିରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଗତିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଭାରତ ନିଜ ସ୍ୱାର୍ଥ ସାଧନ ପାଇଁ ଆଉ ଆଗ ଭଳି ସାଂସ୍କୃତିକ ପରମ୍ପରାକୁ କେବଳ ଗୋଟିଏ ମାର୍ଗ ଭାବେ ବ୍ୟବହାର କରୁନାହିଁ। ଭାରତ ବିଭିନ୍ନ ଉପାୟରେ ନିଜର ବିକାଶମାତ୍ରାକୁ ତ୍ୱରାନ୍ୱିତ କରି ନିଜକୁ ଏକ ମହାନ ଶକ୍ତି ଭାବେ ପ୍ରତିପାଦିତ କରିପାରିଛି।

ଭାରତ ଇତିମଧ୍ୟରେ ଅର୍ଥନୈତିକ ବିକାଶ, ସାମାଜିକ ଶାସନ ବ୍ୟବସ୍ଥା, ଏକ ମହାନ ଶକ୍ତିରେ ପରିଣତ ହେବା ପାଇଁ ଉପଯୁକ୍ତ ରଣନୀତି ଆପଣାଇବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ଏବଂ ନିଜର ସ୍ୱପ୍ନକୁ ସାକାର କରିବାରେ ସଫଳ ହୋଇଛି। ବିଶେଷକରି ବିଗତ ଚାରିବର୍ଷ ମଧ୍ୟରେ ଭାରତ ସବୁକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରି ବିଶ୍ୱରେ ଏକ ପ୍ରମୁଖ ଶକ୍ତି ଭାବେ ଆତ୍ମପ୍ରକାଶ କରିଛି ବୋଲି ଜିଆଡଙ୍ଗ ଲେଖିଛନ୍ତି। ସେ ସ୍ପଷ୍ଟଭାବେ ଲେଖିଛନ୍ତି ଯେ ଭାରତର ଅର୍ଥନୀତି ଠିକ୍ ବାଟରେ ଗତି କରି ବିଶ୍ୱର ଅନ୍ୟତମ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି। ଚୀନ୍ ସହିତ ଭାରତର ଯେଉଁ ବାଣିଜ୍ୟ ନିଅଣ୍ଟ ବଢୁଥିଲା ତାହାକୁ ହ୍ରାସ କରିବା ପାଇଁ ନୂଆଦିଲ୍ଲୀ କର୍ତ୍ତୃପକ୍ଷ ବିବ୍ରତ ନ ହୋଇ ଧୀର ନିଶ୍ଚିତ ଢଙ୍ଗରେ ପଦକ୍ଷେପ ନେଇଛନ୍ତି। ଚୀନ୍‌କୁ ରପ୍ତାନି ବଢ଼ାଇବା ସହ ସେ ଦେଶରୁ ଆମଦାନୀ ହ୍ରାସ କରିବାରୁ ଏହି ବାଣିଜ୍ୟ ନିଅଣ୍ଟ ବ୍ୟବଧାନ କମିଛି। ବାଣିଜ୍ୟ ସମତା ରକ୍ଷା କ୍ଷେତ୍ରରେ ଏହା ଏକ ସଫଳ ପଦକ୍ଷେପ।

ଜିଆଡଙ୍ଗଙ୍କର ଭାରତ ବିଷୟରେ କିଛି ସ୍ପଷ୍ଟ ଧାରଣା ଓ ଅନୁଭୂତି ରହିଛି। ସେ ବାଣିଜ୍ୟ ସଦସ୍ୟ ମଣ୍ଡଳୀର ସଭ୍ୟ ଭାବେ ଭାରତ ଆସି ଏଠାକାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଅନ୍ୟାନ୍ୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭାରତ ଏସବୁ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିବା ସହ ଅତ୍ୟନ୍ତ ଦକ୍ଷତାର ସହ ବିକାଶର କାହାଣୀ ତିଆରି କରିଛି। ସେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଦେଶନୀତିର ଉଚ୍ଚ ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି ଯେ ଭାରତ ବିବିଧଗୋଷ୍ଠୀଭିତ୍ତିକ ସମ୍ପର୍କକୁ ଗୁରୁତ୍ୱ ଦେଇ ବିକଶିତ, ବିକାଶଶୀଳ ଓ ସ୍ୱଳ୍ପ ବିକଶିତ ରାଷ୍ଟ୍ରଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରିଛି। ଆମେରିକା, ଜାପାନ, ରୁଷିଆ ସମେତ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଦେଶ ସହିତ ଭାରତର ସମ୍ପର୍କ ଓ ନିବିଡ଼ତା ବଢ଼ିଛି। ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ରୁଷିଆ-ଆମେରିକା ସହିତ ସମ୍ପର୍କର ସମୀକରଣକୁ ବଜାୟ ରଖିବାକୁ ଚେଷ୍ଟା କରି ଭାରତ ଯେଉଁ ରାଜନୈତିକ ଓ କୂଟନୈତିକ ବାମନ ଭାବେ ଦୀର୍ଘକାଳ ରହିଯାଇଥିଲା, ଏବେ ସେ ସ୍ଥିତି ନାହିଁ। ଭାରତ ସରକାରଙ୍କ କୌଶଳାତ୍ମକ ବୈଦେଶିକ ରଣନୀତି ଏଥିରେ ଏକ ବିରାଟ ପରିବର୍ତ୍ତନ ଆଣି ଦେଶକୁ ବିଶ୍ୱର ଏକ ପ୍ରମୁଖ ଶକ୍ତିରେ ପରିଣତ କରିଛି। ଏବେ ଭାରତ ଆର୍ଥିକ, ରାଜନୈତିକ, ସାଂସ୍କୃତିକ ଦୃଷ୍ଟିରୁ ଅବଶିଷ୍ଟ ବିଶ୍ୱର ଏକ ଦିଗଦର୍ଶକ ଓ ପରାମର୍ଶଦାତା ପାଲଟିଛି।

ଭାରତ ସର୍ବଦା ନିଜକୁ ଏକ ବିଶ୍ୱଶକ୍ତି ଭାବେ ବିଚାର କରେ। ତେବେ ବିଗତ ୧୦ ବର୍ଷ ମଧ୍ୟରେ ଭାରତ ତାହାର ମଲ୍ଟି ବାଲାନ୍ସିଂ (ବିବିଧ ଭାରସାମ୍ୟ) ନୀତିକୁ ପରିହାର କରି ମଲ୍ଟି ଆଲାଏନମେଣ୍ଟ ବା ବହୁଗୋଷ୍ଠୀକ କରିପାରିଛି। ଏହା ଏକ ଚତୁର ଓ ବାସ୍ତବବାଦୀ ପଦକ୍ଷେପ, ଯାହା ଫଳରେ ବିଶ୍ୱରେ ଭାରତର ପତିଆରା ବଢ଼ିଛି ବୋଲି ସେ ଲେଖିଛନ୍ତି। ଶେଷରେ ସେ କହିଛନ୍ତି ଯେ ଏହି ଚାରିପାଞ୍ଚ ବର୍ଷ ମଧ୍ୟରେ ଭାରତ ବିଭିନ୍ନ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି କରି ବିଶ୍ୱ ଦରବାରରେ ଅଧିକ ମଜବୁତ ଓ ନିଜକୁ ଜାହିର କରିବା ସ୍ଥିତିରେ ପହଞ୍ଚିଛି। ସାମରିକ, ଆର୍ଥିକ ଓ ରାଜନୈତିକ ବଳ ଦ୍ୱାରା ଭାରତ ମଧ୍ୟ ଏକ ନୂଆ ଭୂ-ରାଜନୈତିକ ରାଷ୍ଟ୍ରରେ ପରିଣତ ହୋଇଛି, ଯାହାର ଶକ୍ତି, ସାମର୍ଥ୍ୟ ଓ ପ୍ରଭାବକୁ ଅନ୍ୟ ଦେଶ ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି।

ଭାରତର ଛାଇ ପଡ଼ିଲେ ଚୀନ୍‌ର ଲାହି ଡିଏଁ। ଏହାର କାରଣ ହେଲା ଭାରତର ବିକାଶକୁ ବେଜିଂ ସରକାର ସହ୍ୟ କରିପାରନ୍ତି ନାହିଁ। କିନ୍ତୁ ଚୀନ୍‌ର ସକଳ ବିରୋଧ ଓ ପ୍ରତିକୂଳ ମନୋଭାବ ସତ୍ତ୍ୱେ ଭାରତ ନିଜକୁ ବିଶ୍ୱ ଦରବାରରେ ଏକ ଶକ୍ତି ଭାବେ ପ୍ରତିପାଦିତ କରିବା ନିଶ୍ଚିତ ସେଠାକାର କମ୍ୟୁନିଷ୍ଟ ସରକାରଙ୍କ ପାଇଁ ଏକ ବିରାଟ ପରାଭବ। ଯାହା ସତ୍ୟ ତାହା ସେ ଦେଶର ବୁଦ୍ଧିଜୀବୀ ଓ ବିଶେଷଜ୍ଞଙ୍କୁ ଜଳ ଜଳ ଦେଖାଯାଉଛି। ତେବେ ଜିଆଡଙ୍ଗଙ୍କ ଏହି ଆଲୋଚନା ବା ଲେଖା ବୌଦ୍ଧିକ ବିଚାର ପାଇଁ ଅଧିକ ଉପଯୋଗୀ ହେଉଥିଲେ ମଧ୍ୟ ଏଥିରେ ଭାରତର ପ୍ରଶଂସା ସ୍ପଷ୍ଟ ଭାବେ ରହିଛି। ଚୀନ୍ ସରକାରଙ୍କ ଅନୁମତି ଓ ଅନୁମୋଦନ ବିନା ଏହା ଗଣମାଧ୍ୟମରେ ସ୍ଥାନ ପାଇବା ସହଜ କଥା ନୁହେଁ। ଏହା ଲଙ୍କାରେ ହରି ଶବ୍ଦ ପରି ଲାଗିବା ସ୍ୱାଭାବିକ।

ମନେ ହେଉଛି ଚୀନ, ଭାରତର ଗତିବିଧି ଓ ବିକାଶ ଧାରାକୁ ଅତି ନିବିଡ଼ ଭାବେ ନିରୀକ୍ଷଣ କରୁଛି ଏବଂ ସେଥିରୁ କିଛି ଶିଖିବାକୁ ଚାହୁଁଛି। ଚୀନ୍ ଅନ୍ୟର ସଫଳତାରୁ ବେଶ ଭଲ ଶିଖେ। ଏହାର ବିକାଶ ପ୍ରଭାବ ଓ ପ୍ରତିଷ୍ଠା ସତ୍ତ୍ୱେ ଭାରତ ଭଳି ଏକ ଟାଣୁଆ ଏସୀୟ ଓ ଉଦୀୟମାନ ବିଶ୍ୱ ଶକ୍ତିଠାରୁ କିଛି ଶିଖିବାକୁ ଚାହିଁବାରେ ଚୀନ୍ କାର୍ପଣ୍ୟ ହେବ ନାହିଁ। ତେଣୁ ନିଜ ଦେଶ ପାଇଁ ଭାରତୀୟ ବିକାଶ ମଡେଲକୁ ଏକ ଉଦାହରଣ ରୂପେ ଉପସ୍ଥାପନ କରିବାକୁ ଚାହୁଁଥିବା ଚୀନ୍ ସରକାର ହୁଏତ ଏଭଳି ଲେଖାକୁ ଛାପିବାକୁ ଅନୁମତି ଦେଇ ପାରିଥା’ନ୍ତି। ମନ୍ଥର ହୋଇ ପଡ଼ିଥିବା ଚୀନ୍ ଅର୍ଥନୀତିକୁ ସୁଧାରିବା ପାଇଁ ଏହା ଏକ ଶିକ୍ଷଣୀୟ କସରତ ହୋଇପାରେ।

# କାହାକୁ କହିବା...



ଡ. ଅଭିମନ୍ୟୁ ବରାଳ
ପୁରୀ, ମୋ: ୯୯୩୭୮୩୫୨୩୦

ଆମ ମାତୃଭାଷା ଓ ଆମ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ। ଯେଉଁ ଭାଷାରେ ଜନ୍ମ ନେଇଥିଲେ ଆଦି କବି ସାରଳା ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, କଲ୍ଲୋଳ କବି ଦୀନକୃଷ୍ଣ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ରଜନାଥ ବଡ଼ଜେନା, ବିଦଗ୍ଧ କବି ଅଭିମନ୍ୟୁ, କବିସୂର୍ଯ୍ୟ ବଳଦେବ ରଥ ଓ ଉତ୍କଳ ଘଣ୍ଟ ଯଦୁମଣିଙ୍କ ଭଳି ମହାକବିମାନେ। ଯେଉଁମାନଙ୍କ ସୃଷ୍ଟି ସମ୍ଭାରରେ ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାର ହୋଇଛି ଅତ୍ୟନ୍ତ ଋଦ୍ଧିମନ୍ତ। ଏମାନେ ସମସ୍ତେ ଉତ୍କଳ ସାହିତ୍ୟ ଗଗନର ଏକ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ। ତେଣୁ ଓଡ଼ିଆ ଭାଷା ସାହିତ୍ୟ ବହନ କରିଛି ଅତ୍ୟନ୍ତ ଆଭିଜାତ୍ୟର ସଂକେତ। କିନ୍ତୁ ଆଧୁନିକ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଆମ ଆଭିଜାତ୍ୟସମ୍ପନ୍ନ ଏହି ଶାସ୍ତ୍ରୀୟ ଭାଷାର ଗୌରବକୁ ଆମେ ହିଁ କ୍ଷୁଣ୍ଣ କରିଚାଲିଛୁ। ଅନେକ ବୈଦେଶିକ ଓ ଯାବନିକ ଭାଷା ଓ ଶବ୍ଦ ଦ୍ୱାରା ଆମ ମାତୃଭାଷା ଏବେ ଏକପ୍ରକାର ପ୍ରଦୂଷିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ଉଦାହରଣ ତ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଅନେକ। ତଥାପି ପ୍ରାସଙ୍ଗିକତା ଦୃଷ୍ଟିରୁ ପାଠକ/ପାଠିକାମାନଙ୍କ ଅବଗତ ନିମନ୍ତେ ମୋ ଅଙ୍ଗେନିଭା କେତୋଟି ଘଟଣାର ଅବତାରଣା କରୁଛି।

ନିକଟରେ ମୁଁ ବସ୍‌ରେ ଯାଉଥିବାବେଳେ ଏକ ଅସ୍ୱାଭାବିକ ଘଟଣାକୁ ସାମ୍ନା କଲି। ଯାତ୍ରୀମାନଙ୍କଠାରୁ ବସ୍ ଭଡ଼ା ଆଦାୟ କରିବା ପାଇଁ ନିଯୁକ୍ତ ବ୍ୟକ୍ତିଜଣକ ଜନୈକା ଭଦ୍ର ମହିଳାଙ୍କୁ କହିଲେ- ‘ମାଉସୀ, ଟିକେ ପଛକୁ ଆସନ୍ତୁ, ଠିଆ ହେବାକୁ ସୁବିଧା ହେବ। ସେଠାରେ ଆପଣ ବହୁତ ଭିଡ଼ରେ କାହିଁକି ଠିଆ ହେବେ?’ ତା’ପରେ ଭଦ୍ରମହିଳା ଯାହା କହିଲେ ଆମେ ସମସ୍ତେ ସ୍ତବ୍ଧ ହୋଇଗଲୁ। ସେ କହିଲେ- ‘ହଇରେ ମୁଁ କ’ଣ ତୋ ମାଆର ଭଉଣୀ?, ତୋ ବାପର ଶାଳୀ? ମୋତେ ମାଉସୀ କହୁଛୁ? ବ୍ୟବହାର ଶିଖିନୁ? ଗାଁବାଲାଙ୍କ ପରି ହେଉଛୁ?’ ଭଦ୍ର ମହିଳାଙ୍କ ଏଭଳି ପ୍ରତିକ୍ରିୟାରେ ବସ୍ କର୍ମଚାରୀଜଣକ ଚକିତ ହୋଇଗଲେ। ଜଣେ ଭଦ୍ର ସହଯାତ୍ରୀ ଭଦ୍ରମହିଳାଙ୍କୁ ପଚାରିଲେ- ‘ସେ କ’ଣ କହିଥିଲେ ଆପଣଙ୍କୁ ଭଲ ଲାଗିଥା’ନ୍ତା?’ ଭଦ୍ର ମହିଳା ଚଟାପଟ୍ ଉତ୍ତର ଦେଲେ- ‘କ’ଣ ମ୍ୟାଡାମ୍, ମାମ୍, ଆଣ୍ଟି କିଛି ଜାଣିନି? ଯାହା ବୋଲି ତାହା କହି ଯାଉଛି?’

ସୁଧୀ ପାଠକ ବୃନ୍ଦ! ବିଚାର କରନ୍ତୁ। ଆମେ କୌଣସି ଅପରିଚିତା ମହିଳାଙ୍କୁ ଦେଖିଲେ ତାଙ୍କୁ ‘ମାଉସୀ’ ଓ ଅପରିଚିତ ପୁରୁଷଙ୍କୁ ଦେଖିଲେ ‘ମଉସା’ ବୋଲି ସମ୍ବୋଧନ କରିଥାଉ। କମ୍ ବୟସ ବା ସମ ବୟସର ହୋଇଥିଲେ ‘ଭଉଣୀ’ ବା ‘ଭାଇ’ ବୋଲି ସମ୍ବୋଧନ କରିଥାଉ। କିନ୍ତୁ ପାଶ୍ଚାତ୍ୟରେ ମାଉସୀ, ପିଉସୀ, ମାଇଁ, ଖୁଡ଼ୀ ପ୍ରଭୃତି ସମବର୍ଗର ମହିଳାଙ୍କୁ ‘ଆଣ୍ଟି’ ବୋଲି ସମ୍ବୋଧନ କରାଯାଏ। ସେହିପରି ମାମୁଁ, ମଉସା, ପିଉସା, କାକାଙ୍କୁ ସେମାନେ ‘ଅଙ୍କଲ’ ବୋଲି ସମ୍ବୋଧନ କରନ୍ତି। ଏଇଟା ସେମାନଙ୍କର ପରମ୍ପରା। କିନ୍ତୁ ଆମର ସାମାଜିକ ଚଳଣି ଓ ପାରମ୍ପରିକ ବିଧିବ୍ୟବସ୍ଥାରେ ସ୍ନେହ-ସମ୍ବୋଧନ ଏବଂ ଭକ୍ତି-ସମ୍ବୋଧନ ପାଇଁ ସ୍ୱତନ୍ତ୍ର ଶବ୍ଦମାନ ରହିଛି। ପାଶ୍ଚାତ୍ୟ ସାହିତ୍ୟ ଓ ଚଳଣିରେ ଚାକର, କୁକୁର, ବ୍ରାହ୍ମଣ, ବଡ଼, ସାନ ସମସ୍ତଙ୍କୁ ‘ୟୁ’ କୁହାଯାଏ। ଆମର ‘ତୁ’, ‘ତୁମେ’, ‘ଆପଣ’, ‘ମହାଶୟ’, ‘ମହୋଦୟ’ ପ୍ରଭୃତି ପାତ୍ରବିଶେଷରେ ବ୍ୟବହାର କରାଯାଏ। ବିଡ଼ମ୍ବନା ହେଉଛି ଅଧୁନା ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ସଚରାଚର ‘ଅଙ୍କଲ’, ‘ଆଣ୍ଟି’, ‘ମାମ୍’ କେବଳ ବ୍ୟବହାର କରାଯାଉଛି। ଆମର ମୌଳିକ ଶବ୍ଦ ସବୁ ଆଉ ବ୍ୟବହୃତ ହେଉ ନାହାନ୍ତି। ସେ ସବୁ କହିଲେ ଲୋକେ ଅଶିକ୍ଷିତ ବୋଲି କାଳେ ବିଚାରୁଛନ୍ତି। ଏହି ପୃଷ୍ଠଭୂମିରେ ଚିନ୍ତା କଲେ ବାସ୍ତବରେ ଆମେ ଗୋଟିଏ ବିଦେଶୀ ଭାଷାର ଦାସତ୍ୱ ସ୍ୱୀକାର କରିସାରିଛୁ।

ଆଉ ଗୋଟିଏ ମଜା ଘଟଣା ହେଲା- ଏକଦା ଜଣେ ଭଦ୍ର ବ୍ୟକ୍ତି ସମ୍ବଲପୁରରୁ ଆସି ରାଜଧାନୀର ‘ପୁରୁଣା ବସ୍‌ଷ୍ଟାଣ୍ଡ’ରେ ଓହ୍ଲାଇ ଗୋଟିଏ ରିକ୍ସାବାଲାକୁ କହିଲେ ‘ସଚିବାଳୟ ଚାଲ’। ରିକ୍ସା ଚାଲିଲା। ସେ ଯାଇ କଳ୍ପନା ଛକରେ ସଂଗ୍ରହାଳୟ ଆଗରେ ରିକ୍ସା ରଖି ଦେଇ କହିଲା- ଏଇଟା ସଚିବାଳୟ। ସେଠାରେ ଲେଖା ହୋଇଛି ରାଜ୍ୟ ସଂଗ୍ରହାଳୟ। ଭଦ୍ରବ୍ୟକ୍ତି କହିଲେ- ଏଇଟା ନୁହେଁ। ବିଚରା ରିକ୍ସାବାଲା ଦୁଇ ଚାରିଜଣଙ୍କୁ ପଚାରିଲା, କେହି କହିପାରିଲେ ନାହିଁ ସଚିବାଳୟ କେଉଁଠି। ଶେଷରେ ଜଣେ ବସ୍ କର୍ମଚାରୀ କହିଲେ, ‘କିରେ ସଚିବାଳୟ ପରା ସେକ୍ରେଟେରିଏଟ୍, ତୁ ଦେଖି ନାହୁଁ?’ ତହୁଁ ରିକ୍ସାବାଲା କହିଲା, ‘ବାବୁ ତ କହୁଛନ୍ତି ସଚିବାଳୟ, ମୁଁ କ’ଣ କରିବି?’ ପ୍ରିୟ ପାଠକଗଣ! ବିଚାର କରନ୍ତୁ- ଆମେ ସଚିବାଳୟ ବୁଝି ପାରୁନାହୁଁ, ସେକ୍ରେଟେରିଏଟ୍ ବୁଝୁଛୁ।

ଏହା ଅବଶ୍ୟ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଶବ୍ଦସମୃଦ୍ଧ ମୌଳିକ ଓଡ଼ିଆ ଭାଷାରେ ଅନେକ ବୈଦେଶିକ ତଥା ଯାବନିକ ବ୍ୟାବହାରିକ ଶବ୍ଦ ପଶି ଯାଇଛି, ଯାହାର ଓଡ଼ିଆ ପ୍ରତିଶବ୍ଦ ଆମକୁ ଜଣାନାହିଁ, ଯଥା- କବଲା, ପଟ୍ଟା, ପାଉତି, ଦିଲିଲ୍, ରସିଦ୍ ଇତ୍ୟାଦି। ‘ଟେବୁଲ୍’ ଏକ ଇଂରାଜୀ ଶବ୍ଦ। ଏହାର ଓଡ଼ିଆ ପ୍ରତିଶବ୍ଦ ‘ମେଜ’। ଏହା କିନ୍ତୁ ସମସ୍ତଙ୍କୁ ଜଣାନାହିଁ। ରୋଷେଇ ଘରେ ବ୍ୟବହୃତ ସବୁ ଜିନିଷ ଇଂରାଜୀ। ଯଥା ଗ୍ୟାସ୍ ସିଲିଣ୍ଡର, ପ୍ରେସର କୁକର, ଗ୍ରାଇଣ୍ଡର, ପ୍ୟାନ୍ ଇତ୍ୟାଦି। ସେହିପରି ଗ୍ଲାସ, କପ୍, ମଗ୍, ଚାମଚ ପ୍ରଭୃତିର ପ୍ରତିଶବ୍ଦ ଆମ ଓଡ଼ିଆ ଶବ୍ଦକୋଷମାନଙ୍କରେ ଲେଖାଯାଇ ନାହିଁ। ଆମେ ସେହି ଶବ୍ଦଗୁଡ଼ିକୁ ସେହିଭଳି ବ୍ୟବହାର କରୁଛୁ। ଏହା ପ୍ରାୟ ଆମ ଭାଷାରେ ମିଶିଗଲାଣି। କିନ୍ତୁ ଅନେକ ଶବ୍ଦ ଆମେ ଇଚ୍ଛାକୃତ ଭାବରେ ବ୍ୟବହାର କରୁଛୁ। ଯଥା- ଟିଫିନ୍, ବ୍ରେକ୍‌ଫାଷ୍ଟ ଇତ୍ୟାଦି। କାରଣ ଜଳଖିଆ କହିବାକୁ ଆମକୁ ଖରାପ ଲାଗୁଛି। ସେହିଭଳି ଲଞ୍ଚ ବଦଳରେ ମଧ୍ୟାହ୍ନ ଭୋଜନ, ଡିନର ବଦଳରେ ରାତ୍ର ଭୋଜନ- କହିବାକୁ ଆମକୁ କେମିତି ଅଡୁଆ ଲାଗୁଛି। ସେସବୁ ଇଂରାଜୀ ଶବ୍ଦ କହି ଆମେ ନିଜକୁ ସଭ୍ୟ ଶିକ୍ଷିତ ବୋଲି ନିଜକୁ ଗର୍ବ କରୁଛୁ। ଆମ ଘର ଚଳଣିରେ ବ୍ୟବହୃତ ପ୍ରାୟ ସମସ୍ତ ଜିନିଷ ଇଂରାଜୀ। ଯଥା ଡ୍ରଇଁ ରୁମ୍, ବେଡ୍ ରୁମ୍, ଗେଷ୍ଟ ରୁମ୍, ବାଥ ରୁମ୍, ଡାଇନିଙ୍ଗ ରୁମ୍, କିଚେନ୍ ରୁମ୍ ଇତ୍ୟାଦି। ଏ ସବୁର ଓଡ଼ିଆ ପ୍ରତିଶବ୍ଦ ଅଛି। ଆମେ କହିଲେ କାଳେ କିଏ ଅସଭ୍ୟ, ଅଶିକ୍ଷିତ ବିଚାରିବ! ତେଣୁ ଦେଖେଇ ହୋଇ ଆମେ ସେସବୁର ଇଂରାଜୀ ଶବ୍ଦ କହୁଛୁ। ଆମ ବେଶ, ପୋଷାକ, ଚାଲିଚଳଣ ସବୁ ଇଂରାଜୀ ଶୈଳୀରେ। ଧୋତି, ଲୋଟି, ତ୍ରୁଟି ଆଉ ନାହିଁ।

କୌଣସି ବ୍ୟକ୍ତି ଆଗରେ ନିଜ ଘରକଥା କହିଲା ବେଳେ ଆମେ କହୁଛୁ, ଫାଦରଙ୍କ ଦେହ ଖରାପ, ମଦର ଅସୁସ୍ଥ, ମିସେସ୍ ବା ୱାଇଫ୍ ବଡ଼ ଅସୁବିଧାରେ ଅଛି। କିନ୍ତୁ ଆମେ ବାପା, ବୋଉ, ପତ୍ନୀ ବା ସ୍ତ୍ରୀ ଉଚ୍ଚାରଣ କରିବାକୁ ସଂକୋଚ କରୁଛୁ କାହିଁକି? ବଜାରକୁ ଯାଉଛି ନ କହି ମୁଁ ମାର୍କେଟିଙ୍ଗ କରିବାକୁ ଅଥବା ସପିଙ୍ଗ୍ କରିବାକୁ ଯାଉଛି ବୋଲି କହିବା ପଛରେ ଯେ ଆମର ପାଶ୍ଚାତ୍ୟ ଓ ଆଧୁନିକ ମନସ୍କତା ରହିଛି ଏହା ବାରି ହୋଇପଡୁଛି। କିନ୍ତୁ ଇଂରାଜୀ ଶବ୍ଦ ଉଚ୍ଚାରଣ କରିଦେଲେ କ’ଣ ଆମେ ଆଭିଜାତ୍ୟସମ୍ପନ୍ନ ହୋଇଯିବା? ନିଜ ମାତୃଭାଷାକୁ ଏତେ ହେୟଜ୍ଞାନ କରିବା କାହିଁକି? ‘ଉଚ୍ଚ ହେବା ପାଇଁ କରି ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା’। ଗଙ୍ଗାଧରଙ୍କ ଉକ୍ତି କ’ଣ ଭୁଲ୍ ହୋଇଗଲା? ଅନ୍ୟଭାଷାର ଶବ୍ଦ ଇଚ୍ଛାକୃତ ଭାବେ ବ୍ୟବହାର କରିବା ଦ୍ୱାରା ଆମ ଭାଷାର ଗୌରବ ହାନି ହେଉନାହିଁ କି? ଯେଉଁ ଅଞ୍ଚଳର, ଯେଉଁ ଜାତିର ହେଲେ ମଧ୍ୟ ଭାଷା ସବୁବେଳେ ମହାନ୍। କିନ୍ତୁ ଅନ୍ୟ ଭାଷାକୁ ଗୁରୁତ୍ୱ ଦେବାକୁ ଯାଇ ଆମ ମାତୃଭାଷାକୁ ଅପାଂକ୍ତେୟ କରିବା କେତେ ଯୁକ୍ତିଯୁକ୍ତ? ଅନ୍ୟର ମା’କୁ ସମ୍ମାନ ଦେବାକୁ ଯାଇ ଆମେ ଆମ ନିଜ ମା’କୁ ଅସମ୍ମାନ କରିବା ଭଳି କଥା ଏହା ନୁହଁ କି?

ଭାଷାବିତ୍ ପଣ୍ଡିତମାନେ ମତ ବ୍ୟକ୍ତ କରନ୍ତି ଯେ ବୈଦିକ ସଂସ୍କୃତରୁ ଗ୍ରୀକ୍ ଭାଷା, ଲାଟିନ୍ ଭାଷା ଓ ସଂସ୍କୃତ ଭାଷା ସୃଷ୍ଟି ହେଲା। ସଂସ୍କୃତରୁ ପ୍ରାକୃତ ଓ ମାଗଧୀ ସୃଷ୍ଟି ହେଲା ଏବଂ ପ୍ରାକୃତରୁ ଆମ ଓଡ଼ିଆ ଭାଷାର ସୃଷ୍ଟି। ଅନ୍ୟ ପ୍ରାଦେଶିକ ଭାଷାମାନଙ୍କଠାରୁ ଓଡ଼ିଆ ଭାଷା ସଂସ୍କୃତର ଅତ୍ୟନ୍ତ ନିକଟତର। ସେହିପରି ବୈଦିକ ସଂସ୍କୃତରୁ ଲାଟିନ୍ ଓ ଲାଟିନ୍‌ରୁ ଇଂରାଜୀ ତଥା ସମସ୍ତ ଇଉରୋପୀୟ ଭାଷା ସୃଷ୍ଟି ହୋଇଛି। ସଂସ୍କୃତର ପ୍ରଭାବ କିପରି ଲାଟିନ୍ ଓ ଇଂରାଜୀ ଉପରେ ପଡ଼ିଛି ତାହା ଦେଖାଯାଉ। ସଂସ୍କୃତରେ ମାତା, ମାତର, ପିତା, ପିତରଃ, ଭ୍ରାତା, ଭ୍ରାତରଃ। ଇଂରାଜୀରେ ଏହା ଯଥାକ୍ରମେ ମଦର, ଫାଦର, ବ୍ରଦର। ଲାଟିନ୍ ଭାଷାରେ ପିଟର ଇତ୍ୟାଦି। ଏହିଭଳି ଅନେକ ଉଦାହରଣ ଦିଆଯାଇପାରେ।

ଆମ ଶବ୍ଦ ଭଣ୍ଡାରରେ ଏତେ ଶବ୍ଦ ଥିଲେ ମଧ୍ୟ ଆମେ ଆଗେ ଇଂରାଜୀ ଶବ୍ଦକୁ ବ୍ୟବହାର କରି ବେଶ୍ ଗର୍ବ ଅନୁଭବ କରୁଛୁ। ଆମେ ଯେଉଁମାନଙ୍କୁ ତାରକା କହୁଛୁ ଓ ଅନୁକରଣ କରୁଛୁ, ଶ୍ରଦ୍ଧା ସମ୍ମାନ ଅଜାଡ଼ି ଦେଉଛୁ ସେମାନେ କୌଣସି ସାକ୍ଷାତକାର ସମୟରେ ‘ଆଣ୍ଡ’, ‘ବଟ୍’, ‘ଅଫ୍‌କୋର୍ସ’ ପ୍ରଭୃତି କେତେକ ଇଂରାଜୀ ଶବ୍ଦକୁ ବାକ୍ୟ ମଧ୍ୟରେ ବ୍ୟବହାର କରନ୍ତି। ଆମ ଭାଷାରେ ‘ଓ’, ‘ଏବଂ’, ‘କିନ୍ତୁ’ ପ୍ରଭୃତି ଅନେକ ଅବ୍ୟୟ ପଦ ଥିଲେ ମଧ୍ୟ ସେମାନେ କାହିଁକି ତା’ର ବ୍ୟବହାର କରନ୍ତି ନାହିଁ, ତହା ମଧ୍ୟ ସେମାନେ ଜାଣନ୍ତି। ପୂରା ଇଂରାଜୀ କହିବାରେ କିଛି ଅସୁବିଧା ନାହିଁ। କୌଣସି ଭାଷା ଶିଖିବା ବା କହିବା ଅପରାଧ ନୁହେଁ। କିନ୍ତୁ ତା’ର ଏହି ଖଣ୍ଡିତ ବ୍ୟବହାର ହିଁ ଅପରାଧ। ଏଠାରେ ମୋ ଅଙ୍ଗେ ନିଭାଇଥିବା ଆଉ ଏକ ପ୍ରସଙ୍ଗ ଉପସ୍ଥାପନ କରୁଛି। ଏକଦା ଏକ ଆଲୋଚନାଚକ୍ରରେ ଭାଗ ନେବାର ସୁଯୋଗ ମିଳିଲା। ବିଷୟବସ୍ତୁ ଥିଲା ‘ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା’। ମୁଖ୍ୟବକ୍ତା ଥିଲେ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ଭାଷାତତ୍ତ୍ୱବିତ୍ ଓ ଗବେଷକ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ବିକାଶ ପାଇଁ ଅନେକ ଉପାଧି ଓ ପୁରସ୍କାରପ୍ରାପ୍ତ ସେହି ପଣ୍ଡିତ ମହାଶୟ ଓଡ଼ିଆ ଭାଷାର ମହନୀୟତା ବ୍ୟାବହାରିକ ଅଙ୍ଗୀକାରବଦ୍ଧତା ପ୍ରତିପାଦିତ କରିବା ପାଇଁ ଯେତିକି ଇଂରାଜୀ ଶବ୍ଦର ସାହାଯ୍ୟ ନେଲେ ତାହା ମୋତେ ବ୍ୟକ୍ତିଗତ ଭବେ ବ୍ୟଥିତ କଲା ଓ ସଭାସଦ୍‌ମାନଙ୍କ ଭ୍ରୂକୁଞ୍ଚନ ସୃଷ୍ଟି କଲା। ଏହା ଗୋଟିଏ ଦୁଇଟି ଉଦାହରଣ ମାତ୍ର। ଏପରି ଅନେକ ଘଟଣା ଆପଣମାନେ ପ୍ରତିଦିନ ଦେଖୁଥିବେ ବା ଶୁଣୁଥିବେ।

ଆମେ ଆମ ଗୁରୁଜନଙ୍କୁ ଦେଖିଲେ ନମସ୍କାର, ପ୍ରଣାମ, କିମ୍ବା ପଦସ୍ପର୍ଶ କରି ଭକ୍ତି ସମ୍ବୋଧନ କରିଥାଉ। ପିଲାମାନଙ୍କୁ ‘ଆୟୁଷ୍ମାନ ଭବ’, ‘ବୁଢ଼ା ହେଇ ଥା’, ‘ଅହ୍ୟସୁଲକ୍ଷଣି ହୁଅ’, ‘ସୌଭାଗ୍ୟବତୀ ଭବ’ କହି ଆଶୀର୍ବାଦ କରୁ। ସାନମାନଙ୍କୁ ନାମ ପୂର୍ବରୁ ଚିରଞ୍ଜୀବୀ ଯୁକ୍ତ କରି ସମ୍ବୋଧନ କରୁ। ଏବେ କିନ୍ତୁ ସେ କଥା ନାହିଁ। ଗୁଡ଼ମର୍ଣ୍ଣି, ଗୁଡ୍ ଇଭିନିଙ୍ଗ କହି ସମ୍ବୋଧନ କରାଯାଉଛି। ଏବେ ଖାଲି ମର୍ଣ୍ଣି ବା ନୁ, ଇଭିନିଙ୍ଗ, ନାଇଟ୍ କହିଦେଲେ ଚଳୁଛି। ସ୍ଥାନେ ସ୍ଥାନେ କେବଳ ହାଏ, ବାଇ, ହାଲୋ କହି ଦିଆଯାଉଛି। ପିଲାମାନଙ୍କୁ ଟାଟା କରାଯାଉଛି। ନୂଆ ବର୍ଷକୁ ସ୍ୱାଗତ କଲାବେଳେ ‘ହାପି ନିଉ ଇୟର’ କୁହାଯାଉଛି। ଶୁଭ ନବବର୍ଷ କହିଲେ କ୍ଷତି କ’ଣ ହୁଅନ୍ତା? ଏହାଦ୍ୱାରା ଆମ ଭାଷାର ଗରିମା କ୍ଷୁଣ୍ଣ ହେଉଛି କି ନାହିଁ ପାଠକେ ବିଚାର କରିବେ।

ଆମ ଓଡ଼ିଆ ଭାଷା ତା’ର ଗୌରବ ଓ ଗରିମା ପାଇଁ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ତାକୁ ଏପରି ଅପମିଶ୍ରଣ କରି ବ୍ୟବହାର କଲେ ଉତ୍କଳ ଭାରତୀ ନିଶ୍ଚୟ ଦୁଃଖିତ ହେବେ। ତେବେ ଏଥିରେ ସତେଯେପରି ଆମମାନଙ୍କର ଯାଏ ଆସେ କେତେ? ଏବେ ତ ଅନେକ ଆଧୁନିକ ଓଡ଼ିଆ କବିତାରେ ସିଧାସଳଖ ଇଂରାଜୀ ଶବ୍ଦମାନ ଦେଖିବାକୁ ମିଳୁଛି। କାଲି ଆମର ପିଲାମାନେ ସେ ଶବ୍ଦର ଅର୍ଥ ଆମ ଭାଷାକୋଷରୁ ଖୋଜି ପାଇବେ ନାହିଁ। ସେମାନେ ଭାବିନେବେ ଏହା ଆମ ଓଡ଼ିଆ ଶବ୍ଦ। ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଉଛି ଓଡ଼ିଶା। ମାତ୍ର ଆଧୁନିକ ଅପସଂସ୍କୃତି ଓ ଭାଷା ଅପମିଶ୍ରଣ ଆମ ଭାଷା ଓ ସାହିତ୍ୟ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ।

ଏବେ ମୂଳ ପ୍ରଶ୍ନକୁ ଆସିବା। ଓଡ଼ିଆ ଭାଷାର ଏହି ଅପମିଶ୍ରଣ ପାଇଁ କାହାକୁ ଦୋଷ ଦେବା? ନିରାକରଣ ପାଇଁ କାହା ଉପରେ ଭରସା କରିବା। କ୍ଷମା ଯାଚନା ସହିତ କହିବାକୁ ବାଧ ହେଉଛି ଯେ ଆମ ଓଡ଼ିଶାର ଅନେକ ପ୍ରାଜ୍ଞ ବୁଦ୍ଧିଜୀବୀମାନଙ୍କ ମଧ୍ୟରୁ ଯେଉଁମାନେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଓ ବିକାଶ ପାଇଁ ଲେଖନୀ ଚାଳନା କରୁଛନ୍ତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ପୃଷ୍ଠପୋଷକତା କରୁଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ସେମାନଙ୍କ ଘରେ ପୁଅ, ଝିଅ, ନାତି, ନାତୁଣୀ ସହିତ ଓଡ଼ିଆରେ କଥା ହୁଅନ୍ତି ନାହିଁ। ଓଡ଼ିଆ ପତ୍ରପତ୍ରିକାରେ ଲେଖୁଥିବା ଅନେକ ସ୍ତମ୍ଭକାର ସେମାନଙ୍କର ପିତୃଦତ୍ତ ସାଂଙ୍ଗୀ ଉଲ୍ଲେଖ କରିବାକୁ ଲଜ୍ଜା ବୋଧ କରନ୍ତି। କହିଲେ କୁଳକୁଟୁମ୍ବଙ୍କୁ ଲାଜ ହେଲେ ମଧ୍ୟ ମୋ ନିଜ ଆତ୍ମୀୟମାନଙ୍କ ମଧ୍ୟରୁ କେତେଜଣଙ୍କ ଉଦାହରଣ ଦେଉଛି। ମୋର ଜଣେ ସମ୍ପର୍କୀୟ ଭାଇର ଜନ୍ମ ଆମ ପାରମ୍ପରିକ ବା ଗାଉଁଲି ପରିବେଶରେ। ଭାଇବୋହୂ ମଧ୍ୟ ସେହି ମଫସଲିଆ। କିନ୍ତୁ ସେମାନଙ୍କ ଝିଅକୁ ସେମାନେ ଓଡ଼ିଆ ନ ଶିଖାଇବାକୁ ପ୍ରାଣପଣେ ଚେଷ୍ଟା ଜାରି ରଖିଛନ୍ତି। ଅପରପକ୍ଷରେ ଜଣେ ଦୂରସମ୍ପର୍କୀୟ ଭଣଜା ଅଣଓଡ଼ିଆ ଝିଅକୁ ବାହା ହୋଇ ଓଡ଼ିଶା ବାହାରେ ରହୁଛି। ଆଚମ୍ବିତ କଲା ଭଳି କଥା ଯେ ଭଣଜା ବୋହୂ ଏ ପର୍ଯ୍ୟନ୍ତ ଓଡ଼ିଆ ଭଲ ଭାବରେ କହିପାରୁ ନଥିବା ବେଳେ ତା’ର ତିନି/ଚାରିବର୍ଷର ଝିଅଟି ଓଡ଼ିଆ ବୁଝି ତା’ ମାଆକୁ ମରାଠୀରେ ଅନୁବାଦ କରି କହୁଛି। ଏ ଦୁଇଟି ଉଦାହରଣ ମଧ୍ୟରୁ ଆଜିର ଦୁନିଆରେ ଆମ ଓଡ଼ିଆ ଜାତିର ସ୍ୱାଭିମାନ ଦୃଷ୍ଟିରୁ କେଉଁଟା ଗ୍ରହଣୀୟ ତାହାର ବିଚାର ଆପଣମାନଙ୍କର।

ଯେଉଁ ଦେଶ ନିଜର ମାତୃଭାଷା ପାଇଁ ଯେତେ ସଚେତନ, ସେ ଜାତି ସେତେ ଉନ୍ନତ। ରୁଷ, ଚୀନ୍, ଦକ୍ଷିଣ କୋରିଆ, ଜାପାନ ପ୍ରଭୃତି ଦେଶର ନାମ ଏହି ପୃଷ୍ଠଭୂମିରେ ଉଲ୍ଲେଖଯୋଗ୍ୟ। ଏବେ ସମୟ ଆସିଛି, ଆମେ ଆମର ଚଳଣିରେ ମୌଳିକତା ରକ୍ଷା କରିବା ସହିତ ଆମ ମାତୃଭାଷାରେ ଅପମିଶ୍ରଣ ପ୍ରତି ସତର୍କ ରହିବା। ଯଥାର୍ଥରେ କବିସୂର୍ଯ୍ୟ କହିଛନ୍ତି- ‘କାହାକୁ କହିବା, କପାଳରେ ସିନା କର ମାରିବା’।

**ଜୟ ଜଗନ୍ନାଥ। ବନ୍ଦେ ଉତ୍କଳ ଜନନୀ।**

## ଲୋକମତ

### ବିକଳ୍ପ ଶକ୍ତିର ଉତ୍ସ-ସବୁଜ ଉଦ୍‌ଜାନ

ଆମ ଦେଶରେ ଅକ୍ଷୟ ଶକ୍ତି ଉତ୍ସରୁ ଉତ୍ପନ୍ନ ବିଦ୍ୟୁତ୍ ବ୍ୟବହାର କରି ଜଳର ଇଲେକ୍ଟ୍ରୋଲାଇସିସ୍ ମାଧ୍ୟମରେ ପରିବେଶ ଅନୁକୂଳ ସବୁଜ ଉଦଜାନ (ଗ୍ରୀନ୍ ହାଇଡ୍ରୋଜେନ୍) ଉତ୍ପାଦନ କରାଯାଇଥାଏ। କେନ୍ଦ୍ର କ୍ୟାବିନେଟ୍ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନକୁ ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୧୯, ୭୪୪ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏଥିରେ ଗ୍ରୀନ୍ ହାଇଡ୍ରୋଜେନ୍ ଟ୍ରାଞ୍ଜିସନ୍ ପ୍ରୋଗ୍ରାମ୍ (ସାଇଟ୍) କାର୍ଯ୍ୟକ୍ରମ ନିମନ୍ତେ ୧୭, ୪୯୦ କୋଟି ଟଙ୍କା, ପାଇଲଟ୍ ପ୍ରକଳ୍ପ ପାଇଁ ୧, ୪୬୬ କୋଟି ଟଙ୍କା, ଗବେଷଣା ଓ ବିକାଶ ପାଇଁ ୪୦୦ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ମିଶନ୍ ଉପାଦାନ ନିମନ୍ତେ ୩୮୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ମିଶନ୍ ଇସ୍ପାତ, ତୈଳ ବିଶୋଧନାଗାର, ଦୂରଗାମୀ ଭାରୀଯାନ ଚଳାଚଳ, ଜାହାଜ ଚଳାଚଳ, ଶକ୍ତି ସଂରକ୍ଷଣ ଆଦି କ୍ଷେତ୍ରରେ ସହାୟକ ହେବ। ଏହି ମିଶନ୍ ଅଧୀନରେ ସମନ୍ୱିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରାଯିବ। ମିଶନ୍‌ର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ବାର୍ଷିକ ୫ ନିୟୁତ୍ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ସହିତ ଅକ୍ଷୟ ଶକ୍ତି କ୍ଷମତା ପ୍ରାୟ ୧୨୫ ଗିଗାୱାଟ୍‌କୁ ବୃଦ୍ଧି। ଏଥିରେ ଆଗାମୀ ଦିନରେ ୮ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଥିବା ବେଳେ ଜୀବାଶ୍ମ ଇନ୍ଧନ ଆମଦାନୀରେ ଏକ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିବ ଏବଂ ୬ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ମଧ୍ୟ ବାୟୁକୁ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ବାର୍ଷିକ ପାଖାପାଖି ୫୦ ନିୟୁତ ଟନ୍ ହ୍ରାସ ପାଇବ। ମିଶନ୍ ଲକ୍ଷ୍ୟ ହାସଲ ପାଇଁ ୬୦-୧୦୦ ଗିଗାୱାଟ୍ କ୍ଷମତା ବିଶିଷ୍ଟ ଇଲେକ୍ଟ୍ରୋଲାଇଜର୍ ପ୍ରତି କ୍ଷେତ୍ରରେ ଆବଶ୍ୟକ ହେବ। ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ସମ୍ପୃକ୍ତ ଟ୍ରାନ୍ସମିସନ୍ ନେଟୱର୍କ ପାଇଁ ୧୨୫ ଗିଗାୱାଟ୍ ଅକ୍ଷୟ ଶକ୍ତି ଆବଶ୍ୟକ କରିବ। ଏକ କେଜି ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ ପ୍ରାୟ ୫୦ ୟୁନିଟ୍ ଅକ୍ଷୟ ଶକ୍ତି ଏବଂ ହାରାହାରି ୧୦ ଲିଟର୍ ଡିମିନେରାଲାଇଜଡ୍ ଜଳ ଆବଶ୍ୟକ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଅଦାନୀ, ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ନ୍ୟାସନାଲ୍ ଥର୍ମାଲ୍ ପାୱାର୍ କର୍ପୋରେସନ୍, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଏବଂ ଲାର୍ସନ୍ ଆଣ୍ଡ ଟୁବ୍ରୋ ଭଳି କେତେକ ସଂସ୍ଥା ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ତଥା ଇଲେକ୍ଟ୍ରୋଲାଇଜର୍ ନିର୍ମାଣ ପାଇଁ ପୁଞ୍ଜି ନିବେଶ କରୁଛନ୍ତି। ଟାଟା ମୋଟର୍ସ, ରିଲାଏନ୍ସ କମ୍ପାନୀ ଇତ୍ୟାଦି ଗ୍ରୀନ୍ ହାଇଡ୍ରୋଜେନ୍ ଚାଳିତ ଯାନ ବିକଶିତ କରୁଛନ୍ତି। ରେଳବାଇ ୩୫ ଟି ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌କୁ ୮ ଟି ଐତିହ୍ୟ ମାର୍ଗରେ ଚଲାଇବା ପାଇଁ ଯୋଜନା କରିଛି। ଏନ୍‌ଟିପିସି ଗୁଜୁରାଟ୍‌ରେ ପ୍ରାକୃତିକ ଗ୍ୟାସ୍ ସହିତ ଗ୍ରୀନ୍ ହାଇଡ୍ରୋଜେନ୍ ମିଶ୍ରଣ ଆରମ୍ଭ କରିଛି। ଓଡ଼ିଶାରେ ଗୋପାଳପୁର, ପାରାଦୀପ, ଜଗତସିଂହପୁର, ମାଲକାନାଗିରି ଆଦି ସ୍ଥାନରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିଥିବା ବେଳେ ଆହୁରି ଅନେକ କମ୍ପାନୀ ଅନୁମୋଦନ ଅପେକ୍ଷାରେ ଅଛନ୍ତି। ଏହି କ୍ଷେତ୍ରରେ ଆଗାମୀ ଦିନରେ ଓଡ଼ିଶା ଏକ ବିଶ୍ୱସ୍ତରୀୟ ହବ୍ ହେବାକୁ ଯାଉଛି। ମିଶନ୍ ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ଭାରତ ୨୦୪୭ ମସିହା ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଦେଶ ହେବ ଏବଂ ୨୦୭୦ ମସିହା ସୁଦ୍ଧା ’ନେଟ୍ ଜିରୋ ଏମିଶନ୍’ ଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ନବନିତ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୩୮୮୩୬

### ପ୍ରଦୂଷଣ ବଳୟରେ ଜୀବନ

ପରଂବ୍ରହ୍ମ ପରମେଶ୍ୱରଙ୍କର ଅନବଦ୍ୟ ସୃଷ୍ଟିରେ ପ୍ରକୃତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ, କୀଟପତଙ୍ଗ, ଇତର ପ୍ରାଣୀ ତଥା ବୃକ୍ଷଲତା ଏପରିକି ସମସ୍ତ ଜଡ଼ବସ୍ତୁକୁ କୋଳେଇ ନେଇଛି ଏଇ ପ୍ରକୃତି। ବୈଦିକ ଶାସ୍ତ୍ରାନୁଯାୟୀ ପଞ୍ଚଭୂତର କେତୋଟି ଅଂଶରୂପେ ବିଦିତ ବାୟୁ, ଜଳ ଓ ମୃତ୍ତିକାର ସମନ୍ୱୟତା ଏହାର ସ୍ୱାଭାବିକ ସଂଗଠନରେ ବାସ୍ତବ ରୂପ ପ୍ରଦାନ କରି ଚାଲିଛି। ପଞ୍ଚଭୂତର ଏହି ତିନୋଟି ଅଂଶ ତିନି ହେଁ ତିନିକି ବଳି ଅଟନ୍ତି। ଏମାନଙ୍କ ମଧ୍ୟରୁ ପ୍ରତ୍ୟେକଟିର ଗୁରୁତ୍ୱ ପ୍ରକୃତିର ପ୍ରତ୍ୟକ୍ଷ ମୂଲ୍ୟାୟନ କରିଥାଏ। ବୈଜ୍ଞାନିକଙ୍କ ମତରେ ପ୍ରତ୍ୟେକ ବସ୍ତୁର ସ୍ୱଚ୍ଛତା ଓ ବିଶୁଦ୍ଧତା ସେମାନଙ୍କ ଗୁଣାତ୍ମକ ମାନର ଆଧାର ହୋଇଥାଏ। ଯେଉଁଠି ଏହି ତିନୋଟିର ଅଭାବ ପରିଲକ୍ଷିତ ହୁଏ, ସେଠାରେ ସେମାନଙ୍କର ଉପଯୋଗିତା କିମ୍ବା ଉପକାରିତାର ପ୍ରଭାବ ଅବଦମିତ ହୋଇଥାଏ, ଯାହାକୁ ବିଜ୍ଞାନ ପ୍ରଦୂଷଣର ସଂଜ୍ଞା ଦେଇଛି। କେବଳ ବାୟୁ, ଜଳ ଏବଂ ମୃତ୍ତିକା ନୁହେଁ, ଏପରି ଆହୁରି ଅନେକ ପ୍ରକୃତି ସହ ଜଡ଼ିତ ଉପାଦାନକୁ ପ୍ରାକୃତିକ କାରକ କୁହାଯାଏ। ପୃଥିବୀପୃଷ୍ଠରେ ଜୀବନଚକ୍ର ତଥା ଜଡ଼ର ଅସ୍ତିତ୍ୱର ସମ୍ପୃକ୍ତି ଏହା ସହ ସମ୍ପୂର୍ଣ୍ଣ ଅନୁବନ୍ଧିତ। ପ୍ରଦୂଷଣର ପ୍ରଭାବ ବ୍ୟାପକ ହୋଇଥିବାରୁ ପ୍ରକୃତିର ସମସ୍ତ କାରକ ଆଜି ପ୍ରଦୂଷିତ ହେବାରେ ଲାଗିଛି। ଏବେ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣଠାରୁ ବଳି ଯାଇଛି ଖାଦ୍ୟ ପ୍ରଦୂଷଣ, ଯାହାକି ଦିନକୁ ଦିନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାରେ ଲାଗିଛି। ଏଥିରୁ ମୁକ୍ତିର ଚିନ୍ତା ହିଁ ଉତ୍ତମ ସ୍ୱାସ୍ଥ୍ୟ ସମ୍ପଦ ପାଇଁ ଅନୁକୂଳ।

ଦେବାଶିଷ ରଥ
ଖୋର୍ଦ୍ଧା, ମୋ: ୯୯୩୮୭୪୭୮୨୧

### ସଙ୍ଗୀତ ଶିକ୍ଷାକୁ ପ୍ରୋତ୍ସାହନ

ବର୍ତ୍ତମାନ ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ମାନସିକ ଅବସାଦ ଭିତରେ ରହୁଛନ୍ତି। ତେଣୁ ସେହି ସମୟରେ ହେବାକୁ ଥିବା କାମ ସଠିକ ଭାବରେ ହେଉ ନାହିଁ। ମାନସିକ ଦୁଶ୍ଚିନ୍ତାର ପ୍ରଭାବରେ ବିଭିନ୍ନ ରୋଗ ସୃଷ୍ଟି ହୁଏ। ସଙ୍ଗୀତ ଏକ ଏଭଳି ଅବ୍ୟର୍ଥ ମହୌଷଧୀ, ଯାହା ଯେକୌଣସି ବର୍ଗର ଓ ବୟସର ବ୍ୟକ୍ତିଙ୍କୁ ଚିନ୍ତାମୁକ୍ତ କରିପାରେ। ଆମେ ଯେତେବେଳେ ଦୁଃଖରେ ବା ଚିନ୍ତାରେ ଥାଉ ସେହି ସମୟରେ ଆମେ ଗୀତ ଗୁଣୁଗୁଣୁ ହୋଇ ଗାଇଲେ ମଧ୍ୟ ଆମ ଭାରାକ୍ରାନ୍ତ ମନ ହାଲ୍‌କା ହୁଏ। ତେଣୁ ସଙ୍ଗୀତ ଶିକ୍ଷାକୁ ବିଦ୍ୟାଳୟ ସ୍ତରରୁ ଅଧିକ ପ୍ରୋତ୍ସାହିତ କରିବା ଆବଶ୍ୟକ।

ଅନୁପମ ଜେନା
ସାରସକଣା(ମୟୂରଭଞ୍ଜ)

ଘୋଷଣା

ଦୈନିକ **‘ସକାଳ’** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

● ସୋମାଲିଆ ଉପକୂଳରେ ପଣ୍ୟବାହୀ ଜାହାଜ ଅପହରଣ

# ସୁରକ୍ଷିତ ଉଦ୍ଧାରକଲା 'ଆଇଏନ୍‌ଏସ୍ ଚେନ୍ନଇ'

● ମାର୍‌କୋସ୍ କମାଣ୍ଡୋଙ୍କ 'ସାନିଟାଇଜେସନ୍' ଅପରେସନ
● ଜାହାଜରେ ଅଛନ୍ତି ୧୫ ଭାରତୀୟ କର୍ମଚାରୀ

**ନୂଆଦିଲ୍ଲୀ,୫।୧ (ଏଜେନ୍ସି):** ସୋମାଲିଆ ଉପକୂଳରେ ଗୁରୁବାର ସନ୍ଧ୍ୟାରେ ଅପହୃତ ପଣ୍ୟବାହୀ ଜାହାଜକୁ ଭାରତୀୟ ନୌସେନା ଶୁକ୍ରବାର ସୁରକ୍ଷିତ ଉଦ୍ଧାର କରିଛି । ଅପହର୍ତ୍ତାଙ୍କ କବଳରୁ ମୁକ୍ତ ହେବା ପରେ ଲାଇବେରିଆ ପଞ୍ଜିକୃତ 'ଏମ୍ ଭି ଲୀଲା ନରଫୋକ୍' ଜାହାଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଛି । ଏଥିରେ ୧୫ ଭାରତୀୟ କର୍ମଚାରୀ ରହିଛନ୍ତି । ଗତକାଲି ଏହା ସୋମାଲିଆ ଉପକୂଳ ଦେଇ ଗତି କରୁଥିଲା ବେଳେ ୪ ରୁ ୫ ଅପହରଣକାରୀ ବନ୍ଧୁକ ମୁନରେ ଜାହାଜ ମଧ୍ୟରେ ପ୍ରବେଶ କରିବା ସହିତ ଏହାକୁ ଅପହରଣ କରିନେଇଥିଲେ ।



ଏହି ଘଟଣା ପରେ ଜାହାଜକୁ ସୁରକ୍ଷା ଦେବାକୁ କଣ୍ଟ୍ରୋଲ ରୁମ୍‌ରୁ ' ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ(ୟୁକେଏମଟିଓ)' ୱେବସାଇଟ୍‌କୁ 'ଏସଓଏସ୍' ମେସେଜ୍ ପଠାଯାଇଥିଲା । ଏହି ବାର୍ତ୍ତା ମିଳିବା ପରେ ଆରବ ସାଗରରେ ଜାହାଜ ସୁରକ୍ଷା ପାଇଁ ନିୟୋଜିତ ଭାରତୀୟ ନୌସେନା ସଜାଗ ହୋଇପଡ଼ିଥିଲା । ଭାରତୀୟ ନୌସେନା ପକ୍ଷରୁ ଅପହୃତ ଜାହାଜ ଏମ ଭି ଲୀଲା ନରଫୋକ୍ କଣ୍ଟ୍ରୋଲ ରୁମ୍ ସହ ତୁରନ୍ତ ଯୋଗାଯୋଗ କରାଯିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇଥିଲା । ଜାହାଜ ଏବଂ ଏହାର କର୍ମଚାରୀଙ୍କୁ ଅପହରଣକାରୀଙ୍କ ଠାରୁ ସୁରକ୍ଷା ଯୋଗାଇ ଦେବା ଲକ୍ଷ୍ୟରେ ଭାରତୀୟ ନୌସେନାର ଯୁଦ୍ଧପୋତ 'ଆଇଏନଏସ୍ ଚେନ୍ନଇ'କୁ ଘଟଣାସ୍ଥଳକୁ ପଠାଯାଇଥିଲା । ସାମୁଦ୍ରିକ ପଥରେ ଭାରତୀୟ ଉପକୂଳ ଠାରୁ ସୋମାଲିଆ ଉପକୂଳର ଦୂରତା ପ୍ରାୟ ୩୫୦୦ କିମି ହୋଇଥିଲା ବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ଏହା ସେଠାରେ ପହଞ୍ଚି ଅପରେସନ ଆରମ୍ଭ କରିଥିଲା । ଏହି ଯୁଦ୍ଧପୋତ ଡେଷ୍ଟ୍ରୟର ଏବଂ ଫ୍ରିଗେଟସ୍ ସଂଯୋଜିତ ହୋଇଥିବା ବେଳେ ଏହା ହେଲିକପ୍ଟର ପରିବାହୀ । ଏଥିସହିତ ଏହି ଯୁଦ୍ଧପୋତରେ ଭାରତୀୟ ନୌସେନାର ଦୁର୍ଦ୍ଧର୍ଶ 'ମାର୍କୋସ୍' ମେରିନ୍ କମାଣ୍ଡୋ ମୁତୟନ ଥିଲେ । ଆଇଏନଏସ୍ ଚେନ୍ନଇ ଘଟଣାସ୍ଥଳରେ ପହଞ୍ଚିବା ସହ ମାର୍କୋସ୍ କମାଣ୍ଡୋମାନେ ଅପହୃତ ଜାହାଜକୁ କବ୍‌ଜାକୁ ନେଇଥିଲେ । ଅପହରଣକାରୀଙ୍କୁ କବ୍‌ଜା କରି ଜାହାଜକୁ ମୁକ୍ତ କରିବାକୁ ମାର୍କୋସ୍ କମାଣ୍ଡୋମାନେ ଅପରେସନ 'ସାନିଟାଇଜେସନ' ଚଳାଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ହମାସ୍-ଇସ୍ରାଏଲ ଯୁଦ୍ଧ ଆରମ୍ଭ ହେବା ପରେ ଆରବ ଏବଂ ଲୋହିତ ସାଗରରେ ହୁତି ଉଗ୍ରବାଦୀମାନେ ବିଦେଶୀ ପଣ୍ୟବାହୀ ଜାହାଜଗୁଡିକ ଉପରେ ଆକ୍ରମଣ ଚଳାଇଛନ୍ତି । ବିଶେଷକରି ଆରବ ଦେଶଗୁଡିକରୁ ପେଟ୍ରୋଲିୟମ ପରିବହନ କରି ଭାରତ ଏବଂ ଅନ୍ୟ ଏସୀୟ ଦେଶକୁ ଯାଉଥିବା ବହୁ ଜାହାଜ ବିଗତ କିଛି ଦିନ ମଧ୍ୟରେ ଏଭଳି ଆକ୍ରମଣର ଶିକାର ହୋଇସାରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ପଣ୍ୟବାହୀ ଜାହାଜକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆରବ ସାଗରରେ ଯୁଦ୍ଧପୋତ ମୁତୟନ ସହ ନୌସେନା ପକ୍ଷରୁ ପାଟ୍ରୋଲିଂ ଜାରି ରଖିଛି ।

● ସଂସଦରେ ଅନୁପ୍ରବେଶ ମାମଲା

## ଅଭିଯୁକ୍ତଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ

**ନୂଆଦିଲ୍ଲୀ, ୫।୧ (ଏଜେନ୍ସି):** ସଂସଦରେ ଅନୁପ୍ରବେଶ ମାମଲାର ୫ ଅଭିଯୁକ୍ତଙ୍କ ପଲିଗ୍ରାଫ ଟେଷ୍ଟ ହେବ । ୨ ଅଭିଯୁକ୍ତ ମନୋରଞ୍ଜନ ଏବଂ ସାଗରର ନାର୍କୋ ଆନାଲିସିସ ଏବଂ ବ୍ରେନ୍ ମ୍ୟାପିଂ ପାଇଁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ଅନ୍ୟ ତିନି ଅଭିଯୁକ୍ତ ଅମୋଲ, ଲଳିତ ଏବଂ ମହେଶ ମଧ୍ୟ ପଲିଗ୍ରାଫ ଟେଷ୍ଟ ପାଇଁ ରାଜି ହୋଇଛନ୍ତି । ଷଷ୍ଠ ଅଭିଯୁକ୍ତ ତଥା ସଂସଦ ବାହାରେ ହଙ୍ଗାମା କରିଥିବା ନୀଲମ ଆଜାଦ ପଲିଗ୍ରାଫ ଟେଷ୍ଟ କରିବାକୁ ମନା କରିଦେଇଛି । ଏହା ସହିତ ଦିଲ୍ଲୀର ପଟିୟାଲା ହାଉସ କୋର୍ଟ ସମସ୍ତ ଅଭିଯୁକ୍ତଙ୍କ ହେପାଜତ ସୀମାକୁ ୧୩ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି । ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଦ୍ୱାରା ଗଠିତ କମିଟି ସଂସଦ ଅନୁପ୍ରବେଶ ମାମଲାର ଯାଞ୍ଚ କରୁଛି ।

## ଆଜି ଏଲ୍-୧ ପଏଣ୍ଟରେ ପହଞ୍ଚିବ ଆଦିତ୍ୟ



**ବେଙ୍ଗାଲୁରୁ, ୫।୧ (ଏଜେନ୍ସି):** ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩କୁ ସଫଳତାର ସହ ଅବତରଣ କରିବା ପରେ ଭାରତ ନୂଆ ଇତିହାସ ରଚିବାକୁ ଯାଉଛି । ଚନ୍ଦ୍ର ପରେ ଇସ୍ରୋ ସୂର୍ଯ୍ୟରେ ବିଜୟ ଧ୍ୱଜା ଉଡ଼ାଇବାକୁ ଯାଉଛି । ଭାରତ ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ସୂର୍ଯ୍ୟ ଅଭିଯାନ ନିଜ ଲକ୍ଷ୍ୟପଥର ନିକଟତର ହେଉଛି । ଶନିବାର ଅପରାହ୍ନ ୪ଟାରେ ଏହା ସୂର୍ଯ୍ୟଙ୍କ ଲାଗରେଞ୍ଜ ତଥା ହେଲୋ ଅର୍ବିଟ (ଏଲ୍-୧) ପଏଣ୍ଟରେ ପ୍ରବେଶ କରିବ । ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ଏହି ସୂଚନା ଦେଇଛନ୍ତି । ସେପ୍ଟେମ୍ବର ୨ରେ ଆଦିତ୍ୟର ଉତ୍‌କ୍ଷେପଣ କରାଯାଇଥିଲା । ଏହା ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ଥିବା ଏଲ୍-୧ ପଏଣ୍ଟ ଅଭିମୁଖେ ଅଗ୍ରସର ହେଉଛି । ଏହି ପଏଣ୍ଟରେ ପୃଥିବୀ ଏବଂ ସୂର୍ଯ୍ୟର ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ସନ୍ତୁଳନ ରହିଥାଏ । ଏହା ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ ଥିବା ଦୂରତାର ମାତ୍ର ଏକ ପ୍ରତିଶତ । ଆଦିତ୍ୟ ଏଠାରେ ରହି ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ କରିବ । ଗଣିତଜ୍ଞ ଯୋସେଫ ଲୁଇ ଲାଗରେଞ୍ଜଙ୍କ ନାମରେ ଏଲ୍-୧ ପଏଣ୍ଟର ନାମକରଣ ହୋଇଥିଲା । ସେ ହିଁ ଏହାର ସନ୍ଧାନ କରିଥିଲେ ।

ପଶ୍ଚିମବଙ୍ଗରେ ଇଡି ଟିମ୍ ଉପରେ ଟିଏମ୍‌ସି ସମର୍ଥକଙ୍କ ଆକ୍ରମଣ

# ଅଧିକାରୀଙ୍କୁ ପିଟିଲେ, ଗାଡ଼ି ଭାଙ୍ଗିଲେ



**କୋଲକାତା, ୫।୧ (ଏଜେନ୍ସି)**

ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଏକ ଟିମ୍ ଉପରେ ସ୍ଥାନୀୟ ଲୋକଙ୍କ ଶହ ଟିଏମସି ସମର୍ଥକ ଆକ୍ରମଣ କରିଛନ୍ତି । ଉତ୍ତ୍ୟକ୍ତ ଲୋକମାନେ ସିଆରପିଏଫ ଯବାନଙ୍କ ଉପସ୍ଥିତିରେ ଇଡି ଅଧିକାରୀମାନଙ୍କୁ ପିଟିବା ସହିତ ଗାଡି ଭାଙ୍ଗି ଦେଇଥିଲା ବେଳେ ଜୀବନ ବଞ୍ଚାଇବାକୁ ଅଧିକାରୀ ଏବଂ ଯବାନମାନେ ସ୍ଥାନ ଛାଡି ପଳାଇଛନ୍ତି । ଏଭଳି ଏକ ସ୍ୱର୍ଶକାତର ଘଟଣା ଶୁକ୍ରବାର ୨୪ ପ୍ରଗଣା ଜିଲ୍ଲା ସାରବେରିଆ ଅଞ୍ଚଳର ସନ୍ଦେଶଖାଲିରେ ଘଟିଛି । ମିଳିଥିବା ଖବର ଅନୁସାରେ , ପଶ୍ଚିମବଙ୍ଗର ରାସନ ଘୋଟାଲାକୁ ନେଇ ଇଡି ଅଧିକାରୀମାନେ ଯାଞ୍ଚ ପାଇଁ ସକାଳେ ପହଞ୍ଚିଥିଲା ବେଳେ ଏକ ସାଙ୍ଗେ ୧୮ଟି ସ୍ଥାନରେ ଚଢଉ କରିଥିଲେ । ଏହି ସମୟରେ ସନ୍ଦେଶଖାଲିରେ ରହୁଥିବା ଟିଏମସି ନେତା ଶେଖ ଶାହଜାନଙ୍କ ଘରେ ପହଞ୍ଚିଥିଲେ । କିନ୍ତୁ ଦ୍ୱାର ବନ୍ଦ ଥିବାରୁ ଇଡି ଅଧିକାରୀମାନେ ଡାକିଥିଲେ ମଧ୍ୟ କେହି ବି କବାଟ ଖୋଲି ନଥିଲେ । ଏହାପରେ ସିଆରପିଏଫ ଯବାନଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଇଡି ଅଧିକାରୀମାନେ ଘର ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ଅଚାନକ ଭାବେ ୨୦୦ ରୁ ୩୦୦ ସ୍ଥାନୀୟ ଲୋକ ଏବଂ ଟିଏମସି ସମର୍ଥକ ବନ୍ଧୁକ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଥିବା ସିଆରପିଏଫ ଯବାନମାନେ ଲୋକମାନଙ୍କୁ ହଟିଯିବାକୁ କହିବାରୁ ସେମାନଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା । ଏହାପରେ ଉତ୍ତ୍ୟକ୍ତ ଲୋକମାନେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ କରିବା ସହିତ ସେମାନଙ୍କ ଗାଡି ଭାଙ୍ଗି ଦେଇଥିଲେ । ଆକ୍ରମଣରେ ଦୁଇ ଜଣ ଇଡି ଅଧିକାରୀ ଆହତ ହୋଇଥିଲା ବେଳେ ଜୀବନ ବଞ୍ଚାଇବାକୁ ଅଧିକାରୀ ଏବଂ ଯବାନମାନେ ଘଟଣାସ୍ଥଳରୁ ଦୌଡିବା ଆରମ୍ଭ କରିଥିଲେ । ସେମାନେ କିଛି ବାଟ ଦୌଡ଼ି ଯିବା ପରେ ଅଟୋ ଏବଂ ବାଇକ୍ ଯୋଗେ ଅନ୍ୟତ୍ର ପଳାଇଥିଲେ । ପରେ ପରେ ଆହତ ଦୁଇ ଅଧିକାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ଟିଏମସି ଏବଂ ବିଜେପି ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି । ରାସନ ଘୋଟାଲାରେ ଏହି ଅଞ୍ଚଳର ବହୁ ସ୍ଥାନୀୟ ନେତାଙ୍କ ସଂପୃକ୍ତି ଥିବାରୁ ଇଡି ଦ୍ୱାରା ଘଟଣାର ଯାଞ୍ଚ କରାଯିବା ସ୍ୱାଭାବିକ ଥିଲା ବୋଲି ରାଜ୍ୟ ବିଜେପି ମୁଖ୍ୟ ସୁକାନ୍ତ ମଜୁମଦାର କହିଛନ୍ତି । କିନ୍ତୁ ଏଭଳି ଆକ୍ରମଣ ପଛରେ ଟିଏମସିର ସୁଚିନ୍ତିତ ଷଡ଼ଯନ୍ତ୍ର ରହିଛି ବୋଲି ସେ କହିଛନ୍ତି । ୨୪ ପ୍ରଗଣା ଜିଲ୍ଲାରେ ରୋହିଙ୍ଗ୍ୟା ମୁସଲମାନଙ୍କ ଔଦ୍ଧତ୍ୟ ଏବେ ରାଜ୍ୟର ଆଇନ ଶୃଙ୍ଖଳା ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି ବୋଲି ସେ କହିଛନ୍ତି । ଅପରପକ୍ଷେ ସିଆରପିଏଫ ଯବାନଙ୍କ ଆଚରଣ ଗ୍ରାମବାସୀଙ୍କୁ ଉତ୍ତ୍ୟକ୍ତ କରିଥିଲା ବୋଲି ଟିଏମସି ନେତା ଶଶୀ ପାଞ୍ଜା କହିଛନ୍ତି ।

### ଜୀବନ ବଞ୍ଚାଇବାକୁ ଦୌଡ଼ିଲେ ଇଡି ଅଧିକାରୀ, ସିଆର୍‌ପିଏଫ୍ ଯବାନ

### ରାଷ୍ଟ୍ରପତି ଶାସନ ଦାବିକଲା କଂଗ୍ରେସ

ଶୁକ୍ରବାର ଘଟଣାକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯିବା ସହିତ ପଶ୍ଚିମବଙ୍ଗରେ ତୁରନ୍ତ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଦାବି କରାଯାଇଛି । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି । ଆଜି ଟିଏମସି ଗୁଣ୍ଡାମାନେ ସରକାରୀ ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିଛନ୍ତି । କିନ୍ତୁ କାଲି ସେମାନେ ହତ୍ୟା କରିବାକୁ ପଛାଇବେ ନାହିଁ ବୋଲି କଂଗ୍ରେସ ସାଂସଦ ଅଧୀରରଞ୍ଜନ ଚୌଧୁରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି । ତେଣୁ ଏଠାରେ ତୁରନ୍ତ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ଦରକାର ବୋଲି ସେ କହିଛନ୍ତି । କଂଗ୍ରେସର ଏହି ପ୍ରତିକ୍ରିୟା ପରେ ଟିଏମସି ନେତାମାନେ ମଧ୍ୟ କଂଗ୍ରେସକୁ ନିଶାଣ କରିଛନ୍ତି । ଗତକାଲି ଇଣ୍ଡିଆ ମେଣ୍ଟର ଆସନ ବଣ୍ଟାକୁ ନେଇ ଉଭୟ ଦଳ ମଧ୍ୟରେ ଆରମ୍ଭ ହୋଇଥିବା ବାକ୍‌ଯୁଦ୍ଧ ବନ୍ଦ ହୋଇ ନଥିବା ବେଳେ ଏହି ଘଟଣା ପୁଣିଥରେ ଉଭୟ ଦଳ ମଧ୍ୟରେ ବିବାଦୀୟ ସ୍ଥିତି ସୃଷ୍ଟି କରିଛି ।

### ମମତାଙ୍କୁ ରାଜ୍ୟପାଳଙ୍କ ଚେତାବନୀ

### ବର୍ବରତା ବନ୍ଦ କର , ନଚେତ୍ ଦୃଢ କାର୍ଯ୍ୟାନୁଷ୍ଠାନ

ଇଡି ଟିମ୍ ଉପରେ ଜଘନ୍ୟ ଆକ୍ରମଣ ଘଟଣାକୁ ନେଇ ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ମମତା ବାନାର୍ଜୀ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିବା ସହିତ ଚେତାବନୀ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଔଦ୍ଧତ୍ୟ ଏବଂ ବର୍ବରତା ଚରମ ଛୁଇଁଥିଲା ବେଳେ ମୌଳିକ ବ୍ୟବସ୍ଥାକୁ ସୁରକ୍ଷା ଦେବାରେ ମମତା ସରକାର ବିଫଳ ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି । ସେ ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ଏହା ସଭ୍ୟ ସମାଜ ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି ବୋଲି କହିଛନ୍ତି । ପଶ୍ଚିମବଙ୍ଗ କୌଣସି ଅସ୍ଥିର ରାଜ୍ୟ ନୁହେଁ । ତେଣୁ ରାଜ୍ୟ ସରକାର ସତର୍କ ରହିବା ଉଚିତ । ଯଦି ସରକାର ମୌଳିକ ବ୍ୟବସ୍ଥା ସୁରକ୍ଷିତ ରଖିବାକୁ ଅସମର୍ଥ ହୁଅନ୍ତି ତେବେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ ଚେତାବନୀ ଦେଇଛନ୍ତି ।

## ଦ.କୋରିଆ ବିରୋଧରେ ୨୦୦ ଗୋଳା ମାଡ଼କଲା ଉ.କୋରିଆ

**ସିଓଲ, ୫।୧ (ଏଜେନ୍ସି)**

### ୨ଟି ଦ୍ୱୀପ ଖାଲି କରିବାକୁ ନିର୍ଦ୍ଦେଶ ଦେଲା ଦ. କୋରିଆ



ପୃଥିବୀରେ ପୁଣି ଯୁଦ୍ଧ ଆଶଙ୍କା ବୃଦ୍ଧି ପାଇଛି । ରୁଷ-ୟୁକ୍ରେନ, ଇସ୍ରାଏଲ- ହମାସ ପରେ ଉତ୍ତର କୋରିଆ-ଦକ୍ଷିଣ କୋରିଆ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଚେତାବନୀ ପରେ ଦ. କୋରିଆର ୟୋନପ୍ୟୋଙ୍ଗ ଦ୍ୱୀପ ଅଭିମୁଖେ ଉତ୍ତର କୋରିଆ ଶୁକ୍ରବାର ୨୦୦ରୁ ଅଧିକ ଗୋଳା (ଆର୍ଟିଲାରୀ ସେଲ୍) ମାଡ଼ କରିଛି । ଏହା ଦେଖି ଦକ୍ଷିଣ କୋରିଆ ପ୍ରଶାସନ ଦ୍ୱୀପ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି । ଏହା ବ୍ୟତୀତ ବିପଦ ଥିବାରୁ ନିକଟରେ ଥିବା ବେଙ୍ଗନିଓଙ୍ଗ ଦ୍ୱୀପକୁ ମଧ୍ୟ ଖାଲି କରାଯାଉଛି । ଏକଛତ୍ରଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ଏହି ପଦକ୍ଷେପ ଉସୁକାଇବା ଭଳି ବୋଲି ଦ.କୋରିଆ ପକ୍ଷରୁ କୁହାଯାଇଛି । ରିପୋର୍ଟ ଅନୁଯାୟୀ ଦୁଇ ଦେଶ ମଧ୍ୟରେ ଥିବା ବଫର ଜୋନ୍‌ରେ ଏହି ଗୋଳା ପଡ଼ିଛି । ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ । ଏବେ ଏହି ଦେଶ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛି । ଏଥିପାଇଁ ଅସ୍ତ୍ରଶସ୍ତ୍ର ଠୁଳ କରି ସେନା କ୍ଷମତାକୁ ବୃଦ୍ଧି କରିବାରେ ଲାଗିଛି । ନୂଆ ବର୍ଷରେ କିମ୍ ଜୋଙ୍ଗ ନିଜ ସେନାକୁ କହିଥିଲେ ଯେ ଉ.କୋରିଆ ଏବଂ ଆମେରିକା ଆକ୍ରମଣ କଲେ ଦୃଢ଼ ଜବାବ ଦିଆଯିବ । ବିରୋଧୀଙ୍କୁ ସମ୍ପୂର୍ଣ୍ଣ ନିପାତ କରିଦିଆଯିବ ।

ତାମିଲନାଡୁ ମନ୍ତ୍ରୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

## ହଟିବନି ସେନ୍ଥିଲଙ୍କ ମନ୍ତ୍ରିପଦ

**ନୂଆଦିଲ୍ଲୀ, ୫।୧ (ଏଜେନ୍ସି):** ଅର୍ଥ ହେରଫେର ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ଜେଲରେ ଥିବା ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ସେ ବର୍ତ୍ତମାନ ଗିରଫ ହୋଇ ଜେଲରେ ରହିଥିବାରୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବାକୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ସେନ୍ଥିଲଙ୍କ ବିରୋଧରେ ଜଣେ ସାମାଜିକ କର୍ମୀ ଏହି ଆବେଦନ କରିଥିଲେ । ତେବେ ପୂର୍ବରୁ ଏହି ମାମଲାରେ ମାଡ୍ରାସ୍ ହାଇକୋର୍ଟ ଦେଇଥିବା ରାୟକୁ ସର୍ବୋଚ୍ଚ ନ୍ୟାୟାଳୟ କାଏମ ରଖିଛନ୍ତି ।

## ୨ କୋଟିରେ ନିଲାମ ହେଲା ଦାଉଦ୍ ପ୍ଲଟ୍



**ମୁମ୍ବଇ, ୫।୧ (ଏଜେନ୍ସି):** ଭାରତର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଦାଉଦ୍ ଇବ୍ରାହିମର ସମ୍ପତ୍ତିକୁ ଶୁକ୍ରବାର ନିଲାମ କରାଯାଇଛି । ମହାରାଷ୍ଟ୍ର ରତ୍ନଗିରିର ମୁମ୍ବକେ ଗ୍ରାମରେ ଥିବା ୧୫ ହଜାର ଟଙ୍କା (ମୂଳ ଦାମ)ର ଏକ ପ୍ଲଟ ୨ କୋଟି ଟଙ୍କାରେ ବିକ୍ରି ହୋଇଛି । ତେବେ ଆଉ ୨ଟି ପ୍ଲଟ୍ ବିକ୍ରି ହୋଇପାରି ନାହିଁ । ସୂଚନା ଅନୁଯାୟୀ ପାକିସ୍ତାନରେ ଲୁଚିଥିବା ଦାଉଦର ୧୭୩୦ ବର୍ଗ ମିଟରର ଏକ ଚାଷ ଜମି ୩ ଲକ୍ଷ ୨୮ ହଜାର ଟଙ୍କାରେ ବିକ୍ରି ହୋଇଥିଲା । ଏହାର ମୂଳ ଦର ୧, ୫୬, ୨୭୦ ଟଙ୍କା ରଖା ଯାଇଥିଲା । ମାତ୍ର ୧୭୦.୯୮ ବର୍ଗ ମିଟରର ପ୍ଲଟ ଟି ୨ କୋଟି ଲକ୍ଷେ ଟଙ୍କାରେ ବିକ୍ରି ହୋଇଥିଲା । ଏହାର ମୂଳ ଦାମ ୧୫,୪୪୦ ଟଙ୍କା ରଖା ଯାଇଥିଲା ।

● 'ଫୁଏଲ ସେଲ୍'ର ସଫଳ ପରୀକ୍ଷଣ କଲା ଇସ୍ରୋ

# ମହାକାଶରେ ପ୍ରସ୍ତୁତ ହେବ ବିଜୁଳି-ପାଣି



**ବେଙ୍ଗାଲୁରୁ, ୫।୧ (ଏଜେନ୍ସି)**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ବଡ଼ ସଫଳତା ମିଳିଛି । ଏଜେନ୍ସି ଶୁକ୍ରବାର 'ଫ୍ୟୁଲ ସେଲ୍' ଜ୍ଞାନକୌଶଳର ସଫଳ ପରୀକ୍ଷଣ କରିଛି । ଏହି ଜ୍ଞାନକୌଶଳ ଭବିଷ୍ୟତର ଅଭିଯାନ ଏବଂ ଡାଟା ସଂଗ୍ରହ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ମାଧ୍ୟମରେ ମହାକାଶରେ ବିଜୁଳି ଏବଂ ପାଣି ପ୍ରସ୍ତୁତ କରିହେବ । ମହାକାଶ ଷ୍ଟେସନ ପାଇଁ ଏହି ଫୁଏଲ୍ ସେଲ୍‌କୁ ପ୍ରସ୍ତୁତ କରାଯାଇଛି । ଏହି ଷ୍ଟେସନରେ ମହାକାଶ ଯାତ୍ରୀ ରହିଥାନ୍ତି । ଏଠାରେ ବିଜୁଳି ଏବଂ ପାଣିର ଆବଶ୍ୟକତା ପଡ଼ିଥାଏ । ଏହି ଫୁଏଲ ସେଲ୍ ଉଭୟ ଆବଶ୍ୟକତାକୁ ପୂରଣ କରିବ । ମହାକାଶ କେନ୍ଦ୍ରକୁ ଶକ୍ତି ଦେବା ପାଇଁ ଏହା ବିଜୁଳି ଶକ୍ତି ଉତ୍ପନ୍ନ କରିବ ଏବଂ ସ୍ୱଚ୍ଛ ଜଳ ଦେବ । ସୂଚନା ଅନୁଯାୟୀ ନୂଆ ବର୍ଷରେ ଇସ୍ରୋ ପିଏସ୍‌ଏଲ୍‌ଭି-ସି୫୮ ରକେଟ ଉତ୍‌କ୍ଷେପଣ କରିଥିଲା । ଏହା ଏକ ୪ ପର୍ଯ୍ୟାୟ ବିଶିଷ୍ଟ ରକେଟ । ରକେଟ୍‌ର ଚତୁର୍ଥ ପର୍ଯ୍ୟାୟରେ ୬୫୦ କିମି ଦୂରରେ ଏକ୍ସପୋସାଟ ଉପଗ୍ରହକୁ ସ୍ଥାପନ କରାଯାଇଥିଲା । ଏହା ପରେ ଫୁଏଲ ସେଲ୍ ଷ୍ଟେଜର ପରୀକ୍ଷଣ ପାଇଁ ରକେଟକୁ ୩୦୦ କିମି ତଳକୁ ଅଣା ଯାଇଥିଲା । ଏହି ପର୍ଯ୍ୟାୟରେ ୧୦ଟି ପେଲୋଡ ଥିଲା । ଗୋଟିଏ ପେଲୋଡ ୧୦୦ୱାଟର କ୍ଲାସ ପଲିମର ଇଲେକ୍ଟ୍ରୋଲାଇଟ ମେମ୍ବ୍ରେନ ଫୁଏଲ ସେଲ ଆଧାରିତ ପାୱାର ସିଷ୍ଟମ (ଏଫ୍‌ସିପିଏସ୍) ଥିଲା । ଇସ୍ରୋ ଏହି ଫୁଏଲ ସେଲ୍‌ର ପରୀକ୍ଷଣ କରିଥିଲା ।

ପରୀକ୍ଷଣ ସମୟରେ ଫୁଏଲ ସେଲ୍‌ର ହାଇ ପ୍ରେସ୍‌ର ଭେସେଲ୍‌ସରେ ସଂରକ୍ଷିତ ଉଦ୍‌ଜାନ ଏବଂ ଅମ୍ଳଜାନରୁ ୧୮୦ ୱାଟର୍ ବିଦ୍ୟୁତ୍ ଉତ୍ପନ୍ନ ହୋଇଥିଲା । ଇସ୍ରୋ ସୂଚନା ଅନୁଯାୟୀ ଉଦ୍‌ଜାନ ଏବଂ ଅମ୍ଳଜାନ ଗ୍ୟାସ୍ ମିଶିବା ପରେ ହିଁ ବିଦ୍ୟୁତ ଏବଂ ଜଳ ସୃଷ୍ଟି ହୋଇଥାଏ । ଏଥିରେ କୌଣସି ପ୍ରକାରର ବିଷାକ୍ତ ଗ୍ୟାସ୍ ବାହାରି ନ ଥାଏ । ଭବିଷ୍ୟତରେ ଗାଡ଼ି ଗୁଡ଼ିକରେ ଏହି ଶକ୍ତିକୁ ବ୍ୟବହାର କରାଯାଇପାରିବ । ଏହି ଇନ୍ଧନରେ ଚାଲିଲେ ଗାଡ଼ି ଅଧିକ ମାଇଲେଜ ଦେବ । ଗାଡ଼ି ପ୍ରଦୂଷଣ ମୁକ୍ତ ମଧ୍ୟ ହେବ ।





# ହ୍ରିତିକ୍‌ଙ୍କ 'ଫାଇଟର୍' ପାଉଣା ୫୦ କୋଟି

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଫାଇଟର୍' ବର୍ଷ ଆରମ୍ଭରେ ବକ୍ସ ଅଫିସ୍‌ରେ ଧମାଲ୍ କରିବାକୁ ଯାଉଛି। ଜାନୁଆରୀ ୨୫ରେ ଏହା ସିନେମାହଲ୍‌କୁ ଆସିବ। ଫିଲ୍ମର ବଜେଟ୍ ୨୫୦ କୋଟି ରହିଛି। ଏଥିରେ ତାଙ୍କ ସହ ଦୀପିକା ପାଦୁ୍ୟକୋନ୍ ଓ କରନ୍ ସିଂହ ଗ୍ରୋଭର୍ ନଜର ଆସିବେ। ଇତିମଧ୍ୟରେ ଫିଲ୍ମର ଟିଜର୍ ଓ ଗୀତଗୁଡ଼ିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ହ୍ରିତିକ୍ ଏହି ଫିଲ୍ମ ପାଇଁ ୫୦ କୋଟି ନେଇଥିବା ଜଣାପଡ଼ିଛି। ହ୍ରିତିକ୍ ଏବେ ଫିଲ୍ମକୁ ହିଟ୍ କରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ସେହିଭଳି ଦୀପିକାଙ୍କ ପାଇଁ ୨୦୨୩ ବର୍ଷ ବେଶ୍ ସଫଳ ସାବ୍ୟସ୍ତ ହୋଇଛି। ୨୦୨୪ ଆରମ୍ଭରେ ପୁଣି ଥରେ ସେ ପରଦାକୁ ଫେରୁଛନ୍ତି। ଏହି ଫିଲ୍ମ ପାଇଁ ଦୀପିକା ୧୬ କୋଟି ନେଇଥିବା କୁହାଯାଉଛି। 'ଆନିମଲ'ର ସଫଳତା ପରେ ଅନୀଲ କପୁରଙ୍କ ଚାହିଦା ଖୁବ୍ ବଢ଼ିଯାଇଛି। ସେ ଏହି ଫିଲ୍ମ ପାଇଁ ୬ରୁ ୭ କୋଟି ନେଇଛନ୍ତି। ଅଭିନେତା କରନ୍ ସିଂହ ଗ୍ରୋଭର୍ ଏକ କୋଟି ନେଇଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ସିଦ୍ଧାର୍ଥ ଆନନ୍ଦ ରହିଛନ୍ତି। ଏଠାରେ ପ୍ରକାଶ ଥାଉ କି, ଗତବର୍ଷ ସିଦ୍ଧାର୍ଥଙ୍କ ନିର୍ଦ୍ଦେଶିତ ଫିଲ୍ମ 'ପଠାନ୍' ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ 'ଫାଇଟର୍' ମଧ୍ୟ ସମାନ ତାରିଖରେ ରିଲିଜ୍ ହେଉଥିବାରୁ ଏହା ବକ୍ସ ଅଫିସ୍‌ରେ ବେଶ୍ ହଇଚଇ ସୃଷ୍ଟି କରିବ ବୋଲି ଏବେଠୁ ଚର୍ଚ୍ଚା ହେବାକୁ ଲାଗିଲାଣି।

## ଆଜିର ଇତିହାସ

- ୧୯୦୭-ରୋମ୍‌ରେ ପ୍ରଥମ ଥର ଡେ' କେୟାର ସେଣ୍ଟରର ଆରମ୍ଭ ହେଲା।
- ୧୯୨୯- ମଦର ଟେରେସା ରୋଗୀ ସେବା ପାଇଁ କଲିକତା ଆସିଲେ।
- ୧୯୪୬- ଭିଏତ୍‌ନାମରେ ପ୍ରଥମ ସାଧାରଣ ନିର୍ବାଚନ ଆରମ୍ଭ ହେଲା।
- ୧୯୬୬- ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍ ରେହମାନ୍‌ଙ୍କ ଜନ୍ମ।
- ୨୦୧୬- ଉତ୍ତର କୋରିଆ ସଫଳତା ପୂର୍ବକ ଥର୍ମୋନ୍ୟୁକ୍ଲିୟର୍ ଅସ୍ତ୍ରର ପରୀକ୍ଷା କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତା ଓମ୍‌ପୁରୀଙ୍କ ଦେହାନ୍ତ।

# ସଡ଼କ ସୁରକ୍ଷାର ସୁନ୍ଦର ବାର୍ତ୍ତା

ସାମାଜିକ ଗଣମାଧ୍ୟମରେ କିଛି ନା କିଛି ଶିକ୍ଷଣୀୟ ତଥା ରୋଚକୀୟ ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ। ଏହି କ୍ରମରେ ଏବେ ଜାପାନରେ କୁନି ଝିଅଟିଏ ରାସ୍ତା ପାର୍ ହେଉଥିବାର ଏକ ମନଛୁଆଁ ଭିଡିଓକୁ ସେୟାର୍ କରାଯାଇଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଅବଶ୍ୟ ଜାପାନରେ ଛୋଟପିଲାଙ୍କର ରାସ୍ତା ପାର୍ ହେବାକୁ ନେଇ ଏକ ସୁନ୍ଦର ପରମ୍ପରା ରହିଛି। ଯାହାକୁ କୁନି ଝିଅଟି ବି ପାଳନ କରିଥିବା ଦେଖାଯାଇଛି। ଭିଡିଓଟିରୁ ଦେଖିବାକୁ ମିଳିଛି, ଝିଅଟି ହାତରେ ଛତା ଧରି ରାସ୍ତାରେ ଛିଡ଼ା ହୋଇଛି। ସେ ଜେବ୍ରା କ୍ରସିଂରେ ରାସ୍ତା ପାର୍ ହେବା ସମୟରେ ଅଚାନକ ବସ୍ ଆସି ପହଞ୍ଚିଛି। ସେହିପରି ରାସ୍ତାରେ କୁନି ଝିଅଟିକୁ ଦେଖି ବସ୍ ଚାଳକ ଗାଡ଼ିକୁ ଅଟକାଇ ଦେବାରୁ ସେ ସୁରକ୍ଷିତ ଭାବେ ରାସ୍ତା ପାର୍ ହେବାରେ ସଫଳ ହୋଇଛି। ତେବେ ଘଟଣାଟି କେବଳ ଏତିକିରେ ଶେଷ ହୋଇନି। ଏହାପରେ କୁନି ଝିଅଟି ବସ୍ ଚାଳକଙ୍କୁ ମୁଣ୍ଡ ନୁଆଇଁ ଧନ୍ୟବାଦ ଜଣାଇଛି। ତେବେ ଏଠାକାର ଏହି ସଂସ୍କୃତି ଡ୍ରାଇଭର ଓ ପଦଚାରୀଙ୍କ ମଧ୍ୟରେ ଥିବା ସୁନ୍ଦର ବୁଝାମଣାକୁ ଇଙ୍ଗିତ କରିଛି। ତା'ସହ ଏହା ସଡ଼କ ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ମଧ୍ୟ ପ୍ରଦାନ କରିଛି। ସେହିପରି ପଦଚାରୀଙ୍କ ଏହି ବ୍ୟବହାର ଯୋଗୁଁ ଚାଳକ ଓ ପଦଚାରୀଙ୍କ ମଧ୍ୟରେ ଏକ ଅନୁକୂଳ ତଥା ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରୁଛି। ଯଦ୍ଦ୍ୱାରା ସଡ଼କ ଦୁର୍ଘଟଣା କମ୍ କରିବା ଦିଗରେ କାର୍ଯ୍ୟ କରୁଛି। ସେହିପରି ପିଲାଟିର ଏଭଳି କୃତଜ୍ଞତା ଜ୍ଞାପନକୁ ଲୋକମାନେ ବେଶ୍ ପସନ୍ଦ କରିଛନ୍ତି। ଅନ୍ୟପଟେ ଅନ୍ୟ ଦେଶ ମଧ୍ୟ ଏହାକୁ ଅନୁସରଣ କରିବା ଦରକାର ବୋଲି କୁହାଯାଉଛି।



# ସମ୍ମାନର ସହ



## ହାଟ ମଝିରେ ବ୍ରହ୍ମଜ୍ଞାନ

ସକାଳୁ ସକାଳୁ ପାଞ୍ଚଜଣ ଆସି ମୋ ଘର ଅଗଣାରେ ପହଞ୍ଚିଗଲେ। ଦୁଇଟି ମୁହଁ ଚିହ୍ନାଚିହ୍ନା ଲାଗୁଥାଏ। ଘର ଭିତରକୁ ପାଛୋଟି ଆଣିଲି। ଚା' ପାଣି କଥା ପଚାରିଲି। ଏଥର ଆସିବାର ଉଦ୍ଦେଶ୍ୟ ପଚାରିଲି:-

ମୁଁ – କହନ୍ତୁ । କେମିତି କୋଉ କାମ ପଡ଼ିଲା ମୋ' ପାଖରେ?

ଜଣେ :- ଆଜ୍ଞା ! 'ଗଡ଼ୁଆଣୀ ସାହିତ୍ୟ ମହାକୁମ୍ଭ'ର ସମ୍ପାଦକ । (ମୋ କାନ୍ଥରେ ଝୁଲିଥିବା ଏକ ମାନପତ୍ରକୁ ଦେଖି) ଏଇତ। ଆମ ମହାକୁମ୍ଭର ମାନପତ୍ର ଆପଣଙ୍କ ଘରେ ଝୁଲୁଚି।

ମୁଁ:- ଆଚ୍ଛା ଆଚ୍ଛା ! ଆପଣ ତ ଗୋଟାଏ ବିରାଟ ଆୟୋଜନ କରନ୍ତି। ମୋ'ର ମନେ ଅଛି।

ଆଉ ଜଣେ :- ହଁ, କୋଡ଼ିଏ ବର୍ଷ ପରେ ପୁଣିଥରେ ଆପଣଙ୍କୁ ଆମ ଅନୁଷ୍ଠାନ ଖୋଜୁଚି।

ମୁଁ :- ଆପଣଙ୍କ ଅନୁଷ୍ଠାନ ତ ମତେ ସମ୍ମାନିତ କରିସାରିଚି। ପୁଣିଥରେ କ'ଣ ସମ୍ମାନିତ କରିବେ?

ଜଣେ :- ହଁ, ଆଜ୍ଞା। ସେତେବେଳେ ବ୍ୟଙ୍ଗ ପାଇଁ ଥିଲା। ଏବେ ଅଧ୍ୟାତ୍ମ ସମ୍ମାନ।

ମୁଁ:- ଆରେ ! ଏ ପର୍ଯ୍ୟନ୍ତ ତ ମୋ ବହି ଘରକୁ ଆସିନି। ଛାପାଖାନାରେ। କ'ଣ ପାଣ୍ଡୁଲିପି ପଢ଼ିଦେଲେ କି ?

ଆଉ ଜଣେ:- ଆଜ୍ଞା ! ଆପଣଙ୍କ ଲେଖା ପଢ଼ିବା କ'ଣ ଦରକାର ? ନିଶ୍ଚିତ ଭାବରେ ଉଚ୍ଚକୋଟୀର ହେଇଥିବ। ଆମ କମିଟି ଆପଣଙ୍କୁ 'ସୁଦେଇ ଅଧ୍ୟାତ୍ମ ସମ୍ମାନ'ଦେବାକୁ ନିଷ୍ପତ୍ତି ନେଇଚି।

ମୁଁ:- ଆମ ଅଞ୍ଚଳର ସୁଦେଇ ବାଘ ଏଇ ସମ୍ମାନ ପାଇଁ ଖର୍ଚ୍ଚବାର୍ଚ୍ଚ କରନ୍ତି। ଏଣୁ ଏଇଟା ତାଙ୍କ ନାମରେ ନାମିତ।

ଏଥର ମୋ' ଆଖି ଆଗରେ କୋଡ଼ିଏ ବର୍ଷ ତଳର ଦୃଶ୍ୟ ନାଚି ଉଠିଲା। ତିନିଦିନ ବ୍ୟାପୀ ସାହିତ୍ୟ ମହାକୁମ୍ଭ। ଗଡ଼ୁଆଣୀ ଗାଁ କମ୍ପୁଥାଏ। ଦିନକୁ ଚାରିଟି ସତ୍ର। ଗୋଟିଏ ସତ୍ରରେ ନେତା-ମନ୍ତ୍ରୀ ଅତିଥି। ଦ୍ୱିତୀୟ ସତ୍ରରେ ଭୂତପୂର୍ବ ମନ୍ତ୍ରୀମାନେ ଅତିଥି। ତୃତୀୟ ସତ୍ରରେ ହାରିଥିବା ଓ ଚତୁର୍ଥ ସତ୍ରରେ ଆଶାୟୀ ପ୍ରାର୍ଥୀମାନେ ଅତିଥି। ଏଇମାନେ ହିଁ ମହାକୁମ୍ଭର ଖର୍ଚ୍ଚ ତୁଲାଇ ଥା'ନ୍ତି।

ମହାକୁମ୍ଭର ଖର୍ଚ୍ଚ କ'ଣ ଯେ ! ଏଇ ପୁରସ୍କାର/ସମ୍ମାନରେ ଖର୍ଚ୍ଚ ହୁଏ ବୋଲି ମନେ ହେଉଥିବ। ନା, ସେଥିରେ ଦି'ପଇସା ଖର୍ଚ୍ଚ ହୁଏନି। ବରଂ କିଛି ଆଦାୟ ହେଇଯାଏ। ଆପଣ ଭାବୁଥିବେ ଏଠି ପୁରସ୍କାର/ମାନପତ୍ର ବିକ୍ରି ହୁଏ। ନା, ଏକ ଅଭିନବ ଉପାୟରେ ମହାକୁମ୍ଭ ଖର୍ଚ୍ଚ ଉଠିବା ସହ, ସଭା ଓ ସମ୍ମାନ ଖର୍ଚ୍ଚର ବ୍ୟବସ୍ଥା ହେଇଯାଏ।

ସମ୍ମାନିତ ହେଉଥିବା ପ୍ରତିଭାଙ୍କ ଭିତରୁ ନବେ ପ୍ରତିଶତ ଲୋକଙ୍କୁ କେହି ସାହିତ୍ୟିକ ବୋଲି ଜାଣନ୍ତି ନାହିଁ। ଜାଣିବେ ବା କେମିତି? ଏମାନେ ସାହିତ୍ୟ ହିଁ କରନ୍ତି ନାହିଁ। ଖାଲି ସାହିତ୍ୟ ସଭା ବୋଲି ଆମ୍ଭ ଭଳି ଦୁଇ ଚାରିଟି ନମୁନାଙ୍କୁ ହିଁ ଡକା ହୋଇଥାଏ।

ତେବେ ଅନ୍ୟ ସମ୍ମାନଗୁଡ଼ିକ ସାହିତ୍ୟିକଙ୍କୁ ନ ଦେଲେ ହେଁ 'ସମ୍ମାନ'ର ନାମକରଣରୁ ହିଁ ଏକ ସାହିତ୍ୟଭାବ ଆସେ। ଯେମିତି 'ପଥିକ ବନ୍ଧୁ ସମ୍ମାନ' ଏଇ ସମ୍ମାନଟି କଟକ-ଗଡ଼ୁଆଣୀ ମଝିରେ ଥିବା ଏକ ରାସ୍ତାକଡ଼ରେ ଢାବାମାଲିକଙ୍କୁ ଦିଆଯାଇଥିଲା। ସେ ମହାକୁମ୍ଭର ଅତିଥିମାନଙ୍କୁ ତାଙ୍କ ଢାବାରେ ଖୁଆଇ ଥିଲେ।

ଆଉ ଏବେ ସମ୍ମାନର ନାଆଁ 'ଗମ୍ଭୁଜଶ୍ରୀ ସମ୍ମାନ' ଜଣେ ଟେଣ୍ଟହାଉସ୍ ମାଲିକଙ୍କୁ ଏ ସମ୍ମାନ ଦିଆହେଇଥିଲା। ଏ ସଭାର ସାମିଆନା, ଫାଟକଠୁ ଆରମ୍ଭ କରି ଚୌକି ପର୍ଯ୍ୟନ୍ତ ସେ ଯୋଗେଇ ଦେଇଥିଲେ।

ପୁଣି ଏକ ସମ୍ମାନର ନା 'ସଜଫୁଲ ସମ୍ମାନ'। ସେ ସଭାଗୃହର ତୋରଣରେ ବ୍ୟବହୃତ ଫୁଲଠୁ ଆରମ୍ଭ କରି ଅତିଥିଙ୍କ ଫୁଲତୋଡ଼ା ଓ ଜଗନ୍ନାଥଙ୍କ ଫୁଲହାର ପର୍ଯ୍ୟନ୍ତ ସବୁ ଯୋଗେଇ ଦେଇଥିଲେ।

ସବୁଠୁ ମତେ ଆଶ୍ଚର୍ଯ୍ୟଚକିତ କରିଥିଲା। ଏକ ସମ୍ମାନ, ଏକ ବିଚିତ୍ର ମାନପତ୍ର। ଗଡ଼ୁଆଣୀ ଗାଁଆମୁଣ୍ଡ ଚା' ଦୋକାନରେ ଏବେ ବି ସେ ଫଟୋଟି ଝୁଲୁଚି। ଜଣେ ଭୂତପୂର୍ବ ମନ୍ତ୍ରୀଙ୍କଠାରୁ ଚା' ଦୋକାନୀ ଜଣକ ଗ୍ରହଣ କରୁଚନ୍ତି- 'ଉଷ୍ମରାଜ ସମ୍ମାନ' ସେ ସଭାରେ ବଣ୍ଟାଯାଇଥିବା ସବୁ ଚା' ମାଗଣାରେ ସେଥର ଯୋଗେଇ ଦେଇଥିଲେ।

ଏଭଳି ଏକ ଅଭୂତପୂର୍ବ ମହାକୁମ୍ଭକୁ ପୁଣିଥରେ ମତେ ନମୁନା ହେଇଯିବାକୁ ପଡ଼ିବ। ମୁଁ ଚିନ୍ତାରେ ପଡ଼ିଯାଇଥାଏ। ଭଦ୍ରଲୋକ ଜଣେ ପଚାରିଲେ – 'ଏତେ ଭାବୁଚନ୍ତି କ'ଣ ? ଚାଲନ୍ତୁ। ପ୍ରଥମ ମହାକୁମ୍ଭ ଯାଇଥିଲେ । ଏଥର ଚତୁର୍ଥ ମହାକୁମ୍ଭ। ପୁଣି ଏକ ନୂଆ ସମ୍ମାନରେ ଆମେ ସମ୍ମାନିତ କରିବୁ।

ଏଥର ମୁଁ:- "କୋଡ଼ିଏ ବର୍ଷରେ ଚତୁର୍ଥ ମହାକୁମ୍ଭ।"

ଭଦ୍ରଲୋକ :- ଆମେ ପାଞ୍ଚବର୍ଷରେ ଥରେ ଏଇ ସାହିତ୍ୟ ମହାକୁମ୍ଭ କରିଥାଉ ଆଜ୍ଞା।

ମୁଁ:- ଓଃ ! ଠିକ୍ ନିର୍ବାଚନ ପୂର୍ବରୁ ! ବର୍ତ୍ତମାନ ଭୂତପୂର୍ବ ଓ ଆଶାୟୀଙ୍କଠୁ ବେଶ୍ ଦି'ପଇସା ରୋଜଗାର ତ ହେଉଚି। ସମ୍ମାନ ସହ କିଛି ଅର୍ଥରାଶି ରଖୁନାହାଁନ୍ତି?

ଭଦ୍ରଲୋକ :- ନାଁ, ଆଜ୍ଞା । ଆମେ କେବଳ ସମ୍ମାନ ଦେବୁ।

ମୁଁ:- ଥାଉ ! ମୁଁ ମୋ' ଘରେ ଆତ୍ମସମ୍ମାନ ସହ ବଞ୍ଚିଚି।■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

# ମୋମୋରୁ ମଧୁମେହ!



ସମ୍ପ୍ରତି ଅଧିକ ବିକ୍ରି ହେଉଥିବା ଫାଷ୍ଟଫୁଡ୍ ମଧ୍ୟରେ ସବା ଆଗରେ ଅଛି ମୋମୋ। ଏହାକୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ବେଶି ପସନ୍ଦ କରୁଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁସାରେ ମଧୁମେହ ରୋଗୀଙ୍କ ପାଇଁ ମୋମା କ୍ଷତିକାରକ। ସେମାନଙ୍କ ଅନୁସାରେ, ମୋମୋ ମଧୁମେହକୁ ଶୀଘ୍ର ବଢ଼ାଇ ଗମ୍ଭୀର ସ୍ଥିତି ସୃଷ୍ଟି କରିଥାଏ। ବଜାରରେ ବିକ୍ରି ହେଉଥିବା ଅଧିକାଂଶ ମୋମୋ ମଇଦାରୁ ତିଆରି ହୋଇଥାଏ। ଯେଉଁଭଳି ଭାବେ ଏଥିରେ ପନିପରିବା, ପନିର ଏବଂ ଚିକେନ୍ ଆଦି ଉପଯୋଗ କରାଯାଏ, ସେସବୁ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ସେହିପରି ମୋମୋକୁ ନରମ କରିବା ପାଇଁ ସେଥିରେ ବ୍ଲିଚ୍,କ୍ଲୋରିନ୍, ବେଞ୍ଜାଇଲ ପେରୋକସାଇଡ୍ ଭଳି ରସାୟନକୁ ମିଶାଯାଏ। ଏହି ତିନିଟି ଜିନିଷ ମଧୁମେହ ରୋଗୀଙ୍କ ପାଇଁ ଆଦୌ ହିତକର ନୁହେଁ। ଏହି ରାସାୟନିକ ତତ୍ତ୍ୱ ଶରୀରରେ ଇନସୁଲିନ୍ ତିଆରି କରୁଥିବା କୋଷ ସହିତ ସାମଞ୍ଜସ୍ୟ ରଖିବାରେ ସମର୍ଥ ହୋଇ ନ ଥାଏ। ଫଳରେ ଶରୀରରେ ରକ୍ତ ଶର୍କରା ବୃଦ୍ଧିପାଇଥାଏ। ସେପଟେ ମୋମୋରେ ସୁଗନ୍ଧ ଓ ସ୍ୱାଦ ବୃଦ୍ଧି ପାଇଁ ସେଥିରେ ମୋନୋସୋଡିୟମ୍ ଗ୍ଲୁଟାମେଟ୍ ରସାୟନକୁ ମଧ୍ୟ ଉପଯୋଗ କରାଯାଏ। ଯାହାକି ପାନକ୍ରିୟାଜ୍ ଓ କିଡ୍‌ନୀ ଉପରେ ପ୍ରଭାବ ପକାଏ। ସେହିପରି ଏହା ହେଉଛି ଏମିତି ଏକ ରସାୟନ ଯାହାକି, ସୁସ୍ଥ ଲୋକଙ୍କଠାରେ ମଧ୍ୟ ମଧୁମେହ ସୃଷ୍ଟି କରିବାକୁ ସକ୍ଷମ। ଅନ୍ୟପଟେ ଜର୍ଣ୍ଣାଲ ଅଫ୍ ଦ ଆମେରିକାନ୍ ଡାଏଟେଟିକ୍ ଆସୋସିଏସନ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଟାଇପ୍-୨ ମଧୁମେହ ରୋଗୀ ସପ୍ତାହକୁ ୩-୪ ମୋମୋ ଖାଇବା ଦ୍ୱାରା ଯଦିଓ ସ୍ୱାସ୍ଥ୍ୟ ଉପରେ ସେଭଳି କିଛି ପ୍ରଭାବ ପଡ଼ି ନ ଥାଏ, ତଥାପି ସବୁଦିନ ମୋମୋ ଖାଇବା ଦ୍ୱାରା ରକ୍ତ ଶର୍କରା ଦ୍ରୁତ ଗତିରେ ବୃଦ୍ଧି ପାଏ। ସେହିପରି ମଧୁମେହ ରୋଗୀଙ୍କୁ ଅଟା, ବାଜରା, ମାଣ୍ଡିଆରେ ପ୍ରସ୍ତୁତ ମୋମୋ ଖାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ମୋମୋ ସହିତ ପରଷା ଯାଉଥିବା ଲାଲ୍ ଚଟ୍‌ନିରେ ନାଲି ଲଙ୍କା ଓ ରଙ୍ଗ ଉପଯୋଗ ହେଉଥିବାରୁ ତାହା ଅର୍ଶ ଓ ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ। ତା'ସହ ଏଥିରେ ଦିଆଯାଉଥିବା ମାୟୋନିଜ୍ ହୃଦ୍‌ରୋଗୀଙ୍କ ପାଇଁ କ୍ଷତିକାରକ ବୋଲି କୁହାଯାଇଛି। ତେବେ ବାହାରେ ବିକ୍ରି ହେଉଥିବା ମୋମୋ ପରିବର୍ତ୍ତେ ମଧୁମେହ ରୋଗୀଙ୍କୁ ଘର ତିଆରି ମୋମୋ ଖାଇବା ଉପରେ ଗୁରୁତ୍ୱ ଦେବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଚାକିରିରେ ପଦୋନ୍ନତି ହୋଇପାରେ। ଛାତ୍ରଛାତ୍ରୀ ସଫଳତା ହାସଲ କରିବେ।

**ବୃଷ:** ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ ରହିବ। ମାନସିକ ଚାପରୁ ମୁକ୍ତି ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନିଜକୁ କମ୍‌ଜୋର ଭାବନ୍ତୁ ନାହିଁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖଶାନ୍ତି ମିଳିବ। ଆୟ ଅନୁସାରେ ବ୍ୟୟ ହେବ।

**କର୍କଟ:** ଆଶା କରିଥିବା ଦିଗରୁ ଲାଭବାନ ହେବେ। ପାରିବାରିକ ସୁଖ ଶାନ୍ତି ମିଳିବ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନଙ୍କ ପାଇଁ ବର୍ତ୍ତମାନ ଭଲ ସମୟ।

**ସିଂହ:** ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ୍ ଖୁସି ଖବର ପାଇବେ। ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖିବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

# ଘରର ମୁଖ୍ୟଦ୍ୱାରରେ କଳସ ବସାଉଥିଲେ...

**କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଯାତ୍ରାକଲେ କାର୍ଯ୍ୟସିଦ୍ଧି ହୋଇଥାଏ ବୋଲି କୁହାଯାଏ। ସେଥିପାଇଁ ଅନେକ ଘରର ମୁଖ୍ୟଦ୍ୱାର ନିକଟରେ କଳସ ବସାଇଥାନ୍ତି। ତେବେ ଏହି ଶୁଭ କଳସ ସ୍ଥାପନ ନେଇ ମଧ୍ୟ କିଛିଟା ନିୟମ ରହିଛି, ଆସନ୍ତୁ ଜାଣିବା ସେସମ୍ପର୍କରେ...**



- ଘରର ମୁଖ୍ୟ ଦ୍ୱାରର ବାମପଟେ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ। କିନ୍ତୁ ସମ୍ମୁଖରେ ରଖିଲେ କାହାର ଗୋଡ଼ ବାଜିଯିବାର ଆଶଙ୍କା ଥାଏ। ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ, ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡୁଥିବ।
- କଳସରେ ନିୟମିତ ପାଣି ପୂର୍ଣ୍ଣ କରି ତାଉପରେ ଫୁଲ କିଛି ରଖିଦିଅନ୍ତୁ।
- ଯଦି ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ କଳସକୁ ମଧ୍ୟ ରଖିପାରିବେ।
- ପ୍ରତିଦିନ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।
- ସୂର୍ଯ୍ୟୋଦୟ ପୂର୍ବରୁ କଳସ ବସାଇବା ଭଲ। କଳସ ନିକଟରେ ନିୟମିତ ଧୂପ, ଦୀପ ଦେଇ ପୂଜା କରିବା ଉଚିତ।
- କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ। ପୁନର୍ବାର ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ।

# ଚିକ୍‌ମିକ୍ ଗୁମ୍ଫା



ସାଧାରଣତଃ ଗୁମ୍ଫାଗୁଡ଼ିକ ଅନ୍ଧକାରମୟ ହୋଇଥାଏ। କିନ୍ତୁ ଏମିତି ଏକ ଗୁମ୍ଫା ଅଛି, ଯାହାକି ଆଲୋକରେ ଚିକ୍‌ମିକ୍ କରୁଛି। ଆକାଶରେ ତାରା ଯେଭଳି ଚିକ୍‌ମିକ୍ କରନ୍ତି, ଠିକ୍‌ସେହିପରି ଏହି ଗୁମ୍ଫା ଭିତର ଦେଖାଯାଏ। ତେବେ ଏହି ଗୁମ୍ଫାରେ ଆଲୋକର ବ୍ୟବସ୍ଥା ନାହିଁ, ବରଂ ଏହା ହେଉଛି ପ୍ରକୃତିଦତ୍ତ। ଏଭଳି ଏକ ନିଆରା ଗୁମ୍ଫା ନ୍ୟୁଜିଲ୍ୟାଣ୍ଡର ୱେଟୋମୋ ଗାଁରେ ଅବସ୍ଥିତ। ଏହା 'ଗ୍ଲୋଓର୍ମ ଗୁମ୍ଫା' ନାଁରେ ପ୍ରସିଦ୍ଧ। ୧୩୦ରୁ ଅଧିକ ବର୍ଷ ହେବ ଏହି ଗୁମ୍ଫା ପର୍ଯ୍ୟଟକଙ୍କ ଆକର୍ଷଣର ପ୍ରମୁଖ କେନ୍ଦ୍ର ପାଲଟିଛି। ଅବଶ୍ୟ ଗୁମ୍ଫାର ଏଭଳି ଚିକ୍‌ମିକ୍ ଦୃଶ୍ୟ ପଛରେ କାରଣ ରହିଛି। ଗୁମ୍ଫା ଛାତରେ ଏରାଚନୋକେମ୍ପା ଲ୍ୟୁମିନୋସା ନାମକ ବହୁ ସଂଖ୍ୟକ କୀଟ ଅଛନ୍ତି। ଏହି କୀଟ ନ୍ୟୁଜିଲ୍ୟାଣ୍ଡର 'ଗ୍ଲୋଓର୍ମ' ନାଁରେ ଜଣାଶୁଣା। ଏହି କୀଟଗୁଡ଼ିକ ଦେଖିବାକୁ ମାଛି ସଦୃଶ ଏବଂ ଏହା କେବଳ ନ୍ୟୁଜିଲ୍ୟାଣ୍ଡରେ ହିଁ ଦେଖାଯାନ୍ତି। ଏହି କୀଟରୁ ସୃଷ୍ଟି ନୀଳ ରଶ୍ମି ଗୁମ୍ଫା ଭିତରେ ବିଚ୍ଛୁରିତ ହେବାରୁ ଅନ୍ଧାରରେ ଏହା ଚିକ୍‌ଚିକ୍ କରେ। ତେବେ ଅନ୍ଧକାର ଯେତେ ଗାଢ଼ହୁଏ ଗୁମ୍ଫା କୀଟର ଆଲୋକରେ ସେତେ ଉଦ୍‌ଭାସିତ ହୋଇଥାଏ। ଏହି ଗୁମ୍ଫାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

# ଘୋଡ଼ାରେ ଖାଦ୍ୟ ଡେଲିଭରି

ସମ୍ପ୍ରତି ଅଧିକାଂଶ ଲୋକ ଘରେ ବସି ଖାଦ୍ୟଅର୍ଡର କରୁଛନ୍ତି। ଆଉ ଗ୍ରାହକଙ୍କୁ ଠିକ୍ ସମୟରେ ଖାଦ୍ୟ ପହଞ୍ଚାଇବା କାମ କରିଥାନ୍ତି ସ୍ୱିଗି ଓ ଜମାଟୋ ଆଦି କମ୍ପାନୀର ଡେଲିଭରି ବୟ। ନିକଟରେ ହାଇଦ୍ରାବାଦ୍‌ସ୍ଥିତ ଚଞ୍ଚଲଗୁଡ଼ାର ଏକ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। କାରଣ ଏଠାରେ ଗ୍ରାହକଙ୍କୁ ଖାଦ୍ୟ ଡେଲିଭରି କରିବାକୁ ଜଣେ ଜୋମାଟୋ ବୟ ଦୁଇଚକିଆ କି ସାଇକଲ ବ୍ୟବହାର କରିନାହାନ୍ତି, ବରଂ ସେ ଘୋଡ଼ା ଚଢି ନିଜର କର୍ତ୍ତବ୍ୟ କରିଛନ୍ତି। ପେଟ୍ରୋଲ ପମ୍ପରେ ଟ୍ରକ୍ ଧର୍ମଘଟ ଯୋଗୁଁ ଲମ୍ବା ଲାଇନ୍ ଲାଗିଥିଲା। ସେ ଯଦି ପେଟ୍ରୋଲ୍ ପମ୍ପରେ ଲାଇନ୍ ଲଗାନ୍ତି ସମୟ ନଷ୍ଟ ହେବା ସହ ଗ୍ରାହକଙ୍କୁ ବିଳମ୍ବରେ ଖାଦ୍ୟ ପହଞ୍ଚାଇବେ ବୋଲି ଭାବିଲେ। ତେଣୁ ସେ ବିଳମ୍ବ ନ କରି ନିଜ ବୁଦ୍ଧି ବଳରେ ଘୋଡାରେ ଚଢ଼ି ଖାଦ୍ୟ ପହଞ୍ଚାଇବାକୁ ଭାବିଥିଲେ। ତେବେ ଜନଗହଳି ଭିତରେ ଯେତେବେଳେ ଡେଲିଭରି ବୟ ଜଣକ ଘୋଡ଼ାରେ ଖାଦ୍ୟ ନେଇ ଯାଇଥିଲେ, ଲୋକେ ଏହା ଦେଖି ଚକିତ ହୋଇଯାଇଥିଲେ।



ସକାଳ THE SAKALA



www.sakalaepaper.com

କଦାଚିତ୍ କାଳିନ୍ଦୀ ତଟବିପିନ ସଂଗୀତ କରବୋ
ମୁଦାଭୀରୀ ନାରୀ ବଦନ କମଳା ସ୍ୱାଦ ମଧୁପଃ ।
ରମା ଶମ୍ଭୁ ବ୍ରହ୍ମା ମରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥

ଅଗଣିତ ଓଡ଼ିଆଙ୍କର ପ୍ରାଣର ପ୍ରିୟତମ ହେଉଛନ୍ତି କୋଟିବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କ ଦର୍ଶନ ସକାଶେ ବିଶ୍ୱର କୋଣଅନୁକୋଣରୁ ବର୍ଷ ସାରା ଶ୍ରୀମନ୍ଦିରକୁ ଛୁଟିଥାଏ ଭକ୍ତଙ୍କ ସୁଅ । ଯେଉଁଠି ପବନର ପ୍ରତ୍ୟେକ ଅଣୁ, ପାଣିର ପ୍ରତ୍ୟେକ ବୁନ୍ଦା, ମାଟିର ପ୍ରତ୍ୟେକ ସୂକ୍ଷ୍ମାତିସୂକ୍ଷ୍ମ ଅଂଶରେ ଭରି ରହିଛି ଆଧ୍ୟାତ୍ମିକତା । ଯେଉଁଠି ଏକାଠି ହୋଇଛି ସବୁ ମତ, ସବୁ ପନ୍ଥ । ସବୁ ଧର୍ମ ଓ ସବୁ ବିଶ୍ୱାସ । ଏ ମାଟିରେ ଅନୁଭବ କରିହୁଏ ସମନ୍ୱୟ । ଯେଉଁଥିପାଇଁ ଏହି ମାଟିକୁ କୁହାଯାଏ ମର୍ତ୍ତ୍ୟର ବୈକୁଣ୍ଠ । ଏହି ପବିତ୍ର ଧାମର ପାରିପାର୍ଶ୍ୱିକ ବିକାଶ, ସୌନ୍ଦର୍ଯ୍ୟକରଣ ସହ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି କାର୍ଯ୍ୟକ୍ରମ । ଖରା, ବର୍ଷା, ଶୀତ ସବୁ ଋତୁରେ ଅଯୁତ ଅଯୁତ ଭକ୍ତ ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାଆନ୍ତି । ଅଗଣିତ ଭକ୍ତ ଯେମିତି ନିର୍ବିଘ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ ପାରିପାରିବେ, ସେହି ମହତ୍ତର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଅନେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଥିରେ ବାଧା ପହଞ୍ଚାଇବାର ଅପଚେଷ୍ଟା କରିଥିବା ସତ୍ତ୍ୱେ ମହାପ୍ରଭୁଙ୍କର ଅପାର କରୁଣାରୁ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଲୋକାର୍ପଣ ହେବାକୁ ଯାଉଛି ।



# ଜୟ ଜଗନ୍ନାଥ
## ସ୍ୱପ୍ନର 'ପରିକ୍ରମା'

### ୧୭ ତାରିଖ ବୁଧବାର ଲୋକାର୍ପଣ





ଶିଳାନ୍ୟାସ- ୨୪ ଅକ୍ଟୋବର ୨୦୨୧, ବୁଧବାର



### ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି

ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ନାଗାର୍ଜୁନ ବେଶ, ନବକଳେବର ଆଦି ଭଳି ସ୍ୱତନ୍ତ୍ର ଉତ୍ସବରେ ଲୋକାରଣ୍ୟ ହୋଇଥାଏ ଶ୍ରୀକ୍ଷେତ୍ର ପୁରୀ । ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ବିଭିନ୍ନ ମାନବୀୟ ଲୀଳାଖେଳା କରନ୍ତି ନୀଳାଦ୍ରିନାଥ । ଅନେକ ଥର ଅନିୟନ୍ତ୍ରିତ ଭିଡ଼ ଯୋଗୁଁ ସୃଷ୍ଟ ଅଘଟଣ ଶ୍ରୀମନ୍ଦିରର ପବିତ୍ର ଭକ୍ତିମୟ ପରିବେଶକୁ କରିଛି ଶୋକାକୁଳ । ତେଣୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜଷ୍ଟିସ ବିମଳ ପ୍ରସାଦ ଦାସ କମିଶନ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଏହା ସହ ମୃଣାଳିନୀ ପାଢ଼ୀ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ତିନିଜଣିଆ ଖଣ୍ଡପୀଠ ମନ୍ଦିର ସୁରକ୍ଷା ଓ ସଂସ୍କାର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ । ସେହି ପରାମର୍ଶକୁ ଆଉ ଦୁଇପାଦ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬.୦୮.୨୦୧୯ ଦିନ ଏକ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ । ସେହି ଐତିହାସିକ ନିଷ୍ପତ୍ତିର ନାମ ଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ଯେହେତୁ ସମୟ ଅନୁକ୍ରମରେ ଶ୍ରୀକ୍ଷେତ୍ର ପୁରୀରେ ଭକ୍ତଙ୍କ ଅସଂଖ୍ୟ ଭିଡ଼ ବଢ଼ି ଚାଲିଥିଲା, ଅନେକ ସମୟରେ ପରିସ୍ଥିତି ଅଣାୟତ୍ତ ହେଉଥିଲା, ତେଣୁ ଯେଉଁଭଳି ଭାବେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସୁରୁଖୁରୁରେ ପାଇପାରିବେ, ତାଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ ।

### ନ୍ୟସ୍ତସ୍ୱାର୍ଥଙ୍କ ବିରୋଧ

୨୪ ନଭେମ୍ବର ୨୦୨୧ ଦିନ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ କରିଥିଲେ । ସେହିଦିନ ସମଗ୍ର ବିଶ୍ୱ ଜଗନ୍ନାଥ ଭକ୍ତିରେ ପୁଲକିତ ହୋଇ ଉଠିଥିଲା । ପ୍ରକଳ୍ପକୁ ବିରୋଧ କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା, ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷଙ୍କ ବିଭିନ୍ନ ବୟାନକୁ ବିଭ୍ରାନ୍ତିକର ଭାବେ ଉପସ୍ଥାପିତ କରିଥିଲେ; କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ପ୍ରୟାସକୁ କଡ଼ା ଭାଷାରେ ଭର୍ତ୍ସନା କରିବା ସହ ଏକ ଆର୍ଥିକ ଦଣ୍ଡ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିକୂଳତା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବାକୁ ଯାଉଛି । କୋଟି କୋଟି ଓଡ଼ିଆ ଆସନ୍ତା ୧୭ ତାରିଖରେ ଲୋକାର୍ପଣ ଉତ୍ସବକୁ ଚାହିଁ ରହିଛନ୍ତି । ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଏହି ପ୍ରକଳ୍ପ ଦେବ ଅନନ୍ୟ ଆଧ୍ୟାତ୍ମିକ ଉପଲବ୍ଧି ଓ ଦିବ୍ୟ ଅନୁଭବ । ଓଡ଼ିଆ ଅସ୍ମିତାର ଆଦ୍ୟ ଉତ୍ସ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ପ୍ରଦାନ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମାର୍ଗଦର୍ଶନ ସହିତ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିରନ୍ତର ଉଦ୍ୟମ ଓ ପ୍ରତ୍ୟକ୍ଷ ତାଦାରଖ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଫଳବତୀ କରିଛି । ଓଡ଼ିଆଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପୁନଃଜାଗରଣ ଦିଗରେ ଏହା ହେବ ଏକ ମାଇଲଖୁଣ୍ଟ ।

### ପୁରୀବାସୀଙ୍କ ଅକୁଣ୍ଠ ସହଯୋଗ

ଯେମିତି ପ୍ରତିଟି ସାମୂହିକ ସ୍ୱାର୍ଥକୁ ସାକାର କରିବା ପାଇଁ ଅନେକ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହୁଏ, ସେହିକ୍ରମରେ ପୁରୀବାସୀ ଅକୁଣ୍ଠ ଚିତ୍ତରେ ସମର୍ଥନ ଜଣାଇଥିଲେ । ଏହି ପ୍ରକଳ୍ପ ନିର୍ମାଣ ହେଉଥିବା ସ୍ଥାନରେ ଅନେକ ବ୍ୟକ୍ତିଗତ ଓ ବ୍ୟବସାୟିକ ସମ୍ପତ୍ତି ପୂର୍ବରୁ ରହି ଆସିଥିଲା । ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପାଇଁ ପ୍ରାୟ ୧୩୨ ବାସଗୃହରେ ବସବାସ କରୁଥିବା ୨୮୦ ପରିବାରର ୬୬୩ ଜଣଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା, ସେଇଠି ମଧ୍ୟ ୨୮ ଗୋଟି ଲଜ୍, ୪୪୦ ଦୋକାନ ଆଦି ରହିଥିଲା । ଏହି ସମସ୍ତଙ୍କୁ ସରକାର ୪୦୩ କୋଟି ଟଙ୍କା ଖର୍ଚ୍ଚ କରି ଉଚିତ କ୍ଷତିପୂରଣ ପ୍ରଦାନ କରିଥିଲେ । ଆହୁରି ମଧ୍ୟ ମଠମାନଙ୍କର ଗାଦି ଘର, ପୂଜା ସ୍ଥାନ ଓ ଆସ୍ଥାନକୁ ଅକ୍ଷୁର୍ଣ୍ଣ ରଖାଯାଇ ସେମାନଙ୍କ ମାଲିକାନାରେ ଥିବା ବ୍ୟବସାୟିକ ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇ ସେମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଇଥିଲା । ସେମାନଙ୍କ ଆୟର ଉତ୍ସ ଯେପରି ଅବ୍ୟାହତ ରହିବ, ସେଥିପାଇଁ ସରକାର ବିଶେଷ କ୍ଷତିପୂରଣ ଦେଇଥିଲେ । ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା ଏବଂ ବ୍ୟବସାୟୀମାନଙ୍କର ବ୍ୟବସାୟିକ ଅନୁଷ୍ଠାନ ପୁନଃକାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଉଥିଲେ । ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ସମସ୍ୟାର ସମାଧାନ ପାଇଁ ଏକ ହେଲ୍ପଡେସ୍କ ନିରନ୍ତର କାର୍ଯ୍ୟକ୍ଷମ ଥିଲା । ଏହି ଅଞ୍ଚଳରେ ଥିବା ବଜାରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟରେ ପୁରୀବାସୀଙ୍କର ଜଗନ୍ନାଥଙ୍କ ପ୍ରତି ଥିବା ଅନାବିଳ ଶ୍ରଦ୍ଧା ଓ ଭକ୍ତି ସମର୍ଥନ ରୂପରେ ପରିକ୍ରମା ପ୍ରକଳ୍ପର ପରିକଳ୍ପନା ଦିନରୁ ହିଁ ରହିଆସିଥିଲା । ତେଣୁ ଏକ ରେକର୍ଡ ସମୟ ମଧ୍ୟରେ ଜମି ଅଧିଗ୍ରହଣ ହୋଇପାରିଥିଲା । ଏହି ସମସ୍ତ ବ୍ୟକ୍ତିଙ୍କ ତ୍ୟାଗ ଓ ଜଗନ୍ନାଥ ଭକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ ଏବଂ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜୋରସୋରରେ ଆଗେଇଥିଲା ।

### ପରିକ୍ରମା ପରିଧି

**ପରିକ୍ରମା**
ମେଘନାଦ ପ୍ରାଚୀରରୁ ୫୫ ମିଟର

**ଚଳପ୍ରଚଳ**
୫୫ରୁ ୭୫ ମିଟର

ପରିକ୍ରମା ପ୍ରକଳ୍ପ ଅଧୀନରେ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ୫୫ ମିଟର ଯାଏଁ ବିଭିନ୍ନ ସୁବିଧା କରାଯାଇଛି । ବିଶେଷକରି ଶ୍ରୀମନ୍ଦିର ସହ ଜଡ଼ିତ ନୀତିକାନ୍ତି, ସେବା ତଥା ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ବିଭିନ୍ନ ନିର୍ମାଣ ଏଠାରେ କରାଯାଇଛି । ମେଘନାଦ ପାଚେରି ପାର୍ଶ୍ୱରୁ ୫୫ ମିଟର ବିଶିଷ୍ଟ କରିଡର୍ ମଧ୍ୟରେ ୬ଟି ମୁଖ୍ୟ ବିଷୟବସ୍ତୁ ରହିଛି । ଏଥିରେ ପ୍ରଥମ ୭ ମିଟର 'ଗ୍ରୀନ୍ ବଫର୍ ଜୋନ୍' ଭାବେ ଚିହ୍ନିତ କରାଯାଇଥିବା ବେଳେ ଏହାର ପରବର୍ତ୍ତୀ ୧୦ମିଟର ଇନର୍ (ଅନ୍ତଃ) ପ୍ରଦକ୍ଷିଣ ପଥ ଭାବେ ବିକଶିତ କରାଯାଉଛି । ଏହି ଅନ୍ତଃପ୍ରଦକ୍ଷିଣ ପଥରେ ଶ୍ରୀମନ୍ଦିର ଏବଂ ଚତୁର୍ଦ୍ଧାମୂରତିଙ୍କ ସହ ଜଡ଼ିତ ବିଭିନ୍ନ ପ୍ରକାରର ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହାସହ ଭକ୍ତମାନେ ମଧ୍ୟ ଏହି ପଥ ଦେଇ ମନ୍ଦିର ଚତୁଃପାର୍ଶ୍ୱର ପରିକ୍ରମା କରିପାରିବେ । କରିଡର୍ ମଧ୍ୟରେ ଲ୍ୟାଣ୍ଡସ୍କେପ୍ ଜୋନ୍ ଭାବେ ୧୪ ମିଟର ଅଞ୍ଚଳ ବିକଶିତ କରାଯାଇଛି । ଏହା ଲ୍ୟାଣ୍ଡସ୍କେପ୍ ବଗିଚା ମଧ୍ୟରେ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଥିବା ସ୍ଥାନୀୟ ବୃକ୍ଷ, ଉଦ୍ଭିଦକୁ ବ୍ୟବହାର କରାଯାଇ ସୁନ୍ଦର ଭାବେ ଡିଜାଇନ୍ କରାଯାଇଛି । ଯାହା ଏହି ଅଞ୍ଚଳକୁ ବେଶ୍ ଆକର୍ଷଣୀୟ ଭାବେ ଗଢ଼ି ତୋଳିବ ।

### ସିଂହଦ୍ୱାର

'ସିଂହଦ୍ୱାର ଚକଡ଼ା' ସମ୍ମୁଖ ଭାଗରେ ଏକ ବଡ଼ ଖୋଲା ସ୍ଥାନ ରହିଛି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ସୁନାବେଶ ପରି ବଡ଼ ଉତ୍ସବରେ ଭକ୍ତ ଯେପରି ସୁବିଧାରେ ରଥାରୂଢ଼ ଚତୁର୍ଦ୍ଧାମୂରତିଙ୍କୁ ଦର୍ଶନ କରି ପାରିବେ, ସେନେଇ ଏହି ଖୋଲା ସ୍ଥାନର ଉପଯୋଗ କରାଯିବ । ସେହିପରି ପରିକ୍ରମାର ଦକ୍ଷିଣ-ପୂର୍ବ କୋଣରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର ମଧ୍ୟ ନିର୍ମାଣ କରାଯାଇଛି, ଯାହା ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ବିଭିନ୍ନ ଜରୁରି ଆବଶ୍ୟକତା ପୂରଣ କରିବ ।

### ବ୍ୟାଘ୍ରଦ୍ୱାର

ବ୍ୟାଘ୍ରଦ୍ୱାର ସମ୍ମୁଖରେ ଏକ ପୁଲିସ ଫାଣ୍ଡି ସହ ଅତ୍ୟାଧୁନିକ ବିଦ୍ୟୁତ୍ ସଂଚାଳନ ନିୟନ୍ତ୍ରଣ କେନ୍ଦ୍ର (ସିଏସ୍ଏସ୍ ଏବଂ ଆର୍ଏମ୍ୟୁ) ସ୍ଥାପନ କରାଯାଇଛି । ଉତ୍ତର-ପଶ୍ଚିମ କୋଣରେ ସଂସ୍କୃତି ମଣ୍ଡପ ନାମରେ ଏକ ମୁକ୍ତାକାଶ ଥିଏଟର ନିର୍ମାଣ କରାଯାଇଛି । ଏଠାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ବ୍ୟବସ୍ଥା ରହିଛି ।

### ହସ୍ତୀଦ୍ୱାର

ଏହା 'ହସ୍ତୀଦ୍ୱାର ଚକଡ଼ା' ନାମରେ ନାମିତ ହୋଇଥିବା ବେଳେ ଉତ୍ତର-ପୂର୍ବ କୋଣରେ ସାମାନ ରଖିବା ଘର (କ୍ଲୋକ୍ ରୁମ୍) ଏବଂ ତନଖି ସ୍ଥାନ (ଚେକିଂ ପଏଣ୍ଟ) ନିର୍ମାଣ କରାଯାଇଛି । ଏହି ଦ୍ୱାର ମୁଖ୍ୟତଃ ତୀର୍ଥଯାତ୍ରୀଙ୍କ ପ୍ରସ୍ଥାନ ପଥ ଭାବେ କାର୍ଯ୍ୟ କରିବ । ଯାହାଫଳରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ଭକ୍ତମାନେ ନିର୍ବିଘ୍ନରେ ବାହାରକୁ ଯାଇପାରିବେ ।

### ଅଶ୍ୱଦ୍ୱାର

ଏହି ବାଟ ଦେଇ ଶ୍ରୀମନ୍ଦିର ରୋଷଘର ବ୍ୟବହାର ନିମିତ୍ତ ଆସୁଥିବା ସାମଗ୍ରୀ ନେବାଆଣିବା କାର୍ଯ୍ୟ କରାଯିବ । ଏହାସହ ଏଠାରୁ ମଧ୍ୟ ମନ୍ଦିରରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ । ସେହିପରି ଏହି ଦ୍ୱାରର ଦକ୍ଷିଣ-ପଶ୍ଚିମ କୋଣରେ ଥିବା କପାଳମୋଚନ ମନ୍ଦିର ନିକଟରେ ସଂକୀର୍ତ୍ତନ ତଥା ମନ୍ଦିର ପରିକ୍ରମା ପାଇଁ ଆସୁଥିବା ଭକ୍ତମାନଙ୍କ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ଜରୁରୀ ପରିସ୍ଥିତିରେ ଏହି ଦ୍ୱାର ଯାତାୟାତ ପାଇଁ ବ୍ୟବହାର କରାଯାଇପାରିବ ।

# ନିର୍ମାଣର ଦିନକ ପରେ ଉଠିଗଲା ପିଚୁ

**ମୋହନା,୫ ।୧(ସମିସ):** ରାସ୍ତାରେ ପିଚୁ ଢଳାଇ କାର୍ଯ୍ୟର ଗୋଟିଏ ଦିନ ପରେ ପିଚୁ ଉଠିଯାଇଛି । ଏଭଳି ଚିତ୍ର ଦେଖିବା ପାଇଁ ମିଳିଛି ଗଜପତି ଜିଲ୍ଲାର ମୋହନା-ଖାରିଗୁଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ମରାମତି କାର୍ଯ୍ୟରେ । ସୂଚନା ପ୍ରକାରେ ମୋହନା ଖ୍ରୀଷ୍ଟିଆନ ସାହିଠାରୁ ଖାରୀଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ୧.୯୦୦କିମି ରାସ୍ତାର ମରାମତି କାର୍ଯ୍ୟ ନିମନ୍ତେ ମୋହନା ଗ୍ରାମ୍ୟ ନିର୍ମାଣ ବିଭଗ ପକ୍ଷରୁ ୧୭ ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବା ସହ ଠିକାଦାରଙ୍କୁ ରାସ୍ତା ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଗତ ଗୁରୁବାର ଉକ୍ତ ରାସ୍ତାରେ ପିଚୁ ଢଳାଇ କାର୍ଯ୍ୟ ହୋଇଥିବାବେଳେ ଶୁକ୍ରବାର ତାହା ଉଠିଯାଇଛି । ଏନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଗ୍ରାମ୍ୟ ନିର୍ମାଣ ବିଭାଗକୁ ଯାଇ ଏହାର ପ୍ରତିବାଦ କରିଥିଲେ । ଅତିଶୀଘ୍ର ପିଚୁ ଉଠିଯାଇଥିବା ସ୍ଥାନରେ ପିଚୁ



ପକାଇ କାର୍ଯ୍ୟ କରାଯିବ ବୋଲି ମୋହନା ଗ୍ରାମ୍ୟ ନିର୍ମାଣ ବିଭାଗ ଯନ୍ତ୍ରୀ ଲୋକଙ୍କୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

# 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ




**ନୂଆଗଡ଼,୫ ।୧(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦା ବାବା ସାହେବ ଆମ୍ବେଦକର କଲେଜ ଖେଳ ପଡ଼ିଆରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଅଧ୍ୟକ୍ଷା ମାଳତୀ ପ୍ରଧାନ, ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବର ଅଧ୍ୟକ୍ଷ ତଥା ବିଡିଓ ଲୋକନାଥ ଶବର, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, କଲେଜ ଅଧ୍ୟକ୍ଷ ପ୍ରେମ ଚନ୍ଦ୍ର ସିଂ, ସରପଞ୍ଚମାନଙ୍କ ବ୍ଲକ ସଭାପତି ସୁନ୍ଦରଡାଙ୍ଗ, ସରପଞ୍ଚ ପ୍ରେମା ମାଝୀ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଶୁଭାରମ୍ଭ କରିଥିଲେ । ଯୁବଗୋଷ୍ଠୀ, ବିଦ୍ୟାଳୟ, କଲେଜ ଛାତ୍ରଛାତ୍ରୀ କ୍ରୀଡ଼ା ଉତ୍ସବରେ ସାମିଲ ହୋଇଥିଲେ ।

## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ପୁରୁଷ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

**ପାରଳାଖେମୁଣ୍ଡି, ୫ ।୧(ସମିସ)**

ଗଜପତି ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା-୨୦୨୪ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରକାଶିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ହୋଇଥିଲା । ଜିଲ୍ଲାରେ ଭୋଟର ତାଲିକାରେ ସମୁଦାୟ ଭୋଟର ସଂଖ୍ୟା ୪୫୯୨୨୮ ହୋଇଥିବା ବେଳେ ଏଥି ମଧ୍ୟରେ ପୁରୁଷ ଭୋଟର ସଂଖ୍ୟା ୨୨୪୪୦୫, ମହିଳା ଭୋଟରଙ୍କ ସଂଖ୍ୟା ୨୩୪୭୯୯ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୨୪ ରହିଛନ୍ତି । ସେହିପରି ୧୩୬ ମୋହନା ନିର୍ବାଚନମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨୪୩୫୨୨ ହୋଇଥିବା ବେଳେ ପୁରୁଷ ଭୋଟର ସଂଖ୍ୟା ୧୧୮୧୯୩, ମହିଳା ଭୋଟର ସଂଖ୍ୟା ୧୨୫୩୨୨ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୭ ରହିଛନ୍ତି । ୧୩୭ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨୧୫୭୦୬, ପୁରୁଷ ଭୋଟର ସଂଖ୍ୟା ୧୦୬୨୧୨, ମହିଳା ଭୋଟର ସଂଖ୍ୟା ୧୦୯୪୭୭ ଓ ତୃତୀୟ ଲିଙ୍ଗ ୧୭ ରହିଛନ୍ତି । ସେହିପରି ଜିଲ୍ଲାରେ ଯୁବ ଭୋଟର (୧୮-୧୯ ବର୍ଷ)ଙ୍କ ସଂଖ୍ୟା ୧୨୩୬୩ ଜଣ ରହିଛନ୍ତି । ୮୦ ବର୍ଷ ବୟସରୁ ଅଧିକ ବରିଷ୍ଠ ଭୋଟର ସଂଖ୍ୟା ୬୧୬୬ ଜଣ



ରହିଛନ୍ତି ଓ ଜିଲ୍ଲାରେ ସର୍ଭିସ୍ ଭୋଟର ସଂଖ୍ୟା ୪୧୨ ଜଣ ରହିଛନ୍ତି । ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ପରବର୍ତ୍ତୀ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ନିଜର ନାମକୁ ନୂତନ ଭାବେ ଫର୍ମ ୬ ନାମ ପଞ୍ଜୀକରଣ କରିପାରିବେ । ଜିଲ୍ଲାରେ ଥିବା ସମସ୍ତ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳଗୁଡ଼ିକ ନିଜ ନିଜ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ସମସ୍ତ ୫୭୩ ବୁଥ୍‌ରେ ନିୟୋଜିତ କରି ସହଯୋଗ କରିବା ପାଇଁ ଜିଲ୍ଲାପାଳ କହିଥିଲେ । ସେହିପରି ଜିଲ୍ଲାରେ ୫୭୩ ବୁଥ୍ ରହିଥିବା ବେଳେ ୧୩୬-ମୋହନା (ସଂରକ୍ଷିତ) ନିର୍ବାଚନ ମଣ୍ଡଳୀରେ ୨୯୭ ବୁଥ୍ ଓ ୧୩୭-ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୭୬ଟି ବୁଥ୍ ରହିଛି । ଏହି ଅବସରରେ ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ ଶାଖା) ସୁଶ୍ରୀ ତୃପ୍ତିମୟୀ ଜେନା, କମଳକାନ୍ତ ପଣ୍ଡା, ବିଜୁ ଜନତା ଦଳର ଜମିଦାର ପଟ୍ଟନାୟକ, ବିଜେପିର ବାଳକୃଷ୍ଣ ପାତ୍ର, କଂଗ୍ରେସର ଈଶ୍ୱର ଚନ୍ଦ୍ର ମାଝୀ ଓ ଆପ୍‌ର ଶିଶିର କୁମାର ଭଞ୍ଜସାମନ୍ତଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଗଛପଡ଼ି ଗାଈ ମୃତ

**ଜି.ଉଦୟଗିରି,୫ ।୧(ସମିସ):** ଜି.ଉଦୟଗିରି ପଦାସାହୀଠାରେ ଗୁହାଳ ଉପରେ ଏକ ଗଛ ପଡ଼ିଯିବା ଫଳରେ ଚାପି ହୋଇ ଏକ ଗାଈର ମୃତ୍ୟୁ ଘଟିଛି । ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ଗାଈଟି ସାରଦା ଆର୍ଜଲି ନାମକ ମହିଳାଙ୍କ ହୋଇଥିବା ବେଳେ ସେ ଏହି ଗୋପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ । ସାରଦାଙ୍କ ସ୍ୱାମୀ ନ ଥିବାବେଳେ ଗାଈ କ୍ଷୀର ବିକ୍ରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ । ତେବେ ଗାଈର ମୃତ୍ୟୁ ପରେ ସେ ଏବେ ପରିବାର କେମିତି ଚଳେଇବେ ସେନେଇ ଚିନ୍ତାରେ ପଡ଼ିଛନ୍ତି । ତାଙ୍କୁ ସରକାରୀ ସହାୟତା ଦେବାକୁ ସାହିବାସିନ୍ଦା ଦାବି କରିଛନ୍ତି ।

# ଜି.ଉଦୟଗିରିକୁ ପୁଣି ଲେଉଟିଲା ଶୀତ



**ଜି. ଉଦୟଗିରି,୫ ।୧(ସମିସ):** କିଛି ଦିନ ବ୍ୟବଧାନ ପରେ ପୁଣି ଜି.ଉଦୟଗିରିକୁ ଲେଉଟିଲା ଶୀତ । ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରହିଛି ବୋଲି ଜି.ଉଦୟଗିରି କୃଷି ଗବେଷଣା କେନ୍ଦ୍ରରେ ଥିବା ପାଣିପାଗ ବିଭାଗ ଅଧିକାରୀଙ୍କଠାରୁ ଜାଣିବାକୁ ମିଳିଛି । ଗୁରୁବାର ଏଠାରେ ତାପମାତ୍ରା ୯.୪ ଡିଗ୍ରୀ ସେଲସିୟସ ରହିଥିଲା । ପୁଣି ଥରେ ଶୀତ ଫେରିବା ଓ ଘନ କୁହୁଡ଼ି ଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି । ସକାଳ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରକୁ ବାହାରିବା କଷ୍ଟ ହେଉଛି ।

# ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ



**କାଶୀନଗର,୫ ।୧(ସମିସ):** କାଶୀନଗର ତହସିଲ ଅନ୍ତର୍ଗତ ଖାଣ୍ଡବା ପଞ୍ଚାୟତରେ ଗଜପତି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ଜମିପଟ୍ଟା ଓ ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ତହସିଲଦାର ଅଶୋକ ପ୍ରଧାନ, ବିଡିଓ ଅନୁପ ପଣ୍ଡା, ସରପଞ୍ଚ ମାଧବୀ ଚୌଧୁରୀ, ସମିତି ସଭ୍ୟ ଜଗନ୍ନାଥ ଦୋରା, ନାଏବ ସରପଞ୍ଚ ଆର୍ ସତୀଶ ଓ କାଶୀନଗର ବନ୍ୟା ବିଭାଗ ଅଧିକାରୀ ସୁଧୀର ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ମୋଟ ୧୧୩ଟି ପଟ୍ଟା ବଣ୍ଟନ ହୋଇଥିଲା । ଏହା ସହ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଖାଣ୍ଡବା ଗ୍ରାମର ଗୌଡ଼ ସାହିର ନୂତନ ମଣ୍ଡପ ଅନୁଷ୍ଠାନର ଉଦ୍‌ଘାଟନ କରିଥିଲେ ଜିଲ୍ଲାପାଳ ।

# ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ

**ପାରଳାଖେମୁଣ୍ଡି,୫ ।୧(ସମିସ):** ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମେଳନ କକ୍ଷ-୪ରେ ଗଜପତି ଜିଲ୍ଲାରେ ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ କରାଯାଇଛି । ପ୍ରଥମେ ମୁଖ୍ୟ ଅତିଥି ଏବଂ ଉପସ୍ଥିତ ଅତିଥି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଜିଲ୍ଲା ମଙ୍ଗଳ ଅଧିକାରୀ ମମତା ପରିଡ଼ା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ପ୍ରଶିକ୍ଷକ ଅମୀୟ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାଶୀନଗର, ଗୁମ୍ମା, ରାୟଗଡ଼ ଓ ଗୋଷାଣିର ସମସ୍ତ ଆବସିକ ବିଦ୍ୟାଳୟ ହୋଷ୍ଟେଲ ସୁପିରିଣ୍ଟେଡେଣ୍ଟ ଏବଂ ମେଟ୍ରୋନ୍ ଯୋଗ ଦେଇଥିଲେ ।



ଆରକ୍ଷୀ ଅଧୀକ୍ଷକ ଭାରତ ବର୍ଷରେ କେରଳ ରାଜ୍ୟରେ ପୁଅ ତୁଳନାରେ ଝିଅର ହାର ସବୁଠାରୁ ଅଧିକ ବୋଲି ଦର୍ଶାଇଥିଲେ । ସେହିପରି ଜିଲ୍ଲାପାଳ ଅନ୍ୟ ଜିଲ୍ଲା ତୁଳନାରେ ଗଜପତିରେ ପୁଅ ଅପେକ୍ଷା ଝିଅର ହାର ଅଧିକ ଥିବା କହି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଏହା କିପରି ଆଗମୀ ଦିନରେ ଆହୁରି ଆଗରୁ ଯାଇପାରିବ ସେକଥା ଆଲୋଚନା କରିଥିଲେ । ଏହି ଅବସରରେ ବ୍ରହ୍ମପୁରରୁ ଆସିଥିବା ପ୍ରଶିକ୍ଷକ ୬୦ରୁ ଉର୍ଦ୍ଧ୍ୱ ଆବାସିକ ବିଦ୍ୟାଳୟରୁ ଆସିଥିବା ମେଟ୍ରୋନ୍ ଏବଂ ସୁପରିଣ୍ଟେଡେଣ୍ଟଙ୍କୁ ପିଲାମାନଙ୍କର ନିରପତ୍ତା ଓ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଉତ୍କଳ ବାଳାଶ୍ରମ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଫିରିଙ୍ଗିଆ,୫ ।୧(ସମିସ):** ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟଠାରେ ଥିବା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଇପ୍‌ସିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରା ମୁଖ୍ୟ ଅତିଥି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରେଶ ପ୍ରସାଦ ରଥ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଦ୍ୱାରିକାନାଥ ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଇଟସ ନାଏକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣ ସିଂ, ଗୋଛାପଡ଼ା ସରପଞ୍ଚ ଯୁଗାନ୍ତ କହଁର, ନୂଆପଦର ସରପଞ୍ଚ ଭବାନୀ ଶଙ୍କର କହଁର, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କ ସହ ବାନ୍ଧଗଡ଼



ହାଇସ୍କୁଲର ଖେଳ ଶିକ୍ଷକ ପ୍ରଦୀପ କୁମାର ସାହୁ, ନୂଆପାଦର ହାଇସ୍କୁଲ ଖେଳଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଗୋଛାପଡ଼ାର ସତ୍ୟନାରାୟଣ ମୁଖି, ଲୋଇସିଂର ସଂଗୀତା ମଳିକ, ଡିମିରିଗୁଡ଼ାର କୁସୁମଲତା ପ୍ରଧାନ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଫିରିଙ୍ଗିଆ ଖେଳପଡିଆରେ ଜିପିଟି ଷ୍ଟାର ଗୋଛାପଡା ଓ ନେତାଜୀ କ୍ଲବ ନୂଆପାଦର ଫୁଟବଲ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନୂଆପଦରକୁ ୧-୦ ଗୋଲରେ ହରାଇ ଗୋଛାପଡ଼ା ଚାମ୍ପିଅନ ହୋଇଥିଲା । ଖେଳ ଶିକ୍ଷକ ସତ୍ୟନାରାୟଣ ମୁଖିଙ୍କ ସହ ତାଣ୍ଡେଶ୍ୱର କହଁର ଓ ଅନ୍ୟମାନେ ପରିଚାଳନା କରିଥିଲେ । ବ୍ଲକ ପ୍ରଶାସନ ତରଫରୁ କୃତୀ ଛାତ୍ରଛାତ୍ରୀ ଓ ଫୁଟବଲ ଖେଳରେ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା ।

# ୨୦ ଦିନ ହେଲା ଜଳଯୋଗାଣ ବନ୍ଦ

**● ଦୁଇ ସାହିବାସିନ୍ଦା ହନ୍ତସନ୍ତ**

**ରାୟଗଡ଼,୫ ।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ପଞ୍ଚାୟତର ବଢ଼େଇ ସାହି ଓ ଗୌଡ଼ ସାହିକୁ ପ୍ରାୟ ୨୦ ଦିନ ହେଲା ଜଳଯୋଗାଣ ବନ୍ଦ ରହିଛି । ଫଳରେ ଏହାକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଅଧିକାରୀ କିମ୍ବା ପଞ୍ଚାୟତ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି । ଏନେଇ ସାହିବାସିନ୍ଦା ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି । ମହିଳାମାନେ ଗରା, ମାଠିଆ ଧରି ନଳକୂପ ପାଖରେ ଧାଡ଼ି ଲଗାଉଛନ୍ତି । ଉଭୟ ସାହିରେ ପ୍ରାୟ ୩ ଶହ ଲୋକ ବସବାସ କରୁଥିବା ବେଳେ ରାୟଗଡ଼ ମହେନ୍ଦ୍ରତନୟା ନଦୀରୁ ପାଇପ୍ ଯୋଗେ ଜଳଯୋଗାଣ ହେଉଛି । ତେଣୁ ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏନେଇ କନିଷ୍ଠ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ପାଇପ୍ କେଉଁଠି ଫାଟି ଯାଇଛି ତାହା ଜଣାପଡୁନଥିବାବେଳେ ତାହାର ନିରୀକ୍ଷଣ କରି ତୁରନ୍ତ ସମାଧାନ କରାଯିବ ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ପାରଳାଖେମୁଣ୍ଡି, ୫ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ପଞ୍ଚାୟତ ସମିତି ପକ୍ଷରୁ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଉତ୍ସବ ଦ୍ୱିତୀୟ ଦିନରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ଗୁରାଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଏଥିରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ବିଡିଓ ଅଜୟ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଟି.କିଶୋର କୁମାର, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ସ୍ଥାନୀୟ ସରପଞ୍ଚ ଶିଳ୍ପା ପାତ୍ର, ସମିତି ସଭ୍ୟା ପି.ମୀନାକ୍ଷୀ, ଭାରପ୍ରାପ୍ତ ଜିପିଇଓ ବିନୋଦ ଗୌଡ଼, ଗୁରାଣ୍ଡି ପିଇଓ ମୋହିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗାରବନ୍ଧସ୍ଥିତ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଭଲିବଲ୍, ଖୋ ଖୋ ପ୍ରତିଯୋଗିତା ଚାଲୁ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ସରପଞ୍ଚ, ସମିତି, ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ ।

## କନ୍ଧମାଳ ମହୋତ୍ସବ ଉଦ୍‌ଘାଟିତ

# ବିଭୋର କଲା ମଧ୍ୟପ୍ରଦେଶର ବଧାଇ ନୃତ୍ୟ







**ଫୁଲବାଣୀ,୫ ।୧(ସମିସ)**

କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା-୨୦୨୪ କନ୍ଧମାଳ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି । ଜିଲ୍ଲାପାଳ ତଥା କନ୍ଧମାଳ ମହୋତ୍ସବ ଆୟୋଜନ କମିଟି ଅଧ୍ୟକ୍ଷ ଈଶ୍ୱର ଆଶିଷ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥଲେ । ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ରୋଦନ ମଲିକ ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମଞ୍ଚାସୀନ ଥଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ପାରମ୍ପରିକ କୃଷି, ସଂସ୍କୃତି ଓ କଳା, ପର୍ଯ୍ୟଟନ ତଥା ଅନ୍ୟାନ୍ୟ ଜିନିଷକୁ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଗିରିଝଙ୍କାର ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି କନ୍ଧମାଳ ଜିଲ୍ଲାକୁ ଏକ ପରମ୍ପରା ଓ ସଂସ୍କୃତି ସମ୍ପନ୍ନସ୍ଥଳୀ ସହ ପର୍ଯ୍ୟଟନର ସହର ରୂପେ ସମ୍ବୋଧନ କରିଥିଲେ । ବର୍ତ୍ତମାନ କନ୍ଧମାଳ ଜିଲ୍ଲା ଉନ୍ନତି ପଥରେ ଅଗ୍ରସର ହେବାରେ ଲାଗିଛି ବୋଲି ଉପବାଚସ୍ପତି କହିବା ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାର ଉନ୍ନତି ପାଇଁ ଅଧିକରୁ ଅଧିକ ପାଣ୍ଠି ପ୍ରଦାନ କରୁଛନ୍ତି ଓ ଜିଲ୍ଲାର ମହିଳାମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଉଛି ବୋଲି କହିଥିଲେ । ମହୋତ୍ସବରେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଷ୍ଟଲ୍ ରହିଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ ନୃତ୍ୟଶିଳ୍ପୀ ଯୋଗଦେଇ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ସମେତ ଲୋକ ନୃତ୍ୟ, ପାରମ୍ପରିକ ନାଚ ଗୀତ ପରିବେଷଣ କରିଥିଲେ । ସେହିପରି ସମ୍ବଲପୁରୀ ନୃତ୍ୟ, ସୁନ୍ଦରଗଡ଼ର ପଶୁ ମୁଖା ନୃତ୍ୟ ପରିବେଷଣ କରିବା ସହ ସ୍ଥାନୀୟ ଲୋକକଳା ଓ ମଧ୍ୟପ୍ରଦେଶ କଳାକାରଙ୍କ ଦ୍ୱାରା ବଧାଇ ନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ ପଲ୍ଲିଶ୍ରୀ ମେଳା ମଧ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ପାଟିଲଙ୍କ ତତ୍ତ୍ୱାବଧାନରେ ଏହି ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିଲେ । ଏହି ମେଳାରେ ଜିଲ୍ଲାର ଦିନକୁ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିବା ବେଳେ ୩୦ରୁ ଅଧିକ କୃଷି ଷ୍ଟଲରେ କୃଷି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଦେଖିବାକୁ ମିଳିଥିଲା । ସେହିପରି ରାଜ୍ୟର ବହୁ କୃଷି ବିଶେଷଜ୍ଞ ମାନେ ଉପସ୍ଥିତ ଥିଲେ ।

# ଜନଜାତି ମହୋତ୍ସବରେ ମିଲେଟ୍ ଖାଦ୍ୟ ମେଳା

**ଫୁଲବାଣୀ,୫ ।୧(ସମିସ):** ରାଇକିଆ ଜନଜାତି ମହୋତ୍ସବ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାତୀ ଓ ମିଲେଟ ମିଶନ୍ ସହଯୋଗରେ ଚାଲିଥିବା କ୍ଷୁଦ୍ରଦାନା ଶସ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ମିଲେଟ୍ ଖାଦ୍ୟ ସ୍ଟଲ ଏବଂ ମାଣ୍ଡିଆ ରଥ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସମାଚନ ମଣ୍ଡଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟସିଂ କହଁର, ମଙ୍ଗଳ ଉନ୍ନୟନ ଅଧିକାରୀ ଉର୍ମିଳା ପ୍ରଧାନ, ସହ କୃଷି ଅଧିକାରୀ ସୁନିୟା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ସଂପାଦକ ଇଂ. ହରି ଶଙ୍କର ରାଉତ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀ ବଢ଼ାଇହେବ ବୋଲି କହିଥିଲେ । ଉପବାଚସ୍ପତି ସାଲୁଗା ପ୍ରଧାନ ସ୍ଟଲ ବୁଲିବା ସହ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ମାଣ୍ଡିଆ ଚାଷକୁ କିପରି ବହୁଳ ପ୍ରସାରୀ କରିହେବ ସେଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ଜନପ୍ରତିନିଧି ମାନେ ଉପସ୍ଥିତ ରହି ମାଣ୍ଡିଆର ମହତ୍ତ୍ୱ ବିଷୟରେ ଚର୍ଚ୍ଚା କରିଥିଲେ । ଜନଜାତି ମହୋତ୍ସବରେ ମାଣ୍ଡିଆ ଷ୍ଟଲ୍‌ରେ ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଖାଦ୍ୟର ମଜା ନେବା ପାଇଁ ଭିଡ଼ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ କର୍ମୀ ଗିରୀଶଚନ୍ଦ୍ର ସାମଲ ପରିଚାଳନା କରିଥିବାବେଳେ ହୃଷିକେଶ ଅମାୟତ, ନିରୁଦ ପ୍ରଧାନ, କୃତିବାସ ପ୍ରଧାନ ଓ ସଞ୍ଜୟ କୁମାର ରଣା ସହଯୋଗ କରିଥିଲେ ।



# ସାନଭାଇକୁ ଟାଙ୍ଗିଆରେ ହତ୍ୟା; ବଡ଼ଭାଇ ଗିରଫ

**ଜୟପୁର,୫।୧(ସମିସ)**

ଦୁଇ ଭାଇଙ୍କ ମଧ୍ୟରେ ବିବାଦରୁ ଘଟିଛି ହତ୍ୟାକାଣ୍ଡ। ଅପମାନର ପ୍ରତିଶୋଧ ନେବାକୁ ଯାଇ ସାନଭାଇକୁ ବଡ଼ଭାଇ ହତ୍ୟା କରିଛି। ଏଭଳି ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ବାରିଣିପୁଟ ଫାଣ୍ଡି ଅଧୀନ ଢେଙ୍କିଆଗୁଡ଼ା ଗ୍ରାମରେ ଗୁରୁବାର ଘଟିଛି। ସୂଚନା ପାଇବା ପରେ ସଦରଥାନା ଅଧିକାରୀ ଈଶ୍ୱର ତାଣ୍ଡୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳକୁ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଥିଲେ। ଅଭିଯୁକ୍ତ ବଡ଼ଭାଇ ନରସିଂହ ଖିଲ(୩୪)କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ପୁଲିସର ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣ ୪ଟାରେ ମୃତ ସାନଭାଇ ଜୟସିଂ ଖିଲ(୩୨) ଖାଉଥିବାବେଳେ ହଠାତ ଏକ ଟାଙ୍ଗିଆ ଆଣି ଅଭିଯୁକ୍ତ ନରସିଂହ ତାଙ୍କ ବେକକୁ ବାରମ୍ବାର ଚୋଟ ପକାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କ ପରିବାର ଓ ଗ୍ରାମବାସୀ ଜୟସିଂହଙ୍କୁ ଉଦ୍ଧାର କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଥାନାକୁ ଆଣିଥିଲେ ଏବଂ ମୃତଦେହକୁ ଜବତ କରିଥିଲେ। ପଚରାଉଚରାବେଳେ ଉଭୟ ଭାଇଙ୍କ ମଧ୍ୟରେ ବହୁ ଦିନ ହେଲାଣି ସମ୍ପର୍କ ଉତ୍ତମ ନ ଥିବାବେଳେ ସାନଭାଇ ଜୟସିଂହ ଅଭିଯୁକ୍ତ ବଡ଼ଭାଇ ନରସିଂହକୁ ବାରମ୍ବାର

■ ଦୁଇ ଭାଇଙ୍କ ମଧ୍ୟରେ ବିବାଦରୁ ଘଟିଥିଲା ହତ୍ୟାକାଣ୍ଡ
■ ଅପମାନର ପ୍ରତିଶୋଧ ନେବାକୁ ଯାଇ ହୋଇଥିଲା ହତ୍ୟା

ଗାଳିଗୁଲଜ କରୁଥିଲେ। ଏଥିସହ ଗ୍ରାମବାସୀ ଓ ପରିବାର ଲୋକଙ୍କ ସମ୍ମୁଖରେ ଆପତ୍ତିଜନକ ମନ୍ତବ୍ୟ ଦେବା ସହ ବଡ଼ଭାଇ ନରସିଂହଙ୍କୁ ଅପମାନ କରୁଥିଲେ। ଗୁରୁବାର ଅଭିଯୁକ୍ତ ନରସିଂହ ମଧ୍ୟାହ୍ନଭୋଜନ ଖାଉଥିବାବେଳେ ମୃତକ ଜୟସିଂହ ଖାଦ୍ୟ ଦେବାକୁ ଯାଇ ପୁଣି ବଡ଼ଭାଇ ନରସିଂହଙ୍କୁ ଅପମାନଜନିତ ମନ୍ତବ୍ୟ ଦେଇ ଫେରିଥିଲେ। ଏପରି ବାରମ୍ବାର ଅପମାନ ଓ ଗାଳିଗୁଲଜରେ ପ୍ରତିଶୋଧ ପରାୟଣ ହୋଇ ଘରୁ ଏକ ଟାଙ୍ଗିଆ ଆଣି ସାନଭାଇ ଘରକୁ ଯାଇ ତାଙ୍କୁ ହତ୍ୟା କରିଥିବା ପୁଲିସ କହିଛି। ଏନେଇ ସଦରଥାନା ପୁଲିସ ଏକ ହତ୍ୟା ମାମଲା (୪/୨୪) ରୁଜୁ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ସୀମାନ୍ତରେ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ




**ମାଲକାନଗିରି,୫।୧(ସମିସ)**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲା ପୁଲିସ ନିକଟରେ ଜଣେ ୨ ଲକ୍ଷ ଇନାମୀ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛି। ସୂଚନା ମୁତାବକ, ଛତିଶଗଡ଼ର ସୁକୁମା ଜିଲ୍ଲା କସଲପାଡ଼ ଥାନା ଚିନ୍ତାଗୁଫା ଗ୍ରାମ ନିବାସୀ ପୋଡିୟମ କୋସୀ ଓରଫ ପାରୋ ଶୁକ୍ରବାର ସୁକୁମା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଉତର ବସ୍ତର ଡିଭିଜନ ଅନ୍ତର୍ଗତ ମାଓବାଦୀଙ୍କ ପୂର୍ବ ପ୍ଲାଟୁନ୍ ନମ୍ବର ୧୭ର ପାର୍ଟି ସଦସ୍ୟ ଥିଲ। ତେବେ ପୋଡିୟମ୍ କୋସି ୨୦୧୧ ମସିହାରେ ମାଓ ସଂଗଠନରେ ଯୋଗ ଦେଇଥିବାବେଳେ ସେ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ବାଲ ସଂଗମ ସଦସ୍ୟା ଥିଲ। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ କରିଗୁଣ୍ଡମ ଆର୍.ପି.ସି. ମିଲିସିଆ ସଦସ୍ୟା ଓ ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ଲାଟୁନ ନଂ୧୭ର ସଦସ୍ୟା ଭାବେ କାର୍ଯ୍ୟ କରି ଆସୁଥିଲ। ୨୦୧୮ରେ ସୁରେଲୀ ଜଙ୍ଗଲରେ ପୁଲିସ ଦଳ ଉପରେ ଗୁଳି ଚାଳନା ଘଟଣାରେ ସାମିଲ ଥିଲ। ୨୦୧୯ରେ କାମତା ଜଙ୍ଗଲରେ ପୁଲିସ ସହ ଗୁଳିବିନିମୟରେ ମଧ୍ୟ ସାମିଲ ଥିଲ। ବର୍ତ୍ତମାନ ଛତିଶଗଡ଼ ସରକାରଙ୍କ ମାଓଦମନ ଅଭିଯାନ ନୂଆ ସକାଳ, ନୂଆ ପ୍ରାରମ୍ଭ କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଥିବା ସେ ପ୍ରକାଶ କରିଛନ୍ତି। ସେହିପରି ମାଓ ସଂଗଠନରେ ପୂର୍ବ ଆଦର୍ଶ ବର୍ତ୍ତମାନ ନ ଥିବାରୁ ସେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମହିଳାଙ୍କୁ ସରକାରଙ୍କ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇବା ସହ ସରକାରଙ୍କ ଥଇଥାନ ନୀତିରେ ସାମିଲ କରାଯିବ ବୋଲି ଉପସ୍ଥିତ ଡିଆରଜି ବାହିନୀ ଡିଆଇଜି ସଞ୍ଜୟ ସିଂ, କୋବ୍ରା ବାହିନୀ ୨୦୬ର ଏସ୍.ପି. ଅରବିନ୍ଦ ପଟେଲ ପ୍ରମୁଖ ସୂଚନା ଦେଇଛନ୍ତି।

# ଉମରକୋଟରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଉମରକୋଟ,୫।୧(ସମିସ):**

ଦୀର୍ଘ ୫ ଦିନ ଧରି ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ପରିଷଦ କାର୍ଯ୍ୟାଳୟ ଓ ଫାଟକ ସମ୍ମୁଖରେ ଅଳିଆ ପକାଇ ଅଭିନବ ଉପାୟରେ ଆନ୍ଦୋଳନ କରିଥିଲେ। ପୌର ପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କ ନିର୍ଭର ପ୍ରତିଶ୍ରୁତି ପରେ ସଫେଇ କର୍ମଚାରୀମାନେ ଅଫିସ କାର୍ଯ୍ୟରେ ଅସୁବିଧା ସୃଷ୍ଟି ନ କରିବା ପାଇଁ ସମ୍ମତି ପ୍ରଦାନ କରିବା ସହ ଶୁକ୍ରବାର ଅଫିସ କାର୍ଯ୍ୟ ସ୍ୱାଭାବିକ ରହିଥିଲା। କିନ୍ତୁ ଅଧକ୍ଷା କାର୍ଯ୍ୟାଳୟ ସମ୍ମୁଖରୁ ଅଳିଆ କଢ଼ା ନ ଯାଉ ବୋଲି କହିଥିଲେ। ତେବେ ଶନିବାର ସଫେଇ କାର୍ଯ୍ୟର ଠିକାଦାର ଉମରକୋଟରେ ପହଞ୍ଚିବା ପରେ ସମସ୍ତ ଦାବିକୁ ନେଇ ଆଲୋଚନା କରାଯିବ। ଯଦି ଦାବି ପୂରଣ ହୁଏ, ତାହେଲେ ଶନିବାରଠାରୁ ସମସ୍ତ ସଫେଇ କର୍ମଚାରୀ କାର୍ଯ୍ୟରେ ଯୋଗଦେବୁ ବୋଲି ସୂଚନା ଦେଇଛନ୍ତି। ସଫେଇ କର୍ମଚାରୀଙ୍କ ଦାବି ହେଲା ଇପିଏଫ୍ ଅର୍ଥ ନ କାଟି ନଗଦ ଟଙ୍କା ଦିଆଯାଉ, ପୂର୍ବରୁ ଯେଉଁ ଇପିଏଫ କଟାଯାଇଛି ତାହାର ପ୍ରମାଣ ଦିଆଯାଉ ଏବଂ ପ୍ରତି ମାସର ଦରମା ଠିକ ସମୟରେ ଦିଆଯାଉ ଇତ୍ୟାଦି ଦାବି ନେଇ କିଛି ଦିନ ପୂର୍ବେ ପୌର ପ୍ରଶାସନକୁ ଅବଗତ କରିଥିଲେ। କିନ୍ତୁ ପୌର ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗତ ୧ ତାରିଖରୁ ସଫେଇ କାର୍ଯ୍ୟ ବନ୍ଦ କରିବା ସହ ମୁଖ୍ୟ ଫାଟକ ସମ୍ମୁଖରେ ଅଳିଆ ପକାଇ ପ୍ରତିବାଦ କରିଥିଲେ। ଶୁକ୍ରବାର ଉପାଧ୍ୟକ୍ଷ ନିଜେ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଉପାଧ୍ୟକ୍ଷଙ୍କ ସହ କାଉନସିଲର ଭିକି ନାୟକ, ନେତ୍ର ହରିଜନ ଓ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସଫେଇ କର୍ମଚାରୀଙ୍କ ସମସ୍ତ ଦାବି ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଯାହା ଦାବି ଅଛି ଶନିବାର ସଫେଇ ସଂସ୍ଥାର ମାଲିକ ଉମରକୋଟ ଆସିବା ପରେ ଆଲୋଚନା କରାଯାଇ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସଫେଇ କର୍ମଚାରୀ ଏଥିରେ ସମ୍ମତି ପ୍ରଦାନ କରିଥିଲେ।

# ଏଟିଏମ୍‌ରେ ତ୍ରୁଟି; ଉଠାଣ ସମୟରେ ବାହାରୁଛି କମ୍ ଟଙ୍କା

**ଲକ୍ଷ୍ମୀପୁର,୫।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଣ ସମୟରେ ଯେତିକି ଟଙ୍କା ବାହାରିବା କଥା ତା'ଠାରୁ କମ୍ ବାହାରୁଥିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଗ୍ରାହକ ମହଲରେ ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ସୁବାସ ଖୋସ୍ଲା ନାମକ ଜଣେ ବ୍ୟକ୍ତି ଟଙ୍କା ଉଠାଇବା ପାଇଁ ଲକ୍ଷ୍ମୀପୁର ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଟିଏମକୁ ଯାଇଥିଲେ। ସେଠାରେ ସେ ୧୦ ହଜାର ଟଙ୍କା ଉଠାଇବା ପାଇଁ ଆବଶ୍ୟକ ସଙ୍କେତ ପୂରଣ କରିଥିଲେ। କିନ୍ତୁ ୫ଶହ ଟଙ୍କା କମ୍ ବାହାରିଥିଲା। ଏହା ଦେଖି ସେ ସଙ୍ଗେ ସଙ୍ଗେ ଲକ୍ଷ୍ମୀପୁର ବ୍ୟାଙ୍କ ମ୍ୟାନେଜର ଆଶିଷ କୁମାର ପ୍ରଧାନଙ୍କୁ ଅବଗତ କରିଥିଲେ। ଶ୍ରୀ ଖୋସ୍ଲା ଟଙ୍କା ଉଠାଣ ସ୍ଲିପ ସହ ଏକ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ମ୍ୟାନେଜର ଶ୍ରୀ ପ୍ରଧାନ କେଉଁ କାରଣ ଯୋଗୁଁ ଏପରି ହେଲା ତାହା ଏଟିଏମ୍ ମ୍ୟାନେଜମେଣ୍ଟକୁ ଜଣାଯିବ ଓ ଗ୍ରାହକଙ୍କୁ ଟଙ୍କା ଦିଆଯିବ ବୋଲି କହିଛନ୍ତି।

# ଜାଗା ମିଶନର ଉପଦେଷ୍ଟାଙ୍କ ୱାର୍ଡ ପରିଦର୍ଶନ



**କୋରାପୁଟ,୫।୧(ସମିସ):** ଗୃହ ଓ ନଗର ଉନ୍ନୟନ ବିଭାଗ ଜାଗା ମିଶନର ଉପଦେଷ୍ଟା ହରି ଶଙ୍କର ରାଉତ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୩ ଓ ୪ ପରିଦର୍ଶନ କରିଛନ୍ତି। ୱାର୍ଡ ନମ୍ବର ୩ର ହାଉସିଂ ବୋର୍ଡ ଅଞ୍ଚଳ ପରିଦର୍ଶନ କରି ଲୋକମାନେ କିଭଳି ରହୁଛନ୍ତି ତାହା ସମୀକ୍ଷା କରିବା ସହ ସୁବିଧା ଅସୁବିଧା ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ଜାଗା ମିଶନ ଯୋଜନାରେ ଭୂମିହୀନଙ୍କୁ ଘରବାରି ପଟ୍ଟା ପ୍ରଦାନ କରୁଛନ୍ତି। ଏହାସହ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ପାନୀୟଜଳ, ରାସ୍ତା, ଆଲୋକର ସୁବିଧା ଆଦି ଯୋଗାଇ ଦେଉଛନ୍ତି। ଏସବୁ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି; ସେଥିନେଇ ଅଞ୍ଚଳ ବୁଲି ଦେଖିବା ସହ ସମସ୍ତ ଯୋଜନା ଉପରେ ସେ ୱାର୍ଡ ବାସିନ୍ଦାଙ୍କୁ ସଚେତନ କରାଇଥିଲେ। ବହୁ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଘରକରି ରହୁଥିଲେ ମଧ୍ୟ ସେମାନଙ୍କୁ ପଟ୍ଟା ମିଳୁ ନ ଥିବାରୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ମୌଳିକ ସୁବିଧା ପାଇବାକୁ ବଞ୍ଚିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ସରକାରଙ୍କୁ ଜଣାଇ ଉଚିତ୍ ପଦକ୍ଷେପ ନେଇ ପଟ୍ଟା ଯୋଗାଇବା ବ୍ୟବସ୍ଥା କରାଯିବାକୁ ନେଇ ହରି ଶଙ୍କର ରାଉତ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ସମୟରେ ଜିଲ୍ଲା ମହିଳା ଉପସଭାନେତ୍ରୀ ଲିଲି ବୁରୁଡ଼ି, ସ୍ଥାନୀୟ କାଉନସିଲର କାଦମ୍ବିନୀ ସେଠୀଙ୍କ ସହ କାଉନସିଲର ରବି ପରଜା, ଗଣେଶ ପରଜା ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଝରିଗାଁରେ ସ୍ଥାପନ ହେବ ଯୁକ୍ତ ତିନି ମହାବିଦ୍ୟାଳୟ

● ଘୋଷଣା ପରେ ସର୍ବସାଧାରଣରେ ଖୁସିର ଲହରୀ

**ଝରିଗାଁ,୫।୧(ସମିସ):** ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଝରିଗାଁ ବ୍ଲକରେ ସ୍ଥାପନ ହେବ ଯୁକ୍ତ ତିନି ମହାବିଦ୍ୟାଳୟ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ୧୮ ଟି ନୂତନ ଯୁକ୍ତ ତିନି ମହାବିଦ୍ୟାଳୟ ଖୋଲାଯିବା ନେଇ ଘୋଷଣା ହୋଇଥିବାବେଳେ ସେଥି ମଧ୍ୟରେ ଝରିଗାଁ ବ୍ଲକ୍ ଅନ୍ତର୍ଭୁକ୍ତ ରହିଛି। ଶୁକ୍ରବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଯାହାକୁ ନେଇ ସାଧାରଣରେ ଖୁସିର ଲହରୀ ଖେଳିଯାଇଛି। ବିଶେଷ କରି ଯୁବ ଗୋଷ୍ଠୀ ଏଥିପାଇଁ ଅଧିକ ଉତ୍ସାହିତ ରହିଥିବା ଦେଖିବାକୁ ମିଳିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ନେତା ତଥା ସାଂସଦ ପ୍ରତିନିଧି ପ୍ରିୟ ରଞ୍ଜନ ଦାସଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ବ୍ଲକ୍ ବିଜେଡି ସଭାପତି ଟିକଚନ୍ଦ ମାଝୀ, ଜିଲ୍ଲା ଯୁବ ଉପସଭାପତି ପ୍ରଦୀପ ଗାଉଁଟିଆ, ଝରିଗାଁ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଚିତ୍ତ ରଞ୍ଜନ ପାଣ୍ଡେ, ଜିଲ୍ଲା ପରିଷଦ ସଭ୍ୟ ତ୍ରମିଳା ପୂଜାରୀ, ମହିଳା ସଭାନେତ୍ରୀ ଲଛମା ଗଣ୍ଡ, ଛାତ୍ର ବ୍ଲକ୍ ସଭାପତି ପିଙ୍କୁ କହାଳିଆ, ବରିଷ୍ଠ ନେତା ନରସିଂହ ଦଳେଇ, ସଦାଶିବ ପଟ୍ଟନାୟକ, ତ୍ରିଲୋଚନ ପାଣ୍ଡେ, ଜି କ୍ରିଷ୍ଣା ରାଓ, ମହେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଝରିଗାଁଠାରେ ଯୁକ୍ତ ତିନି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଖୋଲିବାକୁ ଅନୁମତି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝୀଙ୍କୁ ବିଜୁ ଜନତା ଦଳ ଏବଂ ଝରିଗାଁ ଅଞ୍ଚଳବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଛନ୍ତି।

# ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତିଙ୍କୁ ଭେଟିଲେ ବିଧାୟକ



**ନନ୍ଦପୁର,୫।୧(ସମିସ):** ନନ୍ଦପୁର ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ଟଙ୍କଧର ଖରାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ଗୁରୁବାର ମଧ୍ୟରାତ୍ରରେ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ପରେ ତାଙ୍କୁ ନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଶୁକ୍ରବାର ସକାଳୁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ(ଏସ୍ଏଲ୍ଏନ୍) ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ସେପଟେ ଖବର ପାଇ ପଟ୍ଟାଙ୍ଗି ବିଧାୟକ ପିତମ୍ ପାଢ଼ି, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ସ୍ୱାସ୍ଥ୍ୟ ପ୍ରତିନିଧି ସୁନିଲ କୁମାର ସାହୁ, ଯୁବ ନେତା ପ୍ରଭାତ ଗୁରୁ ମାଇ, ଯୁଧିଷ୍ଠିର ଖରା ପ୍ରମୁଖ ନନ୍ଦପୁର ମେଡିକାଲରେ ପହଞ୍ଚି ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

# ଦୁବାଇ ଯିବେ ନନ୍ଦପୁର ବିଏଲ୍ଏଫ୍ ସଭାପତି ବି. ପୁଣ୍ୟାବତୀ



**ନନ୍ଦପୁର,୫।୧(ସମିସ):** ଆସନ୍ତା ୮ ତାରିଖରେ ନନ୍ଦପୁର ବିଏଲଏଫ ସଭାପତି ବି ପୁଣ୍ୟାବତି ଦୁବାଇ ଯିବେ। ମିଶନ ଶକ୍ତି ପକ୍ଷରୁ ଏହି କାର୍ଯ୍ୟକ୍ରମ ରହିଥିବାବେଳେ ତାଙ୍କ ନାମ ପଞ୍ଜିକୃତ ହୋଇଛି। ଏହି ଖବର ପାଇବା ପରେ ତାଙ୍କୁ ବ୍ଲକ ପକ୍ଷରୁ ଶୁଭକାମନା ଜଣାଯାଇଛି। ଏହି ଅବସରରେ ନନ୍ଦପୁର ବ୍ଲକ୍ ମିଶନ ଶକ୍ତି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ସିଡିପିଓ ମିନତିବାଳା ପଟ୍ଟନାୟକ, ଜୀବିକା ମିଶନ ବିପିଏମ୍ ବିଚିତ୍ର କୁମାର ରାଉତ, ବିଏଲସି ବିକ୍ରମ କେଶରୀ ବାରିକ, ମିଶନ ଶକ୍ତି ବିପିସି ଶ୍ରୀଧର ଜାନି, ବିଏଲଏଫ ସମ୍ପାଦିକା ହେମଲତା ଖରା, କୋରାପୁଟ ପୁର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାରସୁଲୁ କାମୁଡି, ବରିଷ୍ଠ ନେତା କାର୍ତ୍ତିକ ଖେମୁଣ୍ଡୁଙ୍କ ସମେତ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ଏମବିକେ, ସିଆରପିମାନେ ଯୋଗଦେଇ ଦୁବାଇ ଯାତ୍ରା ସଫଳ କରି ଫେରିବାକୁ ଶୁଭ କାମନା ଜଣାଇଥିଲେ।

# ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ପାପଡ଼ାହାଣ୍ଡି,୫।୧(ସମିସ):** କେନ୍ଦ୍ର ସରକାରଙ୍କ ହିଟ ଆଣ୍ଡ ରନ ଆଇନକୁ ବିରୋଧ କରି ଦୁଇଦିନ ହେଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମାରେ ଓଡ଼ିଶା ଡ୍ରାଇଭର ମହାସଂଘର ନିର୍ଦ୍ଦେଶରେ ଡ୍ରାଇଭର ମହାସଂଘ ତରଫରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି। ବ୍ଲକ ସଭାପତି ବଳରାମ ଯାନୀଙ୍କ ନେତୃତ୍ୱରେ ୨ଶହରୁ ଉର୍ଦ୍ଧ୍ୱ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ବୋହୁ ଲୋକ ପ୍ରଭାବିତ ହୋଇଛନ୍ତି। ଗାଡ଼ି ଚଳାଚଳ ନ ହେବାରୁ ଯାତ୍ରୀ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ଡ୍ରାଇଭର ମହାସଂଘର ଜିଲ୍ଲା ସମ୍ପାଦକ ତାପସ ମଲ୍ଲିକ, ବ୍ଲକ୍ ସଭାପତି ବଳରାମ ଜାନୀ, ବ୍ଲକ୍ ସମ୍ପାଦକ ସିତୁନ କୁମାର ବେନିଆ, ବ୍ଲକ୍ ଉପଦେଷ୍ଟା ସୁବୋଜ ସଗରୀୟ , ବୋଲି ହରିଜନ, ପ୍ରେମାଲାଲ ଭତ୍ରା, ହେମନ୍ତ ଭତ୍ରା ସହ ପ୍ରମୁଖ ଡ୍ରାଇଭର ଉପସ୍ଥିତ ଥିଲେ।

# ବିଧାୟକଙ୍କ ମିଲେଟ୍ ଶକ୍ତି ପ୍ରକ୍ରିୟାକରଣ ୟୁନିଟ୍ ପରିଦର୍ଶନ




**ସେମିଳିଗୁଡ଼ା,୫।୧(ସମିସ)**

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକର ରାଜପାଲାମା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ଉନ୍ନୟନ କାମ ଉପରେ ଲୋକଙ୍କୁ ସଚେତନ କରିଥିଲେ। ସବୁ ଗ୍ରାମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ ବିଧାୟକ ପିତମ୍ ପରାମର୍ଶ ଦେଇଥିଲେ। ଉକ୍ତ ଅଞ୍ଚଳରେ ଚାଲୁଥିବା ଉନ୍ନୟନ କାମକୁ ବିଧାୟକ ସମୀକ୍ଷା କରିଛନ୍ତି। ସେହିପରି ରାଜପୁଟ ପଞ୍ଚାୟତରେ ଥିବା ମିଲେଟ ଶକ୍ତି ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିଥିଲେ। ରାଜ୍ୟ ତଥା ଦେଶରେ ମିଲେଟ ଖାଦ୍ୟର ଚାହିଦା ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ଏହି ଅଞ୍ଚଳରେ ମିଲେଟ ଶକ୍ତି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ଖୋଲିଥିବାରୁ ବିଧାୟକ ପିତମ ଖୁସି ଅନୁଭବ କରିଥିଲେ। ଏହି ୟୁନିଟ୍ ସ୍ଥାପନ ଦ୍ୱାରା ସ୍ଥାନୀୟ ଚାଷୀଙ୍କ ଉତ୍ପାଦିତ ମାଣ୍ଡିଆ କ୍ରୟ କରାଯାଇ ମାଣ୍ଡିଆ ଉପମା, ଖିଚିଡ଼ି ଏବଂ ସ୍ୱିଟ୍ ଖାଦ୍ୟ ପ୍ରସ୍ତୁତ କରାଯାଉଛି ବୋଲି ମହିଳାମାନେ ସୂଚନା ଦେଇଥିଲେ। ରାଜପୁଟରେ ସ୍ଥାପିତ ମିଲେଟ ଶକ୍ତି ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ହେବା ଦ୍ୱାରା ସ୍ଥାନୀୟ ମାଣ୍ଡିଆ ଚାଷୀମାନେ ଅର୍ଥ ଉପାର୍ଜନ କରୁଥିବା ମହିଳାମାନେ କହିଛନ୍ତି। କୋଟିଆ, ସାଡାମ ଓ ଗୋଲୁର ପଞ୍ଚାୟତର ରହିଥିବା ସ୍କୁଲମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପ୍ରଦାନ କରାଯାଉଥିବା, ପିଲାମାନଙ୍କ ମଧ୍ୟାହ୍ନଭୋଜନରେ ମାଣ୍ଡିଆ ଖାଦ୍ୟ ସାମିଲ କରାଯାଇଥିବା ବିଧାୟକ ନିକଟର ମହିଳାମାନେ ସୂଚନା ଦେଇଥିଲେ। ୟୁନିଟରେ କାମ କରୁଥିବା ମହିଳାଙ୍କୁ ବିଧାୟକ ପ୍ରଶଂସା କରିଥିଲେ। ବିଧାୟକଙ୍କ ସହ ଯୁବ ନେତା ଆଶିଷ ଭାଲୁ ଓ ବିଜେଡି କର୍ମୀ ଯୋଗଦେଇଥିଲେ।

# ଶିକ୍ଷକ ତାଲିମ ଶିବିର 'ସମୃଦ୍ଧି' ଉଦ୍‌ଯାପିତ

**ଡାବୁଗାଁ,୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ଏକ୍ସ-ବୋର୍ଡ ପ୍ରାଥମିକ ଉଚ୍ଚ ବିଦ୍ୟାଳୟଠାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝିଙ୍କ ତତ୍ତ୍ୱାବଧାନରେ ୩ ଦିବସୀୟ ଶିକ୍ଷକ ତାଲିମ ଶିବିର 'ସମୃଦ୍ଧି' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟସ୍ତରୀୟ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ସମଗ୍ର ବୃଦ୍ଧି ପାଇଁ କିଭଳି ମାନ ନିର୍ଦ୍ଧାରଣ କରାଯିବ ସେନେଇ ତାଲିମ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ଦିଲ୍ଲୀପ କୁମାର ରାଉତ, ପ୍ରସନ୍ନ କୁମାର ଦଣ୍ଡସେନା, ଧନଞ୍ଜୟ ବଡ଼ଜେନା, ଗୁପ୍ତପ୍ରସାଦ ନାଗ, ହେମେନ୍ଦ୍ରନାଥ ବେହେରା, ଅଖିଳ ଶାନ୍ତିରାଜ ଭତ୍ରା, ଭୁବନଜୋଇ ଭତ୍ରା ଓ କାଳୁଚରଣ ମହାରଣା ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ୨ ଟି ଶିବିରରେ ତାଲିମ ନେଇଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଓ ଦେବରାଜ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଦୁଇ ବାଇକ୍ ଚାଳକ ଗୁରୁତର

**ଜୟପୁର,୫।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ଆମ୍ବାଗୁଡା ଶୀତଳଭଣ୍ଡାର ନିକଟରେ ଶୁକ୍ରବାର ରାତି ସାଢ଼େ ୮ଟା ସମୟରେ ଏକ ବାଇକ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡି ରହିଥିଲେ। ଖବରପାଇ ଆମ୍ବାଗୁଡା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଲିସ ଗାଡ଼ିରେ ଉଭୟଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଉଭୟ ଅଚେତ ଅବସ୍ଥାରେ ରହିଥିବାବେଳେ ଚିକିତ୍ସା ଜାରି ରହିଛି ଏବଂ କିନ୍ତୁ ଉଭୟଙ୍କ ପରିଚୟ ମିଳିନଥିବାବେଳେ ପୁଲିସ ତଦନ୍ତ ଜାରି ରଖିଥିବା ନେଇ ଆମ୍ବାଗୁଡା ଫାଣ୍ଡି ଅଧିକାରୀ ଏଏସ୍ଆଇ ରବିନ୍ଦ୍ର କୁମାର ରଥ ସୂଚନା ଦେଇଛନ୍ତି।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ତେନ୍ତୁଲିଖୁଣ୍ଟି,୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକସ୍ଥିତ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଯୋଗଦେଇ ଶିକ୍ଷକଙ୍କ ଭୂମିକା ଅବର୍ଣ୍ଣନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ରାୟ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆରସିସି ମୋହନ ମଧୁସୂଦନ ବାଘ, ଅବସରପ୍ରାପ୍ତ ଏବିଇଓ ଗୋରାଚାନ୍ଦ ତ୍ରିପାଠୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ବ୍ଲକ୍ ଏପିଏସ୍ ପ୍ରାଥମିକ ଶିକ୍ଷକ ସଂଘ ସପନ କୁମାର ଖରା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କ୍ଷେତ୍ର ମୋହନ ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ସେହିଭଳି ରାଜ୍ୟ ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ମହାସଚିବ ହାନେସ ପାତ୍ର ବାଘ ଏବଂ ସପନ କୁମାର ଖରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ମିଳିତ ଶିକ୍ଷକ ସଂଘ ତରଫରୁ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଦୁସିଂ ହିଆଲ, ଦୁଷ୍ମନ୍ତ ନାୟକ, ଦାମୋଦର ଜାନୀ, ପ୍ରଦୀପ କୁମାର ସୁନା, ଅରବିନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# 'ନୂଆ-ଓ, ନବୀନ ଓଡ଼ିଶା' କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




**ରାମନାଗୁଡ଼ା,୫।୧(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ସଦର ମହକୁମା ସ୍ଥିତ ରାମନାଗୁଡ଼ା ମିନି ଷ୍ଟାଡିୟମଠାରେ ରାମନାଗୁଡ଼ା ବ୍ଲକ ସହାୟତାରେ 'ନୂଆ-ଓ, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପାଇଁ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଖେଳାଳିମାନଙ୍କୁ ନେଇ କ୍ରିକେଟ, ଖୋ ଖୋ ଓ କବାଡ଼ି ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ସମାପନ ହୋଇଯାଇଛି। ଉଦଯାପନ ଉତ୍ସବରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଇଆରବିଆଇ କମାଣ୍ଡାଣ୍ଟ ଶ୍ରୀ ଭାବେ, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ମୁଖ୍ୟବକ୍ତା ରୂପେ, ଗାର୍ଜନା ପ୍ରସାଦ ରାଓ କୋରାପୁଟ ସାଂସଦ ପ୍ରତିନିଧି, ମିଶନ ଶକ୍ତି ବ୍ଲକସ୍ତରୀୟ ଫେଡେରେସନ ସଭାନେତ୍ରୀ ଆରତୀ ମୁଟିକା, ସୁଣ୍ଡି ଡାମୁଣୀ ସରପଞ୍ଚ ଭାସ୍କର କାଡ୍ରାକା ସମ୍ମାନିତ ଅତିଥି ଭାବେ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ସଭାପତି ରୂପେ ଯୋଗଦେଇଥିଲେ। ସଭାମଞ୍ଚରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସୁଦେବ ତ୍ରିପାଠୀ, ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏବଂ ସାମ୍ବାଦିକ ନରସିଂହ ପରିଛା ଉପସ୍ଥିତ ଥିଲେ। ଆଶ୍ରମ ବିଦ୍ୟାଳୟ କେନ୍ଦୁଗୁଡ଼ା ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ତିନିଦିନ ଧରି ଯେଉଁ ଖେଳଗୁଡ଼ିକ ହୋଇଥିଲା କୃତୀ ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଯେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସେମାନଙ୍କୁ ୨୦ ହଜାର ଟଙ୍କା ଓ ଟ୍ରଫି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧୫ ହଜାର ଓ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ତଥା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରିକେଟରେ ଗୋସାଇ ଗୁଲୁମୁଣ୍ଡା ଦଳ, କବାଡ଼ିରେ ଆଦର୍ଶ ବିଦ୍ୟାଳୟ ଏବଂ ଖୋ ଖୋରେ ଗୋଗୁପାଡୁ ଦଳ ଚାମ୍ପିଅନ ହୋଇଥିଲେ। ମୈତ୍ରୀ ଭାବେ ୪ଟି ଦଳ ଯଥା- ପ୍ରଶାସନ, ଲୋକ ପ୍ରତିନିଧି, ସାମ୍ବାଦିକ ଓ ଶିକ୍ଷକମାନଙ୍କୁ ନେଇ କ୍ରିକେଟ ଖେଳ ହୋଇଥିଲା। ଉକ୍ତ ୪ଟି ଦଳ ମଧ୍ୟରୁ ସାମ୍ବାଦିକ ଦଳ ଚାମ୍ପିଅନ ହୋଇଥିଲେ। ସାମ୍ବାଦିକ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

● ଭତ୍ତା ଟଙ୍କାକୁ ନେଇ ସରପଞ୍ଚଙ୍କ ଦବଙ୍ଗଗିରି

# ମାଆ ଓ ଦିବ୍ୟାଙ୍ଗ ପୁଅ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**କୋରାପୁଟ,୫।୧(ସମିସ):** ମାଆ ଦୈମତି ହନ୍ତାଳ ଓ ଦିବ୍ୟାଙ୍ଗ ପୁଅ ସୁକାନ୍ତ ଗୋଲରୀଙ୍କ ଭତ୍ତା ଟଙ୍କା ନ ମିଳିବାରୁ ନନ୍ଦପୁର ବ୍ଲକ ପେଟାଲ ଗ୍ରାମର ଦେବ ଗୋଲରୀ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଗତ ମାସ ୨୧ ତାରିଖରେ ରାଇଙ୍ଗି ସରପଞ୍ଚ ଜଗବନ୍ଧୁ ଚେଟି ପେଟାଲ କ୍ଲବ ଗୃହରେ ଭତ୍ତା ଟଙ୍କା ବଣ୍ଟନ କରୁଥିଲେ। ସେହି ସମୟରେ ପୁଅ, ମାଆ ଭତ୍ତା ବହି ଧରି ଉକ୍ତ ସ୍ଥାନକୁ ଯାଇଥିଲେ। ୬ ମାସର ବକେୟା ଭତ୍ତା ଟଙ୍କା ଦେବାକୁ ସେ କହିବାରୁ ଗୋଟିଏ ମାସର ଭତ୍ତା ଟଙ୍କା ବଣ୍ଟନ କରିବାକୁ ନିର୍ଦ୍ଦେଶ ଆସିଥିବା ସରପଞ୍ଚ କହିଥିଲେ। କିନ୍ତୁ ସମସ୍ତ ବକେୟା ଭତ୍ତା ଟଙ୍କା ପ୍ରଦାନ କରିବାକୁ କହିବାରୁ ସରପଞ୍ଚ ଜଗନ୍ନାଥ ଚେଟି ଗଣ୍ଡଗୋଳ କରି ପୋଷାକକୁ ଚିରିବା ସହ ଭତ୍ତା ଟଙ୍କା ଦେଇ ନ ଥିଲେ ବୋଲି ଦେବ ଅଭିଯୋଗ କରିଛନ୍ତି। ଏହି ମାମଲାରେ ପାଡୁଆ ଥାନାରେ ଏକ ଏତଲା ଦିଆଯାଇଥିବା ସେ କହିଛନ୍ତି। ଭତ୍ତା ଟଙ୍କା କାହିଁକି ମିଳିନାହିଁ ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର କହିଛନ୍ତି।

# ମନମୋହୁଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସତୀଗୁଡ଼ା

**ମାଲକାନଗିରି,୫।୧(ସମିସ):** ଶୀତଦିନରେ ବର୍ଷ ଶେଷ ଓ ନୂଆ ବର୍ଷ ଆସିଲେ ଲୋକେ ସାଧାରଣତଃ ବଣଭୋଜି ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ ବୁଲି ଦେଖିବାକୁ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ତେବେ ଏହି ନୂଆ ବର୍ଷ ଆସିଲେ ମାଲକାନଗିରି ଜିଲ୍ଲାରେ ମଧ୍ୟ ଲୋକେ ବ୍ୟସ୍ତ ଜୀବନରୁ କିଛି ମୁହୂର୍ତ୍ତ କାଢ଼ି ନେଇ ପ୍ରକୃତିମୁହାଁ ହୁଅନ୍ତି। ଆଉ ଖାସ୍ ଏଇଥିପାଇଁ ଜିଲ୍ଲା ସଦର ମହକୁମାଠାରୁ କିଛି ଦୂରରେ ଥିବା ସତୀଗୁଡ଼ା ଜଳଭଣ୍ଡାର ଓ ସତୀଗୁଡ଼ା ଇକୋପାର୍କଠାରେ ସହ ସହ ଲୋକଙ୍କର ଭିଡ଼ ଦେଖିବାକୁ ମିଳେ। ମାଲକାନଗିରି ଜିଲ୍ଲାରେ ବଣ ଜଙ୍ଗଲ ଭରା ପାହାଡ଼ ପର୍ବତ ସହ ପ୍ରାକୃତିକ ପରିବେଶ ସହ ଅନେକ ସ୍ଥାନ ରହିଥିବାବେଳେ ଜିଲ୍ଲାରେ ସେଥି ମଧ୍ୟରୁ ମାଲକାନଗିରି ସହର ଉପକଣ୍ଠରେ ଥିବା ସତୀଗୁଡ଼ା ଜଳଭଣ୍ଡାର ଓ ବନ ବିଭାଗର ସତୀଗୁଡ଼ା ଇକୋପାର୍କ ଲୋକଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ କେନ୍ଦ୍ରବିନ୍ଦୁ ଅଟେ। ଯାହାର ମନୋରମ ଦୃଶ୍ୟ ଦେଖିବାକୁ ନୂଆ ବର୍ଷରେ ଲୋକଙ୍କ ଲାଗୁଛି ଭିଡ଼। ମାଲକାନଗିରି ସହରଠାରୁ ଏହାର ଦୂରତା ରହିଛି ମାତ୍ର ୫ କିଲୋମିଟର। ବନ ବିଭାଗ ପକ୍ଷରୁ ଏଠାରେ ଛୋଟ ଛୋଟ ପିଲାମାନଙ୍କର ଖେଳକୁଦରୁ ଆରମ୍ଭ କରି ଜଳଭଣ୍ଡାରରେ ବୋଟିଂ ସହ ବଣଭୋଜି ସୁବିଧା ରହିଛି। ତା ସହ ଭିୟୁ ପଏଣ୍ଟ ଓ ସେଲ୍ଫି ପଏଣ୍ଟ ଦର୍ଶକଙ୍କୁ ବେସ୍ ଆକୃଷ୍ଟ କରୁଛି। ଦିନରେ ବୁଲାବୁଲି ସହ ରାତିରେ ରଙ୍ଗାରଙ୍ଗ ଆଲୋକ ସଜ୍ଜା ବେସ୍ ମନ ମୁଗ୍ଧକର ହୋଇଥିବାବେଳେ ଲୋକେ ଏଠାରେ ଭରପୂର ମଜା ନିଅନ୍ତି। ବିଶେଷକରି ଏଠାକାର ସୂର୍ଯ୍ୟାସ୍ତ ଦେଖିବା ସହ ଏହି ମନୋରମ ପରିବେଶରେ ପରିବାର ସହ ସମୟ ବିତାଇବାକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି। ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ଏହି ସ୍ଥାନ। ପୂର୍ବରୁ ଏଠାରେ ଚାରିଟି ଇକୋ କଟେଜ୍ କରାଯାଇଥିବାବେଳେ ଏବେ ନୂଆ କରି କରାଯାଇଛି ଆଉ ଚାରି ଉଡେନ୍ କଟେଜ୍। ଯେଉଁଠି ରାଜ୍ୟ ଓ ରାଜ୍ୟ ବାହାରର



ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି। ରେସ୍ତୋରାଁଠାରୁ ଆରମ୍ଭ କରି ସୁଇମିଂପୁଲ୍ ଓ କ୍ୟାମ୍ପ ଫାୟାର



ଯାଏଁ ସବୁ ପ୍ରକାର ଅତି ଆଧୁନିକ ସୁବିଧା ରହିଛି ଏଠାରେ। ଯାହା ଫଳରେ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ପର୍ଯ୍ୟଟକଙ୍କ ଏହା ପ୍ରଥମ ପସନ୍ଦ ପାଲଟିଛି। ନୂଆ ବର୍ଷ ପ୍ରଥମ ଦିନରୁ ଏଠାରେ ଭିଡ଼ ଲାଗିଥିବାବେଳେ ନିତିଦିନ ହଜାର ହଜାର ପର୍ଯ୍ୟଟକ ସତୀଗୁଡ଼ା ଇକୋପାର୍କ ଦେଖିବାକୁ ଆସିଥିବାବେଳେ ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ମାଲକାନଗିରି ରେଞ୍ଜର ଜଗନ୍ନାଥ ବିଶୋଇ। ତେବେ ମାଲକାନଗିରିରେ ରହିଥିବା ଏହି ଇକୋ ପାର୍କକୁ ଆହୁରି ଉନ୍ନତମାନର କରିବା ଲାଗି ବନ ବିଭାଗ ଉଦ୍ୟମ ଜାରି ରଖିଥିବା ମଧ୍ୟ ସେ ପ୍ରକାଶ କରିଛନ୍ତି।

# ପୂର୍ବତନ ବିଧାୟକ ନୃସିଂହାନନ୍ଦଙ୍କ ବିୟୋଗରେ ସର୍ବଦଳୀୟ ଶୋକସଭା



**କୋରାପୁଟ,୫।୧(ସମିସ):** କୋରାପୁଟର ପୂର୍ବତନ ବିଧାୟକ ନୃସିଂହାନନ୍ଦ ବ୍ରହ୍ମାଙ୍କ ବିୟୋଗରେ ଶୁକ୍ରବାର ସନ୍ଧ୍ୟାରେ ସର୍ବଦଳୀୟ ଶୋକସଭା ଆୟୋଜିତ ହୋଇଥିଲା। ପୂର୍ବତନ ନଗରପାଳ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୋକସଭା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାଶ, ନିମାଇଁ ସରକାର ଓ ରାମଚନ୍ଦ୍ର କାଡାମ, ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଦୁର୍ଗା ଶଙ୍କର ସାହୁ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ମିଶ୍ର, କଂଗ୍ରେସ ନେତା ଜଗଦୀଶ ଖୋସଲା, ରୂପକ ତୁରୁକ, ମନୋଜ ଆଚାର୍ଯ୍ୟ, ରମେଶ ବାଖ୍ୟା, ଟି. ରାମକ୍ରିଷ୍ଣା, ଏନ୍. ଗୋବିନ୍ଦ ରାଓ, ରାଜ କିଶୋର ସାମନ୍ତରାୟ, କ୍ରୀଡାବିତ୍ ହେମା ରାଓ, ଆଇନଜୀବୀ ପ୍ରମୋଦ କୁମାର ପାଢ଼ୀ ଓ ଗୁପ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖଙ୍କ ସହ ସହରର ଅନେକ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ବ୍ରହ୍ମାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ନରସିଂହ ମିଶ୍ର ଯୋଗଦେଇ ପରିଚାଳନା କରିଥିଲେ।

# ଚିତ୍ରକୋଣ୍ଡାରେ +୩ ଡିଗ୍ରୀ କଲେଜ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗର ଘୋଷଣା

**ଚିତ୍ରକୋଣ୍ଡା,୫।୧(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ +୩ ଡିଗ୍ରୀ କଲେଜ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଆସନ୍ତା ଶିକ୍ଷା ବର୍ଷରେ ଏହି କଲେଜରେ ପାଠପଢ଼ା ଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ଘୋଷଣା କରିଛି। ଚିତ୍ରକୋଣ୍ଡା ସମେତ ରାଜ୍ୟରେ ଆଉ ୧୭ଟି ବ୍ଲକରେ +୩ ଡିଗ୍ରୀ କଲେଜ କଲେଜ ଖୋଲାଯିବ। ଗତ ବର୍ଷ ମାର୍ଚ୍ଚ ମାସ ୨୮ ଓ ୨୯ ତାରିଖ ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସିଥିବାବେଳେ ଚିତ୍ରକୋଣ୍ଡା ସମେତ ସ୍ୱାଭିମାନ ଅଞ୍ଚଳବାସୀ ଚିତ୍ରକୋଣ୍ଡାଠାରେ ଗୋଟିଏ +୩ ଡିଗ୍ରୀ କଲେଜ ଖୋଲିବା ପାଇଁ ଅନୁରୋଧ କରିଥିଲେ। ଚିତ୍ରକୋଣ୍ଡାଠାରେ +୩ ଡିଗ୍ରୀ କଲେଜ ଖୋଲିବା ପାଇଁ '୫-ଟି' ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବାପରେ ମୁଖ୍ୟମନ୍ତ୍ରୀ ଏହି କଥାକୁ ହୃଦୟଙ୍ଗମ କରିବା ସହ ଚିତ୍ରକୋଣ୍ଡାଠାରେ +୩ ଡିଗ୍ରୀ କଲେଜ ଖୋଲିବାପଇଁ ସହମତି ପ୍ରକାଶ କରିଥିଲେ। ନଭେମ୍ବର ୪ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ ଚିତ୍ରକୋଣ୍ଡାଠାରେ +୩ ଡିଗ୍ରୀ କଲେଜ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ବୋଲି କହିଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବ ଚିତ୍ରକୋଣ୍ଡାଠାରେ +୩ ଡିଗ୍ରୀ କଲେଜ ଖୋଲିବା ପାଇଁ ଘୋଷଣା କରାଯାଇଛି। ଏହି ଖବର ଚିତ୍ରକୋଣ୍ଡା ସମେତ ସ୍ୱାଭିମାନ ଅଞ୍ଚଳରେ ପ୍ରଚାର ହେବାପରେ ଅଞ୍ଚଳବାସୀ ବହୁତ ଖୁସି ପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମହିଳା ସଶକ୍ତୀକରଣ ଉପରେ ସଂସଦରେ ବକ୍ତବ୍ୟ ରଖିଲେ ସସ୍ମିତା



**କୋରାପୁଟ,୫।୧(ସମିସ):** ଗଣତନ୍ତ୍ର ବ୍ୟବସ୍ଥା ଓ ଆଦିବାସୀ ମହିଳାଙ୍କ ପ୍ରତିନିଧିତ୍ୱ ତଥା ମହିଳା ସଶକ୍ତୀକରଣ ଉପରେ ଶୁକ୍ରବାର କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ସଂସଦରେ ନିଜ ବକ୍ତବ୍ୟ ରଖିଛନ୍ତି। ରାଜ୍ୟରୁ ଗଣତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ୧୦ ଜଣ ମହିଳା ସେମାନଙ୍କ ବକ୍ତବ୍ୟ ରଖିବାର ସୁଯୋଗ ପାଇଥିବାବେଳେ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ଅନ୍ୟତମ ସଦସ୍ୟା ଭାବେ ଯୋଗଦେଇଛନ୍ତି। ସୁଶ୍ରୀ ମେଲେକା ସଂସଦରେ ନିଜ ବକ୍ତବ୍ୟ ରଖି କହିଥିଲେ, ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ମହିଳାଙ୍କ ନିମନ୍ତେ ୫୦ ପ୍ରତିଶତ ଆସନ ସଂରକ୍ଷଣ ଆଇନ କରିଛନ୍ତି। ତେଣୁ ଆମେ ଅନେକ ସୁଯୋଗ ପାଇଛୁ। ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ଆଜି ଓଡ଼ିଶାର ଆଦିବାସୀ ମହିଳା ରାଜନୀତି କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚି ନିଜ ଦାୟିତ୍ୱ ସମ୍ପାଦନ କରୁଛନ୍ତି, ସେମାନଙ୍କୁ ପୂର୍ବ ଭଳି ସ୍ୱାମୀ, ଭାଇ କିମ୍ବା ଅନ୍ୟ କୌଣସି ବ୍ୟକ୍ତିର ସହାୟତା ନେବାକୁ ପଡୁନି ବୋଲି ସୁଶ୍ରୀ ମେଲେକା ବକ୍ତବ୍ୟ ରଖିବା ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବେ ନିଜ ଅଭିଜ୍ଞତା, ଅନୁଭୂତି ଓ ଦକ୍ଷତା ଉପରେ ବିବରଣୀ ଉପସ୍ଥାପନା କରିଥିଲେ।

# ବାଘନଖ, ଦାନ୍ତ ଓ ତେଲ ଜବତ; ଜଣେ ଗିରଫ

**ମାଲକାନଗିରି,୫।୧(ସମିସ):** ମାଲକାନଗିରି ଜିଲ୍ଲା ବନ ବିଭାଗ ତରଫରୁ ବାଘ ନଖ, ଦାନ୍ତ ଓ ତେଲ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବର ପାଇ ମାଥିଲି ବନାଞ୍ଚଳ ଅନ୍ତର୍ଗତ ବନ କର୍ମଚାରୀମାନେ ରବି ଶବର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୮ଟି ବାଘ ନଖ, ୬ଟି ବାଘ ଦାନ୍ତ ଏବଂ ୫୦୦ ମିଲିଲିଟର ବାଘ ତେଲ ଜବତ କରିଛନ୍ତି। ଏ ସମ୍ପର୍କରେ ଆସାମୀକୁ ପଚରାଉଚରା କରିବାରୁ ବିହାର ରାଜ୍ୟରୁ ତାଙ୍କର କିଛି ଦଳ ଓଡ଼ିଶାକୁ ଆସି ମାଥିଲି ବ୍ଲକ ଅନ୍ତର୍ଗତ ସାଲିମି ପଂଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଛନ୍ତି। ରାତ୍ର ସମୟରେ ଗ୍ରାମମାନଙ୍କରେ ମହୁ ସଂଗ୍ରହ କରିବା ବାହାନାରେ ବାଘ ଶିକାର କରି ଏହି ସାମଗ୍ରୀଗୁଡ଼ିକ ରଖିବା ପରେ ଗ୍ରାମ ଗ୍ରାମ ବୁଲି ମହୁ ବିକ୍ରି କରିବା ବାହାନାରେ ଲୋକମାନଙ୍କୁ ବାଘ ନଖ, ବାଘ ଦାନ୍ତ ଓ ବାଘ ତେଲ ବିକ୍ରି କରୁଥିବା ଆସାମୀ ସ୍ୱୀକାର କରିଛି। ଏଥିସହ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ରହି ତାଙ୍କର ଆଧାର ନମ୍ବର ବଦଳାଇ ଏପରି କାର୍ଯ୍ୟ କରୁଥିବା ସ୍ୱୀକାର କରିଛି। ତେବେ ଆସାମୀକୁ ଗିରଫ କରି ଆଜି ମାଥିଲି ଜେଏମ୍ଏଫସି କୋର୍ଟ ଚାଲାଣ କରା ଯାଇଥିବାବେଳେ ଏ ସମ୍ବନ୍ଧରେ ଅଧିକ ତଦନ୍ତ ଜାରି ରହିଥିବା ମାଥିଲି ବନାଞ୍ଚଳ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ନବରଙ୍ଗପୁର,୫।୧(ସମିସ):** ନବରଙ୍ଗପୁର ସଦର ବ୍ଲକ୍ ଶିଉନି ଛକରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ନବରଙ୍ଗପୁର ସଦର ବ୍ଲକ ବଡ଼ ମସୀଗାଁର ନରସୁବା କୁମ୍ଭାର (୪୩) ବୋଲି ଜଣାପଡ଼ିଛି। ସୂଚନାପ୍ରକାରେ, ପ୍ରତିଦିନ ଭଳି ଶୁକ୍ରବାର ନବରଙ୍ଗପୁରକୁ କିଛି କାମରେ ସେ ବାଇକରେ ଆସିଥିଲେ। ନବରଙ୍ଗପୁର କାମ ସାରି ଉକ୍ତ ବାଇକ୍‌ରେ ଫେରିବା ସମୟରେ ଶିଉନି ଛକ ପରେ ଏକ ବୁଲାଣି ରାସ୍ତା ମଝିରେ ନିଜେ ଭାରସାମ୍ୟ ହରାଇ ବାଇକ୍‌ରୁ ତଳେ ଘୋଷାଡ଼ି ହୋଇ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କଠାରୁ ସୂଚନା ପାଇ ତାଙ୍କ ବଡ଼ ଭାଇ ଘେନୁଆ କୁମ୍ଭାର ଏବଂ ସାନ ଭାଇ ଅନାଦୁ କୁମ୍ଭାର ସ୍ଥାନୀୟ ଲୋକଙ୍କ ସହଯୋଗରେ ଘଟଣା ସ୍ଥଳରେ ପହଞ୍ଚି ନରସୁବାଙ୍କୁ ନବରଙ୍ଗପୁର ଡାକ୍ତର ଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

■ ମାପ-ଓଜନ ବିଭାଗ ପକ୍ଷରୁ ୮ ଦୋକାନରେ ଚଢ଼ଉ

# ୫ ଦୋକାନରୁ ୨୨ ହଜାର ଟଙ୍କା ଜରିମାନା ଆଦାୟ



**ଜୟପୁର,୫।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ପ୍ରଶାସନ ଏବଂ ବୈଧମାପ-ଓଜନ ବିଭାଗ ପକ୍ଷରୁ ମିଳିତ ଭାବେ ଜୟପୁର ସହରର ୮ଟି ବିଭିନ୍ନ ଦୋକାନ ଉପରେ ଶୁକ୍ରବାର ଚଢ଼ଉ କରାଯାଇଛି। ଏଥିରେ ୫ଟି ଦୋକାନୀଙ୍କ ଓଜନ ଓ ମାପ ଯନ୍ତ୍ରରେ ତ୍ରୁଟି ରହିଥିବାରୁ ଜରିମାନା ବାବଦକୁ ସେମାନଙ୍କଠାରୁ ସମୁଦାୟ ୨୨ ହଜାର ଟଙ୍କା ଆଦାୟ କରାଯାଇଛି। ମଧ୍ୟାହ୍ନରେ ଜୟପୁର ସହରର ସୁନା, ଲୁଗା ଓ ପୋଷାକ, କିରାନ, ମିଷ୍ଟାନ୍ନ ଓ ବେକେରୀ ଦୋକାନ ଉପରେ ଚଢ଼ଉ କରାଯାଇ ଗ୍ରାହକଙ୍କ ପାଇଁ ଦୋକାନୀମାନେ ବ୍ୟବହାର କରାଯାଉଥିବା ଓଜନ ଓ ମାପ ଯନ୍ତ୍ରପାତି ଯାଞ୍ଚ କରାଯାଇଥିଲା। ଏଥିରେ କିଛି ଯନ୍ତ୍ରପାତିରେ ତ୍ରୁଟି ରହିଥିବା ନେଇ ଯାଞ୍ଚବେଳେ ଜଣାପଡ଼ିଥିଲା। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବା ନେଇ ୫ଟି ମାମଲା ରୁଜୁ କରାଯାଇଥିବାବେଳେ ଜରିମାନା ଟଙ୍କା ଆଦାୟ କରାଯାଇଛି। ଏହି ଚଢ଼ଉବେଳେ ସହକାରୀ ଜିଲ୍ଲାପାଳ ରାଜ କିଶୋର ଦାଶ, ସହକାରୀ ଯୋଗାଣ ଅଧିକାରୀ ସୁଶିଳ କୁମାର ଜେନା, ଯୋଗାଣ ନିୟନ୍ତ୍ରକ ହରିଚରଣ ମଲ୍ଲିକ, ବୈଧମାପ ଓଜନ ଉପ ନିୟନ୍ତ୍ରକ ସତ୍ୟଜିତ ବିଶ୍ୱାଳ, ସହକାରୀ ନିୟନ୍ତ୍ରକ ବିଜୟ କୁମାର ନାୟକ, ଖାଉଟି ବିବାଦ ସମାଧାନ ଆୟୋଗର କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଜୟପୁର ସହରରେ ଦୀର୍ଘ ଦିନ ହେଲାଣି ସୁପ୍ତ ହୋଇଥିବା ବୈଧ ମାପ-ଓଜନ ବିଭାଗ ପକ୍ଷରୁ ଏହିପରି ଚଢ଼ଉ ଆଗାମୀ ଦିନରେ ଜାରି ରଖିବାକୁ ସାଧାରଣରେ ଦାବି ହୋଇଛି।

# କୋଷାଗୁମୁଡ଼ାରେ ସ୍ଥାପନ ହେବ ଯୁକ୍ତ ତିନି ମହାବିଦ୍ୟାଳୟ

**କୋଷାଗୁମୁଡ଼ା,୫।୧(ସମିସ):** ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ କୋଷାଗୁମୁଡ଼ା ବ୍ଲକ୍‌ରେ ଯୁକ୍ତତିନି ମହାବିଦ୍ୟାଳୟ ସ୍ଥାପନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି। ଏହାପରେ ବ୍ଲକବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କୋଷାଗୁମୁଡ଼ା ବ୍ଲକରେ ଉଚ୍ଚଶିକ୍ଷା ନିମିତ୍ତ ଯୁକ୍ତତିନି ମହାବିଦ୍ୟାଳୟର ବ୍ୟବସ୍ଥା ହୋଇପାରିନଥିବା ଯୋଗୁଁ କୃତୀ ବିଦ୍ୟାର୍ଥୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଅନେକ ବିଦ୍ୟାର୍ଥୀ ପାଠରେ ଡୋର ବାନ୍ଧିବାକୁ ଏକ ପ୍ରକାରର ବାଧ ହେଉଥିଲେ। କୋଷାଗୁମୁଡ଼ା ବ୍ଲକରେ ଯୁକ୍ତ ତିନି କଲେଜ ସ୍ଥାପନ କରିବା ପାଇଁ ବହୁ ପୂର୍ବରୁ ସ୍ଥାନୀୟ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ଗତ ଦିନରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନବରଙ୍ଗପୁର ଗସ୍ତରେ ଆସିଥିବା ସମୟରେ କୋଷାଗୁମୁଡ଼ା ବ୍ଲକବାସୀ, ବିଦ୍ୟାର୍ଥୀଗଣ, ସାଂସଦ ରମେଶ ଚନ୍ଦ୍ର ମାଝୀ ଏବଂ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ '୫-ଟି' ଅଧ୍ୟକ୍ଷଙ୍କୁ ସ୍ଥାନୀୟ ଜନସାଧାରଣ ଓ ବିଦ୍ୟାର୍ଥୀଙ୍କ ବୃହତ୍ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର କୋଷାଗୁମୁଡ଼ାରେ ଯୁକ୍ତତିନି ମହାବିଦ୍ୟାଳୟ ଖୋଲାଯିବା ନେଇ ଲିଖିତ ଭାବେ ଦାବି ଉପସ୍ଥାପନ କରିଥିଲେ।

# ଭିଜିଲାନ୍ସ ଦ୍ୱାରା ଗିରଫ ବନରକ୍ଷୀ କୋର୍ଟ ଚାଲାଣ

**ଜୟପୁର,୫।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଭିଜିଲାନ୍ସ ଦ୍ୱାରା ଗିରଫ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ଏବଂ ଜଗନ୍ନାଥପୁର ବିଟ୍ ବନରକ୍ଷୀ ବିନାୟକ ସୋରିଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବାବେଳେ ତାଙ୍କ ଜାମିନ ଆବେଦନକୁ ଶୁକ୍ରବାର ସ୍ଥଗିତ ରଖାଯାଇଛି। ଏହାର ଶୁଣାଣି ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରାଯାଇଛି। ଆସନ୍ତା ଜାମିନ ଶୁଣାଣି ପର୍ଯ୍ୟନ୍ତ ଅଭିଯୁକ୍ତ ଜେଲ ହାଜତରେ ରହିବାକୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ବନରକ୍ଷୀ ସୋରି ଗତ ଗୁରବାର ସନ୍ଧ୍ୟାରେ ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର କାପୁର ଡ୍ୟାମ ନିକଟରେ ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଦଳ ଅଟକାଇ ବାଇକରେ ଯାଞ୍ଚବେଳେ ଡିକିରୁ ୧ ଲକ୍ଷ ୫୩ ହଜାର ଟଙ୍କା ଉଦ୍ଧାର କରିଥିଲେ। ଏତେ ସଂଖ୍ୟକ ଟଙ୍କା ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ଯୋଗୁଁ ତାଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଜୟପୁର ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରିଥିଲେ। ଶେଷରେ ଉକ୍ତ ଟଙ୍କା ଲାଞ୍ଚ ବାବଦକୁ ଗ୍ରହଣ କରିଥିବା ନେଇ ଜଣାପଡ଼ିବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ମାମଲା (୧/୨୪) ରୁଜୁ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରିଥିଲେ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି।

# ଚିତ୍ରକୋଣ୍ଡା ଡ୍ୟାମ୍‌ରେ ଛଡ଼ାଗଲା ୫ ଲକ୍ଷ ମାଛ ଯାଆଁଳା



**ଚିତ୍ରକୋଣ୍ଡା,୫।୧(ସମିସ):** ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡା ସଦରସ୍ଥିତ ଚିତ୍ରକୋଣ୍ଡା ଡ୍ୟାମରେ ଆଜି ମାଛ ଯାଆଁଳା ଛଡାଗଲା। ଓଡ଼ିଶା ରାଜ୍ୟ ମତ୍ସ୍ୟ ବିଭାଗ ସେତୁ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାରର ପ୍ରାୟ ୫ ଲକ୍ଷ ମାଛ ଜାଆଁଳ ଚିତ୍ରକୋଣ୍ଡା ଡ୍ୟାମରେ ଛଡ଼ାଗଲା। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଏହି ମାଛ ଜାଆଁଳ ଛଡ଼ାଯିବା କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ଚିତ୍ରକୋଣ୍ଡା ସମିତି ସଭ୍ୟ ରାଜକମଲ ପୁରୋହିତ, କୋରାପୁଟ ଜିଲ୍ଲା ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳେଇ, ମାଲକାନଗିରି ଜିଲ୍ଲା ଫିସେରୀ ଅଫିସର ସୁଶାନ୍ତ କୁମାର ଗୌଡ଼, ଆସିଷ୍ଟାଣ୍ଟ ଫିସେରୀ ଅଫିସର ମନୋଜ କୁମାର ଜେନା, କୈଳାସ ପାତ୍ର ଉପସ୍ଥିତ ଥିଲେ। ପ୍ରାୟ ୫ ଲକ୍ଷ ରୋହି, ଭାକୁର, ଲାଲ କାତିର ମାଛ ଜାଆଁଳା ଡ୍ୟାମ ଭିତରକୁ ଛଡ଼ାଗଲା। ଏହି ସମୟରେ ଚିତ୍ରକୋଣ୍ଡା ବ୍ଲକ ଅଧୀନରେ ଥିବା ୧୦ଟି ସୋସାଇଟିର ସଦସ୍ୟ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲା ଉପମୁଖ୍ୟ ମତ୍ସ୍ୟ ଅଧିକାରୀ ସନ୍ତୋଷ କୁମାର ଦଳେଇଙ୍କ କହିବା ଅନୁଯାୟୀ ପୂର୍ବରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୧୪ ଲକ୍ଷ ମାଛ ଜାଆଁଳ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଛଡ଼ାଯାଇଥିଲା, ୨୦୧୯-୨୦ରେ ୨୦ ହଜାର ହେକ୍ଟରରେ ଘେରୀ କରାଯାଇ ୪୨ ଲକ୍ଷ ଜାଆଁଳ ଛଡ଼ାଯାଇଥିଲା। ସେହିପରି ବର୍ଷ ୨୦୨୦-୨୧ ରେ ସେତୁ ଯୋଜନାରେ ୮୦ ଲକ୍ଷ ମାଛ ଜାଆଁଳା ଛଡ଼ା ଯାଇଥିଲା। ୨୦୨୩-୨୪ରେ ୨ କୋଟି ଜାଆଁଳ ଛଡ଼ାଯିବା ସହ ୨୦୦ ମାଛ ଧରା ଡଙ୍ଗା ଓ ୭୦୦ ୟୁନିଟ ଜାଲ ଦଶଟି ସୋସାଇଟିର ୧୭୦୦ ମେମ୍ବରଙ୍କୁ ଦିଆଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସୋସାଇଟି ମେମ୍ବରମାନଙ୍କ ନିମନ୍ତେ ୪ ଲକ୍ଷ ଟଙ୍କାର ବୀମା ରାଶି ଓ ସବସିଡିରେ ମୋଟରସାଇକଲ ଲୋନ ସୁବିଧା ଓଡିଶା ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ନେଇ ପ୍ରକାଶ କରିଥିଲେ। ଆଜି ଏହାର ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଜାଆଁଳ ଛଡ଼ାଗଲା। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଂଚଳର ମାଛମାରି ଜୀବିକା ନିର୍ବାହ କରୁଥିବା ଲୋକଙ୍କ ଆୟକୁ ୫ ହଜାରରୁ ୧୫ ହଜାର କରାଯିବାକୁ ଆଗାମୀ ପାଞ୍ଚ ବର୍ଷରେ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲା ମାତ୍ସ୍ୟ ଅଧିକାରୀ ପ୍ରକାଶ କରିଥିଲେ।

# କୁଡୁମୁଲୁଗୁମ୍ମାଠାରେ ବିଜୁ ଜନତା ଦଳର ବନ୍ଧୁମିଳନ



**ଖଇରପୁଟ,୫।୧(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ସାଇପାରଠାରେ ବିଜୁ ଜନତା ଦଳ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡିର ଜିଲ୍ଲା ସଂଯୋଜକ ସତ୍ୟ ପାଣିଗ୍ରାହୀ ଯୋଗଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ, ଜିଲ୍ଲା ପରିଷଦ ସଭ୍ୟ ବଲି ମାଝୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗି, ସରପଞ୍ଚ ମଙ୍ଗଳା ମାଢ଼ି, ସମିତି ସଭ୍ୟା ପ୍ରତିନିଧି ତ୍ରିନାଥ ସାଗରିଆ, ବରିଷ୍ଠ କର୍ମୀ, ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ରାମ ଚନ୍ଦ୍ର ମଲଲୀ, ଲବ ପୂଜାରୀ, ଗଣେଶ ପୂଜାରୀ, ସିଟୁ ପ୍ରଧାନ, ଧରମନାଥ ପାଣ୍ଡେ, ଭାସ୍କର ପଣ୍ଡା, ବୁଢ଼ୁ ମିଶ୍ର, ଲବ ଫୁଲା ଓ ସମାରୁ ନାଲି ପ୍ରମୁଖ ଯୋଗଦେଇଥିଲେ। ଏହି ବନ୍ଧୁମିଳନ ଅବସରରେ ଶ୍ରୀ ପାଣିଗ୍ରାହୀ ସମସ୍ତଙ୍କୁ ପୁସ୍ ପର୍ବର ଶୁଭକାମନା ଦେଇ କହିଥିଲେ ଯେ ବିଜୁ ଜନତା ଦଳ ଓ ନବୀନ ପଟ୍ଟନାୟକଙ୍କ ହଟାମୁଠାକୁ ଟାଣ କରିବାକୁ ହେଲେ, ଆମ ଭିତରେ ଥିବା ମତାନ୍ତର ଓ ମନାନ୍ତରକୁ ଭୁଲି ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ସଭାପତି ଶ୍ରୀ ହନ୍ତାଳ କହିଥିଲେ ଯେ ପୂରା ରାଜ୍ୟସ୍ତରରେ କୌଣସି ଯୋଜନା ଲାଗୁ କରିବାକୁ ହେଲେ ମୁଖ୍ୟମନ୍ତ୍ରୀ ଆମ ଜିଲ୍ଲା କୁ ହିଁ ପ୍ରଥମେ ବାଛିଥାନ୍ତି, ଏଣୁ ଆଗାମୀ ନିର୍ବାଚନରେ ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥୀଙ୍କୁ ବହୁମତରେ ଜିତାଇ ଉକ୍ତ ଋଣ ପରିଶୋଧ କରିବା ପାଇଁ ସଂକଳ୍ପ ନେବାକୁ କହିଥିଲେ। ଏହା ପରେ ଦଳରେ ନୂତନ ଭାବେ ଯୋଗଦେଇଥିବା କୁଡୁମୁଲୁଗୁମ୍ମା ଅଞ୍ଚଳର ଜଣେ ବରିଷ୍ଠ କର୍ମୀ ଉଦ୍ଧବ ରାଓ ଖରାଙ୍କୁ ଫୁଲଗୁଚ୍ଛ ଓ ଉତ୍ତରୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉକି, ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମାରୁ ୧୫୦ରୁ ଅଧିକ ବିଜୁ ଜନତା ଦଳର ସକ୍ରିୟ କର୍ମୀ ଯୋଗଦେଇଥିଲେ। ପରିଶେଷରେ କାର୍ଯ୍ୟକ୍ରମର ସଞ୍ଚାଳକ ଭଗବାନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଭାଗୀରଥି ମାଣ୍ଡାଙ୍ଗି ଓ ଲକ୍ଷ୍ମୀ ମାଝୀଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ସହ ଅଭିଯୁକ୍ତଙ୍କ ଗିରଫ ଦାବି

# ଆଦିବାସୀ ମହାସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ








**ରାୟଗଡ଼ା/ଟିକିରି/ଜେକେପୁର/କାଶୀପୁର,୫।୧(ସମିସ)**

ଦୀର୍ଘ ୧୩ ବର୍ଷ ହେଲା ରାୟଗଡ଼ାର ଆଦିବାସୀ ଯୁବନେତା ଭାଗିରଥୀ ମାଣ୍ଡାଙ୍ଗିଙ୍କ ହତ୍ୟା ଘଟଣାରେ ଏ ପର୍ଯ୍ୟନ୍ତ ହତ୍ୟାକାରୀକୁ ଗିରଫ କରାଯାଇ ନ ଥିବାବେଳେ ନିକଟରେ ଲକ୍ଷ୍ମୀ ମାଝୀ ନାମକ ଜଣେ ଅବିବାହିତ ଭିନ୍ନକ୍ଷମ ଆଦିବାସୀ ଯୁବତୀକୁ ମଧ୍ୟ ହତ୍ୟା କରାଯାଇଛି। ଏହି ଘଟଣାରେ ପୁଲିସ ଦୋଷୀକୁ ଗିରଫ କରିବାରେ ବିଫଳ ହୋଇଥିବାରୁ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ରାୟଗଡ଼ା ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ବନ୍ଦ ପାଳନ କରାଯାଇଛି। ମହାସଂଘ ସଭାପତି ଆପଲାସ୍ୱାମୀ କାଡ୍ରାକାଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଲୋକ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ। ଆବାହକ ତଥା ଉପସଭାପତି ବସନ୍ତ କୁମାର ଉଲାକା, ସାଧାରଣ ସମ୍ପାଦକ ଜଗନ୍ନାଥ ମାଣ୍ଡାଙ୍ଗି, ଆଦିବାସୀ ନେତ୍ରୀ ମଞ୍ଜୁଳା ମିଣିଆକା, ଆଦିବାସୀ ଯୁବ ନେତା ତଥା ଜିତୁ ଜାକେସିକାଙ୍କ ତତ୍ତ୍ୱାବଧାନରେ ଏହି ବନ୍ଦ ପାଳନ କରାଯାଇଥିଲା। ରାୟଗଡ଼ା ସହରରେ ଆମ୍ବୁଲାନ୍ସ ସେବା, ପରୀକ୍ଷାର୍ଥୀଙ୍କ ପରୀକ୍ଷା ଭଳି ଜରୁରିକାଳୀନ ସେବାକୁ ବାଦ୍ ଦିଆଯାଇଥିବାବେଳେ ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇ ପଡ଼ିଥିଲା। ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ବିଦ୍ୟାଳୟ, କଲେଜ ସହ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ବନ୍ଦ ରଖିବା ପାଇଁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଥିବାବେଳେ ସମସ୍ତ ଅନୁଷ୍ଠାନ, ଜନସାଧାରଣ ବନ୍ଦକୁ ସମର୍ଥନ କରିଥିବା ଜଣାପଡ଼ିଛି। ତେବେ ବସ୍, ଅଟୋ ରିକ୍ସା ଆଦି ଚଳାଚଳ ହେଉ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମହାସଂଘର ବନ୍ଦ ଡକରାକୁ ନେଇ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଛକ ଛକରେ ପୁଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା।

ପ୍ରକାଶ ଥାଉ କି, ଆଦିବାସୀ ଯୁବ ନେତା ଭାଗିରଥୀ ମାଣ୍ଡାଙ୍ଗି ଦୀର୍ଘ ୧୩ ବର୍ଷ ତଳେ ୨୦୧୦ ଡିସେମ୍ବର ୧୫ ତାରିଖରେ ମା' ମଝିଘରିଆଣୀ ମନ୍ଦିର ନିକଟରେ ନିଜ ବାଇକକୁ ଛାଡ଼ି ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିବାରୁ ରାୟଗଡ଼ା ଥାନାରେ ଏକ ନିଖୋଜ ମାମଲା ରୁଜୁ କରିଥିଲେ। ତେବେ କିଛି ଦିନ ପରେ ଆନ୍ଧ୍ରପ୍ରଦେଶର ଏକ ଡ୍ୟାମ୍ ନିକଟରୁ ଭାଗିରଥୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ପରିବାର ଲୋକେ ଚିହ୍ନଟ କରିବା ପରେ ଭାଗିରଥୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଥିଲେ। ଆଜି ପର୍ଯ୍ୟନ୍ତ ଦୋଷୀକୁ ଗିରଫ କରାଗଲା ନାହିଁ କି ପରିବାରକୁ ନ୍ୟାୟ ମିଳିପାରିଲା ନାହିଁ ବୋଲି ମହାସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ସେହିପରି କାଶିପୁର ବ୍ଲକର ଲକ୍ଷ୍ମୀ ମାଝୀ ନାମକ ଜଣେ ଅବିବାହିତ ଆଦିବାସୀ ଯୁବତୀ ଜିଲ୍ଲାର ଚନ୍ଦ୍ରପୁର ବ୍ଲକ୍ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆଲିସା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମା' ଗୃହରେ ଦୀର୍ଘ ୪ ବର୍ଷ ଧରି ପରିଚାଳିକା ଭାବେ କାର୍ଯ୍ୟରତ ଥିଲେ। ଗତ ଡିସେମ୍ବର ୨୧ ତାରିଖ ରାତିରେ ତାଙ୍କର ଅର୍ଦ୍ଧଦଗ୍ଧ ମରଶରୀର ମେଡିକଲ ପରିସରରୁ ମିଳିଥିଲା। ଏ ନେଇ ବାପା ବେଲଧର ମାଝୀ ଚନ୍ଦ୍ରପୁର ଥାନାରେ ହତ୍ୟା ଅଭିଯୋଗର ଏତଲା ଦେଇଥିଲେ। ଏହି ହତ୍ୟା ଘଟଣାକୁ ପୁଲିସ ଆତ୍ମହତ୍ୟାର ରୂପ ଦେବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ନେଇ ରାୟଗଡ଼ା ବନ୍ଦ ଡକରା ମଧ୍ୟ ଦିଆଯାଇଥିଲା। ତଥାପି ଆଜକୁ ୧୫ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ତେଣୁ କ୍ରାଇମ ବ୍ରାଞ୍ଚ ପରିବର୍ତ୍ତେ ସିବିଆଇ ତଦନ୍ତ ଦାବି କରିଛି ମହାସଂଘ।

## ଆଜିଠୁ ଚାଉଳ ଓ ଗୁଆ ସଂଗ୍ରହ କରିବ ପରିକ୍ରମା ରଥ



**ସୁନାବେଡ଼ା,୫।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବସରରେ ସୁନାବେଡ଼ା ଓ ସେମିଳିଗୁଡ଼ା ସହରରେ ଶ୍ରୀଜଗନ୍ନାଥ ରଥ ପରିକ୍ରମା ନିମନ୍ତେ ସୁନାବେଡ଼ା ପୌର ପରିଷଦ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହି ରଥ ସହରର ପ୍ରତ୍ୟେକ ୱାର୍ଡରେ କିଭଳି ପରିକ୍ରମା କରିବ ଏବଂ ସମସ୍ତେ ଏହାକୁ ସ୍ୱାଗତ କରିବାପାଇଁ କାଉନସିଲର୍ମାନଙ୍କୁ ଅନୁରୋଧ କରିଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏହି ପରିକ୍ରମା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ରଥ ବିଭିନ୍ନ ୱାର୍ଡରେ ଶନିବାରଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରି ଚାଉଳ ଏବଂ ଗୁଆ ସଂଗ୍ରହ କରିବ। ଉକ୍ତ ସାମଗ୍ରୀକୁ ପୁରୀକୁ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଏହି ବୈଠକରେ ସମସ୍ତ କାଉନସିଲର୍ ବୃନ୍ଦ, କର୍ମଚାରୀ, ସୁନାବେଡ଼ା-୧ ଜଗନ୍ନାଥ ମନ୍ଦିର, ଏଲ୍ ଜୋନ୍ ଜଗନ୍ନାଥ ମନ୍ଦିର, ଧନରାଗିଣୀ ମନ୍ଦିର ଏବଂ ରାଧାକୃଷ୍ଣ ମନ୍ଦିର କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଶନିବାର ସୁନାବେଡ଼ା-୧ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହେବାକୁ ଥିବାରୁ ସମସ୍ତ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ପୌରାଧ୍ୟକ୍ଷ ଅନୁରୋଧ କରିଛନ୍ତି। ବୈଠକ ଶେଷରେ ପୌରାଧ୍ୟକ୍ଷା ରତ୍ନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶାଖାପାଟଣା-କିରଣ୍ଡୁଲ ଟ୍ରେନ୍‌ରେ ଲାଗିବ ଅତିରିକ୍ତ ଭିଷ୍ଟାଡୋମ୍ କୋଚ୍

**କୋରାପୁଟ, ୫।୧(ସମିସ):** ଯାତ୍ରୀମାନଙ୍କ ଅନୁରୋଧ ରକ୍ଷାକରି ଓ ପର୍ଯ୍ୟଟକଙ୍କ ଭିଡ଼ ନିୟନ୍ତ୍ରଣ ନିମନ୍ତେ ବିଶାଖାପାଟଣା-କିରଣ୍ଡୁଲ-ବିଶାଖାପାଟଣା ଟ୍ରେନ୍‌ରେ ବିଭାଗ ଅତିରିକ୍ତ ଭିଷ୍ଟାଡୋମ୍ କୋଚ୍ ଲଗାଇବାକୁ ନିଷ୍ପତ୍ତି ନେଇଛି। ସୂଚନା ଅନୁଯାୟୀ, ବିଶାଖାପାଟଣା-କିରଣ୍ଡୁଲ୍ (ଟ୍ରେନ୍ ନଂ-୦୮୫୫୧)ରେ ଶୁକ୍ରବାରଠାରୁ ୬, ୭, ୧୨, ୧୪, ୧୯, ୨୦, ୨୧, ୨୬, ୨୭, ୨୮ ଆଦି ତାରିଖରେ ଅତିରିକ୍ତ ଭିଷ୍ଟାଡୋମ କୋଚ୍ ଲାଗିବାକୁ ଥିବାବେଳେ କିରଣ୍ଡୁଲ-ବିଶାଖାପାଟଣା (ଟ୍ରେନ୍ ନଂ- ୦୮୫୫୨)ରେ ୬, ୭, ୮, ୧୩, ୧୪, ୧୫, ୨୦, ୨୧,



୨୨, ୨୭, ୨୮ ଓ ୨୯ ପ୍ରମୁଖ ତାରିଖରେ ଏହି କୋଚ୍ ଲାଗିବ ବୋଲି ପୂର୍ବତଟ ରେଳବାଇର ବରିଷ୍ଠ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର ଏ.କେ. ତ୍ରିପାଠୀ ସୂଚନା ଦେଇଛନ୍ତି।

## ଦିନେ ଥିଲେ ବ୍ଲକ୍ ଅଧ୍ୟକ୍ଷ; ଆଜି ସଫଳ ଚାଷୀ

**ମୁନିଗୁଡ଼ା,୫।୧(ସମିସ):** ଦୀର୍ଘ ସମୟ ଧରି ରାଜନୀତିରେ ବେଶ୍ ସକ୍ରିୟ ଥିବାବେଳେ ଆଜି ସେ ଜଣେ ସଫଳ ଚାଷୀ ଭାବରେ ଜୀବନ ଅତିବାହିତ କରୁଛନ୍ତି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପର୍ଶୁରାମ ୱାଡକା। ରାଜନୀତି କ୍ୟାରିୟରରେ ବେଶ୍ ସଫଳତା ସଉଁଟିଥିବା ପର୍ଶୁରାମ ଆମ୍ବ ଗଛ, ପନିପରିବା ଆଦି ଚାଷ କରି ଭଲ ଦିପଇସା ରୋଜଗାର କରିପାରୁଛନ୍ତି।



ଏକ ସରଳ ଓ ନିରାଡ଼ମ୍ବର ଜୀବନଯାପନ କରୁଥିବା ପର୍ଶୁରାମ ୧୯୯୨ରୁ ରାଜନୀତି ମଇଦାନରେ ପାଦ ଥାପିବା ସହ ନିଜ ୱାର୍ଡରେ ୱାର୍ଡ ମେମ୍ବର ଭାବରେ ୧୯୯୨ରୁ ୧୯୯୭ ମସିହା ପାଞ୍ଚ ବର୍ଷ ନିଜ ଗ୍ରାମର ଲୋକଙ୍କ ସେବା କରିବାର ସୁଯୋଗ ପାଇଥିଲେ ଓ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ପରେ ନିଜର ସଚ୍ଚୋଟପଣିଆ ଓ ଲୋକ ସମ୍ପର୍କ ପାଇଁ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ କୁମୁଡ଼ାବାଲି ପଞ୍ଚାୟତର ସରପଞ୍ଚ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବା ପରେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜନୀତି ଭିତରେ ଥାଇ ଲୋକଙ୍କ ଗୁହାରି ଶୁଣିବା ଓ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଘର ସଂସାରକୁ ବେଶ୍ ଭଲ ଭାବରେ ଚଳାଇ ନିଜ ପରିବାରକୁ ନେଇ ବେଶ୍ ହସଖୁସିରେ ରହୁଥିଲେ ପର୍ଶୁ। ଦିନେ ସେ ଲୋକଙ୍କ ଗୁହାରୀ ଶୁଣି ସମାଧାନ କରୁଥିବାବେଳେ ନିଜର ସଚ୍ଚୋଟପଣିଆ ଯୋଗୁଁ ଆଜିର ନେତାଙ୍କ ଭଳି କିଛି ଅର୍ଥ ଉପାର୍ଜନ କରିପାରିନାହାନ୍ତି ସିନା କିନ୍ତୁ ନିଜ ପୂର୍ବପୁରୁଷରୁ ଥିବା ଦୁଇ ଏକର ଜମିରେ ୪୦ ଆମ୍ବ ଗଛ ଲଗାଇବା ସହ ବିଭିନ୍ନ ପନିପରିବା ଚାଷ କରି ଏକ ସଫଳ ଚାଷୀ ଭାବରେ ଗର୍ବ କରନ୍ତି ପର୍ଶୁରାମ। ବାସ୍ତବରେ ସେ ନିଜକୁ ମାଟିର ମଣିଷ ଭାବରେ ପ୍ରତିପାଦିତ କରିପାରିଛନ୍ତି। ବିଗତ ରାଜନୈତିକ ପଦର ମାନମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖି ସ୍ୱାଭିମାନର ସହ ବଞ୍ଚିବା ତାଙ୍କ ଜୀବନର ସଙ୍କଳ୍ପ ହେଇଯାଇଛି। ରାଜନୀତି ଯେ ପ୍ରକୃତରେ ମଣିଷ ତଥା ସମାଜର ସେବା ବୋଲି ସେ ନିରୀହ ଭାବେ ହସିଦେଇ କହନ୍ତି। ସାମ୍ପ୍ରତିକ ରାଜନୀତି ଅନେକ ସମୟରେ ତାଙ୍କ ମନରେ ଦୁଃଖ ଦିଏ ବୋଲି ଶ୍ରୀ ଓ୍ୱାଡକା ମତ ପ୍ରକାଶ କରିଛନ୍ତି।

## ଜିଲ୍ଲା ମହିଳା ବିଜେଡିର ସାଂଗଠନିକ ବୈଠକ

**କୋରାପୁଟ,୫।୧(ସମିସ):** ସ୍ୱତନ୍ତ୍ର ସର୍କିଟ ହାଉସରେ ଜିଲ୍ଲା ମହିଳା ବିଜୁ ଜନତା ଦଳ(ବିଜେଡି)ର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ 'ମୁକ୍ତା' ଯୋଜନା ଉପଦେଷ୍ଟା ତଥା କୋରାପୁଟ ଜିଲ୍ଲା ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗଠନ ଉପରେ ଆଲୋଚନା କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ମହିଳା ବିଜେଡିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସମସ୍ତେ ଗୋଟିଏ ଲକ୍ଷ୍ୟରେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ପୂର୍ବାପେକ୍ଷା ଅଧିକ ଆସନ ଅକ୍ତିଆର କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ଇତିହାସ ରଚିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ କୋରାପୁଟ ପୌର ଉପାଧ୍ୟକ୍ଷା ସବିତା ପଣ୍ଡା, ଜୋନାଲ ସଭାନେତ୍ରୀ ଲତା ସାହୁ, ଆଇଟି ସେଲ ମୁଖ୍ୟ କାଦମ୍ବିନୀ ସେଠୀ, ରାଜ୍ୟ ସମ୍ପାଦିକା ତୁଳସୀ କିର୍ସାନୀ, ଉପ ସଭାନେତ୍ରୀ ରିତା ପାଣିଗ୍ରାହୀ, ମ୍ୟୁନିସିପାଲିଟିର ସମସ୍ତ ମହିଳା ପଦାଧିକାରୀ ଉପସ୍ଥିତ ଥିଲେ। ସାଂଗଠନିକ ଆଲୋଚନା ପରେ କାର୍ଯ୍ୟକାରିଣୀ ବୈଠକ ବିଷୟରେ ଆଲୋଚନା କରାଯାଇଥିଲା।



## ଦୁର୍ଘଟଣାରେ ବିଜେଡି କର୍ମୀ ପ୍ରକାଶ ଟାକିରିଙ୍କ ମୃତ୍ୟୁ

**ଲକ୍ଷ୍ମୀପୁର,୫।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଟିମାଝୋଲା ଛକ ନିକଟରେ ଶୁକ୍ରବାର ହୋଇଥିବା ବାଇକ୍ ଦୁର୍ଘଟଣାରେ ବିଜେଡି କର୍ମୀ ପ୍ରକାଶ ଟାକିରିଙ୍କ ମୃତ୍ୟୁ ହୋଇଛି। ଏ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୂଚନା ପ୍ରକାରେ, ପ୍ରକାଶ ଟାକିରି ଦୁଇ ଜଣ ଶ୍ରମିକଙ୍କ ସହ ନିଜ ବାଇକ୍ ଯୋଗେ ଲକ୍ଷ୍ମୀପୁର ଅଭିମୁଖେ ଆସୁଥିବା ସମୟରେ ଟିମାଝୋଲା ଛକ ନିକଟରେ ଭାରସାମ୍ୟ ହରାଇବାରୁ ତାଙ୍କ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଲକ୍ଷ୍ମୀପୁର ମେଡିକାଲକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ ଟାକିରି ବିଜେଡିର ଜଣେ ସକ୍ରିୟ କର୍ମୀ ହୋଇଥିବାବେଳେ ବିଜେଡିର ପୂର୍ବତନ ବ୍ଲକ୍ କାର୍ଯ୍ୟକାରୀ ସଭାପତି ଥିଲେ।



# ସଡ଼କ ସୁରକ୍ଷା ସପ୍ତାହରେ ସଚେତନତା ଶୋଭାଯାତ୍ରା





**ସେମିଳିଗୁଡ଼ା,୫।୧(ସମିସ)**

ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ଅଭିଯାନ ସପ୍ତାହ ପାଳନ ଅବସରରେ କୋରାପୁଟ ଜିଲ୍ଲାର ପରିବହନ ବିଭାଗ, ସେମିଳିଗୁଡ଼ା ଥାନା ଏବଂ ସେମିଳିଗୁଡ଼ା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ପରିବହନ ଅଧିକାରୀ ତପନ କୁମାର ବେଟି, ସେମିଳିଗୁଡ଼ା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରା ସେମିଳିଗୁଡ଼ା ମହାବିଦ୍ୟାଳୟ ପରିସରରୁ ବାହାରି ୨୬ ନମ୍ବର ଜାତୀୟ ରାଜପଥ ଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା। ଆର୍‌ଟିଓ ଅଫିସ ଓ ପୁଲିସ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ଟି-ସାର୍ଟ ଏବଂ ଟୋପି ବିତରଣ କରାଯାଇଥିଲା। ଏହି ଶୋଭାଯାତ୍ରା ସେମିଳିଗୁଡ଼ା ଥାନା ପର୍ଯ୍ୟନ୍ତ ଯାଇଥିଲା। ଆର୍‌ଟିଓ ଅଫିସର କର୍ମକର୍ତ୍ତା, ସେମିଳିଗୁଡ଼ା ଥାନାର ଅଧିକାରୀଗଣ ଏବଂ ସେମିଳିଗୁଡ଼ା ମହାବିଦ୍ୟାଳୟର ରେଡକ୍ରସ କାଉନ୍‌ସିଲର ଡ. ବିଦ୍ୟୁତ ପ୍ରଭା ରାଉତ ଏହି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।




### ନନ୍ଦପୁର

ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ନନ୍ଦପୁର ସହର ପରିକ୍ରମା କରିବା ସହ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା, ଶିକ୍ଷୟିତ୍ରୀ ଆରତୀ ଜେନା, ଭାସ୍କର ଆଚାର୍ଯ୍ୟ, ସ୍ନିଗ୍ଧାରାଣୀ ରାଉତ, ପ୍ରଦୀପ ତ୍ରିପାଠୀ, ଶିବାନୀ ଖରା, ସୀମାରାଣୀ କାଡ଼ାମ, ରାଧିକା ଭୋଇ, ଶିବାଶିଷ ଦାନଭତ୍ରା ପ୍ରମୁଖ ଯୋଗଦେଇଥିଲେ। ପରେ ଅତିଥିମାନେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଦିବସରେ ସଡ଼କ ନିରାପତ୍ତା ଆଇନ ଉପରେ ସଚେତନ କରିଥିଲେ। ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ଶହ ଶହ ଲୋକ ପ୍ରାଣ ହରାଉଥିବା ବେଳେ କିପରି ଯାନବାହନ ଚଳାଚଳ କରିବା ସମୟରେ ସତର୍କତା ଅବଲମ୍ବନ କରିବେ ସଡ଼କ ସୁରକ୍ଷା ସପ୍ତାହ ପାଳନର ମୂଳ ଲକ୍ଷ୍ୟ ବୋଲି ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା କହିଥିଲେ।

### କୋରୁକୋଣ୍ଡା

ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କୋରୁକୋଣ୍ଡା ପୁଲିସ ପକ୍ଷରୁ ଗୁରୁବାର କୋରୁକୋଣ୍ଡା ବ୍ଲକ ସଦରଠାରୁ ସଡ଼କ ସୁରକ୍ଷା ସଚେତନତା ନିମନ୍ତେ କୋରୁକୋଣ୍ଡା ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡିଙ୍କ ନେତୃତ୍ୱରେ କୋରୁକୋଣ୍ଡା ସରକାରୀ ସ୍ୱାମୀ ଶିବାନନ୍ଦ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ମାଧ୍ୟମରେ ବିଭିନ୍ନ ସଡ଼କ ସୁରକ୍ଷା ସଚେତନତା ନାରା ଦେଇ କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ କୋରୁକୋଣ୍ଡା ସରକାରୀ ସ୍ୱାମୀ ଶିବାନନ୍ଦ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜା କଣ୍ଟ ବେହେରା, ସବ ଇନ୍ସପେକ୍ଟର ପ୍ରଶାନ୍ତ ସାବତ, ତ୍ରିଲୋଚନ ଚୌଧୁରୀଙ୍କ ସମେତ କୋରୁକୋଣ୍ଡା ଥାନାର ସମସ୍ତ କାର୍ଯ୍ୟରତ କର୍ମଚାରୀ ଓ କୋରୁକୋଣ୍ଡା ସରକାରୀ ସ୍ୱାମୀ ଶିବାନନ୍ଦ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

# ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର୍ ତାଲିକା / ବଢ଼ିଲେ ମହିଳା ଭୋଟର୍

ଭୁବନେଶ୍ୱର, ୫।୧ (ସମିସ): ରାଜ୍ୟରେ ମହିଳା ଭୋଟର୍‌ଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ି ଚାଲିଛି। ୨୦୧୯ ଚୂଡ଼ାନ୍ତ ଭୋଟର୍ ତାଲିକାରେ ପ୍ରତି ହଜାରେ ପୁରୁଷରେ ୯୪୭ମହିଳା ଭୋଟର୍ ଥିବା ବେଳେ ୨୦୨୦ରେ ୯୫୪, ୨୦୨୧ରେ ୯୫୮, ୨୦୨୨ରେ ୯୬୪, ୨୦୨୩ରେ ୯୬୧ ଓ ୨୦୨୪ରେ ଏହା ୯୭୨କୁ ବୃଦ୍ଧି ପାଇଛି। ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ସୂଚନା ଦେଇଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଧଳ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩କୋଟି ୩୨ଲକ୍ଷ ୩୬ହଜାର ୩୬୦। ଏଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧କୋଟି ୬୮ଲକ୍ଷ ୫୦ହଜାର ୯୪୯ଜଣ ଥିବା ବେଳେ ୧କୋଟି ୬୩ଲକ୍ଷ ୮୨ହଜାର ୩୧ଜଣ ମହିଳା ଭୋଟର ଅଛନ୍ତି। ଚଳିତଥର ରାଜ୍ୟରେ ମହିଳା ଓ ପୁରୁଷ ଭୋଟରଙ୍କ ମଧ୍ୟରେ ଲିଙ୍ଗଗତ ଅନୁପାତରେ ମଧ୍ୟ ବୃଦ୍ଧି ହୋଇଛି। ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ୯୭୨ଜଣ ମହିଳା ଭୋଟର ଅଛନ୍ତି ବୋଲି ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଶ୍ରୀ ଧଳଙ୍କ ସୂଚନାନୁଯାୟୀ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚୂଡ଼ାନ୍ତ ଭୋଟର୍ ତାଲିକାରେ ପ୍ରତି ଏକହଜାର ପୁରୁଷରେ ୯୪୭ ଜଣ ମହିଳା ଥିଲେ। ୨୦୨୩ ଚିଠା ଭୋଟର୍ ତାଲିକାରେ ଏହା ୯୬୩ ଥିଲା। ତେବେ ଚୂଡ଼ାନ୍ତ ଭୋଟର୍ ତାଲିକା-୨୦୨୪ରେ ଏହା ବୃଦ୍ଧି ହୋଇଛି। ସେହିପରି ରାଜ୍ୟରେ ଯୁବ ଭୋଟର୍ (୧୮-୧୯ବର୍ଷର)ଙ୍କ ସଂଖ୍ୟା ୭ଲକ୍ଷ

**ପ୍ରତି ହଜାରେ ପୁରୁଷରେ ୯୭୨ ମହିଳା ଭୋଟର୍**

**ରାଜ୍ୟରେ ୩ କୋଟି ୩୨ଲକ୍ଷ ୩୬ହଜାର ୩୬୦ ଭୋଟର୍**

୫୪ହଜାର ୯୪୭ ରହିଥିବା ନେଇ ସେ ସୂଚନା ଦେଇଛନ୍ତି। ରାଜ୍ୟରେ ୨୦୨୩ ଅକ୍ଟୋବର ୨୭ ତାରିଖରେ ଚିଠା ଭୋଟର୍ ତାଲିକା ପ୍ରକାଶ ପାଇଥିଲା। ଏହି ଭୋଟର୍ ତାଲିକାରେ ସଂଶୋଧନ ପରେ ଶୁକ୍ରବାର ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇଛି। ତେବେ ନୂଆ ତାଲିକାରେ କିନ୍ନର(ତୃତୀୟ ଲିଙ୍ଗ) ଭୋଟର୍‌ଙ୍କ ସଂଖ୍ୟା ୩୪୦୬ରୁ ୩୩୮୦କୁ ହ୍ରାସ ପାଇଛି। ଚଳିତ ସଂଶୋଧନରେ ମୋଟ ୧୨ଲକ୍ଷ ୯୭ହଜାର ୯୫୪ଜଣ ନୂଆ ଭୋଟର୍ ଯୋଡ଼ି ହୋଇଛନ୍ତି ଓ ସେଥିରେ ୧୮-୧୯ ବର୍ଷ ବୟସର ୪ଲକ୍ଷ ୭୬ହଜାର ୯୬୯ ଭୋଟର୍‌ଙ୍କୁ ସାମିଲ କରାଯାଇଛି।

ଅନ୍ୟପକ୍ଷରେ ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ମୋଟ ୭ଲକ୍ଷ ୧୬ହଜାର ୮୦୭ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩.୭୫ ଲକ୍ଷ ମୃତ, ୨.୭୧ ଲକ୍ଷ ସ୍ଥାୟୀ ଭାବେ ସ୍ଥାନାନ୍ତର ଓ ୬୫୮୫୮ ଜଣ ଭୋଟରଙ୍କର ଏକାଧିକ ସ୍ଥାନରେ ତାଲିକାରେ ନାଁ ଥିବାରୁ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଏହାସହ ମୋଟ ୪ ଲକ୍ଷ ୨୨ହଜାର ୬୩୮ ଜଣ ଭୋଟର୍ ତାଲିକାରେ ନିଜର ସଂଶୋଧନ କରାଇଛନ୍ତି।

ଶ୍ରୀ ଧଳ କହିଛନ୍ତି ଯେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲେ ମଧ୍ୟ ଯେଉଁ ଯୋଗ୍ୟ ନାଗରିକ ଚାହିଁବେ, ଭୋଟର୍ ତାଲିକାରେ ନିଜର ନାମ ଯୋଡ଼ିପାରିବେ। ଏହା ଏକ ନିରନ୍ତର ପ୍ରକ୍ରିୟା। ସାଧାରଣ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ହେବାର ପୂର୍ବଦିନ ପର୍ଯ୍ୟନ୍ତ ଭୋଟର୍ ତାଲିକାରେ ନାମ ସଂଯୋଗ କରିହେବ। ମାତ୍ର ଏହି ପ୍ରକ୍ରିୟା ୭ରୁ ୧୦ ଦିନ ସମୟ ଲାଗିଥାଏ। ଯିଏ ବି ବାଦ୍ ପଡ଼ିଥିବେ, ସେମାନେ ଚାହିଲେ ଭୋଟର୍ ତାଲିକାରେ ନାମ ଯୋଡ଼ିପାରିବେ ବୋଲି ଶ୍ରୀ ଧଳ ସ୍ପଷ୍ଟ କରିଛନ୍ତି। ଏହି ଚୂଡ଼ାନ୍ତ ଭୋଟର୍ ତାଲିକା ସମ୍ପର୍କରେ ବିଭିନ୍ନ ରାଜନୀତିକ ଦଳର ପ୍ରତିନିଧିମାନଙ୍କୁ ଡକାଇ ଅବଗତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ଭ୍ୟାନ୍ ଓଲଟି ୧୭ ଯବାନ ଆହତ

ମାଲକାନଗିରି, ୫।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ କାଙ୍କେର ଜିଲ୍ଲା କୁମ୍ଭାରୀ ଗ୍ରାମ ନିକଟରେ ବିଏସଏଫ୍ ଭ୍ୟାନ୍ ଓଲଟି ୧୭ଜଣ ଯବାନ ଆହତ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ସୀମାନ୍ତ କାଙ୍କେର ଜିଲ୍ଲା ନାରାୟଣପୁର ଜିଲ୍ଲାକୁ ଲାଗିଥିବା ଆନ୍ତଗର ଫୁଲପାହାଡ଼ ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବାର ଖବର ପାଇ ସେଠାକୁ ବିଏସଏଫ୍ ଯବାନମାନେ କମ୍ବି ଅପରେସନ୍‌ରେ ଯାଉଥିବାବେଳେ କୁମ୍ଭାରୀ ଗାଁ ଘାଟି ବୁଲାଣି ରାସ୍ତା ନିକଟରେ ହଠାତ୍ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଭ୍ୟାନ୍ ମଧ୍ୟରେ ଥିବା ୧୭ ଜଣ ଯବାନ ଛିଟିକି ପଡ଼ି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ନାରାୟଣପୁର ଜିଲ୍ଲା ହସ୍ପିଟାଲକୁ ଓ ଗୁରୁତର ଯବାନଙ୍କୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାୟପୁର ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି।

■ ଦକ୍ଷ ଓ କ୍ରିୟାଶୀଳ ହେବ ବିଡିଏ ଏନ୍‌ଫୋର୍ସମେଣ୍ଟ

# ୬୭ ନୂତନ ପଦକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୫।୧ (ସମିସ): ଭୁବନେଶ୍ୱରକୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ନୂତନ ରୂପରେଖ ଦେବାର ଗୁରୁଦାୟିତ୍ୱ ବହନ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରର ସୌନ୍ଦର୍ଯ୍ୟୀକରଣ ଓ ବିଭିନ୍ନ ଭିତ୍ତିଭୂମି ବିକାଶ ନିମନ୍ତେ ବିଡିଏ ଏନ୍‌ଫୋର୍ସମେଣ୍ଟକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଡିଏ ଏନ୍‌ଫୋର୍ସମେଣ୍ଟ ବିଭାଗ ପାଇଁ ୬୭ଟି ପଦ ସୃଷ୍ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପଦଗୁଡ଼ିକ ରାଜ୍ୟ ପୁଲିସ୍ ପ୍ରଶାସନ ପକ୍ଷରୁ ସୃଷ୍ଟି କରାଯିବ। ନୂତନ ଅନୁମୋଦିତ ପଦ ମଧ୍ୟରେ ଜଣେ ଏସିପି, ୬ ଏଏସ୍‌ଆଇ ଏବଂ ୬୦ କନ୍‌ଷ୍ଟେବଲ ପଦବୀ ରହିଛି।

**ପୁଲିସ ପ୍ରଶାସନ ପକ୍ଷରୁ ସୃଷ୍ଟି କରାଯିବ ପଦବୀ**

ଭୁବନେଶ୍ୱର ପୂର୍ବ-ଭାରତର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ସହର। ସହରାଞ୍ଚଳ ଯୋଜନାବଦ୍ଧ ବିକାଶ ପାଇଁ ଏହି ପଦବୀଗୁଡ଼ିକ କାର୍ଯ୍ୟ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁଯାୟୀ, ସମଗ୍ର ଭୁବନେଶ୍ୱର ସହରରେ ଏସବୁ କାର୍ଯ୍ୟ ନିମନ୍ତେ ୨୫ଟି ଯୁଗ୍ମ ଟିମ୍ ଓ ୫ଟି ରିଜର୍ଭ ଟିମ୍‌ର ଆବଶ୍ୟକତା ଥିଲା। ପ୍ରତି ଟିମ୍‌ରେ ୨ଜଣ ପୁଲିସ୍ କନେଷ୍ଟବଲ ରହିବେ। ଏହି ଟିମ୍‌ଗୁଡ଼ିକର ସମନ୍ୱୟ ଓ ସୁପରିଚାଳନା ପାଇଁ ଜଣେ ଏସିପି, ୬ ଏଏସ୍‌ଆଇ କାର୍ଯ୍ୟ କରିବେ। ଏହି ସବୁ ପଦବୀଗୁଡ଼ିକ ପୂରଣ ଦ୍ୱାରା ବିଡିଏ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସହଜ ଓ ସୁଚାରୁ ଭାବେ ଚାଲିବ।

ସମ୍ପ୍ରତି ରାଜଧାନୀରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରୀକରଣ ବୃଦ୍ଧି ପାଇବା ସହ ବେଆଇନ ଜବରଦଖଲ ମଧ୍ୟ ବଢ଼ିବାରେ ଲାଗିଛି। ସରକାରୀ ଫାଙ୍କା ଜମି ଦେଖିବା ମାତ୍ରେ ଜବରଦଖଲ ଆରମ୍ଭ ହୋଇଯାଉଛି। ଏହାଦ୍ୱାରା ରାଜଧାନୀରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ରାଜଧାନୀରେ ଯେକୌଣସି ପ୍ରକଳ୍ପ ଆରମ୍ଭ ବେଳକୁ ଜବରଦଖଲ ହଟାଇବା ଅପରିହାର୍ଯ୍ୟ ହୋଇପଡୁଛି। ତେବେ ଏନ୍‌ଫୋର୍ସମେଣ୍ଟରେ ସ୍ୱଳ୍ପ ସଦସ୍ୟ ଥିବାରୁ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ସେପଟେ ଅଧିକାଂଶ ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଥାନା ଉପରେ ନିର୍ଭର ହେବାକୁ ପଡୁଛି। ଥାନାରେ କର୍ମଚାରୀ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିଲେ, ଜବରଦଖଲ ଉଚ୍ଛେଦ କାର୍ଯ୍ୟ ହୋଇପାରୁନାହିଁ। ତେବେ ଏନ୍‌ଫୋର୍ସମେଣ୍ଟରେ ନିୟମିତ ପୁଲିସ ନିଯୁକ୍ତି ପାଇଲେ, ଏଭଳି ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି।

# ୧୪ରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

ଭୁବନେଶ୍ୱର, ୫।୧ (ସମିସ): ଆସନ୍ତା ୧୪ ତାରିଖରୁ ମଣିପୁର ରାଜଧାନୀ ଇମ୍ଫାଲରୁ କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଦଳର ବରିଷ୍ଠ ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଏହି ଯାତ୍ରାରେ ୧୫ଟି ରାଜ୍ୟର ୬୭୧୩ କିଲୋମିଟର ଅତିକ୍ରମ କରିବେ। ଏହି କ୍ରମରେ ଆସନ୍ତା ଫେବ୍ରୁଆରୀ ମାସରେ ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଓଡ଼ିଶା ଆସିବେ। ଓଡ଼ିଶାରେ ମୋଟ ୪ ଦିନ ଯାତ୍ରା ଚାଲିବାକୁ ଥିବାବେଳେ ୪ଟି ଜିଲ୍ଲାର ମୋଟ ୩୪୧ କିଲୋମିଟର ପଥ ଅତିକ୍ରମ କରାଯିବ। ଏନେଇ ଏଆଇସିସି ପକ୍ଷରୁ ପ୍ରସ୍ତୁତି ପର୍ବ ଜାରି ରହିଥିବା ବେଳେ ରାହୁଲଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ମଧ୍ୟରେ ଉତ୍ସାହ ଦେଖାଦେଇଛି। ରାହୁଲ ଗାନ୍ଧୀ କେଉଁ କେଉଁ ଜିଲ୍ଲା ଗସ୍ତ କରିବେ, ସେ ସଂକ୍ରାନ୍ତରେ ରାଜ୍ୟର ପିସିସି ସଭାପତିମାନଙ୍କୁ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗ ଦେଇଛନ୍ତି।

**ଫେବ୍ରୁଆରୀରେ ଓଡ଼ିଶା ଆସିବେ ରାହୁଲ୍**

**ଓଡ଼ିଶାରେ ୪ ଦିନ, ୩୪୧ କିମି ଯାତ୍ରା**

# ସାଢ଼େ ୬ କୋଟିର ଗଞ୍ଜେଇ ଗଛ ନଷ୍ଟ



ଫିରିଙ୍ଗିଆ, ୫।୧ (ସମିସ): ଭୃଙ୍ଗିଯୋଡ଼ି ପଞ୍ଚାୟତର ଡାଡିଲେଇ, ଡହିଙ୍ଗିଆ ଓ ସରୁଲେଇ ଗାଁ ନିକଟ ପ୍ରାୟ ୭୨ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ଫିରିଙ୍ଗିଆ ଥାନା ପୁଲିସ୍ ପକ୍ଷରୁ ନଷ୍ଟ କରିଦିଆଯାଇଛି। ଗଞ୍ଜେଇ ଗଛଗୁଡ଼ିକୁ କାଟି ନଷ୍ଟ କରାଯାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ୬କୋଟି ୫୦ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଅପରପକ୍ଷେ ଏହି ବେଆଇନ ଗଞ୍ଜେଇ ଚାଷକୁ ଫିରିଙ୍ଗିଆ ଥାନାରେ ୪/୨୪ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଅଭିଯାନରେ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ବିକାଶ କୁମାର ଜାଳି, ଏଏସ୍‌ଆଇ ଶ୍ରୀକାନ୍ତ ପାତ୍ର, ପ୍ରମୋଦ କୁମାର ପ୍ରଧାନ, ଏଏସ୍‌ଆଇ ପ୍ରିୟରଞ୍ଜନ ନାଏକଙ୍କ ସହ ଥାନାର ସମସ୍ତ ହୋମ୍‌ଗାର୍ଡ, ଆଇଆର୍‌ବି ଯବାନ ଓ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଅବିନାଶ ମିଶ୍ର ସାମିଲ ହୋଇଥିଲେ।

# ଆଜିଠୁ ବରମୁଣ୍ଡା ପଡ଼ିଆରେ ଶିଶିର ସରସ

ଭୁବନେଶ୍ୱର, ୫।୧(ସମିସ): ଆସନ୍ତାକାଲି (ଶନିବାର)ଠାରୁ ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବ 'ଜାତୀୟ ଗ୍ରାମୀଣ ହସ୍ତଶିଳ୍ପ ସାମଗ୍ରୀର ମେଳା 'ଶିଶିର ସରସ-୨୦୨୪'। ପ୍ରତିବର୍ଷ ୟୁନିଟ୍-୩ସ୍ଥିତ ଇଡିକଲ୍ ପ୍ରଦର୍ଶନୀ ପଡ଼ିଆରେ 'ଶିଶିର ସରସ' ଅନୁଷ୍ଠିତ ହେଉଥିବା ବେଳେ ଗତବର୍ଷଠାରୁ ସ୍ଥାନ ପରିବର୍ତ୍ତନ କରାଯାଇ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଛି।

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନ ଓରମାସ୍ ଦ୍ୱାରା ଆୟୋଜିତ ଏହି ମେଳାରେ ମିଶନ ଶକ୍ତି, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ସହ ଅନ୍ୟ ବିଭାଗୀୟ ସଂସ୍ଥା ସହଯୋଗ କରିବେ। ୧୫ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳାରେ ୩୦ଟି ଜିଲ୍ଲାର ମହିଳା ଏସ୍‌ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗୀମାନଙ୍କ ସହ ୨୬ଟି ରାଜ୍ୟର ମହିଳା ମହିଳା ଏସ୍‌ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗୀମାନଙ୍କ ହାତ ତିଆରି ସାମଗ୍ରୀ ବିଭିନ୍ନ ଷ୍ଟଲରେ ବିକ୍ରି ହେବ।

ସେହିପରି ୨୦ଟି ଷ୍ଟଲକୁ ନେଇ ସ୍ୱତନ୍ତ୍ର ଫୁଡ୍‌କୋର୍ଟ ସହ ସେଲ୍‌ଫି ପଏଣ୍ଟ, ଓରମାସ୍‌ର ମାର୍କେଟିଂ, ଲାଇଭଲିହୁଡସ୍ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନେଇ ସ୍ୱତନ୍ତ୍ର ଥିମ୍ ଷ୍ଟଲ୍ କରାଯିବ। ମେଳା ପରିସରରେ ପ୍ରତି ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସାଙ୍ଗକୁ ଓପନ୍ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ୟାଟେରୀ ଚାଳିତ ଗାଡ଼ି, କୁନୁ କୁନି ପିଲାମାନଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର କିଡସ୍ ଷ୍ଟଲର ବ୍ୟବସ୍ଥା ରହିବ। ଉଦ୍‌ଘାଟନୀ ସମାରୋହରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## SUB: SANSKRIT

**क – खण्डः अपठितावबोधनम्**

1. **अधोलिखित गद्यांश पठित्वा प्रश्नाना उतरं संस्कृतेन लिखत ?**

अद्यत्वे यत्र तत्र सर्वत्र वयं पश्यामःयत् उष्णतायाःप्रभावः दिनानुदिन वर्धते| जनसंख्या वृद्धेःकारणात् भवनानां निर्माणस्य आवश्यकता वृद्धिमाप्नोति | एतस्मात् कारणात् वृक्षाःकर्तन्ते,वनानि क्षेत्राणि चाऽपि विनाश्यन्ते,अनेन पर्यावरणे असन्तुलनात् वैश्विकी उष्णता वर्धते | जीवाश्मेन्धनस्य ज्वालनेन विषाक्तवायूनां उत्सर्जेन वृद्धिर्जायते यतः सौरविकिरणं भूमेः वातावरणे निवद्ध इव तिष्ठंति,तापमानं च निरन्तरं वर्धमानं एवास्ति| एतादृश्याः स्थितेः निराकरणाय अनियन्तितम्, औद्योगिकरणं निवारणीयम्|। एतदेव वस्तुत सम्पूर्णविश्वस्य कृते समस्याम् उत्पादयति| अंतःसर्वैमिलित्वैव स्थितेः संशोधनाय प्रयासःकरणीयः | एतदर्थ नेत्रयोःऊर्जार्थं उपायान्वेषणं करणीयम्, सामान्य विद्युदपेक्षया पवनोर्जसं,सौरोर्जसं प्रतिं ध्यानं दातव्यम् | वृक्षकर्तनमवरुध्य अधिकाधिकं वृक्षरोपणं कृत्वा वनसंरक्षणं प्रत्यपि ध्यानं दातव्यम् |

एकपदेन उत्तरत

(क) कस्यज्वालनेन विषाक्तवायूनां उत्सर्जने वृद्धिर्जायते ? (1/2x4=2)
(ख) कीदृशं औद्योगिकरणं निवारणीयम् ?
(ग) कस्मिन् असन्तुलनात् वैश्विकी उष्णता वर्धते ?
(घ) वृक्षरोपणं कृत्वा किं प्रत्यपि ध्यानं दातव्यम् ?

पूर्णवाक्येन उत्तरत - (2x2=4)
(क) वैश्विकी उष्णता कथं वर्धते ?
(ख)वैश्विकी उष्णतायाः स्थितेः संशेधनाय ऊर्जसं प्रतिं कथं ध्यानं दातव्यम् ?

निर्देशानुसारेण उत्तरत - (1x3=3)
(क)दूरीकरणाय अस्य कृते किं पदं गद्यांश प्रयुक्तम् ?
(ख)वृक्षकर्तनं इति पदस्य विपरितार्थकं पदं अनुच्छेदात् चित्वा लिखत ?
(ग)उष्णतायाःप्रभावः दिनानुदिन वर्धते अस्मिन् वाक्ये वर्धते इति क्रियापदस्य कतृपदं किं ?
(घ) अनियन्तितम् औद्योगिकरणं अत्र विशेषणं पदम् किम् ?
(ड) अस्य अनुच्छेदस्य कृते उपयुक्त शीर्षकं लिखत ? (1)

**खण्डः ख रचनात्मककार्यम्**

2. **प्रतियोगितापरीक्षायाः सन्नद्धीकरणाय आरम्भतः एव सामान्यज्ञानस्य अभ्यासः करणीयः इति उपादिशन् पिता पुत्रं प्रति पत्रम् लिखतु ?** **(1/2x10=5)**

जयपुरतः
दिनांकः
प्रियपुत्र अविनाश !
सुभाशिषो लसन्तु |
आशासे त्वं सकुशलः(1)--------रतः असि | पुत्र | अहं जानामि परीक्षायां तव (2)-----------भवति भवति| त्वं प्रतिवर्षं कक्षायां (3)--------स्थानं प्राप्नोति, इति अहं जानामि (4)--------त्वं कथितवान् यत् तव लक्ष्यं प्रतियोगिपरीक्षामुतीर्य सडघलोकसेवा आयोगक्षेत्रे (5)-----------भवति| पुत्र ! (6)------ प्राप्तुं वाल्यकालादेव (7)------ अध्ययनं करणीयम् | अतएव विषयस्य अभ्यासेन समं एकहोरात्र पर्यन्त(8)---------वर्धयितुं प्रतिदिनं समाचारपत्रं पठनं यदि अधुनातः एतल्लक्षयं (9)---------नियमितं अध्ययनं करिष्यसि नूनमेव (10)------लप्स्यसे | यदि कोऽपि सहायता अपेक्षिता तर्हि अहं करिष्यामि|
तवजनकः
आशीष कुमारः
मञ्जुषा- (प्रस्तुतिः,स्वाध्याये,ग्रीष्मावकाशे,प्रथमः,सेवाप्रदानं, एतल्लक्षयं,सामान्यज्ञानस्य सामान्यज्ञानं,साफल्यं,प्राप्तुं)

3. **अधोलिखित वाक्यानां संस्कृतेन अनुवादं कुरुत ?** **(1x5)**
(1) माता बालक को दूध देती हैं |
(2) मेरे पास् आकर वैठे |
(3) जाते हुए बालको देखो |
(4) सिमला नगर देखने योग्य है |
(5) आपका लेख उतम था |

**खण्डः ग अनुप्रयुक्त ब्याकरणम्**

4. **अधोलिखित वाक्येषु रेखांकित पदेषु सन्धिं सन्धिविच्छेदं वा प्रदतेभ्यः विकल्पेभ्यः चित्वा लिखतु**
i. सर्वदा मुनयः सदाचार विषये कथयन्ति | (1x4)
(क)सत+आचारः (ख)सद्+आचारः (ग)सध्+आचारः (घ)सप्+आचारः
ii. संस्कृते अच+आदि गणीय धातवः सन्ति |
(क) अच्छादि (ख)अचादि (ग) आजादि (घ)अयादि
iii. षड्दर्शनम् आस्तिक इति कथ्यते |
(क)षट्+दर्शनम् (ख)षड+दर्शनम् (ग)षफ+दर्शनम् (घ) षठ्+दर्शनम्
iv. सः+अपि अत्र आगच्छति
(क) साऽपि (ख) सोऽपि (ग)सौऽपि (घ)सैऽपि
v. मातुः कोले शिशुर्हसति |
(क) शिशु+हसति (ख)शिशुः+र्हसति (ग)शिशु+दसति (घ) शिशुः+हसति

5. **अधोलिखित वाक्येषु रेखांकित पदानां समास विग्रहं वा प्रदतेभ्यः विकल्पेभ्यः चित्वा लिखतु ?**
i. नवामालिका सुन्दरं प्रतिभाति | (1x4)
(क)नवा मालिका यस्या सा (ख) नवा एव मालिका
(ग)नवासु मालिकासु (घ)नवायाःमालिकांचाः
ii. रेलयानं कज्जलमलिनं धूमं मूञ्चति |
(क)कज्जल इव मलिनं (ख)कज्जलं च मलिनं च
(ग)कज्जलं मलिनं यस्य सः (घ)कज्जलस्य मलिनस्य
iii. इदानोम् धरातलं समलं भवति |
(क)मलाय सहितम् (ख)मलस्य सहितम् (ग)मलेन सहितं (घ)मल सहितं
iv. गोपालः व्यापारप्रवीणः अस्ति |
(क) व्यापाराय प्रवीणः (ख) व्यापार प्रवीणः (ग)व्यापरेण प्रवीणः (घ) व्यापारेषु प्रवीणः
v. त्रिफलाः औषधीयगुणः वर्तते |
(क)त्रयाणां फलानां समाहारः (ख) त्रयस्य फलस्य समाहारः
(ग)त्रयम् फलम् समाहारः (घ) फलत्रयस्य समाहारः

6. **अधोलिखितवाक्येषु रेखांकित पदानां प्रकृति प्रत्ययं संयोज्य विभज्य वा प्रदतविकल्पेभ्य चित्वा लिखतु ?** **(1x4)**
i. शक्तिमान् एव शेष्ठः भवति |
(क) शक्ति+मत् (ख) शक्ति+वतुप् (ग) शक्तिः+मतुप् (घ) शक्ति+मित
ii. भारतस्य सामाजिकी स्थितिः विचित्रा वर्तते |
(क)समाजः+ठक् (ख) समाज+ठक् (ग)समाज+इकी (घ)समाज+मित
iii. व्यवहारे कुटिलता न भवेत् |
(क)कुटिल+लता (ख)कुटिल+तां (ग)कुटिल+मता (घ)कुटिल+तल
iv. पृथिव्याः गन्धत्वं अस्ति |
(क)गन्ध+त्वं (ख)गन्ध+त्व (ग)गन्ध+त्व (घ)गन्ध+त्वा

7. **प्रदतैः विकल्पैः उचितम् अव्ययपदं चित्वा वाक्येषु रिक्त स्थानानि पूरयत ?** **(1x3)**
(1)---------छात्राः कार्यमग्नाः सन्ति |
(2)---------सर्वत्र अस्ति |
(3)त्वं--------तत्र गच्छ |
मञजुषा (इश्वरः, सर्वं, अपि)

**खण्डः घ पठितावोधनम्**

8. **अधोलिखित गद्यांशं पठित्वा प्रश्नानां उत्तराणि संस्कृतेन लिखत ?**

कश्चन निर्धनो जनः भूरि परिश्रमं कृत्वा किञ्चित् वितं उपार्जितवान् | तेन वितेन स्वपुत्रं एकस्मिन् महाविद्यालये प्रवेशं दापयितुं सफलो जातः | ततनयःतत्रैव छात्रावाशे निवसन् अध्ययने संलग्न समभूत्| एकदा सः पिता पुत्रस्य रूग्णतां आकर्ण्य वयाकुलो जातः,पुत्रं द्रष्टुम् च प्रथितः | परमार्थकार्शेन सः वस्ययानं विहाय पदातिरेव प्राचलत् |

एकपदेन उत्तरत - (1/2x2=1)
(क)सः केन पीड़ितः आसीत् |
(ख)ततनयः कुत्र अध्ययने संलग्नःसमभूत् |
(ग)एकदा सः किं आकर्णय व्याकुलो समभूत् |

पूर्णवाक्येन उत्तरत - (1x2=2)
क-कीदृशी जनः भूरिरिश्रम्य किंचित् वितम उपार्जित वान् ?
ख-ततनयः छात्रावासे स्थित्वा किं अकरोत् ?
घ-सःपिता किं आकर्णय व्याकुलो समभूत् ?
ड-केन पीड़ितःसन् पिता वस्ययानं विहाय पदातिरेव प्राचलत् ?

निर्देशानुसारेण उत्तरत- (1x2=2)
क- कश्चन निर्धननोजनः भूरिरिश्रम्य किंचित् वितम उपार्जितवान्| अत्र किं क्रिया पदम् भवति?
ख- तनयःइत्यस्य किं पर्यायपदं भवति ?
ग- वितम् इति पदस्य कः अर्थः भवति |

9. **अधोलिखित रेखांकित पदमाधृत्य प्रश्न निर्माणं कुरूत ?** **(1x4)**
(क) शकटीयानं कज्जलमलिनं धूमं मुञ्चति |
(ख) त्वं मानुषात् विभेषि |
(ग) वुद्धिमती चपेटया पुत्रौ प्रहृवती |
(घ) धेनूनामाता सुरभिः आसीत् |
(ड) सर्वे प्रकृतिमातरं प्रणमन्ति |
(च) सः भारवेदनया क्रन्दति स्म |

10. **मञ्जुषातः समुचित पदान् नीत्वा अधोलिखित श्लोकस्य अन्वयूर्ति कुरूत ?**
(क) यः इच्छत्यात्मनः श्रेयः प्रभूतानि सुखानि च | (1/2x4=2)
नकुर्यादहितं कर्मं सः परेभ्यः कदापि च ||
यः(1)------------श्रेयः प्रभुतानि (2)---------च इच्छति सः(3)----------अहितं कर्मं (4)---------न कुर्यात् |
(परेभ्यः, सुखानि, आत्मनः, कदापि)
(ख) आचारः प्रथमोधर्मः इत्येतद विदुषां वचः | (1/2x4=2)
तस्मा रक्षेत् सदाचारं प्राणेभ्योऽपि विशेषतः ||
सदाचारः जनानां(1)--------------अस्ति इति (2)---------कथयन्ति अतःजनैः(3)---------रक्षा प्राणेभ्योऽपि (4)--------करणीयः |
(विद्वान्सः, विशेषतया, प्रथमः, सदाचारस्य)

11. **अधोलिखित रेखांकित पदानां प्रसंङ्गानुकुलं उचितार्थं चित्वा लिखत ?** **(1x3)**
i. सा भयङ्कराव्याघ्रमारी तूर्णं धाविता |
(क)शीघ्रं (ख) विलम्बः (ग)मन्दं मन्दं (घ)शनैः शनैः
ii. एतेन दारकौ निभत्सति |
(क) प्रशंसति (ख) गृहणाति (ग) त्यजति (घ) निन्दति
iii. भारवतः शवस्य वहनं तत्कृते दुष्करं आसीत् |
(क) अवोध्यकरं (ख) सुकरं (ग) आनन्ददायकं (घ) कष्टकरं

***** *All the Best...*

**ANSWER KEY**

**4.** i(क) ii(ग) iii(क) iv(ख) v (घ) **5.** i(ख) ii(क) iii(ग) iv(घ) v(क)
**6.** i(ग) ii(क) iii(घ) iv(ख) **11.** i(क) ii (ग) iii(घ)

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

■ ବରୋଦାର ମିତେଶ ପଟେଲ ଓ ଅତୀତ ସେଠଙ୍କ ଲଢୁଆ ଭାଗିଦାରୀ

# ପ୍ରଥମ ଦିନରେ ସୁଯୋଗ ହରାଇଲା ଓଡ଼ିଶା

କଟକ,୫।୧(ସମିସ)

ଶୁକ୍ରବାର ଠାରୁ ଜାତୀୟ କ୍ରିକେଟ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହୋଇଛି। ଏଲିଟ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିଛି। ଘରୋଇ ମୋତିବାଗ କ୍ରିକେଟ ଷ୍ଟାଡିୟମରେ ଖେଳୁଥିବା ବରୋଦା ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା



୬ ୱିକେଟ ବିନିମୟରେ ୩୨୨ରନ ସଂଗ୍ରହ କରିଛି। ପ୍ରାରମ୍ଭିକ ୱିକେଟ ପତନ ସତ୍ତ୍ୱେ ମିତେଶ ପଟେଲ ଏବଂ ଅତୀତ ସେଠଙ୍କ ଶତକୀୟ ଭାଗିଦାରୀ ବରୋଦାର ସ୍କୋରବୋର୍ଡକୁ ମଜବୁତ କରିଥିଲା। ଅନ୍ୟପକ୍ଷରେ ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓଡ଼ିଶା ରାଜ୍ୟ ବରିଷ୍ଠ ଦଳରେ ପଦାର୍ପଣ ସୁଯୋଗ ପାଇଛନ୍ତି।

ପ୍ରଥମଥର ରଣଜୀ ଟ୍ରଫିରେ ଅଧିନାୟକତ୍ୱ ଭାର ସମ୍ଭାଳିଥିବା ଶାନ୍ତନୁ ମିଶ୍ର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଚୂଡାନ୍ତ ଏକାଦଶରେ ଓଡ଼ିଶା ୪ ପ୍ରମୁଖ ବୋଲରଙ୍କୁ ସାମିଲ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ହିଁ ବରୋଦାକୁ ପ୍ରଥମ ଝଟକା ଲାଗିଥିଲା। ଓପନର କିନିତ ପଟେଲ ୪ରନ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ବଲରେ ସନ୍ଦୀପ ପଟ୍ଟନାୟକଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ଜ୍ୟୋସ୍ନିଲ ସିଂହ ସତର୍କତାର ସହ ଖେଳି କ୍ରିଜରେ ତିଷ୍ଠି ରହିଥିଲେ। ମାତ୍ର ଓଡ଼ିଶାର ପେସ୍ ଆଟାକ୍ ସମ୍ମୁଖରେ ବରୋଦା ଦଳ ମଧ୍ୟକ୍ରମରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ସୃଷ୍ଟି କରି ପାରିନଥିଲା। ଶାଶ୍ୱତ ରାୱତ ୧୭ରନ, ଅଧିନାୟକ ବିଷ୍ଣୁ ସୋଲାଙ୍କି ୧୮ ରନ, ଅଭିମନ୍ୟୁ ସିଂହ ରାଜପୁତ ୯ରନରେ ଆଉଟ ହୋଇଥିଲେ। ୯ଟି ଚୌକା ଓ ଗୋଟିଏ ଛକା ବଳରେ ୭୩ରନ କରି ୫ମ ୱିକେଟ ଭାବେ କ୍ରିଜ ଛାଡ଼ିଥିଲେ ଜ୍ୟୋସ୍ନିଲ। ଦ୍ୱିତୀୟ ସେସନ ଖେଳ ବେଳକୁ ବରୋଦାର ସ୍କୋର ୧୩୦/୫ ଥିଲା। ମୋଟ୍ ୨୦୦ରନ ଭିତରେ ବରୋଦା ଅଲଆଉଟ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ନିମ୍ନକ୍ରମର ବ୍ୟାଟରମାନେ ଚମତ୍କାର ଢ଼ଙ୍ଗରେ ଖେଳି ଓଡ଼ିଶା ଶିବିରରେ ନିରାଶା ଭରି ଦେଇଥିଲେ। ନିନାଦ ରାଥଭ ଏବଂ ମିତେଶ ପଟେଲ ୬ଷ୍ଠ ୱିକେଟ ଭାଗିଦାରୀରେ ୮୦ରନ ସଂଗ୍ରହ କରିଥିଲେ। ନିନାଦ ୪୮ରନ କରି କାମଚଳା ସ୍ପିନର

**■ ବରୋଦା ୩୨୨/୬**
**■ ପଦାର୍ପଣ କଲେ ୱିକେଟରକ୍ଷକ ଆଶୀର୍ବାଦ**

ଗୋବିନ୍ଦ ପୋଦ୍ଦାରଙ୍କ ବଲରେ ଆଉଟ ହୋଇଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ୪ଟି ଅର୍ଦ୍ଧଶତକ ହାସଲ କରିଥିବା ମିତେଶ ଏଠାରେ କ୍ୟାରିୟରର ପ୍ରଥମ ଶତକ ହାସଲ ଦିଗରେ ଅଗ୍ରସର ହୋଇଛନ୍ତି। ୧୨୧ବଲରୁ ୧୨ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୯୪ରନରେ ସେ ଅପରାଜିତ ଅଛନ୍ତି। ଗତ ଦେଓଧର ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିବା ଅଲରାଉଣ୍ଡର ଅତୀତ ସେଠ ୫୬ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା ଏବଂ ଗୋବିନ୍ଦ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

### ଗ୍ରୁପ-ଡି' ମୁକାବିଲା

ଓଡ଼ିଶା ସାମିଲ ହୋଇଥିବା ଗ୍ରୁପ୍-ଡି'ରେ ମ୍ୟାଚ୍ ଗୁଡ଼ିକରେ ଲଢୁଆ ଖେଳ ଦେଖିବାକୁ ମିଳିଛି। ଡେରାଡୁନ୍‌ରେ ଆରମ୍ଭ ହୋଇଥିବା ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଦିନ ସୁଦ୍ଧା ମଧ୍ୟପ୍ରଦେଶ ୭ ୱିକେଟରେ ୨୯୧ ରନ୍ କରିଛି। ରଜତ ପଟିଦାର ୯ ରନରେ ଆଉଟ ହୋଇଛନ୍ତି। ଭେଙ୍କଟେଶ ଆୟର ସର୍ବାଧିକ ୮୯ ରନ କରିଥିବା ବେଳେ ସାରାଂଶ ଜୈନ ୮୭ ରନ୍‌ରେ ଅପରାଜିତ ଅଛନ୍ତି। ଉତ୍ତରାଖଣ୍ଡ ପକ୍ଷରୁ ରାଜନ କୁମାର ଓ ମୟଙ୍କ ମିଶ୍ର ୨ଟି ଲେଖାଏଁ ୱିକେଟ ପାଇଛନ୍ତି।

ଜାମ୍ମୁରେ ଖେଳାଯାଉଥିବା ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ଜାମ୍ମୁ-କାଶ୍ମୀର ମାତ୍ର ୧୦୦ ରନ୍ କରି ଅଲଆଉଟ ହୋଇଯାଇଛି। କାଶ୍ମୀର ପକ୍ଷରୁ ଆବିଦ ମୁସ୍ତାକ ସର୍ବାଧିକ ୨୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୈଭବ ଅରୋରା ୪ଟି ଓ ରିଷି ଧାୱନ ୩ଟି ୱିକେଟ ପାଇଥିଲେ। ଜବାବରେ ଖେଳ ଶେଷ ସୁଦ୍ଧା ହିମାଚଳ ପ୍ରଦେଶ ପ୍ରଥମ ପାଳିରେ ବିନା ୱିକେଟରେ ୪୭ ରନ୍ କରିନେଇଛି।

ଦିଲ୍ଲୀରେ ଘନ କୁହୁଡି ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଛି। ପ୍ରଥମ ଦିନରେ ମାତ୍ର ୧୯ ଓଭର ଖେଳ ସମ୍ଭବ ହୋଇଥିଲାବେଳେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୪ ୱିକେଟରେ ୪୦ ରନ୍ କରିଛି। ପ୍ରତିପକ୍ଷ ପୁଡୁଚେରୀର ଗୌରବ ଯାଦବ ଓ ଅବିନ ମାଥ୍ୟୁ ୨ଟି ଲେଖାଏଁ ୱିକେଟ ପାଇଛନ୍ତି।

● ରଣଜୀ ରାଉଣ୍ଡ ଅପ୍ ୨୦୨୩-୨୪

## କୌଶିକଙ୍କୁ ୭ ୱିକେଟ; ପଞ୍ଜାବ ୧୫୨

ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ୨୦୨୩-୨୪ର ପ୍ରଥମ ପର୍ଯ୍ୟାୟ ମୁକାବିଲା ଶୁକ୍ରବାରଠାରୁ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରୁ ଭାରତୀୟ କ୍ରିକେଟର ଭବିଷ୍ୟ ତାରକା ସୃଷ୍ଟି ହୋଇଥାନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ ୩୮ ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ୧୩୮ ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ବେଙ୍ଗାଲୁରୁ ନିକଟସ୍ଥ ହୁବଲି ସହରରେ ଏଲିଟ ଗ୍ରୁପ-ସି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା କର୍ଣ୍ଣାଟକ ଓ ପଞ୍ଜାବ ମଧ୍ୟରେ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଘରୋଇ ଦଳର ମିଡିୟମ୍ ପେସ୍ ବୋଲର ବାସୁକି କୌଶିକ ୭ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ମାତ୍ର ୧୫୨ ରନ୍‌ରେ ଅଲଆଉଟ ହୋଇଯାଇଛି। ନଂ-୧ ବୋଲର ବିଦ୍ୱାଥ କାଭେରାପ୍ପାଙ୍କୁ କୌଣସି ୱିକେଟ ମିଳି ନ ଥିଲାବେଳେ ବିଜୟ କୁମାର ବ୍ୟାସକ ୨ଟି ୱିକେଟ ପାଇଥିଲେ। ଜବାବରେ ପ୍ରଥମ ଦିନ ଖେଳ ଶେଷବେଳକୁ କର୍ଣ୍ଣାଟକ ପ୍ରଥମ ପାଳିରେ ୩ ୱିକେଟ ହରାଇ ୧୪୨ ରନ୍ ସଂଗ୍ରହ କରିଛି। ଅଧିନାୟକ ମୟଙ୍କ ଅଗରୱାଲ ୦ ରନ୍‌ରେ ଆଉଟ ହୋଇଥିଲାବେଳେ ଦେବଦତ୍ତ ପାଡ଼ିକଲ ୮୦ ଓ ମନୀଷ ପାଣ୍ଡେ ୧୩ ରନ୍‌ରେ ବ୍ୟାଟିଂ କରୁଛନ୍ତି।

ରାଜକୋଟରେ ଆରମ୍ଭ ହୋଇଥିବା ଏଲିଟ ଗ୍ରୁପ୍-ଏ'ର ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଝାଡଖଣ୍ଡ ମାତ୍ର ୧୪୨ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ କୁମାର କୁଶାଗ୍ର ସର୍ବାଧିକ ୨୯, ଶାହାବାଜ ନଦୀମ ୨୭ ରନ୍ କରିଥିଲାବେଳେ ସୌରାଷ୍ଟ୍ରା ଚିରାଗ ଜାନି ୫ଟି ୱିକେଟ ନେଇଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ସୌରାଷ୍ଟ୍ର ସ୍ନେଲ ପଟେଲ (୧୫)ଙ୍କ ୱିକେଟ ହରାଇ ୧୦୮ ରନ୍ କରିଛି।



ପାଟନାରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି'ରେ ବିହାର ବିପକ୍ଷ ମ୍ୟାଚ୍‌ରେ ଶକ୍ତିଶାଳୀ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୨୩୫ ରନ୍ କରିଛି। ଆଜିଙ୍କ୍ୟ ରାହାଣେଙ୍କ ଅନୁପସ୍ଥିତିରେ ସାମ୍ସ ମୁଲାନୀ ଦଳର ନେତୃତ୍ୱ ନେଇଥିଲେ। ମୁମ୍ବାଇ ପକ୍ଷରୁ ଭୂପେନ ଲାଲୱାନି ସର୍ବାଧିକ ୬୫, ସୁଭେଦ ପାର୍କର ଓ ତନୁସ କୋଟିଆନ ୫୦ ରନ୍ ଲେଖାଏଁ କରିଛନ୍ତି। ବିହାର ପକ୍ଷରୁ ବୀରପ୍ରତାପ ସିଂ ସର୍ବାଧିକ ୪ଟି, ସାକିବୁଲ ଗନି ଓ ହିମାଂଶୁ ସିଂ ୨ଟି ଲେଖାଏଁ ୱିକେଟ ପାଇଛନ୍ତି।

ଭାଲସାଦ୍‌ରେ ଆରମ୍ଭ ହୋଇଥିବା ଏଲିଟ୍ ଗ୍ରୁପ୍-ସି'ର ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୨୩୬ ରନରେ ଅଲଆଉଟ ହୋଇଛି। ଓପନର ପ୍ରିୟଙ୍କ ପାଞ୍ଚାଲ ଖାତା ଖୋଲିପାରି ନଥିଲାବେଳେ କ୍ଷୀତିଜ ପଟେଲ ୭୬ ଓ ନମନ ହିଙ୍ଗ୍ରାଜିଆ ୬୫ ରନ୍ କରିଛନ୍ତି। ତାମିଲନାଡୁ ପକ୍ଷରୁ ମହମ୍ମଦ୍ ମହମ୍ମଦ୍ ୫ଟି ଓ ସନ୍ଦୀପ ୱାରିୟର ୪ଟି ୱିକେଟ ପାଇଛନ୍ତି। ଚଣ୍ଡିଗଡ଼ରେ ଖେଳାଯାଇଥିବା ଏଲିଟ୍-ସି'ର ଅନ୍ୟଏକ ମ୍ୟାଚ୍‌ରେ ରେଳବାଇ ବିପକ୍ଷରେ ଚଣ୍ଡିଗଡ଼ ମାତ୍ର ୯୬ ରନ୍‌ରେ ଅଲଆଉଟ ହୋଇଯାଇଛି। ରେଳବାଇ ପକ୍ଷରୁ ଯୁବରାଜ ସିଂ ୫ଟି, ହିମାଂଶୁ ସାଙ୍ଗୱାନ ୨ଟି ୱିକେଟ ପାଇଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଲେବାଇ ବିନା ୱିକେଟରେ ୭୩ ରନ୍ ସଂଗ୍ରହ କରିନେଇଛି।

ବିଶାଖାପାଟଣାରେ ଏଲିଟ ଗ୍ରୁପ୍-ବି'ର ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବେଙ୍ଗଲର ୩ଜଣ ଖେଳାଳି ସୌରଭ ପଲ, ଶ୍ରେୟାଂଶ ଘୋଷ ଓ ମହମ୍ମଦ୍ କୈଫ୍ ରଣଜୀ ପଦାର୍ପଣ କରିଛନ୍ତି। ପ୍ରଥମ ଦିନ ଖେଳରେ ବେଙ୍ଗଲ ପ୍ରଥମେ ବ୍ୟାଟିଂ କରି ଷ୍ଟମ୍ପସ ଅପସାରଣ ବେଳକୁ ୪ ୱିକେଟରେ ୨୮୯ ରନ୍ କରିଛି। ଭେଟେରାନ ଖେଳାଳି ଅନୁସ୍ତୁପ ମଜୁମଦାର ୧୨୫ ରନ୍ କରିଥିଲାବେଳେ ପଦାର୍ପଣ କରିଥିବା ଓପନର ସୌରଭ ପଲ ୯୬ ରନ୍ କରି ଅଳ୍ପକେ ଶତକ ଲାଭରୁ ବଞ୍ଚିତ ହୋଇଛନ୍ତି।

**ରାହୁଲ ସିଂଙ୍କ ଦ୍ରୁତତମ ଦ୍ୱିଶତକ:** ପ୍ଲେଟ ଲିଗ୍‌ରେ ହାଇଦରାବାଦ୍ ଚମତ୍କାର ଖେଳ ଆରମ୍ଭ କରିଛି। ନାଗାଲାଣ୍ଡ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମ ଦିନରେ ହାଇଦରାବାଦ୍ ୫ ୱିକେଟରେ ୪୭୪ ରନ୍ କରି ପାଳି ସମାପ୍ତି ଘୋଷଣା କରିଛି। ଦଳ ପକ୍ଷରୁ ରାହୁଲ ସିଂ ସର୍ବାଧିକ ୨୧୪, ଅଧିନାୟକ ତିଳକ ବର୍ମା ଅପରାଜିତ ୧୦୦ ଓ ଓପନର ତନ୍ମୟ ଅରୱାଲ ୮୦ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ରାହୁଲ ୧୪୩ ବଲ୍‌ରେ ୨୦୦ ରନ୍ କରି ରଣଜୀ ଟ୍ରଫିରେ ଦ୍ରୁତତମ ଦ୍ୱିଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ନାଗାଲାଣ୍ଡ ପ୍ରଥମ ପାଳିରେ ୧ ୱିକେଟ ହରାଇ ୩୫ ରନ୍ କରିନେଇଛି।

● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଟେନିସ୍

## ଫାଇନାଲରେ କିଟ୍ ପୁରୁଷ ଦଳ

ଭୁବନେଶ୍ୱର,୫।୧(ସମିସ): ଜୟପୁରରେ ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଟେନିସ ଟୁର୍ଣ୍ଣାମେଣ୍ଟରେ କିଟ୍ ପୁରୁଷ ଦଳ ଶୁକ୍ରବାର ଫାଇନାଲରେ ପ୍ରବେଶ କରିଛି। ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଓ ମନିପାଲ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ କିଟ୍ ୩-୨ରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଫାଇନାଲକୁ ଉଠିଛି। କବୀର ହଂସଙ୍କ ନେତୃତ୍ୱରେ କିଟ୍ ପୁରୁଷ ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲା। କବୀର ତାଙ୍କ ଏକକ ଓ ଯୁଗଳ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। କିଟ୍ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡା। ଆନାମୁଲ ହକ୍ କୋଚ୍ ଭାବେ ଦାୟିତ୍ୱ ବହନ କରିଥିଲେ। ଶନିବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଉଲ୍ଲେଖଥାଉ କି, କିଟ୍ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଓ କିସ୍ ପ୍ରତିଷ୍ଠାତ ତଥା କନ୍ଧମାଳ ସାଂସଦ ସବୁ ଖେଳାଳିଙ୍କୁ ଅଭିନନ୍ଦନ ଓ ଫାଇନାଲ ମ୍ୟାଚ୍ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

### ଭଲିବଲ୍‌ରେ କିଟ୍ ମହିଳା ଦଳର ଯୋଗ୍ୟତା

ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଓ ଆନ୍ତ ଜୋନ ଭଲିବଲ ଚାମ୍ପିଅନସିପ୍ ପାଇଁ କିଟ୍ ମହିଳା ଦଳ ଯୋଗ୍ୟତା ଅର୍ଜନ କରିଛି। କିସ୍‌ରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତ ବିଶ୍ୱବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତାରେ କିଟ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବା ସହ ଏହି ସଫଳତା ପାଇଛି। କିଟ୍ ସମେତ ଆଡାମାସ, ବର୍ଦ୍ଧମାନ ଓ ପଣ୍ଡିତ ରବି ଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ମଧ୍ୟ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ପ୍ରତିଯୋଗିତାରେ ଶ୍ରେଷ୍ଠ ୪ଟି ଦଳ ସାବ୍ୟସ୍ତ ହୋଇଛନ୍ତି।

## ୧୦ରେ ରାଜ୍ୟ ରୋଇଂ ଚୟନ ଶିବିର

କଟକ,୫।୧(ସମିସ): ଆର୍ମି ରୋଇଂ ନୋଡ୍ ସିଏମଇ ଏବଂ ଭାରତୀୟ ରୋଇଂ ମହାସଂଘର ମିଳିତ ଆନୁକୂଲ୍ୟରେ ୪୧ତମ ବରିଷ୍ଠ ଏବଂ ୨୫ତମ ଓପନ ସ୍ପ୍ରିଣ୍ଟ ଜାତୀୟ ରୋଇଂ ଚାମ୍ପିଅନସିପ୍ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ପୁଣେରେ ହେବାକୁ ଥିବା ଏହି ପ୍ରତିଯୋଗିତା ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୦ ତାରିଖରେ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ ଦଳ ଚୟନ ଶିବିର ଆୟୋଜନ କରାଯିବ। ଇଚ୍ଛୁକ ପ୍ରତିଯୋଗୀମାନେ ଶିବିରରେ ଭାଗ ନେଇ ପାରିବେ ବୋଲି ଓଡ଼ିଶା ଆସୋସିଏସନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

## ଏଆଇଟିଏ ଟେନିସ; ଅମୃତଜୟଙ୍କୁ ଯୁଗଳ ଟାଇଟଲ

ଭୁବନେଶ୍ୱର,୫।୧(ସମିସ): ସିଲିଗୁଡି ଜିମ୍‌ଖାନାରେ ଅନୁଷ୍ଠିତ ଏଆଇଟିଏ ୧ ଏଲ୍ ପୁରୁଷ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଅମୃତଜୟ ମହାନ୍ତି ଯୁଗଳ ପ୍ରତିଯୋଗିତାରେ ଟାଇଟଲ ହାସଲ କରିଥିବା ବେଳେ ଏକକରେ ଉପ- ବିଜେତା ବିବେଚିତ ହୋଇଛନ୍ତି। ଏକକ ଫାଇନାଲରେ ସେ ୨-୬, ୨-୬ ସେଟ୍‌ରେ ତେଲଙ୍ଗାନାର ସୁହିତ ଲଙ୍କା ରେଡ୍ଡୀଙ୍କଠାରୁ ପରାସ୍ତ



ହୋଇଥିଲେ। କିନ୍ତୁ ଯୁଗଳ ଫାଇନାଲରେ ଅମୃତଜୟ ଓ ତାଙ୍କ ପଶ୍ଚିମବଙ୍ଗ ସାଥୀ ମହମ୍ମଦ ଫରଦିନ ୩-୬, ୬-୧, ୧୦-୪ ସେଟ୍‌ରେ ଓଡ଼ିଶାର ଚିନ୍ମୟ ପ୍ରଧାନ ଓ କର୍ଣ୍ଣାଟକର ପ୍ରକାଶ ସରଣଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ।

## କନିଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କଟକ,୫।୧(ସମିସ): ସ୍ଥାନୀୟ ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ୨୩ତମ କନିଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ୨୯ଟି ବିଦ୍ୟାଳୟ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଷ୍ଟିୱାର୍ଟ ସ୍କୁଲ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ସନ୍ତୋଷ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ୟାରୀମୋହନ ଏକାଡେମୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ବିଶ୍ୱାଳଙ୍କ ସମେତ ସୌଦାମିନୀ ଦାସ, ବିଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନସ ଆସୋସିଏସନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମୀର ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଟେଷ୍ଟ: ଅଗ୍ରଣୀ ସତ୍ତ୍ୱେ ପାକିସ୍ତାନର ସଂଘର୍ଷ

ସିଡନୀ,୫।୧(ଏଜେନ୍ସି)

ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକସ୍ତାନ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିବା ସତ୍ତ୍ୱେ ମଧ୍ୟ ବିପଦରେ ପଡି ସଂଘର୍ଷ କରୁଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ପାଳିରେ ୭୭.୧ ଓଭରରେ ୩୧୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ପାଳି ଆରମ୍ଭ କରି ୧୦୯.୪ ଓଭରରେ ୨୯୯ ରନକରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ୧୪ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୬ ଓଭରରେ ୭ ୱିକେଟ ହରାଇ ମାତ୍ର ୬୮ ରନ ସଂଗ୍ରହ କରିଛି। ମୋଟ ଉପରେ ପାକିସ୍ତାନ ୩ ୱିକେଟ ହାତରେ ଥାଇ ୮୨ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟ ରକ୍ଷକ



ବ୍ୟାଟର ମହମ୍ମଦ ରିଜୱାନ ୬ ଓ ଆମୀର ଜମାଲ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦଳ ତରଫରୁ ଓପନର ସଇମ ଆୟୁବ ୩୩ ଓ ବାବର ଆଜମ ୨୩ ରନକରି ଆଉଟ ହୋଇଥିବା ବେଳେ ୫ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ୪ଜଣ ବ୍ୟାଟର ଖାତା ଖୋଲିପାରି ନଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ଦ୍ରୁତ ବୋଲର ଜୋଶ ହାଜଲେଉ ମାତ୍ର ୯ ରନ ଦେଇ ସର୍ବାଧିକ ୪, ମିଚେଲ ଷ୍ଟାର୍କ, ନାଥନ ଲିୟନ ଓ ଟ୍ରାଭିସ୍ ହେଡ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ପାକିସ୍ତାନ ପ୍ରଥମ ପାଳି- ୩୧୩/୧୦, ୭୭.୧ ଓଭର।

ଅଷ୍ଟ୍ରେଲିଆ ପ୍ରଥମ ପାଳି- ୨୯୯/୧୦, ୧୦୯.୪ ଓଭର (ଲାବୁସେନ- ୬୦, ମାର୍ଶ- ୫୪, କାରେ- ୩୮, ଜମାଲ-୬/ ୬୯, ସଲମାନ-୨/ ୪୩)।

ପାକିସ୍ତାନ ଦ୍ୱିତୀୟ ପାଳି- ୬୮/୭, ୨୬ ଓଭର (ଆୟୁବ- ୩୩, ବାବର- ୨୩, ହାଜଲେଉଡ- ୪/ ୯)।

## ୱାର୍ଣ୍ଣରଙ୍କ ବେଗି ଗ୍ରୀନ୍ କ୍ୟାପ୍ ମିଳିଲା

ସିଡନୀ,୫।୧(ଏଜେନ୍ସି): କ୍ୟାରିୟରର ଅନ୍ତିମ ଟେଷ୍ଟ ଖେଳୁଥିବା ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ଣ୍ଣରଙ୍କ ବେଗି ଗ୍ରୀନ୍ କ୍ୟାପ୍ (ଟେଷ୍ଟ କ୍ୟାପ୍) ହଜିବାର ୪ ଦିନ ପରେ ମିଳିଛି। ଶୁକ୍ରବାର ସକାଳେ ସେ ଏ ନେଇ ସୂଚନା ଦେଇଛନ୍ତି। ଏହି କ୍ୟାପ୍ ଫେରାଇଦେବାକୁ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଅନୁରୋଧ କରିଥିଲେ। ଏହା ଟିମ୍ ହୋଟେଲରେ ହିଁ ମିଳିଛି। ତେବେ ହୋଟେଲରେ କିପରି ଏହି କ୍ୟାପ ପହଞ୍ଚିଲା ସେ ନେଇ କିଛି କୁହାଯାଇନାହିଁ। ହୋଟେଲ କର୍ମଚାରୀ ଖୋଜିବା ପରେ ଏହି କ୍ୟାପ୍ ପାଇଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ପୋଷ୍ଟ କରି ହୋଟେଲ କର୍ମଚାରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ୪ ଦିନତଳେ ତାଙ୍କର ଏହି କ୍ୟାପ୍ ହଜିଥିବା କଥା ୱାର୍ଣ୍ଣର ଇନଷ୍ଟାଗ୍ରାମ୍ ମାଧ୍ୟମରେ ସୂଚନା ଦେଇଥିଲେ ଓ ଫେରାଇଦେବାକୁ ଅନୁରୋଧ କରିଥିଲେ। ଏକ ବଡ଼ ବ୍ୟାଗ ଥିବା ବ୍ୟାକ୍‌ପ୍ୟାକ୍‌ରେ ହିଁ ଏହି କ୍ୟାପ୍ ଥିଲା।

 କ୍ରୀଡ଼ାବିତ୍, ପାରା କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ

## ସୁଚିତ୍ରାଙ୍କୁ ୩୪ ଓ ଜୟନ୍ତୀଙ୍କୁ ୩୦ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର,୫।୧(ସମିସ)

୨୦୨୩ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ରାଜ୍ୟର କ୍ରୀଡ଼ାବିତ୍ ଓ ପାରା କ୍ରୀଡ଼ାବିତମାନଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସେ ଖେଳାଳିମାନଙ୍କୁ ସମ୍ମାନୀତ କରିଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତବର୍ଷ ଭଲ ପ୍ରଦର୍ଶନ କରିଥିବା ଏହି ଖେଳାଳିମାନଙ୍କୁ କ୍ରୀଡ଼ାମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ସରକାର କ୍ରୀଡ଼ାବିତଙ୍କ ପ୍ରଦର୍ଶନକୁ ମାନ୍ୟତା ଦେବା ସହ ସେମାନଙ୍କୁ ସମର୍ଥନ ଓ ଆର୍ଥିକ ଭାବେ ପ୍ରୋତ୍ସାହିତ କରିବା ଜାରି ରଖିବେ ବୋଲି ସେ କହିଛନ୍ତି।

କିଛିଦିନ ତଳେ ଥାଇଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଆବିଲିଟି କ୍ରୀଡ଼ା (ଆଇଡବ୍ଲ୍ୟୁଏସ୍ ୱାର୍ଲ୍ଡ ଗେମ୍ସ)ରେ ପଦକ ହାସଲ କରିଥିବା ପାରା ଆଥଲେଟମାନଙ୍କ ପୁରସ୍କୃତ କରାଯାଇଥିଲା। ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ପାରା ଆଥଲେଟ୍ ସୁଚିତ୍ରା ପରିଡା ୩୪ ଲକ୍ଷ ଟଙ୍କା ଏବଂ ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ଜିତିଥିବା ପାରା ବ୍ୟାଡମିଣ୍ଟନ ଖେଳାଳି ଦୀପ ରଞ୍ଜନ ବିଶୋଇଙ୍କୁ ୧୮ ଲକ୍ଷ, କାଂସ୍ୟ ଜିତିଥିବା ଶୁଭ୍ରଜିତ ମହାରଣାଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।



ପଦକ ଜିତିଥିବା ଅନ୍ୟତମ ମହିଳା ପାରା ଆଥଲେଟ ଜୟନ୍ତୀ ବେହେରା ୩୦ ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଥିଲେ। ପାରା ଆଥଲେଟିକ୍ସରେ ରୌପ୍ୟ ଜିତିଥିବା ସ୍ୱାଧୀନ ମାହାରଙ୍କୁ ୧୪ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥଲା। ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଶ୍ୱ ଆବିଲିଟି କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ପାରା ଆଥଲେଟଙ୍କୁ କ୍ରୀଡ଼ାମନ୍ତ୍ରୀ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଭୋପାଳରେ ଅନୁଷ୍ଠିତ ୩୪ତମ ଜାତୀୟ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍‌ରେ ରାଜ୍ୟର କାୟାକିଂ ଓ କାନୋଇଂ ଦଳ ଓଭରଅଲ ଚାମ୍ପିଅନ ସାବ୍ୟସ୍ତ ହୋଇଥିଲା। ଏହି ଦଳ ୧୮ଜଣ ଖେଳାଳି ପଦକ ହାସଲ କରିଥିଲେ ଓ ମୋଟ୍ ଉପରେ ୬୬ଟି ପଦକ ହାସଲ କରିଥିଲେ ଓ ଏହି ଆଥଲେଟମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଓନିନା ବିଦ୍ୟାଦେବୀ (ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ କାଂସ୍ୟ) ଓ ଫୁଲମଣି ଖାଖା (ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ କାଂସ୍ୟ)ଙ୍କୁ ୫୫ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥଲା।

ଟି-୨୦ ବିଶ୍ୱକପ୍ ଖେଳସୂଚୀ ଘୋଷିତ; ଜୁନ୍ ୧ରୁ ଆରମ୍ଭ, ୨୯ରେ ଶେଷ

# ନ୍ୟୁୟର୍କରେ ଭାରତ-ପାକିସ୍ତାନ ମୁକାବିଲା ଜୁନ୍ ୯ରେ

ଦୁବାଇ, ୫ା୧ (ଏଜେନ୍ସି): ଚଳିତବର୍ଷ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଖେଳସୂଚୀ ଘୋଷଣା କରାଯାଇଛି। ଆଇସିସି ପକ୍ଷରୁ ଘୋଷଣା କରାଯାଇଥିବା ଏହି ଖେଳସୂଚୀରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ (ଏ)ରେ ସ୍ଥାନ ପାଇଛନ୍ତି। ନ୍ୟୁୟର୍କର ଆଇଜେନହାୱର ପାର୍କରେ ଭାରତ-ପାକିସ୍ତାନ ହାଇପ୍ରୋଫାଇଲ ମୁକାବିଲା ଜୁନ୍ ୯ ତାରିଖରେ ଖେଳାଯିବ। ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବ୍ୟତୀତ ଗ୍ରୁପ୍-ଏ'ରେ ଆୟର୍ଲାଣ୍ଡ, କାନାଡା ଓ ଆମେରିକା ସ୍ଥାନ ପାଇଥିବା ବେଳେ ଭାରତ ତାହାର ସମସ୍ତ ଗ୍ରୁପ୍ ମ୍ୟାଚ୍ ଆମେରିକାରରେ ଖେଳିବ। ଏହା ମଧ୍ୟରୁ ୩ଟି ମ୍ୟାଚ ଯଥାକ୍ରମେ ଜୁନ୍ ୧ରେ ଆୟର୍ଲାଣ୍ଡ, ଜୁନ୍- ୯ରେ ପାକିସ୍ତାନ ଓ ଜୁନ୍-୧୨ରେ ଆମେରିକା ସହ ନ୍ୟୁୟର୍କରେ ଖେଳିବ। ଜୁନ୍-୧୫ରେ ଭାରତ-କାନାଡା ମୁକାବିଲା ଲାଉଡରହିଲ୍‌ରେ ଖେଳାଯିବ।

ଟି-୨୦ ବିଶ୍ୱକପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୭ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଭାରତ ୬ଟିରେ ଓ ପାକିସ୍ତାନ ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଛି। ଦୁଇ ଦଳ ମଧ୍ୟରେ ଶେଷ ଟି-୨୦ ବିଶ୍ୱକପ୍ ମୁକାବିଲା ମେଲବୋର୍ଣ୍ଣରେ ୨୦୨୨ ଅକ୍ଟୋବର ୨୩ରେ ଖେଳାଯାଇଥିଲା। ଏଥିରେ ବିରାଟ କୋହଲି ଶେଷ ବଲ୍‌ରେ ଛକା ମାରି ଦଳକୁ ବିଜୟୀ କରାଇଥିଲେ।

| | |
|---|---|
| ଗ୍ରୁପ-ଏ | ଭାରତ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡା ଓ ଆମେରିକା |
| ଗ୍ରୁପ୍-ବି | ଇଂଲଣ୍ଡ, ଅଷ୍ଟ୍ରେଲିଆ, ନାମ୍ବିଆ, ସ୍କଟଲାଣ୍ଡ ଓ ଓମାନ |
| ଗ୍ରୁପ-ସି | ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ଉଗାଣ୍ଡା, ଆଫଗାନିସ୍ତାନ, ପାପୁଆ ନ୍ୟୁଗିନି |
| ଗ୍ରୁପ-ଡି | ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ, ନେଦରଲାଣ୍ଡ୍ସ, ନେପାଳ |




ଫର୍ମାଟ ପରିବର୍ତ୍ତନ: ଚଳିତ ବିଶ୍ୱକପ୍ ଫର୍ମାଟରେ ପରିବର୍ତ୍ତନ କରାଯାଇଛି। ଅଂଶଗ୍ରହଣକାରୀ ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଗୋଟିଏ ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ସ୍ଥାନ ପାଇଥିଲାବେଳେ ଦୁଇ ଶ୍ରେଷ୍ଠ ଦଳ ପରବର୍ତ୍ତୀ ପର୍ଯ୍ୟାକୁ ଉନ୍ନୀତ ହେବେ। ଏଠାରେ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ ଓ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଜୁନ୍ ୧ରେ ଆମେରିକା ଓ କାନାଡା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଡଲାସରେ ଖେଳାଯିବ। ଗୁଏନାରେ ଜୁନ୍ ୨୬ ତାରିଖ ପ୍ରଥମ ଓ ତ୍ରିନିଦାଦରେ ଜୁନ୍ ୨୭ ତାରିଖ ଦ୍ୱିତୀୟ ସେମିଫାଇନାଲ ଆୟୋଜିତ ହେବ। ବାର୍ବାଡୋସ୍‌ରେ ଜୁନ୍ ୨୯ ତାରିଖ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

### ଭାରତର ଖେଳସୂଚୀ

| | |
|---|---|
| ଜୁନ୍ ୧ | : ଭାରତ ବନାମ ଆୟର୍ଲାଣ୍ଡ, ନ୍ୟୁୟର୍କ। |
| ଜୁନ୍ ୯ | : ଭାରତ ବନାମ ପାକିସ୍ତାନ, ନ୍ୟୁୟର୍କ। |
| ଜୁନ୍ ୧୨ | : ଭାରତ ବନାମ ଆମେରିକା, ନ୍ୟୁୟର୍କ। |
| ଜୁନ୍ ୧୫ | : ଭାରତ ବନାମ କାନାଡା, ଲାଉଡରହିଲ। |

● ଅଲ୍ଟିମେଟ ଖୋ ଖୋ-୨

## ସେମିରେ ଯୋଦ୍ଧାସ ଓ ଜାଏଣ୍ଟସ

କଟକ,୫ା୧(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣରେ ତେଲୁଗୁ ଯୋଦ୍ଧାସ ଓ ଗୁଜୁରାଟ ଜାଏଣ୍ଟସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥି ସହିତ ଗ୍ରୁପର ସର୍ବନିମ୍ନ ସ୍ଥାନରେ ଥିବା ରାଜସ୍ଥାନ ୱାରିୟର୍ସ ପ୍ରତିଯୋଗିତାରୁ ବାଦ ପଡ଼ିବା ନିଶ୍ଚିତ ହୋଇଛି। ଚେନ୍ନାଇ କୁଇକ ଗନ୍ସ ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଯୋଦ୍ଧାସ ୬ଷ୍ଠ ବିଜୟ ହାସଲ କରିଥିଲା। ଦଳ ୩୮-୩୦ ପଏଣ୍ଟରେ କୁଇକ ଗନ୍ସକୁ ପରାସ୍ତ କରିଥିଲା। ପ୍ରଥମ ଇନିଂସ ପ୍ରଥମ ଟର୍ନରେ ୨୪ ପଏଣ୍ଟ ସଂଗ୍ରହ କରିବା ଯୋଦ୍ଧାସ ପାଇଁ ବିଜୟରେ ସହାୟକ ହୋଇଥିଲା। ଏହି ମ୍ୟାଚ୍‌ରେ ତେଲୁଗୁ ଯୋଦ୍ଧାସର ରାହୁଲ ମଣ୍ଡଳ ଶ୍ରେଷ୍ଠ ଆଟାକର ଏବଂ ଚେନ୍ନାଇ କୁଇକ ଗନ୍ସର ଆଦର୍ଶ ମୋହିତେ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚ୍‌ରେ ଗୁଜୁରାଟ ଜାଏଣ୍ଟସ ଏକତରଫା ଭାବେ(୪୬- ୨୨ପଏଣ୍ଟ) ରାଜସ୍ଥାନ ୱାରିୟର୍ସକୁ ହରାଇଥିଲା। ପ୍ରଥମ ଇନିଂସ ଦ୍ୱିତୀୟ ଟର୍ନରେ ୧୨ ଖେଳାଳିଙ୍କୁ ଆଉଟ କରି ଜାଏଣ୍ଟସ ବିଜୟ ପଥ ପରିଷ୍କାର କରିଥିଲା। ଉକ୍ତ ମ୍ୟାଚ୍‌ରେ ୱାରିୟର୍ସର କେଏଚ ପ୍ରଜ୍ୱଳ ଶ୍ରେଷ୍ଠ ଆଟାକର ଏବଂ ଜାଏଣ୍ଟସର ରାମ ମୋହନ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ।

## କେପ୍ ଟାଉନ୍ ପିଚ୍ ନେଇ ପ୍ରଶ୍ନ ଉଠାଇଲେ ରୋହିତ

କେପ୍‌ଟାଉନ୍,୫ ା୧(ଏଜେନ୍ସି): କେପ୍‌ଟାଉନ୍‌ରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୟ ଟେଷ୍ଟ ମ୍ୟାଚ୍‌ର ପିଚ୍ ନେଇ ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଶ୍ନ ଉଠାଇଛନ୍ତି। ଏହି ମ୍ୟାଚ୍‌ରେ ଭାରତ ୭ ୱିକେଟରେ ବିଜୟୀ ହୋଇ ସିରିଜକୁ ୧-୧ରେ ଅମୀମାଂସିତ ରଖିଥିଲା। ଏହି ଟେଷ୍ଟ ମ୍ୟାଚ୍ ମାତ୍ର ଦେଢ଼ ଦିନ ମଧ୍ୟରେ ଶେଷ ହୋଇଥିଲା। ଫଳରେ ପିଚ୍‌ର ମାନ ନେଇ ସେ ପ୍ରଶ୍ନ କରିଛନ୍ତି। ଟେଷ୍ଟ ମ୍ୟାଚ୍ ପାଇଁ ଏହି ପିଚ୍ ଉପଯୁକ୍ତ ନ ଥିଲା। ଭାରତର ଟର୍ଣ୍ଣିଂ ପିଚ୍‌କୁ ନେଇ ପୂର୍ବରୁ ବହୁବାର ସମାଲୋଚନା କରାଯାଇଛି। କିନ୍ତୁ ଅନ୍ୟଦେଶରେ ଏହି ଭଳି ପିଚ୍‌କୁ ନେଇ କୌଣସି ଅଭିଯୋଗ ହେଉଥିବା ଲକ୍ଷ୍ୟ କରାଯାଇନାହିଁ। ଏପରିକି ଦିନିକିଆ ବିଶ୍ୱକପ୍‌ର ଫାଇନାଲ ମ୍ୟାଚର ପିଚ୍‌କୁ ନେଇ ସମାଲୋଚନା କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଓ ମ୍ୟାଚ୍ ରେଫରୀ ପିଚ୍‌କୁ ନେଇ ରେଟିଂ ପ୍ରଦାନ କରୁଥିବା ବେଳେ ଗୋଟିଏ ମାପଦଣ୍ଡ ବ୍ୟବହାର କରିବା ଉଚିତ୍ ବୋଲି ସେ କହିଛନ୍ତି। ପିଚ୍ ରେଟିଂକୁ ନେଇ ଆଇସିସି ଦୋମୁହାଁ ନୀତି ଅବଲମ୍ବନ କରିବା ଅନୁଚିତ। ଆୟୋଜକ ଦେଶକୁ ନ ଦେଖି ଆଇସିସି ପିଚ୍‌କୁ ଦେଖିବା ଉଚିତ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, କେପ୍ ଟାଉନ୍ ଟେଷ୍ଟ ମାତ୍ର ୧୦୭ ଓଭରରେ ଓ ଦେଢ଼ ଦିନ ମଧ୍ୟରେ ଶେଷ ହୋଇଥିଲା। ପିଚ୍‌ରେ ଦ୍ରୁତ ବୋଲରଙ୍କ ପାଇଁ ସ୍ୱର୍ଗ ସାବ୍ୟସ୍ତ ହୋଇଥିଲା ଓ ବ୍ୟାଟରମାନଙ୍କୁ କଡ଼ା ସଂଘର୍ଷ କରିବାକୁ ପଡିଥିଲା ବୋଲି ସେ କହିଛନ୍ତି।

## ପ୍ରଥମ ମହିଳା ଟି-୨୦ରେ ଭାରତ ୯ ୱିକେଟରେ ବିଜୟୀ

ମୁମ୍ବଇ, ୫ା୧ (ଏଜେନ୍ସି): ୧୯ ବର୍ଷୀୟ ବେଙ୍ଗଲ ପେସ୍ ବୋଲର ଟିଟାସ ସିନ୍ଧୁ (୪/୧୭)ଙ୍କ ଘାତକ ବୋଲିଂ ସାଙ୍ଗକୁ ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମହିଳା ଟି-୨୦ରେ ଭାରତ ୯ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୧୯.୨ ଓଭରରେ ୧୪୧ ରନ୍ କରିଥିଲା। ଦଳ ପକ୍ଷରୁ ଫୋଏବ୍ ଲିଚ୍‌ଫିଲ୍ଡ ସର୍ବାଧିକ ୪୯ ଓ ଏଲିସ ପେରୀ ୩୭ ରନ୍ କରିଥିଲେ। ଭାରତ ପକ୍ଷରୁ ଟିଟାସ ୪ଟି, ଶ୍ରେୟଙ୍କା ପାଟିଲ ଓ ଦିପ୍ତୀ ଶର୍ମା ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଭାରତ ୧୭.୪ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୬୪ ରନ୍ କରି ଅପରାଜିତ ରହିଥିଲେ। ତାଙ୍କ ସହ ପ୍ରଥମ ୱିକେଟ ଭାଗୀଦାରିରୁ ୧୫.୨ ଓଭରରେ ୧୩୭ ରନ୍ ଉଠାଇବା ପରେ ସ୍ମୃତି ମନ୍ଧାନା ୫୪ ରନ୍ କରି ଆଉଟ ହୋଇଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର